




- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-296 ◆BHUBANESWAR ◆MONDAY ◆22 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୯୬ ◆ଭୁବନେଶ୍ୱର ◆ସୋମବାର ◆୨୨ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ବାରିପଦା ୪୪.୬ ଦେଶର ଦ୍ୱିତୀୟ ଉତ୍ତପ୍ତ ସହର

**୪୦ ଡିଗ୍ରୀ ଉପରେ ୩୦ ସହରରେ ତାପମାତ୍ରା**

■ **ଭୁବନେଶ୍ୱର, ୨୧।୪(ସମିସ):** ରେକର୍ଡ଼ ପରେ ରେକର୍ଡ଼ ଭାଙ୍ଗୁଛି ତାତି। ମରୁ ରାଜ୍ୟ ରାଜସ୍ଥାନକୁ ଅତିକ୍ରମ କରିଛି ଓଡ଼ିଶାରେ ତାପମାତ୍ରା। ବଣଜଙ୍ଗଲ ଘେରା ଅଞ୍ଚଳ ବାରିପଦା ରବିବାର ଦେଶର ଦ୍ୱିତୀୟ ଓ ରାଜ୍ୟର ସବୁଠୁ ତତଲା ସହରର ମାନ୍ୟତା ପାଇଛି। ରବିବାର ବାରିପଦାରେ ତାପମାତ୍ରା ୪୪.୬ ଡିଗ୍ରୀ ରେକର୍ଡ଼ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶାର ୩୦ ସହରରର ତାପମାତ୍ରା ୪୦ ଡିଗ୍ରୀ ବା ତହିଁରୁ ଉପରେ ରହିଛି।

ରାଜ୍ୟରେ ଜାରି ରହିଛି ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି। ଶନିବାର ତୁଳନାରେ ତାପମାତ୍ରା ଯଦିଓ ସାମାନ୍ୟ ହ୍ରାସ ହୋଇଛି, ମାତ୍ର ଏହା ଗରମ ଓ ଗୁଳୁଗୁଳିକୁ ପ୍ରଶମିତ କରିପାରି ନାହିଁ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଅର୍ଥାତ ରବିବାର ରାଜ୍ୟର ୩୦ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ବାରିପଦାରେ ତାପମାତ୍ରା ସର୍ବାଧିକ ୪୪.୬ ଡିଗ୍ରୀ ରେକର୍ଡ଼ କରିଛି। ୪୪ ଡିଗ୍ରୀ ସହିତ ନୂଆପଡ଼ା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଅନ୍ୟ ସମସ୍ତ ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ଠାରୁ କମ୍ ରହିଛି। ଅନ୍ୟପକ୍ଷରେ ୪୩ ଡିଗ୍ରୀ ▶ପୃଷ୍ଠା-୯



## ଆଜିଠୁ ୩ ଦିନ ସକାଳ ୬.୩୦ରୁ ପାଠପଢ଼ା / ୨୫ରୁ ଖରାଛୁଟି

■ **ଭୁବନେଶ୍ୱର, ୨୧।୪ (ସମିସ):** ଆସନ୍ତା ୨୫ ତାରିଖ ଠାରୁ ଗ୍ରୀଷ୍ମଛୁଟି ବା ଖରାଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟକୁ ଆଗୁଆ ଛୁଟି ଘୋଷଣା କରାଯାଇଛି। ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟରେ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଗ୍ରୀଷ୍ମ ଛୁଟି ସମୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ଜାରି ରହିବ। ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବ। ରାଜ୍ୟ ପ୍ରାଥମିକ ▶ପୃଷ୍ଠା-୯

### ନିୟମ ଭାଙ୍ଗୁଛନ୍ତି ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀ

## ନିର୍ବାଚନ କମିସନଙ୍କ ତଦନ୍ତ ନିର୍ଦ୍ଦେଶ

- ସରକାରୀ କାର୍ଯ୍ୟାଳୟରେ ଧର୍ମେନ୍ଦ୍ର ଓ ଜୟନାରାୟଣଙ୍କ ନିର୍ବାଚନୀ ବୈଠକ
- ନିର୍ବାଚନ ପ୍ରଚାରରେ ଶିଶୁଙ୍କୁ ସାଂସଦ ପ୍ରାର୍ଥୀ ଅପରାଜିତାଙ୍କ ବ୍ୟବହାର
- ବିଜେଡି ଅଭିଯୋଗ ଆଧାରରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ
- ୨୪ ଘଣ୍ଟାରେ ସମ୍ବଲପୁର ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ

■ **ଭୁବନେଶ୍ୱର, ୨୧।୪ (ସମିସ):** ନିର୍ବାଚନ ପ୍ରଚାରରେ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଉଛନ୍ତି ବିଜେପିର ପ୍ରାର୍ଥୀ ଓ ନେତା। ନିୟମ ଭାଙ୍ଗୁଛନ୍ତି, ଏହାକୁ ବିରୋଧ କଲେ ନାଲି ଆଖି ଦେଖାଉଛନ୍ତି। କିଛି ବିଜେପି ପ୍ରାର୍ଥୀ ଓ ନେତା ତ ସରକାରୀ ଅଧିକାରୀଙ୍କୁ ବଦଳି କରିବାକୁ ଧମକ ବି ଦେଉଛନ୍ତି। ପ୍ରଚଣ୍ଡ ପରାଜୟର ଭୟ ବିଜେପି ନେତାଙ୍କ ନିଦ ହଜାଇ ଦେଇଛି ଏବଂ ଯେନତେନ ପ୍ରକାରେ ନିର୍ବାଚନୀ ବୈତରଣୀ ପାର ହେବାକୁ ନିୟମ ଭାଙ୍ଗିବାକୁ ନିଜନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ସମ୍ବଲପୁରରେ ସରକାରୀ କାର୍ଯ୍ୟାଳୟରେ ନିର୍ବାଚନ ବୈଠକ ଆୟୋଜନ କରି ବିଜେପି ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଧାନସଭା ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ଏବଂ ଛୋଟ ପିଲାଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରି ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଅଡୁଆରେ ପଡ଼ିଛନ୍ତି। ବିଜେଡିର ଅଭିଯୋଗ ଆଧାରରେ ଧର୍ମେନ୍ଦ୍ର, ଜୟନାରାୟଣ ଓ ଅପରାଜିତାଙ୍କ ବିରୋଧରେ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ନିର୍ବାଚନ ଅଧିକାରୀ। ଶ୍ରୀ ପ୍ରଧାନ ଓ ଶ୍ରୀ ମିଶ୍ରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍ ତିରୁମାଲା ନାୟକ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ସମ୍ବଲପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅପରାଜିତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ପ୍ରଦାନ ପାଇଁ ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ମିଶ୍ର ଗତକାଲି ସମ୍ବଲପୁର ସ୍ଥିତ ଜାତୀୟ ରାଜପଥର ଚିଫ୍ କନଷ୍ଟ୍ରକ୍ସନ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରେ ନିର୍ବାଚନୀ ସଭା ଆୟୋଜନ କରିଥିଲେ। ଅନୁରୂପ ଭାବରେ ଉଭୟ ଶ୍ରୀ ପ୍ରଧାନ ଏବଂ ଶ୍ରୀ ମିଶ୍ର ଏନ୍‌ସିସି ଅଧିକାରୀ ଏବଂ କ୍ୟାଡେଟ୍ ମାନଙ୍କ ସହ ବୈଠକ କରିଥିଲେ। ସରକାରୀ କାର୍ଯ୍ୟାଳୟ ପରିସରରେ ଏନ୍‌ସିସି ଅଧିକାରୀ ଏବଂ କ୍ୟାଡେଟ୍ ମାନଙ୍କ ସହିତ ବୈଠକ କରି ଉଭୟ ବିଜେପି ନେତା ଗୋଟିଏ ଦିନରେ ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି। ନିର୍ବାଚନ ପ୍ରଚାରରେ ସରକାରୀ କାର୍ଯ୍ୟାଳୟ କିମ୍ବା ଏହାର ପରିସର ବ୍ୟବହାର କରିବା, ସରକାରୀ ଅଧିକାରୀଙ୍କ ସହ ବୈଠକକୁ ଭାରତୀୟ ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। କିନ୍ତୁ ଅଭ୍ୟାସଗତ ଆଇନ୍ ଭଙ୍ଗକାରୀ ଭାବେ ଶ୍ରୀ ପ୍ରଧାନ ଏବଂ ଶ୍ରୀ ମିଶ୍ର ▶ପୃଷ୍ଠା-୯

## ନାଁ ନ ନେଇ ଧର୍ମେନ୍ଦ୍ରଙ୍କ ମୁଖା ଖୋଲିଲେ ପାଣ୍ଡିଆନ

- ବିଏସ୍‌କେୱାଇକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି କେନ୍ଦ୍ରମନ୍ତ୍ରୀ
- ଶ୍ରମିକମାନଙ୍କ ପାଇଁ ବିଏସକେୱାଇ ପରି ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ
- ବିକାଶର ସାରଥୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରହିବନି ପାଣ୍ଠିର ଅଭାବ
- ଶ୍ରମିକ ଓ ଗରିବଙ୍କ ପିଲାଙ୍କ ପାଠ ପଢ଼ା ଆରମ୍ଭ ହୋଇଛି 'ନୂଆ-ଓ' ବୃତ୍ତି
- ନିର୍ବାଚନୀ ଇସ୍ତାହାରରେ ଶ୍ରମିକଙ୍କ ପ୍ରସ୍ତାବ ସାମିଲ କରିବ ବିଜୁ ଜନତା ଦଳ

■ **ଭୁବନେଶ୍ୱର / ସମ୍ବଲପୁର, ୨୧।୪ (ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଉଲ୍ଲେଖ ନ କରି ତାଙ୍କର 'ଗରିବ ବିରୋଧୀ' ଚେହେରା ଉପରୁ ମୁଖା



ଖୋଲିଛନ୍ତି ବିଜେଡି ନେତା ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ବୁର୍ଲାରେ ଅନୁଷ୍ଠିତ ବିଜୁ ଶ୍ରମିକ ସାମ୍ମୁଖ୍ୟ କନ୍‌ଭେନସନରେ ଆଭାସୀ ମାଧ୍ୟମରେ ଯୋଗ ଦେଇ ବିଏସ୍‌କେୱାଇ ପରି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ କେନ୍ଦ୍ରମନ୍ତ୍ରୀ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ଅଭିଯୋଗ କରିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟର ସାଧାରଣ ଲୋକଙ୍କ ପ୍ରସ୍ତାବ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଏସ୍‌କେୱାଇ ଠାରୁ ଆରମ୍ଭ କରି ଛାତ୍ର ବୃତ୍ତି, ସବୁ ଯୋଜନା ରାଜ୍ୟବାସୀଙ୍କ ଦୁଃଖ ଦୂର କରିଛି। ଏଥିରୁ ବିଏସ୍‌କେୱାଇ ହେଉଛି ରାଜ୍ୟର ୧ ନମ୍ବର ଯୋଜନା; କିନ୍ତୁ ଲୋକଙ୍କ ସୁଖ କେନ୍ଦ୍ରମନ୍ତ୍ରୀଙ୍କ ଦେଖିପାରୁ ନାହାନ୍ତି। ଲୋକଙ୍କ ସମସ୍ୟା ଦୂର ହେବାକୁ ସେ ଗ୍ରହଣ କରିପାରୁ ନାହାନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରିବାକୁ କେନ୍ଦ୍ରମନ୍ତ୍ରୀ ଷଡ଼ଯନ୍ତ୍ର କରୁଛନ୍ତି। ସେଥିପାଇଁ କ୍ଷମତାକୁ ଆସିଲେ ସେ ସର୍ବ ପ୍ରଥମେ ବିଏସ୍‌କେୱାଇ ଯୋଜନାକୁ ବନ୍ଦ ▶ପୃଷ୍ଠା-୯







### ୨୪ରେ ମଇଦାନକୁ ଓହ୍ଲାଇବେ ନବୀନ



## ହିଞ୍ଜିଳିରୁ ପ୍ରଚାର ଅନୁକୂଳ

- ୩୦ରେ ତାରାତାରିଣୀଙ୍କ ଦର୍ଶନ ପରେ ଛତ୍ରପୁରରେ ନାମାଙ୍କନ, ଚିକିଟିରେ ଜନସଭା
- ୧ରେ ଖଲ୍ଲିକୋଟ, କବିସୂର୍ଯ୍ୟନଗର, ଦିଗପହଣ୍ଡି, ଛତ୍ରପୁରରେ ନିର୍ବାଚନ ପ୍ରଚାର
- ୩ ତାରିଖରେ ଭଞ୍ଜନଗର, ପୋଲସରା, ସାନଖେମୁଣ୍ଡି ଓ ସୋରଡ଼ାରେ ସମାବେଶ
- ୬ ତାରିଖରେ ଗୋପାଳପୁର, ଆସ୍କାରେ ଦୁଇଟି ଜନ ସମାବେଶ କାର୍ଯ୍ୟକ୍ରମ
- ମୁଖ୍ୟମନ୍ତ୍ରୀଙ୍କ ସହ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବେ କାର୍ତ୍ତିକ ପାଣ୍ଡିଆନ

■ **ଭୁବନେଶ୍ୱର, ୨୧।୪(ସମିସ):** ଆସନ୍ତା ୨୪ ତାରିଖରୁ ହିଞ୍ଜିଳିରୁ ପ୍ରଚାର ଅନୁକୂଳ କରିବେ ବିଜେଡି ସଭାପତି ତଥା ତଥା ଦଳର ଶୀର୍ଷ ତାରକା ନବୀନ ପଟ୍ଟନାୟକ। ନିଜର ପାରମ୍ପରିକ ଆସନରୁ ଚଳିତ ନିର୍ବାଚନ ପାଇଁ ବିଧିବଦ୍ଧ ଭାବରେ ପ୍ରଚାର ମଇଦାନକୁ ଓହ୍ଲାଇବେ ମୁଖ୍ୟମନ୍ତ୍ରୀ। ତାଙ୍କ ସହ ଦଳର ବରିଷ୍ଠ ନେତା ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ପ୍ରଚାର ପାଇଁ ହିଞ୍ଜିଳି ଗସ୍ତ କରିବେ ବୋଲି ସୂଚନା ମିଳିଛି। ୨୪ ତାରିଖ ସକାଳ ୧୦ଟା ୩୦ ମିନିଟରେ ହିଞ୍ଜିଳିରେ ଏକ ସମାବେଶକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିବେ। ଏହାପରେ ସେ ୧୧ଟା ୩୦ ମିନିଟରେ ଶେରଗଡ଼ରେ ଏକ ଜନସଭାରେ ଉଦ୍‌ବୋଧନ ଦେବେ।

ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଆସନ୍ତା ୩୦ ତାରିଖରେ ହିଞ୍ଜିଳି ବିଧାନସଭା ଆସନ ନିମନ୍ତେ ନିଜର ପ୍ରାର୍ଥୀପତ୍ର ଦାଖଲ କରିବେ। ଏହା ପୂର୍ବରୁ ସେ ସେହିଦିନ ତାରାତାରିଣୀଙ୍କ ▶ପୃଷ୍ଠା-୯

## ଲୋକକଥା



ଲୋକ ମାପୁଛନ୍ତି କେଉଁ ପ୍ରାର୍ଥୀ କେତେ
କାମିକା ଏ ରାଜ୍ୟ ପାଇଁ,
ବିକାଶ ବିରୋଧୀ ପ୍ରାର୍ଥୀଙ୍କ ଖାତାରେ
ଭୋଅଟ ପଡ଼ିବ କାହିଁ।
ଭୋଟର ବୁଲନ୍ତି କହି,
ବିକଳ୍ପ ନ ସାଜି ଭାଷଣ ମାରିଲେ
ରାଜନୀତି ହୁଏ ନାହିଁ!!

### ବିଜେପିକୁ ଟିକଟ ଟେନ୍‌ସନ୍

## ୧୫ ଗଣିତ ଅଛିଣ୍ଡା

**ସମ୍ଭାବ୍ୟ ବିଦ୍ରୋହକୁ ନେଇ ଚିନ୍ତାରେ ରାଜ୍ୟ ନେତୃତ୍ୱ**

■ **ଭୁବନେଶ୍ୱର, ୨୧।୪(ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ଶାସକ ବିଜେଡି ପକ୍ଷରୁ ୧୩୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ସରିଥିବା ବେଳେ ବିଜେପି ୧୩୨ ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଅବଶିଷ୍ଟ ୧୫ ଆସନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିବାକୁ ଥିବାବେଳେ ଦଳକୁ ଏବେ ଟିକଟ ଟେନସନ୍ ଘାରିଛି। ଦୁଇ ପର୍ଯ୍ୟାୟରେ ବିଜେପି ବିଧାନସଭା ଟିକଟ ଘୋଷଣା କରିଥିବା ବେଳେ ଉପାନ୍ତରୁ ଉପକୂଳ ଯାଏଁ ସବୁଠାରେ ପ୍ରାର୍ଥିତ୍ୱକୁ ନେଇ ବିରୋଧାଭାଷ ଜାରି ରହିଛି। ରାଜ୍ୟ କାର୍ଯ୍ୟାଳୟରେ ଅସନ୍ତୁଷ୍ଟ ଭଙ୍ଗାରୁଜା କରୁଥିବା ବେଳେ ଆଉ କିଛି ଟିକଟ ନିଷ୍ପତ୍ତିରେ ଖପ୍ପା ହୋଇ ଦଳ ଛାଡ଼ିଛନ୍ତି। ଏପରିସ୍ଥଳେ ବଳକା ଆସନରେ ଦଳ କିପରି ସବୁ ଆଶାୟୀଙ୍କୁ ବୁଝାସୁଝା କରି ଟିକଟ ଦେବ ସେନେଇ ଅଙ୍କ କଷୁଛନ୍ତି। ସେହିପରି ଦଳ ବଦଳ କରି ଆସିଥିବା ନେତାଙ୍କୁ ଥଇଥାନ କରିବା ବିଜେପି ପାଇଁ ପ୍ରମୁଖ ଆହ୍ୱାନ ପାଲଟିଛି। ପୂର୍ବରୁ ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏପ୍ରିଲ ୨୦ ତାରିଖ ସୁଦ୍ଧା ସମସ୍ତ ଆସନରେ ପ୍ରାର୍ଥୀ ଘୋଷଣା କରାଯିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ▶ପୃଷ୍ଠା-୯

### ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପୃଥିବୀ ମଣିଷର ନୁହେଁ; ଜଙ୍ଗଲକୁ ସୁରକ୍ଷିତ ରଖ

- ଜଙ୍ଗଲ ନିସ୍ୱାର୍ଥପର ସେବା ଦେଇଚାଲିଛି
- ମନୁଷ୍ୟ ମୂର୍ଖତା ଲାଗି ନିଜେ ନିଜକୁ ନଷ୍ଟ କରୁଛି
- ଜଳବାୟୁ ପରିବର୍ତ୍ତନ ଭବିଷ୍ୟତ ଉପରେ ପ୍ରଭାବ ପକାଇବ



ନୂଆଦିଲ୍ଲୀ, ୨୧।୪(ଏଜେନ୍ସି)

ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବରୁ ମୁକ୍ତିକୁ ମୌଳିକ ଅଧିକାର ଭାବେ ମାନ୍ୟତା ଦେବାର ସପ୍ତାହେ ପରେ ସୁପ୍ରିମକୋର୍ଟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସମ୍ବିଧାନର ଧାରା ୪୮ଏରେ ଲିଖିତ ନାଗରିକଙ୍କ ବଞ୍ଚିବାର ମୌଳିକ ଅଧିକାର ସହ ଜଙ୍ଗଲ, ହ୍ରଦ, ନଦୀ, ବନ୍ୟପ୍ରାଣୀ, ପରିବେଶ, ଜୈବ ବିବିଧତା ଆଦିର ସୁରକ୍ଷା ସିଧାସଳଖ ସମ୍ପର୍କ ରଖୁଥିବାରୁ ଯେ କୌଣସି ମୂଲ୍ୟ ଦେଇ ଜଙ୍ଗଲକୁ ସୁରକ୍ଷିତ ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବରୁ ଦେଶ ଏବଂ ଦୁନିଆକୁ ବଞ୍ଚାଇବା ପାଇଁ ଜଙ୍ଗଲକୁ ସଂରକ୍ଷିତ ରଖିବାକୁ କହିଛନ୍ତି।

ଏହାର କୁପ୍ରଭାବ ଦେଶ ଏବଂ ଭବିଷ୍ୟତ ଉପରେ ପଡ଼ିପାରେ। ଜଙ୍ଗଲ ବିନା ସ୍ୱାର୍ଥରେ ସେବା ଦେଉଛି। କିନ୍ତୁ ମନୁଷ୍ୟ ନିଜ ମୂର୍ଖତା ଲାଗି ଜଙ୍ଗଲକୁ ନଷ୍ଟ କରୁଛି। ଏହି ଭଳି ଭାବେ ମନୁଷ୍ୟ ଅଜାଣତରେ ନିଜେ ନିଜକୁ ନଷ୍ଟ କରୁଛି। ଜଙ୍ଗଲ ସୁରକ୍ଷିତ ରହିଲେ ଜଳବାୟୁ ପରିବର୍ତ୍ତନ ଜନିତ ଦୁର୍ଯୋଗରୁ ଦେଶକୁ ତଥା ପୃଥ୍ୱୀକୁ ନିସ୍ତାର ମିଳିବ। ପୃଥିବୀ ମନୁଷ୍ୟର ନୁହେଁ, ବରଂ ମନୁଷ୍ୟ ପୃଥିବୀର ବୋଲି ଜଷ୍ଟିସ ଏମଏମ ସୁନ୍ଦରେଶ ଏବଂ ଜଷ୍ଟିସ ଏସ୍‌ଭିଏନ ଭାଟିଙ୍କ ଖଣ୍ଡପୀଠ କହିଛନ୍ତି। ଏକ ଜଙ୍ଗଲ ଜମିକୁ ବ୍ୟକ୍ତିଗତ ଜମି ଭାବେ ଘୋଷଣା କରିବା ମାମଲାର ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ କରିଛନ୍ତି। ସୁପ୍ରିମକୋର୍ଟ ଆରବିଆଇର ଏକ ରିପୋର୍ଟ ଆଧାରରେ କହିଥିଲେ ଯେ ସମାଜ ଉପରେ ଜଳବାୟୁ ପରିବର୍ତ୍ତନର ବୀପରିତ ପ୍ରଭାବ ପଡୁଛି। ଏହାର ପ୍ରଭାବ ଦେଶର ଭବିଷ୍ୟତ ଉପରେ ପଡ଼ିବ। ଭାରତରେ ତାପମାତ୍ରା ବୃଦ୍ଧି ଏବଂ ମୌସୁମୀ ଧାରାରେ ପରିବର୍ତ୍ତନ ପରିବେଶ ବଦଳୁଛି ବୋଲି ଦର୍ଶାଉଛି।

ସୂଚନା ଅନୁଯାୟୀ ଆନ୍ଧ୍ରର ୱାରଙ୍ଗଲ ଜିଲ୍ଲାର କୋମ୍ପାଲି ଗ୍ରାମରେ ଜଣେ ବ୍ୟକ୍ତି ଜଙ୍ଗଲ ଜମିକୁ ବ୍ୟକ୍ତିଗତ ବ୍ୟବହାର ପାଇଁ ସରକାରୀ ଅଫିସରଙ୍କୁ ଲାଞ୍ଚ ଦେଇ ହାତେଇ ନେବାକୁ ଉଦ୍ୟମ କରିଥିଲେ। ଏହି ମାମଲା ପରେ ହାଇକୋର୍ଟକରେ ପହଞ୍ଚି ଥିଲା। ପୂର୍ବରୁ ଆନ୍ଧ୍ର ପ୍ରଦେଶ ହାଇକୋର୍ଟ ସେହି ବ୍ୟକ୍ତିଙ୍କର ଜଙ୍ଗଲ ଜମି ଉପରେ କୌଣସି ଅଧିକାର ନାହିଁ ବୋଲି ରାୟ ଦେଇଥିଲେ। ଆନ୍ଧ୍ର ବିଭାଜିତ ହୋଇ ତେଲଙ୍ଗାନା ରାଜ୍ୟ ଗଠନ ହୋଇଥିଲା ଓ ତେଲଙ୍ଗାନା ତାହାର ହାଇକୋର୍ଟ ପାଇଥିଲା। ସେତେବେଳେ ତେଲଙ୍ଗାନା ହାଇକୋର୍ଟର ଜଣେ ଜଜ୍ ଏକ ରିଭ୍ୟୁ ପିଟିସନକୁ ବିଚାର କରିବାକୁ ଗ୍ରହଣ କରି ଆନ୍ଧ୍ର ହାଇକୋର୍ଟଙ୍କ ସେହି ରାୟକୁ ବଦଳାଇ ଦେଇଥିଲେ ଯାହା କରାଯିବା ଅନୁଚିତ ଥିଲା। ଏବେ ସୁପ୍ରିମକୋର୍ଟ ମାମଲାର ଦଲିଲ ଯାଞ୍ଚ କରି ତେଲଙ୍ଗାନାର ସରକାରଙ୍କୁ ୫ଲକ୍ଷ ଟଙ୍କା ଜରିମାନା ଦେବା ପାଇଁ ଆଦେଶ ଜାରି କରିଛନ୍ତି।

### ରୁଷ୍‌ର ୮ ଅଞ୍ଚଳରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

## ୩ଟି ପାୱାର ଷ୍ଟେସନ, ତୈଳ ଭଣ୍ଡାର ଧ୍ୱଂସ



ମସ୍କୋ, ୨୧।୪ (ଏଜେନ୍ସି)

ୟୁକ୍ରେନର ସ୍ୱତନ୍ତ୍ର ସେନା ଶନିବାର ରାତିରେ ରୁଷ୍‌ରେ ବଡ଼ଧରଣର ଆକ୍ରମଣ କରିଛି। ଦୀର୍ଘ ଦୂରଗାମୀ ଡ୍ରୋନ ମାଧ୍ୟମରେ ରୁଷ୍‌ର ୮ ଅଞ୍ଚଳରେ ବୋମା ମାଡ଼ କରିଛି। ଏଥିରେ ରୁଷ୍‌ର ୩ଟି ପାୱାର ଷ୍ଟେସନ (ଶକ୍ତି କେନ୍ଦ୍ର) ଏବଂ ଗୋଟିଏ ତୈଳ ଭଣ୍ଡାର ଧ୍ୱଂସ ହୋଇଯାଇଛି। ୨ ଜଣ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ଆମେରିକା ଗଣମାଧ୍ୟମ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ରୁଷ୍ ପ୍ରତିରକ୍ଷା ମନ୍ତ୍ରାଳୟ ମଧ୍ୟ ଆକ୍ରମଣ ହୋଇଥିବା ସୂଚନା ଦେଇଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥା ୟୁକ୍ରେନ୍‌ର ୫୦ ଡ୍ରୋନ୍‌କୁ ନିପାତ କରିଥିବା କୁହାଯାଇଛି। ରୁଷ୍ ମଧ୍ୟ ୟୁକ୍ରେନରେ ଏଭଳି ଆକ୍ରମଣ କରୁଛି। ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଧ୍ୟମରେ ଶକ୍ତି କେନ୍ଦ୍ରଗୁଡ଼ିକୁ ନିଶାଣ କରୁଛି। ଏବେ ଶୀତ ଯୋଗୁଁ ୟୁକ୍ରେନର ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏହାର ଲାଭ ଉଠାଇ ରୁଷ୍ ସେନା ଆକ୍ରମଣ କରୁଛି।

## ଚୀନ୍‌ରେ ଆସିବ ଶତାବ୍ଦୀର ବଡ଼ ବନ୍ୟା

ବେଜିଂ, ୨୧।୪ (ଏଜେନ୍ସି)

ଚୀନ୍‌ରେ ସୋମବାର ପ୍ରବଳ ବର୍ଷା ଏବଂ ବନ୍ୟା ଆସିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଏ ନେଇ ସତର୍କତା ଜାରି କରିଛି। ସୋମବାର ସନ୍ଧ୍ୟାରେ ଦକ୍ଷିଣ ଚୀନ୍‌ର ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ଝଡ଼ବାତ୍ୟା ମାଡ଼ ହୋଇଛି। ଏହାକୁ ନେଇ ଚେତାବନୀ ଜାରି କରାଯାଇଛି। ଏହାର ପ୍ରଭାବରେ ଚୀନ୍‌ରେ ଶତାବ୍ଦୀର ସବୁଠାରୁ ବଡ଼ ବନ୍ୟା ଆସିପାରେ ବୋଲି କୁହାଯାଉଛି। ଏହି ବନ୍ୟାରେ ୧୨ କୋଟି ଲୋକ ପ୍ରଭାବିତ ହୋଇପାରନ୍ତି। ରିପୋର୍ଟ ଅନୁଯାୟୀ ଚୀନ୍‌ର କିଙ୍ଗୟୁଆନ ସହରରେ ଶନିବାରଠାରୁ ମୂଷଳ ଧାରାରେ ବର୍ଷା ହେଉଛି। ଝଡ଼ବାତ୍ୟାକୁ ଦେଖି ୨୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି। ଜରୁରୀକାଳୀନ ଅଧିକାରୀଙ୍କୁ ସତର୍କ କରି ରଖାଯାଇଛି। ଉପକୂଳ ଅଞ୍ଚଳକୁ ନ ଯିବା ପାଇଁ ଲୋକଙ୍କୁ କୁହାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କିଙ୍ଗୟୁଆନ ସହରରେ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ରବିବାର ସକାଳୁ ୧୦ଟା ମଧ୍ୟରେ ଗୁଆଙ୍ଗସି ହେଝୋଉ ସହରରେ ଭୂସ୍ଖଳନର ୬୫ଟି ଘଟଣା ସାମ୍ନାକୁ ଆସିଲାଣି। ପ୍ରବଳ ବର୍ଷା ଯୋଗୁଁ ପର୍ଲ ରିଭର ଡେଲ୍‌ଟାରେ ପାଣି ଭର୍ତ୍ତି ହୋଇଯାଇଛି। ଅନେକ ଆବାସିକ ଅଞ୍ଚଳରେ ବନ୍ୟାପାଣି ପ୍ରବେଶ କରିଛି। ଏକ ମହଲା ଯାଏଁ ଘର ବୁଡ଼ି ଗଲାଣି। ଝାଓକିଙ୍ଗ ସହରରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ମୋବାଇଲ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗୁଆଙ୍ଗଡୋଙ୍ଗ ଏବଂ ସୋଗୁଆନକୁ ସେନା ପଠା ଯାଇଛି।



## ରାଜୌରିରୁ ୮ ଆଇଇଡି ଜବତ

ଶ୍ରୀନଗର, ୨୧।୪ (ଏଜେନ୍ସି): ଜମ୍ମୁ-କାଶ୍ମୀରରେ ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ରାଜୌରି ଜିଲ୍ଲା ଆଜମତବାଦ ଗ୍ରାମରୁ ଆତଙ୍କବାଦୀ ଠିକଣାର ସନ୍ଧାନ ମିଳିଛି। ଏଠାରୁ ୮ଟି ଆଇଇଡି, ୨ଟି ୱେୟାରଲେସ୍ ସେଟ୍, ୩ଟି ଏକେ-୪୭ ରାଇଫଲ ମାଗାଜିନ, ୧୦୨ ରାଉଣ୍ଡ ଗୁଳି ଏବଂ ଗୋଟିଏ ଚାର୍ଜର ଜବତ କରାଯାଇଛି। ଜବତ ଆଇଇଡି ମଧ୍ୟରୁ ଗୋଟିଏର ଓଜନ କେଜିଏ ଏବଂ ଅନ୍ୟଗୁଡ଼ିକର ଓଜନ ଅଧ କିଲୋ ଲେଖାଏଁ ହେବ। ଏହି ସାମଗ୍ରୀଗୁଡ଼ିକ ବହୁତ ଦିନ ତଳର ଥିଲା। ଅନ୍ୟପକ୍ଷରେ କାଶ୍ମୀର ପୁଞ୍ଚ ଜିଲ୍ଲାର ହରିବୁଦ୍ଧ ଅଞ୍ଚଳ ସ୍ଥିତ ଏକ ବିଦ୍ୟାଳୟରୁ ଆତଙ୍କବାଦୀଙ୍କ ଜଣେ ସହଯୋଗୀକୁ ଗିରଫ କରାଯାଇଛି। ଆତଙ୍କବାଦୀଙ୍କୁ ସହଯୋଗ କରୁଥିବା କମରୁଦିନ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲା। ତା ନିକଟରୁ ପାକିସ୍ତାନୀ ପିସ୍ତଲ, ୨ଟି ଚୀନ୍ ଗ୍ରେନେଡ ମିଳିଛି।

### କେଜ୍ରିୱାଲଙ୍କ ପତ୍ନୀ ସୁନିତାଙ୍କ ଅଭିଯୋଗ

## ସ୍ୱାମୀଙ୍କୁ ଜେଲ୍‌ରେ ମାରିବାକୁ ଷଡ଼ଯନ୍ତ୍ର ହେଉଛି

ନୂଆଦିଲ୍ଲୀ, ୨୧।୪ (ଏଜେନ୍ସି)





ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲ ବଡ଼ ଅଭିଯୋଗ ଲଗାଇଛନ୍ତି। କେନ୍ଦ୍ର ସରକାର ତାଙ୍କ ସ୍ୱାମୀଙ୍କୁ ଜେଲ୍‌ରେ ମାରିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। ଅରବିନ୍ଦଙ୍କୁ ଜେଲ୍‌ରେ ସଠିକ୍ ଔଷଧ ଦିଆଯାଉ ନାହିଁ। କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କୁ ଜେଲ୍‌ରେ ଭର୍ତ୍ତି କରିଦିଆଯାଇଛି। ଏହା ସରକାରଙ୍କ ଏକଛତ୍ରଶାସନକୁ ଦର୍ଶାଉଛି। ରାଞ୍ଚିରେ ଅନୁଷ୍ଠିତ 'ଇଣ୍ଡି' ମେଣ୍ଟର ରାଲିରେ ସାମିଲ ହୋଇ ସୁନିତା ଏହି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ କେଜ୍ରିୱାଲଙ୍କୁ ମଧୁମେହ ନିୟନ୍ତ୍ରଣ ପାଇଁ ଇନସୁଲିନ୍ ଦରକାର ହେଉନାହିଁ। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ରାମ ମନୋହର ଲୋହିଆ ହସପିଟାଲର ଡାକ୍ତରି ଟିମ୍ ଏ ବିଷୟରେ କିଛି ଜଣାଇନାହାନ୍ତି। ତିହାର ଜେଲ କର୍ତ୍ତୃପକ୍ଷ ଆଜି ଦିଲ୍ଲୀ ଉପରାଜ୍ୟପାଳଙ୍କୁ ପଠାଇଥିବା ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି। କେଜ୍ରିୱାଲଙ୍କ ରକ୍ତ ଶର୍କରା ସେମିତି କିଛି ଭୟ ସୃଷ୍ଟି କଲାଭଳି ସ୍ତରକୁ ବଢ଼ିନାହିଁ। ଡାକ୍ତର ତାଙ୍କୁ ଇନସୁଲିନ୍ ନେବାକୁ କହିନାହାନ୍ତି କି ତାଙ୍କୁ ଇନସୁଲିନ୍ ଦରକାର ଏପରି କିଛି ଆଭାସ ମଧ୍ୟ ଦେଇନାହାନ୍ତି। କେଜ୍ରିୱାଲ ଇନସୁଲିନ୍ ରିଭର୍ସାଲ ପ୍ରୋଗ୍ରାମରେ ଥିଲେ ଓ ଗିରଫ ହେବାର ଅନେକ ଦିନ ପୂର୍ବରୁ ଇନସୁଲିନ୍ ନେବା ବନ୍ଦ କରିଦେଇ ଆଣ୍ଟି-ଡାଏବେଟିକ୍ ଓରାଲ ଟାବଲେଟ୍ ମେଟଫରମିନ୍ ଖାଉଥିଲେ। ତେଣୁ ତିହାର ଜେଲ କର୍ତ୍ତୃପକ୍ଷ କେଜ୍ରିୱାଲଙ୍କୁ ଇନସୁଲିନ୍ ଦେଉନାହାନ୍ତି କୁହାଯିବା ଠିକ୍ ନୁହେଁ। ଏଣେ ତିହାର ଜେଲ କର୍ତ୍ତୃପକ୍ଷ ଉପରାଜ୍ୟପାଳଙ୍କୁ ପଠାଇଥିବା ରିପୋର୍ଟ ଅସତ୍ୟ ବୋଲି ଆପ୍ ମନ୍ତ୍ରୀ ଆତିଶୀ କହିଛନ୍ତି। ସେ କହିଛନ୍ତି, ଜେଲ୍ ଯିବାର ଦିନେ ପୂର୍ବରୁ କେଜ୍ରିୱାଲ ୫୦ ୟୁନିଟ୍ ଇନସୁଲିନ୍ ନେଇଥିବା ସେ ଜାଣନ୍ତି। ତିହାର ରିପୋର୍ଟ ବିଜେପିର ଷଡ଼ଯନ୍ତ୍ରକୁ ସୂଚାଉଛି। ଯେ କେହି ଡାକ୍ତର କହିବେ ରକ୍ତଶର୍କରା ସ୍ତର ୩୦୦ରେ ପହଞ୍ଚିଲେ ମାରାତ୍ମକ। ଏବେ କେଜ୍ରିୱାଲଙ୍କ ରକ୍ତ ଶର୍କରା ସ୍ତର ୩୦୦ରେ ପହଞ୍ଚିଥିବା ଆତିଶୀ କହିଛନ୍ତି। ଆପ୍ କର୍ମୀମାନେ ଆଜି ତିହାର ଜେଲ କର୍ତ୍ତୃପକ୍ଷଙ୍କ ରିପୋର୍ଟ ପ୍ରତିବାଦରେ ତିହାର ଜେଲ ସମ୍ମୁଖରେ ହାତରେ ଇନସୁଲିନ୍ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେଜ୍ରିୱାଲ ଗତ ୧୨ବର୍ଷ ଧରି ନିୟମିତ ଇନସୁଲିନ୍ ନେଉଛନ୍ତି। ଏବେ ତାଙ୍କୁ ଇନସୁଲିନ୍ ଦେବାରେ ଅସୁବିଧା କ'ଣ ବୋଲି ଆତିଶୀ ପ୍ରଶ୍ନ କରିଛନ୍ତି।

### କନ୍‌ଷ୍ଟେବଲଙ୍କୁ ଛୁଟି ମିଳିଲାନି

## କନଷ୍ଟେବଲ ପତ୍ନୀ, ନବଜାତକର ମୃତ୍ୟୁ

ଲକ୍ଷ୍ନୌ, ୨୧।୪ (ଏଜେନ୍ସି): ଉତ୍ତରପ୍ରଦେଶ ଜାଲୌନରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଜଣେ କନଷ୍ଟେବଲଙ୍କୁ ଛୁଟି ନ ମିଳିବା ଯୋଗୁଁ ତାଙ୍କ କନଷ୍ଟେବଲ ପତ୍ନୀ ଏବଂ ନବଜାତକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଶୁକ୍ରବାର ପତ୍ନୀଙ୍କ ପ୍ରସବ ବେଦନା ଆରମ୍ଭ ହୋଇଯାଇଥିଲା। ଏହା ଜଣାପଡ଼ିବା ପରେ କନଷ୍ଟେବଲ ଥାନା ମୁଖ୍ୟଙ୍କୁ ଛୁଟି ପାଇଁ ଆବେଦନ ଦେଇଥିଲେ। ମାତ୍ର ସେ ଛୁଟି ଦେଇ ନ ଥିଲେ। ଏହା ପରେ ସେ ଘର ଲୋକଙ୍କୁ ଫୋନ୍ କରି ପତ୍ନୀଙ୍କ ସ୍ଥିତି କଥା କହିଥିଲେ। ପରିବାର ସଦସ୍ୟ ପହଞ୍ଚି ତାଙ୍କ ପତ୍ନୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେତେବେଳକୁ ବହୁତ ଡେରି ହୋଇ ଯାଇଥିଲା। ଡାକ୍ତରଖାନାରେ କନଷ୍ଟେବଲଙ୍କ ପତ୍ନୀ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। କିନ୍ତୁ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ଆଗ୍ରା ପଠାଇ ଦେଇଥିଲେ। ମାତ୍ରେ ଯିବା ବାଟରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ କନେଷ୍ଟବଲ ସାମାଜିକ ଗଣମାଧ୍ୟମରେ କୋହଭରା ପୋଷ୍ଟ କରିଥିଲେ। କ୍ଷମା କରିଦେବ ବୋଲି କହିଥିଲେ। ତାଙ୍କ ପତ୍ନୀ ରେଳବାଇ ପୁଲିସରେ ମୁତୟନ ଥିଲେ। ଏସ୍‌ପି ଏହି ଘଟଣା ବିଷୟରେ ଜାଣିବା ପରେ କନଷ୍ଟେବଲଙ୍କୁ ମାସେ ଛୁଟି ଦେଇ ପଠାଇ ଦେଇଥିଲେ। ବିଭାଗୀୟ ତଦନ୍ତରୁ ଥାନାଧକ୍ଷ ଦୋଷୀ ବୋଲି ଜଣାପଡ଼ିଛି।



## ମାଳଦ୍ୱୀପ ନିର୍ବାଚନ ଜିତିଲା ମୋଇଜୁଙ୍କ ଦଳ

ମାଲେ, ୨୧।୩ (ଏଜେନ୍ସି): ମାଳଦ୍ୱୀପ ସଂସଦୀୟ ନିର୍ବାଚନରେ ଚୀନ୍ ସମର୍ଥକ ମହମ୍ମଦ ମୋଇଜୁଙ୍କ ଦଳ ପିପୁଲ୍ସ ନ୍ୟାସନାଲ କଂଗ୍ରେସ (ପିଏନ୍ସି) ରେକର୍ଡ ବିଜୟ ହାସଲ କରିଛି। ଦଳ ୮୬ ଆସନରୁ ୬୬ଟି ହାତେଇ ଥିବା ସୂଚନା ମିଳିଛି। ଏହା ସହିତ ସଂସଦ (ମଜଲିସ୍)ରେ ପିଏନ୍ସି ସଂଖ୍ୟାଗରିଷ୍ଠ ହୋଇଯାଇଛି। ଏହି ବିଜୟକୁ ମୋଇଜୁଙ୍କ ନୀତି ଉପରେ ଜନତାଙ୍କ ମୋହର ଭାବେ ଦେଖାଯାଉଛି। ମୋଇଜୁଙ୍କ ବିଜୟ ସହିତ ଭାରତ ମାହସାଗରରେ ଉତ୍ତେଜନା ବୃଦ୍ଧି ପାଇପାରେ। ସେହିପରି ଏହି ବିଜୟରେ ଚୀନ୍ ଅତ୍ୟନ୍ତ ଖୁସି ହେବ। କାରଣ ଏହି ବିସ୍ତାରବାଦୀ ଦେଶକୁ ମାଳଦ୍ୱୀପରେ କିଛି ବି କରିବାକୁ ସୁଯୋଗ ମିଳିଯିବ। ଏ ପର୍ଯ୍ୟନ୍ତ ସଂସଦରେ ବହୁମତ ବିରୋଧୀ ଏମଡିଏଫ୍ ହାତରେ ଥିଲା। ସେଥିପାଇଁ ମୋଇଜୁ ସେତେ କିଛି କରିପାରୁ ନ ଥିଲେ। ସେ ଏହି ନିର୍ବାଚନରେ ଭାରତ ବିରୋଧରେ ପ୍ରଚାର କରିଥିଲେ।

### କମ୍ପାଉଣ୍ଡରଙ୍କ ଦ୍ୱାରା ପରିବାର ନିୟୋଜନ ଅସ୍ତ୍ରୋପଚାର

## ବିହାର ମହିଳା ମୃତ

ପାଟନା, ୨୧।୪ (ଏଜେନ୍ସି): ବିହାର ସମସ୍ତିପୁରରୁ ମେଡିକାଲ ଅବହେଳାର ଆଉ ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି। ଏଠାକାର ଏକ ଘରୋଇ କ୍ଲିନିକରେ ପରିବାର ନିୟୋଜନ ଅସ୍ତ୍ରୋପଚାର ସମୟରେ ଜଣେ ୨୮ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଡାକ୍ତରଙ୍କ ବଦଳରେ କ୍ଲିନିକର କମ୍ପାଉଣ୍ଡର ଏହି ଅସ୍ତ୍ରୋପଚାର କରିଥିଲେ। ଡାକ୍ତର ନ ଆସିବାରୁ କମ୍ପାଉଣ୍ଡର ଏପରି ପଦକ୍ଷେପ ନେଇଥିଲେ। ଏହି ଘଟଣାକୁ ମହିଳାଙ୍କ ପରିବାର ସଦସ୍ୟ କ୍ଲିନିକରେ ହଙ୍ଗାମା କରିଛନ୍ତି। ତେବେ ଏହି ସମୟରେ ଏହାର କର୍ମଚାରୀ ଫେରାର ହୋଇ ଯାଇଥିଲେ। ମହିଳାଙ୍କ ମୃତ୍ୟୁକୁ ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କମ୍ପାଉଣ୍ଡରଙ୍କୁ ଗିରଫ କରାଯାଇ ନାହିଁ। ପୁଲିସ ସୂଚନା ଅନୁଯାୟୀ ମୁଶ୍ରିଘରାରୀ ସହରର ମୁବାରକପୁର ବାସିନ୍ଦା ଚନ୍ଦନ ଠାକୁରଙ୍କ ପତ୍ନୀ ବବିତା ଦେବୀଙ୍କୁ ଶନିବାର ପଟିରା ମାର୍ଗରେ ଥିବା ଅନିଶା ହେଲ୍‌ଥ କେୟାରରେ ଭର୍ତ୍ତି କରାଯାଇଥିଲା। ପ୍ରଥମେ କର୍ମଚାରୀ କ୍ଲିନିକରେ କୌଣସି ଡାକ୍ତର ନ ଥିବା କହିଥିଲେ। ଏହାର କିଛି ସମୟ ପରେ କମ୍ପାଉଣ୍ଡର ଦ୍ୱିତୀୟ ମହଲାରେ ଅସ୍ତ୍ରୋପଚାର କରାଯିବ ବୋଲି କହିଥିଲେ। ମହିଳାଙ୍କୁ ସାଲାଇନ ଦେଇ ୧୧ଟାରେ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ମାତ୍ର ଏହାର ଘଣ୍ଟାଏ ପରେ ପରିବାର ସଦସ୍ୟଙ୍କୁ ନ ଜଣାଇ ମହିଳାଙ୍କ ୧୦ କିମି ଦୂରରେ ଥିବା ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ସେଠାରେ ମହିଳାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୁଣିଥରେ ମହିଳାଙ୍କ ମୃତଦେହକୁ ଅନିଶା ହେଲ୍‌ଥ ସେଣ୍ଟରକୁ ଅଣା ଯାଇଥିଲା। ଏହି ଘଟଣାକୁ ନେଇ କ୍ଲିନିକର କର୍ମଚାରୀ, ଡାକ୍ତର ଏବଂ କ୍ଲିନିକ ବିରୋଧରେ ଏତଲା ରୁଜୁ କରାଯାଇଛି।

### ତିନି ଦଶନ୍ଧିରେ ପ୍ରଥମ

## ବିଶ୍ୱରେ ରୋଗୀସଂଖ୍ୟା ୨୮୮ କୋଟି ଟପିଲା

ନୂଆଦିଲ୍ଲୀ, ୨୦।୪ (ଏଜେନ୍ସି)

ଭାରତ ସହିତ ସମ୍ପୂର୍ଣ୍ଣ ବିଶ୍ୱରେ ରୋଗର ବୋଝ ବଢ଼ିବାରେ ଲାଗିଛି। ଏହି ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି। ସ୍ଥିତି ଏପରି ହୋଇଛି ଯେ ୩ ଦଶନ୍ଧିରେ ପ୍ରଥମ ଥର ପାଇଁ ରୋଗୀ ସଂଖ୍ୟା ୨୮୮ କୋଟି ପାର କରିଛି। ୨୦୧୦ରୁ ୨୦୨୧ ମଧ୍ୟରେ କରୋନା ସଂକ୍ରମଣ ଭାରତର ସବୁଠାରୁ ବଡ଼ ରୋଗ ଥିଲା। ଏଥିରେ ଦେଶର ୫୦ ପ୍ରତିଶତରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ତେବେ ଏପରି ଅନେକ ରୋଗୀ ଅଛନ୍ତି ଯେଉଁମାନେ ଲକ୍ଷଣ ନ ଥିବା କିମ୍ବା ଅନ୍ୟ କୌଣସି କାରଣରୁ କରୋନା ପରୀକ୍ଷଣ କରି ନ ଥିଲେ। ତେଣୁ ଏହା ସରକାରୀ ତଥ୍ୟରୁ ଦୂରେଇ ରହିଥିଲା। ମେଡିକାଲ ପତ୍ରିକା 'ଦ ଲାନସେଟ'ରେ ପ୍ରକାଶିତ ଗ୍ଲୋବାଲ ବର୍ଡେନ ଅଫ ଡିଜିଜ୍ (ଜିବିଡି) -୨୦୨୧ରେ ଏହି ସୂଚନା ଦିଆଯାଇଛି। ଏଥିରେ ୨୦୪ ଦେଶରେ ୧୯୯୦ରୁ ୨୦୨୧ ମଧ୍ୟରେ ଦେଖାଯାଇଥିବା ୩୭୧ ରୋଗର ଆକଳନ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଏହି ଅବଧିରେ ଭାରତରେ ପ୍ରମୁଖ ରୋଗଗୁଡ଼ିକର ସ୍ୱରୂପ ବଦଳି ଯାଇଛି। ୨୦୧୦ ସୁଦ୍ଧା ଭାରତରେ ସର୍ବାଧିକ ନବଜାତକ ସମ୍ବନ୍ଧିତ ମାମଲା ସାମ୍ନାକୁ ଆସୁଥିଲା। କିନ୍ତୁ କରୋନା ମହାମାରୀ ଯୋଗୁଁ ଏହା ତୃତୀୟ ସ୍ଥାନକୁ ଖସି ଯାଇଥିଲା। ୨୦୨୦ ଏବଂ ୨୦୨୧ରେ ଦେଶରେ ସର୍ବାଧିକ କରୋନା ମାମଲା ଆସିଥିଲା। ଏହା ପରେ ହୃଦ୍‌ରୋଗ ଦ୍ୱିତୀୟ ସର୍ବାଧିକ ସାଧାରଣ ରୋଗ ପାଲଟି ଯାଇଛି। ଏଥିରେ ହୃଦ୍‌ଘାତ ମାମଲା ସାମିଲ ରହିଛି।

ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସମୟରେ କରୋନା, ହୃଦ୍‌ରୋଗ, ନବଜାତକ ସମ୍ବନ୍ଧିତ ରୋଗ ବ୍ୟତୀତ ସିଓପିଡି, ଷ୍ଟ୍ରୋକ୍, ମହାମାରୀ ସମ୍ବନ୍ଧିତ ଅନ୍ୟ ରୋଗୀ, ଶ୍ୱାସକ୍ରିୟା ସଂକ୍ରମଣ, ପେଟ ରୋଗ, ଟିବି ଏବଂ ମଧୁମେହ ଶୀର୍ଷରେ ରହିଛି। ଏହାର ସର୍ବାଧିକ ରୋଗୀ ଚିହ୍ନଟ ହେଉଛନ୍ତି। ତେବେ ଏଚ୍‌ଆଇଭି/ଏଡ୍‌ସ ଏବଂ ଡାଇରିଆ ଭଳି ମାମଲା ୪୭ ପ୍ରତିଶତ ହ୍ରାସ ପାଇଛି। ଏହା ବ୍ୟତୀତ ସଂକ୍ରାମକ ରୋଗ, ମାଆ ଏବଂ ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଆଦିରେ ବହୁତ ଲାଭ ମିଳିଛି।



### ରାଜ୍ୟଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

## ବେଆଇନ ଅଙ୍ଗ ପ୍ରତିରୋପଣକାରୀ ଡାକ୍ତରଖାନାର ଲାଇସେନ୍ସ ରଦ୍ଦ କର

ନୂଆଦିଲ୍ଲୀ, ୨୧।୪ (ଏଜେନ୍ସି): ଦେଶରେ ଚାଲୁଥିବା ବେଆଇନ ଅଙ୍ଗ ପ୍ରତିରୋପଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ କେନ୍ଦ୍ର ନିର୍ଦ୍ଦେଶ ଦେଇଛି। ଏହା ସହିତ ବେଆଇନ ଭାବେ ଅଙ୍ଗ ପ୍ରତିରୋପଣ କିମ୍ବା ଏ ସମ୍ବନ୍ଧିତ ଆଇନ ଉଲ୍ଲଙ୍ଘନ କରୁଥିବା ଡାକ୍ତରଖାନାର ଲାଇସେନ୍ସ ରଦ୍ଦ କରିବାକୁ କହିଛନ୍ତି। ଏ ସମ୍ବନ୍ଧରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ମହାନିର୍ଦ୍ଦେଶକ ଡ. ଅତୁଲ ଗୋୟଲ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କୁ ଚିଠି ଲେଖିଛନ୍ତି। ସମସ୍ତ ଅଙ୍ଗ ପ୍ରତିରୋପଣର ତଥ୍ୟକୁ ସବୁ ମାସରେ ଜାତୀୟ ସଂଗଠନ ସହ ଯୋଡ଼ିବାକୁ କହିଛନ୍ତି। ଏଥିରେ ଦେଶ ସହିତ ବିଦେଶ ନାଗରିକଙ୍କ ତଥ୍ୟ ମଧ୍ୟ ରହିବା ଉଚିତ। ଏହା ସହିତ ମାମଲା ଗୁଡ଼ିକର ଯାଞ୍ଚ ଏବଂ ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହରିୟାଣା ଏବଂ ରାଜସ୍ଥାନରେ ହୋଇଥିବା ବେଆଇନ ଅଙ୍ଗ ପ୍ରତିରୋପଣ ର୍‍ୟାକେଟର ଖୁଲାସା ହେବା ପରେ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି।

### ଭିକାରୀଙ୍କ ପାଇଁ ପାକିସ୍ତାନ ଲଜ୍ଜିତ

## ସଂସଦରୁ ସାଂସଦଙ୍କ ଜୋତା ଚୋରି

ଇସଲାମାବାଦ, ୨୧।୪ (ଏଜେନ୍ସି)

- ତଦନ୍ତ ନିର୍ଦ୍ଦେଶ ଦେଲେ ବାଚସ୍ପତି
- ଭିକାରୀଙ୍କୁ ଦୋଷଦେଲେ ପ୍ରତିରକ୍ଷାମନ୍ତ୍ରୀ
- ଭିକାରୀ ସଂଖ୍ୟା ବୃଦ୍ଧି ଚିନ୍ତାର ବିଷୟ
- ୧୦ ପ୍ରତିଶତ ଲୋକ ଭିକ ମାଗୁଛନ୍ତି



ଭିକାରୀଙ୍କୁ ନେଇ ସାରା ବିଶ୍ୱରେ ନିନ୍ଦିତ ହେଉଥିବା ପାକିସ୍ତାନରୁ ଏକ ବିରଳ ମାମଲା ସାମ୍ନାକୁ ଆସିଛି। ୱେବ୍ ସିରିଜ 'ମନି ହେଇଷ୍ଟ' ଶୈଳୀରେ ପାକିସ୍ତାନରେ ଏକ ବଡ଼ ଡକାୟତି ହୋଇଛି। ଏହି ଡକାୟତି କୌଣସି ଛୋଟମୋଟ ଜାଗାରୁ ନୁହେଁ, ବରଂ ପାକିସ୍ତାନ ସଂସଦ (ନ୍ୟାସନାଲ ଆସେମବ୍ଲି) ରେ ହୋଇଛି। ଦିନ ଦ୍ୱିପହରେ ଏହି ଚୋରି ହୋଇଛି। ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ଦିନକୁ ଦିନ ଏଭଳି ମାମଲା ବୃଦ୍ଧି ପାଇବାରେ ଲାଗିଛି। ସଂସଦରୁ ସାଂସଦଙ୍କ ଜୋତା ଚପଲ ଚୋରି ହୋଇଯାଇଛି। ଏହାକୁ ନେଇ ପୁଣି ପାକିସ୍ତାନ ଲଜ୍ଜିତ ହୋଇଛି। ଖୋଦ୍ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏହା ପଛରେ ଭିକାରୀ ମାଫିଆଙ୍କ ହାତ ରହିଛି। ଦେଶରେ ଭିକାରୀଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ଏବେ ଦେଶରେ ଭିକ ମାଗିବା ବଡ଼ ବ୍ୟବସାୟ ପାଲଟି ଯାଇଛି। ଦେଶର ୧୦ ପ୍ରତିଶତ ଲୋକ ଏହି ଧନ୍ଦାରେ ଜଡ଼ିତ ଅଛନ୍ତି। ଭିକାରୀଙ୍କୁ ମଧ୍ୟ ରପ୍ତାନୀ କରାଯାଉଛି।

ସୂଚନା ଅନୁଯାୟୀ ପାକିସ୍ତାନ ସଂସଦର ସୁରକ୍ଷାକୁ ଚକ୍‌ମା ଦେଇ ଚୋର ସାଂସଦ, ମନ୍ତ୍ରୀ ଏବଂ କର୍ମଚାରୀଙ୍କ ୨୦ ହଳ ଜୋତା ଚପଲ ଚୋରି କରିନେଇଛି। ସଂସଦ ପରିସରରେ ଥିବା ମସ୍‌ଜିଦ୍ ବାହାରୁ ଏହି ଚୋରି ହୋଇ ରହିଛି। ଶୁକ୍ରବାର ନମାଜ ସାରି ଫେରିବା ପରେ ଜୋତାଚପଲ ନ ପାଇ ସମସ୍ତେ ଆଶ୍ଚର୍ଯ୍ୟ ହେବା ସହିତ କ୍ରୋଧ ପ୍ରକାଶ କରିଥିଲେ। ସୁରକ୍ଷାବାହିନୀ ମଧ୍ୟ ମୁଣ୍ଡରେ ହାତ ଦେଇଥିଲେ। ଶେଷରେ ସମସ୍ତେ ଖାଲି ପାଦରେ ଘରକୁ ଫେରିଥିଲେ। ଏବେ ବାଚସ୍ପତି ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେପି ତଣ୍ଟିରେ 'ଟିକଟ କଣ୍ଟା'



- ପଞ୍ଚାୟତ ନିର୍ବାଚନରେ ପରାଜିତ ସଞ୍ଜିଲିଙ୍କୁ ବିଧାନସଭା ଟିକଟ
- ରାଜ୍ୟ କାର୍ଯ୍ୟାଳୟରେ ବାଙ୍ଗିରିପୋଷି କର୍ମକର୍ତ୍ତାଙ୍କ ହଙ୍ଗାମା
- କାକଟପୁରରେ ଦଳୀୟ ପ୍ରାର୍ଥୀ ବାଇଧର ମଲ୍ଲିକଙ୍କୁ ବିରୋଧ
- ବଡ଼ମ୍ବାରେ ସମ୍ବିତ ତ୍ରିପାଠୀଙ୍କ ସମର୍ଥକଙ୍କ ଉପରେ ଆକ୍ରମଣ
- ଟିଟିଲାଗଡ଼ରେ ନବୀନ ଜୈନଙ୍କୁ ପୁରୁଣା କର୍ମୀଙ୍କ ବିରୋଧ
- କାକଟପୁରରେ ବାଇଧର-ବିଶ୍ୱଭୂଷଣ ଗୋଷ୍ଠୀ ହାତାହାତି

**ଭୁବନେଶ୍ୱର, ୨୧।୪(ସମିସ):** ରାଜ୍ୟ ବିଜେପି ତଣ୍ଟିରେ ଲାଗିଛି 'ଟିକଟ କଣ୍ଟା'। ଦଳ ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ରାଜ୍ୟର ପ୍ରତି ଅଞ୍ଚଳରେ ସୃଷ୍ଟି ହୋଇଛି ବିଦ୍ରୋହ। ପ୍ରତିଦିନ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଟିକଟକୁ ନେଇ ବିରୋଧ ଓ ଅସନ୍ତୋଷର ଛବି ଅନ୍ୟ ନିର୍ବାଚନକୁ ସଂକ୍ରମିତ ହେଉଛି। ମୟୂରଭଞ୍ଜ ବାଙ୍ଗିରୀପୋଷି ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀ ସଞ୍ଜିଲି ମୁର୍ମୁଙ୍କ ବିରୋଧରେ ଅସନ୍ତୁଷ୍ଟ ଦଳୀୟ ନେତା ଓ କର୍ମୀ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଛନ୍ତି। ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ସଞ୍ଜିଲିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଛନ୍ତି। ସେହିପରି କାକଟପୁର, ବଡ଼ମ୍ବାରେ ଦଳୀୟ ପ୍ରାର୍ଥୀଙ୍କୁ ମଧ୍ୟ ଅସନ୍ତୁଷ୍ଟମାନେ ପ୍ରବଳ ବିରୋଧ କରିଛନ୍ତି।

ଅସନ୍ତୁଷ୍ଟ କର୍ମୀଙ୍କ ଅଭିଯୋଗ ଅନୁଯାୟୀ ତୃଣମୂଳସ୍ତରରେ ବହୁ ଯୋଗ୍ୟ ପ୍ରାର୍ଥୀ ଥିବାବେଳେ ସଞ୍ଜିଲି ମୁର୍ମୁଙ୍କୁ ପ୍ରାର୍ଥୀ ଦଳ କରିବା ଦୁର୍ଭାଗ୍ୟଜନକ। ୨୦୧୯ରେ ସଞ୍ଜିଲିଙ୍କ ବାପାଙ୍କୁ ଟିକଟ ଦିଆଯାଇଥିଲା, ଏଥର ସଞ୍ଜିଲିଙ୍କୁ ଟିକଟ ଦିଆଯାଇଛି। ନିର୍ବାଚନରେ ଅଭିଜ୍ଞତା ନ ଥିବା ସଞ୍ଜିଲି ପଞ୍ଚାୟତ ସମିତି ନିର୍ବାଚନରେ ପରାଜିତ ହୋଇଛନ୍ତି। ସେ ଦଳର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣିନାହାନ୍ତି। ତେଣୁ ତାଙ୍କ ସ୍ଥାନରେ ଜଣେ ଶିକ୍ଷିତ, ଯୋଗ୍ୟ ଏବଂ ଅଭିଜ୍ଞତା ସମ୍ପନ୍ନ ନେତା କିମ୍ବା ନେତ୍ରୀଙ୍କୁ ପ୍ରାର୍ଥୀ କରିବାକୁ ଅସନ୍ତୁଷ୍ଟମାନେ ଦାବି କରିଛନ୍ତି। ସେହିପରି କାକଟପୁରରେ ବାଇଧର ମଲ୍ଲିକଙ୍କ ନାମ ଘୋଷଣା ପରେ ତାଙ୍କ ବିରୋଧରେ ଦିନକୁ ଦିନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଆଜି ବାଇଧର ଏକ ବୁଥ୍‌ସ୍ତରୀୟ ଦଳୀୟ ବୈଠକ କରୁଥିବା ବେଳେ ଅସନ୍ତୁଷ୍ଟ ବିଶ୍ୱଭୂଷଣ ଦାସଙ୍କ ଗୋଷ୍ଠୀ ସେଠାରେ ପହଞ୍ଚି ପ୍ରବଳ ହଙ୍ଗାମା କରିଛନ୍ତି। ଏପରିକି ଉଭୟ ଗୋଷ୍ଠୀ ହାତାହାତି ବି ହୋଇଛନ୍ତି। ବଡ଼ମ୍ବାରେ ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କୁ ଲଗାତାର ଭାବେ ବିରୋଧ କରାଯାଇ ଆସୁଛି। ଦଳର ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀ ପର୍ଯ୍ୟନ୍ତ ସବୁଆଡ଼େ ସମ୍ବିତଙ୍କ ବିରୋଧରେ ସ୍ୱର ତୀବ୍ର ହେବାରେ ଲାଗିଛି। ଏପରିକି ଆଜି ସମ୍ବିତଙ୍କ ସମର୍ଥକ ପ୍ରଚାର କରୁଥିବା ବେଳେ ବିଦ୍ରୋହୀ ଗୋଷ୍ଠୀର ଲୋକେ ଆକ୍ରମଣ କରିଥିବା ସୂଚନା ମିଳିଛି। ଏନେଇ ସମ୍ବିତଙ୍କ ସମର୍ଥକମାନେ ଥାନାରେ ଅଭିଯୋଗ କରିଛନ୍ତି। ଟିଟିଲାଗଡ଼ରେ ମଧ୍ୟ ଦଳୀୟ ପ୍ରାର୍ଥୀ ରବିବାର ସନ୍ଧ୍ୟାରେ ପ୍ରଚାର କରୁଥିବା ବେଳେ ସାଧାରଣ ଲୋକେ ତୀବ୍ର ବିରୋଧ କରିଥିବା ଜଣାପଡ଼ିଛି। ଟିକଟ ଘୋଷଣା ପରଠାରୁ ରାଜ୍ୟବ୍ୟାପୀ ଦଳୀୟ ପ୍ରାର୍ଥୀଙ୍କ ଦଳର ତୃଣମୂଳସ୍ତରର କର୍ମୀ ଏବଡ଼ ଛାମୁଆ ନେତାମାନେ ତୀବ୍ର ବିରୋଧ କରି ଆସୁଥିବା ବେଳେ ଏହା ଦଳ ପାଇଁ ଆଗାମୀ ନିର୍ବାଚନରେ ଖୁବ୍ କ୍ଷତିକାରକ ହୋଇପାରେ ବୋଲି ରାଜନୀତିକ ମହଲ ମତପ୍ରକାଶ ପାଇଛି।

ଜୟନାରାୟଣଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

# ଚୌକି ପୂରଣ ପାଇଁ ଛୋଟ ପିଲାଙ୍କୁ ବ୍ୟବହାର କରୁଛି ବିଜେପି



**ଭୁବନେଶ୍ୱର, ୨୧।୪(ସମିସ):** ନିର୍ବାଚନ ପ୍ରଚାରରେ ରାଜ୍ୟ ବିଜେପି ନେତାମାନେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି। ବିଭିନ୍ନ ସମୟରେ ଏହାର ଏକାଧିକ ଉଦାହରଣ ଦେଖିବାକୁ ମିଳୁଛି। ଗତକାଲି ଅର୍ଥାତ ଶନିବାର ସମ୍ବଲପୁର ବିଜେପି ବିଧାୟକ ପ୍ରାର୍ଥୀ ଜୟନାରାୟଣଙ୍କ ନିର୍ବାଚନୀ ସଭାରେ ମଧ୍ୟ ଛୋଟ ପିଲାଙ୍କୁ ବ୍ୟବହାର କରୁଥିବା ଦେଖାଯାଇଛି। ଏହା ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରୁଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବିରେ ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡି।

ସମ୍ବଲପୁର ବିଜେପି ପାର୍ଟି ଅଫିସ୍‌ରେ ଶନିବାର ଜୟନାରାୟଣଙ୍କ ଉପସ୍ଥିତିରେ ନିର୍ବାଚନୀ ସଭା କରାଯାଉଥିଲା। ସଭାକୁ ଲୋକେ ନ ଆସିବାରୁ ଚୌକି ପୂରଣ ପାଇଁ ଛୋଟ ପିଲାଙ୍କୁ ବ୍ୟବହାର କରାଯାଇଥିବା ବିଜେଡି ଅଭିଯୋଗ କରିଛି। ପ୍ରାୟ ୪୫ ଡିଗ୍ରୀ ଖରାରେ ପ୍ରବଳ ଗରମ ସତ୍ତ୍ୱେ ଛୋଟ ପିଲାଙ୍କୁ ଦିନ ୧୧ରୁ ଗୋଟାଏ ପର୍ଯ୍ୟନ୍ତ ବସାଯାଇଥିଲା। ଏହା ନିର୍ବାଚନ ଆଚରଣ ବିଧିର ଖୋଲା ଉଲଙ୍ଘନ ଓ ପ୍ରଥମ ଘଟଣା ନୁହେଁ। ବାରମ୍ବାର ବିଜେପି ନେତାମାନେ ନିର୍ବାଚନ କାର୍ଯ୍ୟରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି। ଏଣୁ ଜୟନାରାୟଣଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି ବିଜେଡି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ଡ. ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର ଓ ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।

ଦୁଟୁନି ବିଜେପି ଘର କଳି

# ବଡ଼ମ୍ବା ବିଜେପିରେ ପୁଣି ଖଣ୍ଡଯୁଦ୍ଧ; ଥାନାରେ ମାମଲା

**କଟକ, ୨୧।୪(ସମିସ):** ବଡ଼ମ୍ବା ବିଜେପିରେ ପୁଣି ଖଣ୍ଡଯୁଦ୍ଧ। ଟିକଟ୍ ବଣ୍ଟନରେ ଅନିୟମିତତା ଦର୍ଶାଇ ବିଜେପି ବିଧାୟକ ପ୍ରାର୍ଥୀ ଓ ଆଶାୟୀଙ୍କ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ୍ ହୋଇଛି। ଜିଲ୍ଲା ବିଜେପିରେ ଅସନ୍ତୋଷର ନିଆଁ ଜଳୁଥିବା ବେଳେ ଆଜିର ଘଟଣା ବିଜେପିର ଗୃହକଳିକୁ ଆହୁରି ବଢ଼ାଇ ଦେଇଛି। ଏହି ଘଟଣା ପହଞ୍ଚିଛି ଥାନାରେ। ବାଲିଝରି କୈବର୍ତ୍ତ୍ୟ ସାହିରେ ଘରକୁ ଘର ବୁଲି ପ୍ରଚାର କରୁଥିବା ବେଳେ ବଡ଼ମ୍ବା ବିଜେପି ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କୁ ଦୃଢ଼ ବିରୋଧ କରାଯାଇଥିଲା। ଅସନ୍ତୁଷ୍ଟ ଥିବା ବିଜୟ ଦଳବେହେରାଙ୍କର ସମର୍ଥକ ଏହି ବିରୋଧ କରିଥିଲେ। ପ୍ରଚାର ଚାଲିଥିବା ବେଳେ ବିଜେପି ବିଧାୟକ ପ୍ରାର୍ଥୀ ସମ୍ବିତଙ୍କ ସମର୍ଥକମାନଙ୍କୁ ୮ଜଣ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ସମ୍ବିତଙ୍କୁ କ'ଣ ପାଇଁ ପ୍ରାର୍ଥୀ କରାଯାଇଛି ବୋଲି ପ୍ରଶ୍ନ କରି ଗଣ୍ଡଗୋଳକାରୀ ସମ୍ବିତଙ୍କ ସମର୍ଥକମାନଙ୍କୁ ଜୋରଦାର ବିରୋଧ କରିଥିଲେ। ଏ ନେଇ ସ୍ଥାନୀୟ କାନପୁର ଥାନାରେ ୨ଟି ଅଭିଯୋଗ ହୋଇଛି। ସତ୍ୟବାଦୀ ନାଏକ ଓ ସୁବାସ ସାମଲ ଏହି ଏତଲା ଦେଇଛନ୍ତି। କାନପୁର ପୁଲିସ ତଦନ୍ତ ଆରମ୍ଭ କରିଛି। ବିଜେପିର ଏହି ଘନଘନ ବିଦ୍ରୋହ ଅନ୍ୟ ଦଳକୁ ସୁହାଉଛି ବୋଲି ଚର୍ଚ୍ଚା ଜୋର ଧରିଛି। ସେହିପରି କାନପୁର ଥାନାରେ କସ୍ତୁରୀ ଚରଣ ବେହେରା ବିଜେପି ପ୍ରାର୍ଥୀ ସମ୍ବିତଙ୍କୁ ଦୁଃବ୍ୟବହାର ନେଇ ଏତଲା ଦେଇଛନ୍ତି। ପୁଲିସ ୩ଟି ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ କରୁଛି।

ପ୍ରକାଶ ଥାଉ କି, ବଡ଼ମ୍ବା ବିଜେପିରେ ବିବାଦ ଥମିବାର ନାଁ ନେଉ ନାହିଁ। ଦିନକୁ ଦିନ ଏହି ବିବାଦ ଉଗ୍ରରୂପ ନେଉଛି। ବିଧାୟକ ପ୍ରାର୍ଥୀ ସମ୍ବିତ ଓ ଟିକଟ୍ ଆଶାୟୀ ବିଜୟଙ୍କ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ପ୍ରଚାର ଓ ଶୋଭାଯାତ୍ରା ସମୟରେ ଗଣ୍ଡଗୋଳର ସୂତ୍ରପାତ ଘଟୁଛି। ଗତ ୧୧ ତାରିଖରେ ବଡ଼ମ୍ବାରେ ସମ୍ବିତ ଓ ବିଜୟଙ୍କ ଗୋଷ୍ଠୀ ମଧ୍ୟରେ ଦୀର୍ଘ ସମୟ ଧରି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବିଜେପିର ଆଶାୟୀ ପ୍ରାର୍ଥୀ ବିଜୟ ଦଳବେହେରାଙ୍କ ସମର୍ଥକ ଓ ବିଜେପି ଟିକଟ୍ ପାଇଥିବା ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କ ସମର୍ଥକ ମଧ୍ୟରେ ପତାକା ଚିରା, ଢେଲାମାଡ଼ ଓ ହାତାହାତି ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ବଡ଼ମ୍ବା ଓ ମାଣିଆବନ୍ଧ ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସେହିପରି ବିଜେପି ଟିକେଟ୍ ବଣ୍ଟନରେ ଅନିୟମିତତାକୁ କେନ୍ଦ୍ର କରି ଆକ୍ରୋଶର ଶିକାର ହୋଇଥିଲେ ବିଜେପି ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି। ତାଙ୍କୁ ବିଜେପି କର୍ମୀ ରାଲି କରାଇ ନଦେବା ସହିତ ଦୀର୍ଘ ସମୟ ଧରି ରାସ୍ତା ମଝିରେ ଅଟକ ରଖିଥିଲେ।

# ଜୁନ୍ ୧୬ରେ ନେଟ୍ ପରୀକ୍ଷା

**ଭୁବନେଶ୍ୱର,୨୧।୪(ସମିସ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ନେଟ୍ ପରୀକ୍ଷା ପାଇଁ ଆବେଦନ ରବିବାର ଠାରୁ ଆରମ୍ଭ ହୋଇଛି। ଆସନ୍ତା ମେ ୧୦ ତାରିଖ ପର୍ଯ୍ୟନ୍ତ ଏଥିନିମନ୍ତେ ଆବେଦନ କରାଯାଇ ପାରିବ। ଜୁନ୍ ୧୬ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ପରୀକ୍ଷା ସଞ୍ଚାଳନ କରୁଥିବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଶାୟୀମାନେ ଅନ୍‌ଲାଇନ୍‌ରେ https://ugcnet.nta.ac.in/ ୱେବ୍‌ସାଇଟ୍‌ରେ ଆବେଦନ କରିବେ। ନେଟ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜୁନିଅର ରିସର୍ଚ୍ଚ ଫେଲୋସିପ (ଜେଆର୍‌ଏଫ୍) ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହାସହ ପ୍ରଥମଥର ପାଇଁ ନେଟ୍ ପରୀକ୍ଷା ମାଧ୍ୟମରେ ପିଏଚ୍‌ଡି ପଢ଼ିବାକୁ ମଧ୍ୟ ଛାତ୍ରଛାତ୍ରୀମାନେ ଯୋଗ୍ୟତା ଅର୍ଜନ କରିବେ। ସମୁଦାୟ ୮୩ ଟି ବିଷୟରେ ପିଏଚ୍‌ଡି କରିବା ନିମନ୍ତେ ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସୁଯୋଗ ପାଇବେ। ପୂର୍ବରୁ ଏହି ପରୀକ୍ଷା ଅନ୍‌ଲାଇନ୍‌ରେ କରାଯାଉଥିବାବେଳେ ଚଳିତ ଥର ଏହା ଅଫ୍‌ଲାଇନ୍ ବା କାଗଜ କଲମରେ ହେବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।


Hero



ଲକ୍ଷ୍ୟ ସହିତ ବୁଝାମଣା ନାହିଁ।
ଘରକୁ ଆଣନ୍ତୁ, ମାଇଲେଜ୍ ର ହିରୋ
ନୂଆ HF-Deluxe
ସ୍ପେଶାଲ ଅଫର୍
ଏକ୍ସ-ଶୋରୁମ ମୂଲ୍ୟ ₹63,948
INDIA'S FIRST 5 YEAR WARRANTY
6000 km 6 Months ସର୍ଭିସ୍ ଇଣ୍ଟରଭଲ୍
କଲ୍ ଟୋଲ ଫ୍ରି 1800 266 0018
ନୂଆ ଫିଚର୍ସ
ଜବରଦସ୍ତ ମାଇଲେଜ୍ XSENS with PROGRAMMED FI | କମ ମେଣ୍ଟେନାନ୍ସ ଖର୍ଚ୍ଚ | ଅଦ୍ଭୁତ ମଜଭୁତ କର୍ବ ୱେଟ୍ 112 କିଲୋ | ଜବରଦସ୍ତ ପାୱାର 5.9 kW | ଉତ୍ତମ ସୁରକ୍ଷା 130 mm ରିୟର ବ୍ରେକ୍ | USB ଚାର୍ଜର | 3 ଆକର୍ଷକ ଷ୍ଟ୍ରାଇପ୍ସ
କମ ସୁଧ ହାର @ 6.99%^ | କମ ଡାଉନ ପେମେଣ୍ଟ ₹5999^ | ଆଧାର ଆଧାରିତ^ ଲୋନ୍ ଏବଂ କ୍ୟାଶ୍ EMI | ₹1,000* ବଡ଼ ବଡ଼ ସରକାରୀ ଏବଂ କର୍ପୋରେଟ୍ କର୍ମଚାରୀ ମାନଙ୍କ ପାଇଁ ଅତିରିକ୍ତ ଲାଭ | ₹3,000* Flipkart ରେ ମଧ୍ୟ ଉପଲବ୍ଧ | କୌଣସି ହାଇପୋଥିକେସନ୍ ନାହିଁ

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us at www.HeroMotoCorp.com or call our toll-free no.: 1800 266 0018 . Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. *Offer is for a limited period or till stock lasts. Offer amount may vary for model/variant and states. ^Starting price of HF100 in Bhubaneswar.

For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

**Authorized Dealers: Bhubaneswar: Rohan Hero** - 9289922474, **Bharat Hero** - 7799766378, **DD Hero** - 0674-2747448 / 9439650824, **Arundhati Hero** - 9289923183, **Cuttack: JMG Hero** - 9289922178, **Sunny Hero** - 9289922697, **Essen Hero** - 9289923078, **Angul: Parbati Hero** - 9289922902, **Balasore: Neelam Hero** - 9289922519, **Baripada: Aditya Hero** - 7799766370, **Bhadrak: Sanjib Hero** - 9289922608, **Chandikhol: S. K. Hero** - 9289922900, **Jajpur Road: Soumik Hero** - 9289922611, **Jaleswar: Sai Hero** - 9289922844, **Jatni: Vishal Hero** - 9289922984, **Keonjhar: Supreme Hero** - 9289922182, **Nayagarh: Bhagabati Hero** - 9289922687, **Puri: Sanjib Hero** - 9289923107, **Behrampur: Lakshmi Motors, Dharma Nagar** - 9289923187, **Lakshmi Automotives, Gajapati Nagar** - 9289922184, **Jeypore: Supreme Hero** - 9289922183, **Phulbani: Narayani Hero** - 9289922991, **Raygada: Ajit Hero** - 9289922819, **Bargarh: Aakash Hero** - 9289922181, **Bhawanipatna: Arundhati Hero** - 9289922837, **Bolangir: Arundhati Hero** - 9289923033, **Jharsuguda: Vijaylaxmi Hero** - 9289922595, **Rourkela: Dua Hero** - 9289922179, **Sambalpur: Sri Shyam Hero** - 9289922484, **Sonepur: Jai Jawan Hero** - 9289922800, **Sundergarh: Robotech Hero** - 9289923063, **Dhenkanal: Som Hero** - 9289922614, **Talcher: Tarini Hero** - 9289922736. **Authorized HeroSure Dealers: Bhubaneshwar: Arundhati Motobikes** - 7682841658, **Rourkela: Dua Motors** - 6372753989.

WT.5687.2024ORI

## ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀ

# ସଙ୍ଗୀତାଙ୍କୁ କଣ୍ଟା ଆତ୍ମଘାତୀ ନେତା

**ବଲାଙ୍ଗିର, ୨୧।୪ (ସମିସ):** ବଲାଙ୍ଗିର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢ଼ିବା ନେଇ ଘୋଷଣା ହେବା ପରେ ଏବେ ବିଜେପି ଶିବିରରେ ଛନକା ପଶିଛି। ମୋଦୀ ଲହରରେ ଏହି ଆସନରୁ ପୁଣିଥରେ ବିଜେପି ଲୋକସଭା ଆସନ ହାତେଇବା ଆଶାରେ ରହିଥିବା ବେଳେ ବିଜେଡିର ଏହି ରଣନୀତି (କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା) ସେଥିରେ ବଡ଼ ବାଧକ ସାଜିଥିବା ଚର୍ଚ୍ଚା ହେଉଛି। ବିଜେଡି ଏଠାରେ ପୂର୍ବତନ ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ସିଂ ଭୋଇଙ୍କୁ ଟିକଟ ଦେଇ ଆଦିବାସୀ କାର୍ଡ ଖେଳିଥିବା ବେଳେ ବିଜେପିରୁ ପୁଣିଥରେ ସଙ୍ଗୀତା କୁମାରୀ ସିଂହଦେଓ ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ଗତଥର ଭଳି ସଙ୍ଗୀତାଙ୍କ ପାଇଁ ବିଜୟ ଏଥର ଏତେଟା ସହଜ ହେବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି। ସେମାନଙ୍କ କହିବା କଥା, ଦଳ ଭିତରେ ବିରୋଧ, ଟିକଟ ପାଇ ନଥିବା ଅସନ୍ତୁଷ୍ଟଙ୍କ ଖୋଲାଖୋଲି ଚ୍ୟାଲେଞ୍ଜ ସଙ୍ଗୀତାଙ୍କ ମୁଣ୍ଡବ୍ୟଥାର କାରଣ ହୋଇଥିବା ବେଳେ ଏବେ ଜିଲ୍ଲାରୁ ମୁଖ୍ୟମନ୍ତ୍ରୀଙ୍କ ଭଳି ଜଣେ ହେଭିୱେଟ୍ ପ୍ରାର୍ଥୀ ହେବା ତାଙ୍କ ଚିନ୍ତା ବଢ଼ାଇ ଦେଇଛି।

ଏଠିକା ବିଜେପିର ଅନ୍ଦରମହଲର ସୂଚନାନୁଯାୟୀ, ବିଜେପିର ଆଭ୍ୟନ୍ତରୀଣ ସର୍ଭେ ରିପୋର୍ଟରେ ସଙ୍ଗୀତାଙ୍କ ସ୍ଥିତି ଚିନ୍ତାଜନକ ଥିବା ଜଣାପଡ଼ିଥିଲା। ତେଣୁ ଦଳ ତାଙ୍କୁ ବିଧାନସଭା ପଠାଇବାକୁ ଚିନ୍ତା କରୁଥିଲା। କିନ୍ତୁ ରାତିଅଧିଆ ନିଷ୍ପତ୍ତି ପରିବର୍ତ୍ତନ ହେଲା, ଦଳ ପୁଣିଥରେ ତାଙ୍କୁ ଲୋକସଭା ଟିକଟ ଦେଇଥିଲା। କିନ୍ତୁ ଏହି ନିଷ୍ପତ୍ତିକୁ କିଛି ଟିକଟ ଆଶାୟୀ ନେତା ଏବେ ବିରୋଧ ଆରମ୍ଭ କରିଛନ୍ତି। ବଲାଙ୍ଗିର ସାଂସଦ ଟିକଟ ପାଇଁ ବଲରାମ ସିଂ ଯାଦବ (ବଲ୍ଲୁ) ଲବି କରିଥିବା ଚର୍ଚ୍ଚା ହେଉଥିଲା। ଯାହାକୁ ନେଇ ସଙ୍ଗୀତା ଓ ବଲ୍ଲୁଙ୍କ ମଧ୍ୟରେ ଶୀତଳଯୁଦ୍ଧ ଲାଗି ରହିଥିଲା। ଏହାକୁ ନେଇ ଅନେକ ଘଟଣାକ୍ରମ ରହିଥିବା ବେଳେ ସଙ୍ଗୀତାଙ୍କୁ



ଟିକଟ ମିଳିବା ପରେ ତାଙ୍କୁ ହରାଇବା ପାଇଁ ବଲ୍ଲୁ ଯାଦବ ସ୍ୱାଧୀନ ଭାବେ ଲୋକସଭା ନିର୍ବାଚନ ଲଢ଼ିବେ ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି। କେବଳ ଏତିକି ନୁହେଁ, ବଲ୍ଲୁଙ୍କ ସମର୍ଥକମାନେ ମଧ୍ୟ ସାଂସଦଙ୍କ ବିରୋଧରେ ପ୍ରଚାର କରିବେ ବୋଲି ଚେତାବନୀ ଦେଇସାରିଛନ୍ତି।

ସେହିପରି ସାଂସଦଙ୍କ ସ୍ଥାନୀୟ ବିଧାୟକ ପ୍ରାର୍ଥୀମାନଙ୍କ ସହ ସମ୍ପର୍କ ସେତେଟା ଭଲ ନ ଥିବା ଚର୍ଚ୍ଚା ହେଉଛି। ଲୋଇସିଂହା ବିଧାୟକଙ୍କ ବିରୋଧରେ ସାଂସଦ ଗୋଷ୍ଠୀର କିଛି ବିଜେପି କର୍ମୀ ଅଭିଯୋଗ କରିଥିଲେ। ଯାହାକୁ ନେଇ ସେ ଖପ୍ପା ଥିବା ବେଳେ ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଓ ତାଙ୍କ ସମର୍ଥକ ସାଂସଦଙ୍କ ବିରୋଧରେ ଯାଇପାରନ୍ତି ବୋଲି ଆଲୋଚନା ହେଉଛି। ସେହିପରି ଟିଟିଲାଗଡ଼ ପ୍ରାର୍ଥୀ ହୋଇଥିବା

- ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ଲଢ଼ିବା ଘୋଷଣା ପରେ ବିଜେପି ଶିବିରରେ ଛନକା
- ବଦଳୁଛି ରାଜନୀତି ସମୀକରଣ
- ଅସନ୍ତୁଷ୍ଟ ବଲ୍ଲୁ ଯାଦବଙ୍କ ଭୂମିକା ଉପରେ ନଜର

ନବୀନ ଜୈନଙ୍କୁ ମଧ୍ୟ ପ୍ରାର୍ଥୀ କରିବାକୁ ସାଂସଦ କୁଆଡ଼େ ଚାହୁଁ ନଥିବା ଚର୍ଚ୍ଚା ହେଉଥିଲା। ଏପରିକି ବିଜେଡି ପ୍ରାର୍ଥୀଙ୍କ ସହ ସାଂସଦଙ୍କ ସମ୍ପର୍କ ଭଲ ଥିବାରୁ ଟିଟିଲାଗଡ଼ରେ ମଧ୍ୟ ତାଙ୍କ ସମର୍ଥନ ପ୍ରଭାବିତ ହୋଇପାରେ। ସେହିପରି ବଲାଙ୍ଗିର ସଦର ଆସନରେ ତାଙ୍କ ଅନୁଗତ ଗୋପାଳଜୀ ପାଣିଗ୍ରାହୀ ଟିକଟ ପାଇଥିବା ବେଳେ ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଅନନ୍ତ ଦାସ ତାଙ୍କ ବିରୋଧରେ ଲାଗିଥିବା ସ୍ପଷ୍ଟ ହୋଇଛି। ଏ ସବୁ ଭିତରେ ଏବେ ବିଜେଡିର ମାଷ୍ଟରଷ୍ଟ୍ରୋକ୍ ବିଜେପି ପାଇଁ ଆହୁରି ଚିନ୍ତା ବଢ଼ାଇଛି।

ସଙ୍ଗୀତାଙ୍କ ସହ ବିଜେଡିରୁ ସୁରେନ୍ଦ୍ର ସିଂ ଭୋଇ ଓ କଂଗ୍ରେସରୁ ମନୋଜ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ଗତ ନିର୍ବାଚନରେ ଏହି ଆସନ ପାଇଁ ଦିଅର ଭାଉଜ ମଧ୍ୟରେ ଲଢ଼େଇ ହେଉଥିଲା କିନ୍ତୁ ଏଥର ମଇଦାନରେ ଅଲଗା ପ୍ରାର୍ଥୀ ଥିବାରୁ ଲଢ଼େଇ ଆହୁରି ଜୋରଦାର୍ ହେବ ବୋଲି କୁହାଯାଉଛି।

ସୁରେନ୍ଦ୍ର ପୂର୍ବରୁ ବିଧାୟକ ରହିଥିବା ବେଳେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ତାଙ୍କର ଭଲ ସଂଗଠନ ରହିଛି। ଯେହେତୁ ସେ ଅନ୍ୟ ଦଳରୁ ଆସି ବିଜେଡି ପ୍ରାର୍ଥୀ ହୋଇଛନ୍ତି, ବଲାଙ୍ଗିର ଲୋକସଭା ଆସନ ଅଧୀନ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ୭ ବିଧାୟକ ପ୍ରାର୍ଥୀ ନିଜ ଭୋଟ ସହ ତାଙ୍କ ପାଇଁ ଭୋଟ ଭିକ୍ଷା କରିବାକୁ କଡ଼ା ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି। ଏହାରି ଭିତରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେଉଥିବାରୁ ଏହା ବିଜେଡିକୁ ଆହୁରି ଫାଇଦା ଦେବ ବୋଲି ଚର୍ଚ୍ଚା ହେଉଛି। ଦଳ ଏକ ହୋଇ ଲଢ଼େଇ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱର ପ୍ରଭାବ ଲୋକସଭା ନିର୍ବାଚନମଣ୍ଡଳୀରେ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି। ଏସବୁ ଦୃଷ୍ଟିରୁ ବିଜେଡି ଲୋକସଭା ଆସନରେ ଆହୁରି ସୁଦୃଢ଼ ହୋଇଥିବା ବେଳେ ବିଜେପିକୁ ଏବେ ପରାଜୟ ଭୟ ଘାରିଥିବା ଆଲୋଚନା ହେଉଛି।

## ବିଞ୍ଝାରପୁରରେ ଜମିଲାଣି ପ୍ରଚାର

# ମଇଦାନରେ ତିନି ମହିଳା ପ୍ରତିଦ୍ୱନ୍ଦ୍ୱୀ

**ବିଞ୍ଝାରପୁର, ୨୧।୪(ସମିସ):** ଯାଜପୁର ଜିଲ୍ଲାର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ବିଞ୍ଝାରପୁର ବିଧାନସଭା ଆସନ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳରୁ ତିନିଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଶାସକ ବିଜୁ ଜନତା ଦଳ ଭେଟେରାନ୍ ଲିଡର୍ ପ୍ରମିଳା ମଲ୍ଲିକ ଅଷ୍ଟମଥର ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ପୂର୍ବରୁ ୭ଥର ବିଧାୟକ ହୋଇଥିବା ପ୍ରମିଳା ଏଥର ଅଷ୍ଟମଥର ବିଧାନସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚନରେ ବିରୋଧୀ ବିଜେପି ଏଠାରେ ପ୍ରମିଳାଙ୍କଠାରୁ ଏକାଧିକଥର ପରାଜିତ ହୋଇଥିବା ନେତ୍ରୀ ବବିତା ମଲ୍ଲିକଙ୍କୁ







ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷା କନକଲତା ମଲ୍ଲିକ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ତିନି ପ୍ରମୁଖ ଦଳର ମହିଳା ପ୍ରାର୍ଥୀ ଏବେ ମହିଳାମାନଙ୍କୁ ନିଜ ଆଡ଼କୁ ଟାଣିବାକୁ ଉଦ୍ୟମ କରିଛନ୍ତି।

ବବିତାଙ୍କୁ ପ୍ରାର୍ଥୀ କରିବା ପରେ ବିଜେପିର ଆଉ ଗୋଟିଏ ଗୋଷ୍ଠୀ ଯେଉଁମାନେ ଅମୀୟ ମଲ୍ଲିକଙ୍କ ସମର୍ଥକ ସେମାନେ ଭାଙ୍ଗି ପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ବିଜେଡି ଶିବିରରେ ମିଶି ଯାଇଛନ୍ତ। ଆଉ କେତେକ ଅମୀୟଙ୍କ ନିଷ୍ପତ୍ତିକୁ ଅପେକ୍ଷା ରଖିଛନ୍ତି। ତେଣୁ ବିଜେପି ଭିତରେ କୁହୁଳୁଥିବା ଅସନ୍ତୋଷରୁ ଫାଇଦା ଉଠାଇପାରନ୍ତି ବିଜେଡିର ଅଭିଜ୍ଞ ପ୍ରାର୍ଥୀ ପ୍ରମିଳା। ତେବେ କଂଗ୍ରେସ ଦଳରେ ବହୁଦିନ ଧରି ପଡ଼ି ରହି ଶେଷରେ ଟିକଟ ପାଇଥିବା କନକଲତା କଂଗ୍ରେସ ଅନୁଗାମୀ ଓ ସମର୍ଥକମାନଙ୍କୁ ଏକଜୁଟ କରିବାର ଲାଗିଛନ୍ତି। କଂଗ୍ରେସ ଦଳର ଘୋର ବିପର୍ଯ୍ୟୟ ଭିତରେ ଗତି କରୁଥିବା ବେଳେ ଗୋଷ୍ଠୀ କନ୍ଦଳ କିଛି ବି କମ୍ ନୁହେଁ। କଂଗ୍ରେସ ଦଳର ଏହି ଦୁର୍ବଳତାରୁ ଫାଇଦା ନେବା ପାଇଁ ବିଜେଡି ପ୍ରାର୍ଥୀ ରାଜନୈତିକ ଗୋଟି ଚାଳନା କରିବା ଅସମ୍ଭବ ଲାଗୁନାହିଁ। ବାରମ୍ବାର ପରାଜୟକୁ ସାମ୍ନା କରୁଥିବା ବବିତା ନିଜର ରଣନୀତିରେ ସୁଧାର ଆଣିବା ଉଚିତ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ବିଜେଡି ଶିବିରକୁ ପ୍ରାର୍ଥୀ ପ୍ରମିଳା ମଲ୍ଲିକ ସଚଳ କରି ଦେଇଛନ୍ତି। ବିଜେପି ନେତ୍ରୀ ବବିତା ମଲ୍ଲିକ ତାଙ୍କର ଧରାବନ୍ଧା କର୍ମୀଙ୍କୁ ଲଗାଇ ମନ୍ଥର ଗତିରେ କାମ ଆରମ୍ଭ କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ କନକଲତା ମଲ୍ଲିକ ଦଳର ସବୁ କର୍ମୀ ଓ ନେତାଙ୍କୁ ଏକାଠି କରାଇବା ପାଇଁ ଧାଁଧପଡ଼ ଆରମ୍ଭ କରି ଦେଇଛନ୍ତି। ତେବେ ଶେଷ ପର୍ଯ୍ୟାୟରେ ବିଞ୍ଝାରପୁରରେ ନିର୍ବାଚନ ଥିବାରୁ ଏବେ ନେତାଙ୍କ ତାତି ଧୀରେଧୀରେ ବଢୁଥିବା ବେଳେ କର୍ମୀ ମଧ୍ୟ ଉତ୍ସାହିତ ଅଛନ୍ତି।

# କଣ୍ଟାମାଳ: ହ୍ୟାଟ୍ରିକ୍ ଲକ୍ଷ୍ୟରେ ମହୀଧର

**ବୌଦ୍ଧ, ୨୧।୪(ସମିସ):** ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ ମସିହାରେ ନୂତନ ଭାବେ ସୃଷ୍ଟି ହୋଇଥିବା ବୌଦ୍ଧ ଜିଲ୍ଲାର ଏକ ନିର୍ବାଚନମଣ୍ଡଳୀ ହେଉଛି କଣ୍ଟାମାଳ। ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ କଣ୍ଟାମାଳ ଏବଂ ବୌଦ୍ଧ ଦୁଇଟି ବିଧାନସଭା କ୍ଷେତ୍ର ରହିଛି। ଜିଲ୍ଲାର କଣ୍ଟାମାଳ ବ୍ଲକର ସମସ୍ତ ୨୪ଟି ପଞ୍ଚାୟତ ଏବଂ ବୌଦ୍ଧ ବ୍ଲକର ୧୦ଟି ପଞ୍ଚାୟତ ଏହିଭଳି ମୋଟ ୩୬ଟି ପଞ୍ଚାୟତକୁ ନେଇ ଗଠିତ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ।

କଣ୍ଟାମାଳ ନିର୍ବାଚନମଣ୍ଡଳୀ ଗଠିତ ହେବା ପରେ ଏଠାରେ କ୍ରମାଗତ ଭାବେ ବିଜେଡି ନିଜର ପତିଆରା ଜାହିର କରିଆସୁଛି। ୨୦୦୯ରେ ପ୍ରଥମଥର ପାଇଁ ଭଗବାନ କହଁର ବିଜେଡି ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ଏହି ନିର୍ବାଚନମଣ୍ଡଳୀରୁ ବିଜୟ ହୋଇଥିଲେ। ଶ୍ରୀ କହଁର ୪୫୯୭୯ଖଣ୍ଡ ଭୋଟ ପାଇ ନିକଟତମ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୪୪୫୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

୨୦୧୪ ନିର୍ବାଚନରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମହୀଧର ରଣାଙ୍କୁ



କଣ୍ଟାମାଳ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଭାବରେ ନାମ ଘୋଷଣା କରିଥିଲେ। ନବୀନଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ମହୀଧର ଜନସାଧାରଣଙ୍କ ନିକଟକୁ ଯାଇ ନିର୍ବାଚନରେ ବିଜେଡିକୁ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଲୋକେ ଭରସା କରି ବିଜେଡି ବିଧାୟକ ପ୍ରାର୍ଥୀ ମହୀଧର ରଣାଙ୍କୁ ବହୁ ମତରେ ଜିତାଇଥିଲେ। ଏହି ନିର୍ବାଚନରେ ଶ୍ରୀ ରଣା ୪୯୨୦୨ ଖଣ୍ଡ ଭୋଟ ପାଇ ନିକଟତମ କଂଗ୍ରେସ ପ୍ରତିଦନ୍ଦ୍ୱୀଙ୍କଠାରୁ ୨୫୩୬୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେହିପରି ୨୦୧୯ ନିର୍ବାଚନରେ ମଧ୍ୟ ବିଧାୟକ ମହୀଧର ୪୩୦୯୯ ଖଣ୍ଡ ଭୋଟ ପାଇ ନିକଟତମ ବିଜେପି ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩୬୫୦ ଖଣ୍ଡ ଭୋଟ ବ୍ୟବଧାନରେ ପୁନର୍ବାର ବିଜେଡି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। କ୍ରମାଗତ ଦୁଇଥର ବିଧାୟକ ହେଲା ପରେ ଚଳିତ ନିର୍ବାଚନରେ ପୁନର୍ବାର ବିଜେଡି ସୁପ୍ରିମୋ ତାଙ୍କ ଲୋକପ୍ରିୟତାକୁ ଦେଖି କଣ୍ଟାମାଳ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ତେଣୁ ମହୀଧର ଚଳିତ ନିର୍ବାଚନରେ ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ନିଜର ଗୋଟିଚାଳାନ ଆରମ୍ଭ କରିଛନ୍ତି।

## ବୀରମହାରାଜପୁର ବିଧାନସଭା ଆସନ

# ନିର୍ବାଚନ ପ୍ରଚାର: ଆଗରେ ପୋଖତ ପଦ୍ମନାଭ

**ବିନିକା,୨୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଓ ବୀରମହାରାଜପୁର ଆସନ ପାଇଁ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଇତିମଧ୍ୟରେ ଘୋଷଣା ହୋଇସାରିଛି। ବିନିକା, ଉଲୁଣ୍ଡା, ବୀରମହାରାଜପୁର ବ୍ଲକ ଓ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଗଠିତ ବୀରମହାରାଜପୁର ବିଧାନସଭା ଆସନରେ ଏଥର ନୂଆ କରି ସାମିଲ ହୋଇଥିବା ୫୧୮୬ଜଣ ଭୋଟରଙ୍କୁ ମିଶାଇ ମୋଟ ୧ଲକ୍ଷ ୯୦ହଜାର ୧୦୯ ଜଣ ଭୋଟର ନିଜର ମନ ପସନ୍ଦ ପ୍ରାର୍ଥୀଙ୍କ ଉପରେ ମୋହର ମାରିବେ। ଉଭୟ ବିଜେଡି ଓ ବିଜେପି ଗତ ନିର୍ବାଚନରେ ଲଢ଼ିଥିବା ପ୍ରାର୍ଥୀଙ୍କୁ ପୁଣିଥରେ ମଇଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସ ଜଣେ ନବାଗତ ଯୁବନେତା ପ୍ରଦୀପ ସେଠୀଙ୍କୁ ପ୍ରାର୍ଥୀ କରିଛି।

ବିନିକା ନିର୍ବାଚନମଣ୍ଡଳୀ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ସାମିଲ ହେବା ପରେ ୨୦୦୯ରୁ ଅଦ୍ୟାବଧି ଅର୍ଥାତ ଲଗାତାର ୩ଥର ବିଧାୟକ ମୁକୁଟ ପିନ୍ଧିଥିବା ବିଜେଡିର ପୁରୁଖା ନେତା ପଦ୍ମନାଭ ବେହେରା ପୁଣି ଥରେ ଦଳୀୟ ପ୍ରାର୍ଥୀ ହୋଇ ଚତୁର୍ଥ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ଗତଥର ବିଜେଡି ପ୍ରାର୍ଥୀଙ୍କଠାରୁ ୧୩ହଜାର ୫୭ଖଣ୍ଡ ଭୋଟରେ ପରାଜିତ ହୋଇଥିବା ବିଜେପି ପ୍ରାର୍ଥୀ ରଘୁନାଥ ଜଗଦଲାଙ୍କ ଉପରେ ଦଳ ପୁଣିଥରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଛି। ତେବେ ଉଭୟ







ବିଜେଡି ଓ ବିଜେପି ପ୍ରାର୍ଥୀଙ୍କ ରାଜନୈତିକ ଅଭିଜ୍ଞତା ଥିବା ବେଳେ କଂଗ୍ରେସ ଜଣେ ଯୁବ ପ୍ରତିଭା ତଥା ନୂଆ ମୁହଁକୁ ପ୍ରାଥମିକତା ଦେଇଛି।

ଦୀର୍ଘ ୪୦ ବର୍ଷରୁ ଅଧିକ ଧରି ରାଜନୀତିରେ ସାମିଲ ହୋଇ ପଞ୍ଚାୟତସ୍ତରୀୟ ପ୍ରତିନିଧିଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ମନ୍ତ୍ରୀ, ବିଧାୟକ, ସାଂସଦ ହେବା ସହ ଦଳର ବିଭିନ୍ନ ପଦପଦବୀରେ ରହିବା ଏବଂ ଲଗାତାର ବୀରମହାରାଜପୁର ବିଧାନସଭା କ୍ଷେତ୍ରରେ ପଦ୍ମନାଭ ବେହେରା ୩ଥର ବିଧାୟକ ଥିବାରୁ ସାରା ନିର୍ବାଚନମଣ୍ଡଳୀରେ ତାଙ୍କର ଲୋକସମ୍ପର୍କ ଦୃଢ଼ ରହିଛି। ସେହିପରି ବିଜେପି ପ୍ରାର୍ଥୀ ରଘୁନାଥ ଜଗଦଲା ଗତଥରରୁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବାରୁ ନିର୍ବାଚନମଣ୍ଡଳୀ ସାରା ପ୍ରାୟ ତାଙ୍କୁ ଜାଣିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ନୂଆମୁହଁ ଯୁବନେତା ପ୍ରଦୀପ ସେଠୀଙ୍କୁ ନିର୍ବାଚନମଣ୍ଡଳବାସୀ ଊଣା ଅଧିକେ ଜାଣିଛନ୍ତି। ତେଣୁ ସେ ଚିହ୍ନାମୁହଁ ହେବାକୁ ଅଧିକ କସରତ ଚଳାଇଛନ୍ତି। ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି। ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ନେତାମାନେ ନିର୍ବାଚନ ବୈତରଣୀ ପାରି ପାଇଁ ଲୋକ ସମ୍ପର୍କ ଅଭିଯାନକୁ ଗୁରୁତ୍ୱ ଦେଉଥିବା ବେଳେ ଆଉ କେତେକ ପ୍ରାର୍ଥୀ ଗାଁଠୁ ସହର ବୁଲି ନିର୍ବାଚନ ପ୍ରଚାର, ସଭା ସମିତି, କର୍ମୀ ସମ୍ମିଳନୀ କରି ନିର୍ବାଚନ ପ୍ରଚାରକୁ ଆଗେଇ ନେଇଥିବା ଦେଖିବାକୁ ମିଳୁଛି।

# ବିଜେଡିରେ ଯୋଗଦେଲେ ରେଙ୍ଗାଲିର ବିଜେପି ନେତା ଓ କର୍ମୀ



**ଭୁବନେଶ୍ୱର,୨୦।୪(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଜେପି ନେତା ଓ କର୍ମୀ ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଛନ୍ତି। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି। ନୂଆ ଓଡ଼ିଶା ଗଠନ ଦିଗରେ ସେମାନେ କାର୍ଯ୍ୟ କରିବେ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଉତ୍ପଳା ଧାରୁଆ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଦ୍ୟୁତପ୍ରଭା ଯୋଶୀ, ପ୍ରେମାନନ୍ଦ ବ୍ରିହେତ, ଆଶିଷ କୁମାର ପଣ୍ଡା, ସୁରେଶିନୀ ଓରାମ, ବୀରେନ୍ଦ୍ର ରାଉତ, ଓମପ୍ରକାଶ ସା ଓ ଅନିରୁଦ୍ଧ ମାଝୀଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ବିଜେଡ଼ି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ଗୋପାଳପୁର ନିର୍ବାଚନମଣ୍ଡଳୀ

# ବିରୋଧୀଙ୍କ ଜନବିରୋଧୀ କାର୍ଯ୍ୟର ଫାଇଦା ନେବା ଆଶାରେ ବିଜେଡି

**ବ୍ରହ୍ମପୁର, ୨୧।୪(ସମିସ):** ଗଞ୍ଜାମ ଜିଲ୍ଲାର ଅନ୍ୟତମ ଚର୍ଚ୍ଚିତ ବିଧାନସଭା ଆସନ ଗୋପାଳପୁରରେ ପ୍ରତିଥର କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥାଏ। ଚଳିତ ନିର୍ବାଚନରେ ମଧ୍ୟ ସମସ୍ତଙ୍କ ଦୃଷ୍ଟି ଗୋପାଳପୁର ଉପରେ ରହିଛି। ଏଠାରେ ଲଗାତାର ବିଜୟୀ ହୋଇ ଆସୁଥିବା ବିଜେଡି ଚଳିତଥର ରେକର୍ଡ ଭୋଟରେ ବିଜୟ ହାସଲ କରିବା ଆଶାରେ ରହିଛି। ବ୍ରହ୍ମପୁର ବିଧାୟକ ତଥା ଯୁବନେତା ବିକ୍ରମ କୁମାର ପଣ୍ଡାଙ୍କୁ ଏଥର ବିଜେଡି ଏଠାରୁ ପ୍ରାର୍ଥୀ କରିଛି। ଗତ ୬ ମାସ ହେବ ସେ ଗୋପାଳପୁର ଦାୟିତ୍ୱ ନେଇଥିଲେ ହେଁ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ସମସ୍ତ ପ୍ରୟାସ ଚଳାଇଛନ୍ତି। ଅପରପକ୍ଷେ, ଏଠାରେ ଥିବା ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ କୋଳେଇ ନେଇ ତାଙ୍କୁ ଲୋକସଭା ପ୍ରାର୍ଥୀ କରାଇବା ପରେ ବିଜେପି ପ୍ରତି ଭୋଟରଙ୍କ ମଧ୍ୟରେ ଏକପ୍ରକାର ଅସନ୍ତୋଷ ଭାବ ଜାତ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ବିକ୍ରମ ଏହାର ପୂରା ଫାଇଦା ନେବାକୁ ଜୋରସୋର୍‌ରେ ଲାଗି ପଡ଼ିଛନ୍ତି।

୨୦୦୯ ମସିହାରୁ ଏଯାବତ୍ ଏଠାରେ ବିଜୁ ଜନତା ଦଳ ବିଜୟୀ ହୋଇଆସିଛି। ବିଜେଡି ଟିକଟରେ ଏଠାରୁ ତିନିଥର ବିଜୟୀ ହୋଇଥିବା ଡଃ ପ୍ରଦୀପ ପାଣିଗ୍ରାହୀଙ୍କୁ ଜନବିରୋଧୀ କାର୍ଯ୍ୟ ପାଇଁ ବିଜେଡି ତାଙ୍କୁ ଦଳରୁ ବାଦ୍ ଦେଇଛି। ଏହା ପରଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଏହି ନିର୍ବାଚନମଣ୍ଡଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଆସୁଛନ୍ତି। ଏଠାରେ ଅନେକ ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ବିଜେଡିକୁ ଫାଇଦା ଦେବ ବୋଲି କୁହାଯାଉଛି।

- ପ୍ରଦୀପଙ୍କୁ କୋଳେଇବା ପରେ ବିଜେପି ପ୍ରତି ବିମୁଖ ଭୋଟର୍!
- ଅସନ୍ତୁଷ୍ଟଙ୍କୁ ମନେଇବାରେ କଂଗ୍ରେସ ବ୍ୟସ୍ତ

ଅପରପକ୍ଷେ ବିଜେପି ଏଠାରେ ବିଭୂତି ଭୂଷଣ ଜେନାଙ୍କୁ ଟିକଟ ଦେଇଛି। କିନ୍ତୁ ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେପି ନିଜ ଶିବିରରେ ସାମିଲ କରିଥିବାରୁ ଏହାର ପ୍ରତିଫଳନ ବିଭୂତି ଓ ବିଜେପିକୁ ଅଡୁଆ କରିପାରେ ବୋଲି କୁହାଯାଉଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପି ଏଠାରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଯେଉଁ କିଛି ଜିଲ୍ଲା ପରିଷଦ ଜୋନ ବିଜେପି ଖାତାରେ ଥିଲା, ତାହା ମଧ୍ୟ ବିଜେଡି ହାତକୁ ଚାଲିଯାଇଛି। ଫଳରେ ବିଜେପି ଏବେ ତା'ର ସଂଗଠନ ସଜାଡ଼ିବା ଚିନ୍ତାରେ ରହିଛି।

କଂଗ୍ରେସ ଶ୍ୟାମ ସୁନ୍ଦର ସାହୁଙ୍କୁ ପ୍ରାର୍ଥୀ କରିଛି। କିନ୍ତୁ ଦଳୀୟ ସଂଗଠକଙ୍କୁ ବାଦ୍ ଦେଇ ଶ୍ୟାମସୁନ୍ଦରଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଦଳ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ମୁଣ୍ଡ ଉପରେ ନିର୍ବାଚନ ଥିବା ବେଳେ ଅସନ୍ତୁଷ୍ଟଙ୍କୁ ମନେଇ ନିଜ ସପକ୍ଷରେ ଆଣିବା ଶ୍ୟାମସୁନ୍ଦରଙ୍କ ପାଇଁ ଦୁରୁହ ବ୍ୟାପାର ହୋଇପାରେ। ଅପରପକ୍ଷେ, ନବୀନ ବାବୁଙ୍କ ଲୋକପ୍ରିୟ ଯୋଜନା ଗୋପାଳପୁରରେ ବିଜେଡିକୁ ଜିତାଇବ ବୋଲି ବିଜେଡି ପ୍ରାର୍ଥୀ ବିକ୍ରମ ପଣ୍ଡା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସ୍କୁଲ-କଲେଜ ରୂପାନ୍ତରଣ, ମନ୍ଦିର, ମସଜିଦ୍‌ର ଉନ୍ନତି, ପିଲାଙ୍କ ଲାଗି ଛାତ୍ରବୃତ୍ତି, ଜେଟି ସ୍ଥାପନ, କିଆଫୁଲ ଚାଷୀଙ୍କୁ ଅନୁଦାନ ଓ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ସ୍ୱତନ୍ତ୍ର ଯୋଜନା ବିଜେଡି ଲାଗି ବେଶ୍ ସହାୟକ ହେବ। ଅପରପକ୍ଷେ ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜେଡିକୁ ଅଭୂତପୂର୍ବ ସଫଳତା ଚଳିତଥର ବିଧାନସଭା ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ସେ ଆଶାବାଦୀ ରହିଛନ୍ତି।

## କୋରେଇ ବିଧାନସଭା ଆସନ

# ସଞ୍ଚିତାଙ୍କ ଶରଣରେ ଆକାଶ



**ବ୍ୟାସନଗର,୨୧।୪(ସମିସ):** ଯାଜପୁର ଜିଲ୍ଲାର ବହୁଚର୍ଚ୍ଚିତ କୋରେଇ ନିର୍ବାଚନମଣ୍ଡଳୀରେ ଘଡିକେ ଘୋଡ଼ା ଛୁଟୁଛି। ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ବିଜେପି ଓ କଂଗ୍ରେସ ଏଠାରୁ ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ୍ୟ ଏଯାଏଁ ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରିନାହିଁ। ପୂର୍ବତନ କୋରେଇ ବିଧାୟକ ଆକାଶ ଦାସନାୟକ ନିକଟରେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି। ତେଣୁ ବିଜେପି ଆକାଶଙ୍କ ଉପରେ ବାଜି ଲଗାଇ ନିର୍ବାଚନୀ ବୈତରଣୀ ପାର ହେବାକୁ ବସିଛି। କିନ୍ତୁ ବିଜେପିରେ ଆକାଶଙ୍କ ହଠାତ୍ ଯୋଗଦାନ ଏବଂ ତାଙ୍କୁ ଟିକଟ ପ୍ରଦାନ କରାଯିବାକୁ ନେଇ କୋରେଇ ବିଜେପିର ଦୁଇ ତୁଙ୍ଗନେତା ଆଲେକ୍ସଜାଣ୍ଡର୍ ଦାସ ଓ ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ସହଜରେ ଗ୍ରହଣ କରିପାରିନାହାନ୍ତି। ଏକଥା ଏଇଥିପାଇଁ ଉଠୁଛି ଯେ ଆକାଶ ବିଜେପି ଟିକଟ ପାଇବାକୁ ଇତିମଧ୍ୟରେ ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏହି ଦୁଇ ନେତା ଆକାଶଙ୍କୁ ଧରାଛୁଆଁ ଦେଉନଥିବା ଜଣାପଡ଼ିଛି। ଏପରିକି ଏହି ଦୁଇ ନେତା ପୂର୍ବରୁ ବିଜେପିରେ ସମାନ୍ତରାଳ ସଙ୍ଗଠନ କରୁଥିବା ଦେଖିବାକୁ ମିଳିଥିବା ବେଳେ ଏବେ ଦୁହେଁ ଏକାଠି ହୋଇ ଆକାଶକୁ ଚେକ୍ ଦେବାକୁ ଯୋଜନା କରୁଥିବା ଜଣାପଡ଼ୁଛି।

ଆକାଶଙ୍କୁ ଟିକଟ ମିଳିବା ପରେ ତାଙ୍କ ନିଜ ପଞ୍ଚାୟତ ଲକ୍ଷ୍ମୀନଗରର ଅନ୍ୟତମ ବିଜେପି ନେତା ଆଲେକ୍ସଜାଣ୍ଡରଙ୍କ ଶତାଧିକ ସମର୍ଥକ ଭୁବନେଶ୍ୱର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏହାକୁ ଦୃଢ଼ ବିରୋଧ କରିଥିଲେ। ଏପରି ସ୍ଥିତିରେ ଆକାଶ ଘରକୁ ଘର ବୁଲି ନିଜ ସଙ୍ଗଠନ ସଜାଡୁଥିବା ବେଳେ ଦଳର ଏହି ଦୁଇ ପୁରୁଖା ନେତା ତାଙ୍କର ମୁଖ୍ୟ ଗୃହଶତ୍ରୁ ପାଲଟିଛନ୍ତି। ବିଗତ ଦିନରେ ଆକାଶଙ୍କ ରହିଥିବା ସଙ୍ଗଠନକୁ ଭାଙ୍ଗିବାକୁ ଏହି ଦୁଇ ନେତା ରୀତିମତ ଚେଷ୍ଟା ଚଳାଇଛନ୍ତି। ଆଲେକ୍ସ ଓ ବିଶ୍ୱଜିତ ଗୋଷ୍ଠୀ ତାଙ୍କୁ ପଛକୁ ଟାଣୁଥିବା ଜଣାପଡ଼ିଛି। ଏପରିକି ବିଜେପିର ଏକ ବଡ଼ ଗୋଷ୍ଠୀଙ୍କ ସହଯୋଗ ବଳରେ ଏହି ଦୁଇନେତା ଆକାଶଙ୍କୁ ଖୋଲାଖୋଲି ବିରୋଧ କରିବାକୁ ସାହସ ପାଉଥିବା ଜଣାପଡ଼ିଛି। ଏହାରି ମଧ୍ୟରେ ନିର୍ବାଚନୀ ବୈତରଣୀ ପାର ହେବାକୁ ଆକାଶ କୋରେଇର ପୂର୍ବତନ ବିଧାୟିକା ସଞ୍ଚିତାଙ୍କ ଶରଣାପନ୍ନ ହୋଇଛନ୍ତି। ମେଣ୍ଟ ସରକାର ସମୟରେ ସଞ୍ଚିତା ଏଠାରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ସେହି ପୁରୁଣା ସଂଗଠନ ଓ କାଁ ଭାଁ ସମର୍ଥକଙ୍କୁ ଭରସା କରି ସଞ୍ଚିତାଙ୍କ ଶରଣାପନ୍ନ ହୋଇଛନ୍ତି ଆକାଶ। ଅନ୍ୟପକ୍ଷରେ କଂଗ୍ରେସ ପୁନର୍ବାର ବନ୍ଦିତା ପରିଡ଼ାଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜୁ ଜନତା ଦଳ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ।

**ଧରାଛୁଆଁ ଦେଉନାହାନ୍ତି ଆଲେକ୍ସ ଓ ବିଶ୍ୱଜିତ**

# ଦଳ ଛାଡ଼ି ପୁଅ କ୍ୟାରିୟର ବନାଇବାକୁ ଲାଗିଛନ୍ତି ୩ ପୂର୍ବତନ ମୁଖ୍ୟମନ୍ତ୍ରୀ


ଅଶୋକ ଗେହଲଟଙ୍କ ପୁଅ ବୈଭବ


କମଲନାଥଙ୍କ ପୁଅ ନକୁଲନାଥ

ରାଜସ୍ଥାନର ୨୫ ଲୋକସଭା ଆସନ ଜିତିବା ପାଇଁ ବିଜେପି ଏବଂ କଂଗ୍ରେସ ଜୋରଦାର ପ୍ରୟାସ କରୁଛନ୍ତି। ଉଭୟ ଦଳ ଏଥିପାଇଁ ସମସ୍ତ ସାମର୍ଥ୍ୟକୁ ଲଗାଇ ଦେଇଛନ୍ତି। ବରିଷ୍ଠ ନେତାମାନେ ରାଜ୍ୟରେ ପ୍ରଚାରର ମଙ୍ଗ ଧରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହିତ ଅଲଗା ଅଲଗା ରାଜ୍ୟର ମୁଖ୍ୟମନ୍ତ୍ରୀ ରାଜସ୍ଥାନରେ ପ୍ରଚାର କରୁଛନ୍ତି। କିନ୍ତୁ ଏବେ ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ନିର୍ବାଚନରେ ଅଧିକ ପରିଶ୍ରମ କରୁ ନ ଥିବା ଦେଖାଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ବସୁନ୍ଧରା ରାଜେ ନିଜ ନିଜ ପୁଅର କ୍ୟାରିୟର ଗଢ଼ିବାକୁ ଲାଗିଛନ୍ତି। ପୁଅମାନଙ୍କ ପାଇଁ ସମ୍ପୂର୍ଣ୍ଣ ଜୋର୍ ଲଗାଇ ଦେଇଛନ୍ତି। ଏହା ବ୍ୟତୀତ ପଡୋଶୀ ରାଜ୍ୟ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ମଧ୍ୟ ନିଜ ପୁଅ ନକୁଲନାଥକୁ ଜିତାଇବା ପାଇଁ ଛିନ୍ଦାୱାଡ଼ାରେ ପ୍ରଚାର କରୁଛନ୍ତି। ରାଜ୍ୟର ଝାଲାୱାଡ଼ ଲୋକସଭା କ୍ଷେତ୍ରରୁ ବସୁନ୍ଧରାଙ୍କ ପୁଅ ଦୁଷ୍ୟନ୍ତ ସିଂହ ମୈଦାନକୁ ଓହ୍ଲାଇଛନ୍ତି। ପୁଅକୁ ରେକର୍ଡ ଭୋଟରେ ଜିତାଇବା ପାଇଁ ସେ ପ୍ରୟାସ କରୁଛନ୍ତି। ଏହା ସହିତ ସେ ଦଳର ଷ୍ଟାର ପ୍ରଚାରକ ମଧ୍ୟ ଅଛନ୍ତି। କିନ୍ତୁ ଅନ୍ୟ ଆସନଗୁଡିକରେ ତାଙ୍କ ଉପସ୍ଥିତି ସେତେ ଭଲ ନାହିଁ। ସେ ପୁଅ ପାଇଁ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି।


ବସୁନ୍ଧରାଙ୍କ ପୁଅ ଦୁଷ୍ୟନ୍ତ ସିଂହ

ଅନ୍ୟପକ୍ଷରେ ଗେହଲଟଙ୍କ ପୁଅ ବୈଭବ ଗେହଲଟ ଜାଲୋର ସିରୋହି ଆସନରୁ ଲଢୁଛନ୍ତି। ସେ ୨୦୧୯ ରେ ଜୋଧପୁର ଆସନରୁ ଲୋକସଭା ନିର୍ବାଚନ ଲଢ଼ି ଗଜେନ୍ଦ୍ର ସିଂହ ଶେଖାୱତଙ୍କଠାରୁ ୨ ଲକ୍ଷରୁ ଅଧିକ ଭୋଟରେ ହାରି ଯାଇଥିଲେ। ଚଳିତ ଥର ଶେଖାୱତ ଜୋଧପୁରରୁ ମୈଦାନକୁ ଓହ୍ଲାଇଥିବାବେଳେ ବୈଭବ ଜାତିଗତ ଭୋଟ ପାଇଁ ନିଜ ଆସନ ବଦଳାଇ ଦେଇଛନ୍ତି। ପୁଅକୁ ଜିତାଇବା ପାଇଁ ବାପାଅଶୋଗଗେହଲଟଦିନରାତିଏକକରିଦେଇଛନ୍ତି।ପୁଅପାଇଁପ୍ରଚାରକରୁଛନ୍ତି। ସେ କିଛି ଦିନ ତଳେ ମାଳୀ ସମାଜର ବୈଠକରେ ଯୋଗ ଦେଇଥିଲେ। ଚଳିତ ଥର ପୁଅକୁ ନ ଜିତାଇଲେ ଆଉ କେହି ମାଳୀ ସମାଜର ଲୋକଙ୍କୁ ଟିକଟ ଦେବେ ନାହିଁ ବୋଲି କହିଥିଲେ। ସେହିପରି କିଛି ଦିନ ତଳେ ପ୍ରିୟଙ୍କା ଭଦ୍ରା ମଧ୍ୟ ବୈଭବଙ୍କ ପାଇଁ ପ୍ରଚାର କରିଥିଲେ।

## ୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା

### ରାଜସ୍ଥାନ: ଆସନ ସଂଖ୍ୟା ୨୫

### ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ: ବିଜେପି, କଂଗ୍ରେସ, ଆର୍‌ଏଲ୍‌ପି, ବିଏସ୍‌ପି

# ବସୁନ୍ଧରାଙ୍କ ନିରବତା ଆଣିବ ପରିବର୍ତ୍ତନ !

୨୦୨୪ ଲୋକସଭା ନିର୍ବାଚନକୁ ନେଇ ରାଜସ୍ଥାନ ଏବେ ଚର୍ଚ୍ଚାରେ ରହିଛି। ଉତ୍ତର ପଶ୍ଚିମ ଭାରତର ଏହି ରାଜ୍ୟରେ ବିଜେପିର ଦବଦବା ରହି ଆସିଥିଲା ବେଳେ ବିଗତ ଦୁଇଟି ଲୋକସଭା ନିର୍ବାଚନରେ ଦଳ ଶତ ପ୍ରତିଶତ ସଫଳତା ହାସଲ କରିଆସିଛି। ୨୦୧୪ ଲୋକସଭା ନିର୍ବାଚନରେ ବିଜେପି ୨୫ ରୁ ୨୫ ଆସନରେ ବିଜୟୀ ହୋଇଥିଲା ବେଳେ ସର୍ବାଧିକ ୫୫.୬ ପ୍ରତିଶତ ଭୋଟ ହାତେଇବାକୁ ସକ୍ଷମ ହୋଇଥିଲା। ମୁଖ୍ୟମନ୍ତ୍ରୀ ତଥା ବିଜେପିର ତୁଙ୍ଗ ନେତା ବସୁନ୍ଧରା ରାଜେଙ୍କ ନେତୃତ୍ୱରେ ଦଳ ଏହି ବିଜୟ ହାସଲ କରିଥିଲା। ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସକୁ ଏଠାରେ ଗୋଟିଏ ବି ଆସନ ମିଳି ନଥିଲା। ଏହାପରେ ୨୦୧୯ରେ ମଧ୍ୟ ବିଜେପି ସମାନ ସ୍ଥିତି ବଜାୟ ରଖିଥିଲା। ଏହି ନିର୍ବାଚନରେ ବିଜେପି ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି(ଆରଏଲପି) ସହ ମିଳିତ ଭାବେ ନିର୍ବାଚନ ଲଢିଥିଲା ବେଳେ ବିଜେପିକୁ ୨୪ ଏବଂ ଆରଏଲପିକୁ ଗୋଟିଏ ଆସନ ମିଳିଥିଲା। କିନ୍ତୁ ଚଳିତ ନିର୍ବାଚନରେ ଏହି ଧାରା ବଜାୟ ରହିବ ନା ଏଥିରେ ପରିବର୍ତ୍ତନ ଘଟିବ ତାହାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଆକଳନ କରାଯାଇଛି।

ପ୍ରଥମତଃ ବିଗତ ଦୁଇଟି ଲୋକସଭା ନିର୍ବାଚନରେ ବିଜେପି ଲଗାତର ବିଜୟୀ ହୋଇ ଆସୁଥିଲା ବେଳେ କଂଗ୍ରେସ ଗୋଟିଏ ମାତ୍ର ଆସନରେ ବିଜୟୀ ହୋଇପାରି ନାହିଁ। ତେଣୁ ଚଳିତ ନିର୍ବାଚନରେ ଭୋଟରଙ୍କ ମନ ପରିବର୍ତ୍ତନ ହୋଇପାରେ ଏବଂ କିଛି ଆସନ କଂଗ୍ରେସ ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ଯଦିଓ ପ୍ରାୟ ସମସ୍ତ ପ୍ରମୁଖ ଗଣମାଧ୍ୟମ ଆକଳନରେ ବିଜେପି ତା'ର ସ୍ଥିତି ବଜାୟ ରଖିବ ବୋଲି କୁହାଯାଉଛି, ତଥାପି କଂଗ୍ରେସ ଏଥର କିଛି ଆସନରେ ବାଜିମାତ୍ ମାରିବାର ସମ୍ଭାବନା ରହିଛି ବୋଲି ଆକଳନ କରାଯାଉଛି। ଏହା ପଛରେ ଏକ ବିଶେଷ କାରଣ ରହିଥିଲା ବେଳେ ଦଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କ କର୍ତ୍ତୃତ୍ୱ ବେଳକୁ ବେଳ ହ୍ରାସ ପାଇବା ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି। ୨୦୦୩ରୁ ବସୁନ୍ଧରା ରାଜେ ରାଣୀ ଭାବେ ଏଠାକାର ରାଜନୀତିରେ ବେଶ କ୍ଷମତା ବିସ୍ତାର କରିବା ସହିତ ରାଜ୍ୟବାସୀଙ୍କ ନିକଟରେ ଜଣେ ଲୋକପ୍ରିୟ ନେତ୍ରୀ ଭାବେ ଉଭା ହୋଇଥିଲେ। ଯାହାକୁ ନେଇ ବିଜେପି ୨୦୧୪ ଏବଂ ୨୦୧୯ ଲୋକସଭା ନିର୍ବାଚନରେ ଶତପ୍ରତିଶତ ସଫଳ ହେବାକୁ ସକ୍ଷମ ହୋଇଥିଲା। କିନ୍ତୁ ଗତ ବିଧାନସଭା ନିର୍ବାଚନରେ ଯାହା ଦେଖାଗଲା ତାହାକୁ ନେଇ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ରାଜସ୍ଥାନ ରାଜନୀତି ପାଇଁ କିଛି ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ବୋଲି ଆକଳନ କରାଯାଇଥିଲା। ଏଠାରେ ବିଜେପି ବହୁମତରେ ବିଜୟ ହାସଲ କରିଥିଲେ ମଧ୍ୟ ବସୁନ୍ଧରାଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ଦିଆଗଲା ନାହିଁ। ମୁଖ୍ୟମନ୍ତ୍ରୀ ପଦ ପାଇଁ ସେ ଦାବିଦାର ଥିଲେ ଏବଂ ଏଥିପାଇଁ ସେ ବହୁ ଉଦ୍ୟମ ମଧ୍ୟ କରିଥିଲେ। କିନ୍ତୁ ଶେଷରେ ଦଳର କେନ୍ଦ୍ରୀୟ ନେତୃତ୍ୱ ଭଜନଲାଲ ଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ କରିଥିଲା। ଏକଥା ସତ ଯେ, ଆଜିର ଦିନରେ ଦଳର ସବୁଠାରୁ ଲୋକପ୍ରିୟ ନେତା ଭାବେ ବସୁନ୍ଧରାଙ୍କ ପ୍ରଭାବ ବଳବତ୍ତର ରହିଛି। ଯାହା ହାସଲ କରିବାକୁ ଭଜନଲାଲଙ୍କ କ୍ଷେତ୍ରରେ ବର୍ଷ ବର୍ଷ ଲାଗିପାରେ। କିନ୍ତୁ ବସୁନ୍ଧରାଙ୍କୁ ଦଳ ଅଣଦେଖା କରିବା ଏବଂ ମୁଖ୍ୟମନ୍ତ୍ରୀ ପଦ ଦୌଡ଼ରୁ ଦୂରେଇ ରଖିବା ରାଜ୍ୟ ରାଜନୀତି ପାଇଁ ଏକ ଭିନ୍ନ ସ୍ଥିତି ଆଣିଥିଲା। ଯାହା ବର୍ତ୍ତମାନ ଲୋକସଭା ନିର୍ବାଚନରେ ପ୍ରତିଫଳିତ ହୋଇଥିବା ଦେଖାଯାଉଛି। ବିଜେପିର ଅତ୍ୟନ୍ତ ଲୋକପ୍ରିୟ ନେତା ଭାବେ ସେ କେବଳ ନିଜ ପୁତ୍ର ଦୁଷ୍ୟନ୍ତଙ୍କ ନିର୍ବାଚନ ମଣ୍ଡଳୀ ବ୍ୟତୀତ ଅନ୍ୟ କୌଣସି ନିର୍ବାଚନ ମଣ୍ଡଳୀରେ ପ୍ରଚାର ପ୍ରସାର ଅଭିଯାନରେ ସାମିଲ ହୋଇଥିବା ଦେଖାଯାଇ ନାହିଁ। ତାଙ୍କ ପୁଅ ଦୁଷ୍ୟନ୍ତ ଝଲାୱର-ବାରନ ଲୋକସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବସୁନ୍ଧରା କେବଳ ଏହି କ୍ଷେତ୍ରରେ ନିର୍ବାଚନ ପ୍ରଚାର କରିଥିବା ଦେଖାଯାଇଛି। ନିଜ ପୁତ୍ରର ରାଜନୀତିକ ଭବିଷ୍ୟତ ସୁରକ୍ଷାକୁ ଦୃଷ୍ଟିରେ ରଖି ବସୁନ୍ଧରା ବିଜେପି କେନ୍ଦ୍ରୀୟ ନେତୃତ୍ୱ ବିରୋଧରେ ମୁହଁ ଖୋଲୁ ନାହାନ୍ତି ବୋଲି କୁହାଯାଉଛି। କିନ୍ତୁ ତାଙ୍କର ଏହି ନିରବତା ଚଳିତ ନିର୍ବାଚନରେ ଦଳ ପାଇଁ କି ପରିଣାମ ଆଣିବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ରାଜସ୍ଥାନରେ ବିଜେପିକୁ ନେଇ ବସୁନ୍ଧରାଙ୍କ ସ୍ଥିତି ଯେଭଳି ରହିଛି କଂଗ୍ରେସର ଦକ୍ଷ ଏବଂ ଲୋକପ୍ରିୟ ନେତା ଅଶୋକ ଗେହଲଟଙ୍କ ସ୍ଥିତି ମଧ୍ୟ ସେମିତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗତ ସରକାର ସମୟରୁ ଗେହଲଟ୍ ଏବଂ ସଚିନ ପାଇଲଟଙ୍କ ମଧ୍ୟରେ ରହିଆସିଥିବା ବିବାଦରେ ଏବେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ ଏବଂ ରାଜ୍ୟରେ ସାଂଗଠନିକ ସ୍ଥିତିରେ ସେଭଳି ପରିବର୍ତ୍ତନ ଆସିଥିବା ଦେଖାଯାଇ ନାହିଁ। ତେଣଉ କଂଗ୍ରେସ ମଧ୍ୟ ବିଜେପିର ରହିଆସିଥିବା ଦବଦବାକୁ କେତେ ଦୂର ପ୍ରତିହତ କରିବାକୁ ସକ୍ଷମ ହେବ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ ହୋଇଛି। ସେପଟେ ପୂର୍ବ ରାଜସ୍ଥାନରେ ସର୍ବାଧିକ ଜାଠ ସଂପ୍ରଦାୟ ଅଧ୍ୟୁଷିତ ଶେଖାୱତି ଅଞ୍ଚଳରେ ବିଜେପି ପ୍ରତି ରହିଥିବା ଭୋଟରଙ୍କ ମାନସିକତାରେ କିଛିଟା ପରିବର୍ତ୍ତନ ହୋଇଥିବା କୁହାଯାଉଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟର ୨୫ଟି ଲୋକସଭା ଆସନ ମଧ୍ୟରୁ ୧୨ଟି ଆସନରେ ମତଦାନ ଶେଷ ହୋଇଛି। କିନ୍ତୁ ୨୦୧୯ ତୁଳନାରେ ଚଳିତ ନିର୍ବାଚନରେ ମତଦାନ ହାର କମ୍ ରହିବା ଉଭୟ ବିଜେପି ଏବଂ କଂଗ୍ରେସ ପାଇଁ ଦ୍ୱନ୍ଦ୍ୱ ଆଣିଛି। ତେବେ ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ପରେ ରାଜସ୍ଥାନ ଫଳାଫଳ କ'ଣ ହେବ ତାହା ସ୍ପଷ୍ଟ ହୋଇଯିବ ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି।




### ୨୦୧୯ ନିର୍ବାଚନ ସ୍ଥିତି

| ଦଳ | ଆସନ ସଂଖ୍ୟା | ଭୋଟ |
|---|---|---|
| ବିଜେପି | ୨୪ | ୫୯.୧% |
| ଆରଏଲପି | ୦୧ | ୨.୧% |
| ୟୁପିଏ | ୦ | ୩୪.୬% |

# ଇଣ୍ଡି ମେଣ୍ଟର ଅର୍ଦ୍ଧାଧିକ ନେତା ଜାମିନରେ: ପୀୟୂଷ ଗୋୟଲ



ଭୁଲ କରୁଥିବା ଓ କରିଥିବା ଲୋକେ ଯେତେ ପ୍ରଭାବଶାଳୀ ହୁଅନ୍ତୁ ନା କହିଁକି, ନିଶ୍ଚୟ ଧରାପଡ଼ିବେ। ଆଇନର ପକଡ଼ ଅତି ଶକ୍ତ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟେଲ ଆଜି ଏଠାରେ କହିଛନ୍ତି। ଗୋୟଲ ମୁମ୍ବାଇ ନର୍ଥ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେପି ବିପକ୍ଷ ଦଳମାନେ ଯେଉଁ ଇଣ୍ଡି ମେଣ୍ଟ ଗଢ଼ିଛନ୍ତି ତାକୁ ଆକ୍ଷେପ କରି ଗୋୟେଲ କହିଛନ୍ତି, ଇଣ୍ଡି ମେଣ୍ଟର ଅର୍ଦ୍ଧାଧିକ ନେତା ବିଭିନ୍ନ ଦୁର୍ନୀତି ମାମଲାରେ ଜଡ଼ିତ ଥାଇ ଏବେ ଜାମିନରେ ଅଛନ୍ତି। କ୍ଷମତାର ଦୁରୁପଯୋଗ କରି ଦୁର୍ନୀତି ଉପାୟରେ ଧନାର୍ଜନ କଲାବେଳେ ସେମାବେ ଭାବିବାର ଥିଲା, ଦିନେ ଧରାପଡ଼ିଯିବେ। ଆଇନର ଲମ୍ବା ହାତ ତାଙ୍କୁ ଧରିନେବ। ଦେଶବାସୀ ତାଙ୍କ କୁକର୍ମ ବିଷୟ ଜାଣିବେ ଓ ଜବାବ ମାଗିବେ। ଦୁର୍ନୀତିଖୋରଙ୍କୁ କେମିତି ରକ୍ଷା କରିବେ ତାହା ଏବେ ଇଣ୍ଡି ମେଣ୍ଟ ନେତାମାନଙ୍କର ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହୋଇଛି। ଦେଶ କିପରି ପ୍ରଗତି କରିବ, ସମୃଦ୍ଧି କିପରି ଆସିବ ସେ ଚିନ୍ତା କରିବାକୁ ଇଣ୍ଡି ମେଣ୍ଟ ନେତାମାନଙ୍କୁ ସମୟ ମିଳୁନି। ସେମାନେ ସରକାରଙ୍କ ପ୍ରତିଟି ଭଲ କାର୍ଯ୍ୟକୁ ବିବାଦ ଘେରକୁ ଟାଣି ଲୋକଙ୍କୁ ଅସତ୍ୟ କହୁଛନ୍ତି। ସେମାନେ ବୁଝୁନାହାନ୍ତି ଯେ ଅସତ୍ୟ କହିବା ଓ ଅପପ୍ରଚାର କରିବା ହେତୁ ତାଙ୍କ ପ୍ରତି ଲୋକଙ୍କ ଆସ୍ଥା କମୁଛି। ମନ୍ତ୍ରୀ ଗୋୟେଲ ଖବର ସରବରାହ ସଂସ୍ଥା ଏଏନଆଇକୁ ଦେଇଥିବା ଏକ ସାକ୍ଷାତକାରରେ ଏହା କହିଛନ୍ତି।

# ଆଜି ମଣିପୁରର ୧୧ ବୁଥ୍‌ରେ ସାନି ମତଦାନ



ମଣିପୁରର ଇମ୍ଫାଲ ପଶ୍ଚିମ ଓ ଇମ୍ଫାଲ ପୂର୍ବ-ଏହି ଦୁଇ ଜିଲ୍ଲାର ଇନର ମଣିପୁର ସଂସଦୀୟ କ୍ଷେତ୍ରର ୫ ବିଧାନସଭା ନିର୍ବାଚନମଣ୍ଡଳୀର ୧୧ଟି ଭୋଟ କେନ୍ଦ୍ରରେ ଆସନ୍ତା କାଲି(ସୋମବାର ଏପ୍ରିଲ ୨୨) ପୁନଃମତଦାନ ସକାଳ ୭ ରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ମଧ୍ୟରେ କରାଯିବା ନିମନ୍ତେ ଜାତୀୟ ନିର୍ବାଚନ କମିସନ ଆଦେଶ ଦେଇଛନ୍ତି। ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଗତ ୧୯ ତାରିଖରେ ଏହି ଭୋଟକେନ୍ଦ୍ର ଗୁଡ଼ିକରେ ବିଭ୍ରାଟ ଓ ହିଂସାକାଣ୍ଡ ଘଟି ମତଦାନ ବନ୍ଦ ରଖିବାକୁ ପଡ଼ିଥିଲା। ଗୋଟିଏ ଭୋଟ କେନ୍ଦ୍ରର ଅତି ନିକଟରେ କିଛି ସଶସ୍ତ୍ର ବ୍ୟକ୍ତି ଗୁଳିଚାଳନା କରିବାରୁ ଭୋଟ ଦେବାକୁ ଆସିଥିବା ଲୋକେ ଭୟଭୀତ ହୋଇ ସେଠାରୁ ପଳାୟନ କରିଥିଲେ। ଅନ୍ୟ କେତେକ ଭୋଟ ଗ୍ରହଣ କେନ୍ଦ୍ରରେ ଲୋକେ ଭଙ୍ଗାରୁଜା କରିଥିଲେ ଓ ଇଭିଏମ୍ ମେସିନ୍ ଭାଙ୍ଗି ଦେଇଥିଲେ।

## ଇଣ୍ଡି ମେଣ୍ଟର ଶକ୍ତି ପ୍ରଦର୍ଶନ

# ରାଞ୍ଚିରେ ଉଲଗୁଲାନ ନ୍ୟାୟ ର୍‌ୟାଲି

ଝାଡଖଣ୍ଡର ରାଜଧାନୀ ସହର ରାଞ୍ଚିର ପ୍ରଭାତ ତାରା ମଇଦାନରେ ଆଜି ଇଣ୍ଡି ମେଣ୍ଟ ପକ୍ଷରୁ ଏକ ବଡ଼ ସଭାର ଆୟୋଜନ କରାଯାଇଥିଲା। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ୍) ନେତୃତ୍ୱରେ ଆୟୋଜିତ ଏହି ସଭାରେ ଇଣ୍ଡି ମେଣ୍ଟର ପ୍ରାୟ ସମସ୍ତ ଅଂଶୀଦାରଦଳରନେତାମାନେଉପସ୍ଥିତଥିଲେ।ଏଥିରେଜେଏମଏମ୍ ନେତା ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ, ଜେଲରେ ଥିବା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ, ନ୍ୟାସନାଲ କନଫରେନ୍ସ ନେତା ଫରୁକ ଅବଦୁଲ୍ଲା, ଆମ୍ ଆଦମୀ ପାର୍ଟି(ଆପ୍) ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ, ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲ, ଆପ୍ ନେତା ସଞ୍ଜୟ ସିଂହ, ତୃଣମୂଳ କଂଗ୍ରେସ ନେତା ଡେରିକ୍ ଓବ୍ରାଏନ୍ ଶିବସେନା (ଉଦ୍ଧବ ଗୋଷ୍ଠୀ) ନେତା ପ୍ରିୟଙ୍କା ଚତୁର୍ବେଦୀ, ସିପିଆଇ(ଏମଏଲ) ନେତା ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ବିଜେପି ବିପକ୍ଷ ମେଣ୍ଟର ନେତୃବୃନ୍ଦ ଯୋଗଦେଇଥିଲେ। ଏହି ର୍‌ୟାଲିକୁ ଇଣ୍ଡି ମେଣ୍ଟ 'ଉଲଗୁଲାନ ନ୍ୟାୟ 'ର୍‌ୟାଲି ବୋଲି କହିଛି। ଉଲଗୁଲାନ ଶବ୍ଦର ଅର୍ଥ ହେଉଛି ମହାନ କ୍ରାନ୍ତି, ବିଶାଳ ଆଲୋଡ଼ନ। ରାହୁଲ ଗାନ୍ଧୀ ଏହି ର୍‌ୟାଲିରେ ଯୋଗ ଦେଇଥାନ୍ତେ କିନ୍ତୁ ସେ ହଠାତ୍ ଅସୁସ୍ଥ ହୋଇ ରାଞ୍ଚି ଗସ୍ତ ବାତିଲ କରିଛନ୍ତି। ଇଣ୍ଡି ମେଣ୍ଟର ଅଂଶୀଦାର ୨୮ଟି ରାଜନୈତିକ ଦଳଙ୍କ ପ୍ରାୟ ୫ଲକ୍ଷ ସମର୍ଥକଙ୍କ ସମାବେଶ ଘଟିଥିବା ଏହି ସଭାରେ ଇଣ୍ଡି ମେଣ୍ଟ ତା'ର ଶକ୍ତି ପ୍ରଦର୍ଶନ କରି ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରଙ୍କ ଏକଛତ୍ରବାଦୀ, ସ୍ୱୈରାଚାରୀ କାର୍ଯ୍ୟକଳାପର ବିରୋଧ କରିଛି। ମୁଖ୍ୟମନ୍ତ୍ରୀ ସୋରେନ କହିଥିଲେ, ସମସ୍ତେ ଜାଣନ୍ତି, ଝାଡ଼ଖଣ୍ଡରେ ଓ ଦିଲ୍ଲୀରେ କ'ଣ ହୋଇଛି। ଏହି ଦୁଇ ରାଜ୍ୟର ସବୁଠାରୁ ଲୋକପ୍ରିୟ ଦୁଇ ନେତା ହେମନ୍ତ ସୋରେନ ଓ ଅରବିନ୍ଦ କେଜ୍ରିୱାଲଙ୍କୁ ଲୋକସଭା ନିର୍ବାଚନର କିଛି ଦିନ ପୂର୍ବରୁ କେନ୍ଦ୍ର ସରକାରଙ୍କ ଇସାରାରେ କେନ୍ଦ୍ରୀୟ ଯାଞ୍ଚ୍ ଏଜେନ୍ସି ଦୁର୍ନୀତି ଓ ମନିଲଣ୍ଡରିଂ ଅଭିଯୋଗରେ ଗିରଫ କରିଛି। ଅରବିନ୍ଦ ଓ ହେମନ୍ତ ଏବେ ଜେଲରେ ଥିବାରୁ ବିଜେପି ବିପକ୍ଷରେ ପ୍ରଚାର କରିବାରୁ ବଞ୍ଚିତ ହୋଇଛନ୍ତି। କେନ୍ଦ୍ରର ମୋଦୀ ସରକାର ବିରୋଧୀ ପକ୍ଷଙ୍କୁ ନିଷ୍କ୍ରିୟ, ନିର୍ବାକ କରିଦେବାକୁ ଚାହୁଁଛି। ନିର୍ବାଚନ ଜିତିବାକୁ ଯେତେଯାହା ବେନିୟମ, ଅନୈତିକ କାର୍ଯ୍ୟ କରିବାକୁ ଜିଦ୍ ଧରିଥିବା କେନ୍ଦ୍ରର ଏନଡିଏ ସରକାରକୁ ହଟାଇ ଗଣତନ୍ତ୍ରକୁ ଓ ସମ୍ବିଧାନକୁ ବଞ୍ଚାଇବାକୁ ଇଣ୍ଡି ମେଣ୍ଟ ଗଢ଼ାଯାଇଛି।



**କେଜ୍ରିୱାଲ-ହେମନ୍ତଙ୍କ ଆସନ ଖାଲି**

# ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ

ଲୋକସଭା ନିର୍ବାଚନ-୨୦୨୪ର ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୯ ଲୋକସଭା ଆସନରେ ଆସନ୍ତା ୨୬ତାରିଖରେ ମତଦାନ ହେବ। ଏହି ପର୍ଯ୍ୟାୟରେ ଆସାମର୫, ବିହାରର ୫, ଛତିଶଗଡ଼ର ୩, ଜମ୍ମୁ-କାଶ୍ମୀରର ୧, କର୍ଣ୍ଣାଟକର ୧୪, କେରଳର ୨୦, ମଧ୍ୟପ୍ରଦେଶର ୭, ମହାରାଷ୍ଟ୍ରର୮, ମଣିପୁରର ୧, ରାଜସ୍ଥାନର ୧୩, ତ୍ରିପୁରାର୧, ଉତ୍ତରପ୍ରଦେଶର ୮ ଓ ପଶ୍ଚିମବଙ୍ଗର ୩ ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ହେମାମାଳିନୀ (ମଥୁରା), ଅରୁଣ ଗୋଭିଲ (ମିରଟ), ରାହୁଲ ଗାନ୍ଧୀ (ୱେଏନାଡ), ଶଶି ଥରୁର (ତିରୁଅନନ୍ତପୁରମ) ଓ ରାଜୀବ ଚନ୍ଦ୍ରଶେଖର (ତିରୁଅନନ୍ତପୁରମ)ଙ୍କ ଭଳି ନେତା ଓ ସେଲିବ୍ରିଟିଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ।



## ମହିଳାଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

ସାକ୍ଷୀଗୋପାଳ, ୨୧।୪(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ଜୟପୁର ପଞ୍ଚାୟତର ମହାମାୟାସାହିର ଗୋବିନ୍ଦଚନ୍ଦ୍ର ନାୟକଙ୍କ ସ୍ତ୍ରୀ ରସନା ନାୟକ ସତ୍ୟବାଦୀ ଥାନାରେ ୮ ତାରିଖ ଦିନ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ସ୍ୱାମୀ ଗୋବିନ୍ଦ ଚନ୍ଦ୍ର ନାୟକ ଓ ଶାଶୁ ଲକ୍ଷ୍ମୀ ନାୟକ ଅଧିକ ଯୌତୁକ ପାଇଁ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ବେକରେ ଧାରୁଆ ଅସ୍ତ୍ର ଲଗାଇ ସ୍ୱାମୀ ମାଡ ମାରୁଥିଲେ। ଏପରିକି ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଜୀବନରେ ମାରିଦେବାକୁ ମଧ୍ୟ ଉଦ୍ୟମ କରିଛନ୍ତି ବୋଲି ତାଙ୍କ ଅଭିଯୋଗରେ ଲେଖିଛନ୍ତି। ଅଭିଯୋଗ ପାଇବା ପରେ ସତ୍ୟବାଦୀ ଥାନା ଅଧିକାରୀ ଉମେଶ କୁମାର ସାହୁ ୧୧୧/୨୪ରେ ମାମଲା ରୁଜ କରି ତଦନ୍ତ କରୁଥିବା ଜଣାପଡ଼ିଛି। ଅନ୍ୟ ପକ୍ଷେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ରସନା ଦାବି କରିଛନ୍ତି।

## ମା'ମଉଁନେଇଙ୍କ ଚଇତ ଯଜ୍ଞୋତ୍ସବ



ସାକ୍ଷୀଗୋପାଳ, ୨୧।୪(ସମିସ): ସାକ୍ଷୀଗୋପାଳ ବଜାର ମଧ୍ୟରେ ପୂଜିତ ମା' ମଉଁନେଇଙ୍କ ଚଇତ ଯଜ୍ଞୋତ୍ସବ ଆରମ୍ଭ ହୋଇଯାଇଛି। ଯଜ୍ଞ ତିନିଦିନ ଧରି ଅନୁଷ୍ଠିତ ହେବ। ମା' ମଉଁନେଇଙ୍କ ପ୍ରତିଦିନ ନୀତିକାନ୍ତି କରାଯିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଉଛି। ସ୍ରୋତିୟ ବାହ୍ମଣ ମାନଙ୍କ ଦ୍ୱାରା ଘୃତ ଆହୂତି ପ୍ରଦାନ କରାଯାଉଛି। ମା'ଙ୍କ ପାଖରେ ପ୍ରତିବର୍ଷ ଚଇତ ମାସରେ ହୋମଯଜ୍ଞ କରାଯାଇ ଆସୁଛି। ମା'ମଉଁନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ

କୃଷ୍ଣପ୍ରସାଦ, ୨୧।୪(ସମିସ):ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଚିଲିକା ଟାପୁ ମଧ୍ୟରେ ଥିବା ମହିଁଷା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ କୃଷ୍ଣପ୍ରସାଦ ପୁଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ସଞ୍ଜୟ ସାହୁ ଓ ଘର ଲୋକ ମିଶି ସୁନି ବେହେରାଙ୍କୁ ହତ୍ୟା କରିବା ନେଇ ସୁନିଙ୍କ ଭାଇ ନୃସିଂହ ବେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ କୃଷ୍ଣପ୍ରସାଦ ପୁଲିସ ମାମଲା ରୁଜୁ କରି ତଦନ୍ତ ଭାର ପୁରୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଳ ମିଶ୍ରଙ୍କୁ ହସ୍ତାନ୍ତର କରିବା ପରେ ପୁଲିସ ଗ୍ରାମରେ ପହଁଞ୍ଚି ତନାଘନା ଆରମ୍ଭ କରିଥିଲେ। କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁ ସଦଳବଳେ ମହିଁଷା ଗ୍ରାମରେ ପହଁଞ୍ôଚ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## କଂଗ୍ରେସ ପ୍ରାର୍ଥୀଙ୍କ ସାମ୍ବାଦିକ ସମ୍ମିଳନୀ

କୃଷ୍ଣପ୍ରସାଦ, ୨୧।୪(ସମିସ): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମିତ୍ରଭାନୁ ମହାପାତ୍ର ମାଲୁଦରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। କଂଗ୍ରେସ ଆଉ ସ୍ଥିତିନାହିଁ ଲୋକମାନେ କଂଗ୍ରେସକୁ ଭୁଲି ଗଲେଣି ଏହାକୁ ସେ ଭୁଲ ପ୍ରମାଣିତ କରିଥିଲେ। ସେ କହିଥିଲେ କଂଗ୍ରେସ ଦେଶରେ ଆଇନ ତିଆରି କରିଥିଲେ, ଦେଶକୁ ସ୍ୱାଧୀନ କରିଥିଲେ। ଆଜି ଯେଉଁ ବିକାଶ ହୋଇଛି ତାହା କଂଗ୍ରେସ ହିଁ କରିଛି। ତେଣୁ ଲଢେଇ ଜୋରଦାର ହେବ ୨୦୨୪ ନିର୍ବାଚନରେ କଂଗ୍ରେସ ବିଜୟ ହେବ ବୋଲି ଆଶା କରିଛନ୍ତି।

## ସାଇବାବାଙ୍କ ପାଲିଙ୍କି ଯାତ୍ରା



ନୟାହାଟ, ୨୧।୪(ସମିସ): ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଗଡ଼ ଅମରପ୍ରସାଦ ଠାରେ ବାଇଦେଇ କମିଟିର ସଭାପତି କୃଷ୍ଣଚନ୍ଦ୍ର ସାହୁ ନେତୃତ୍ୱରେ ସାଇବାବଙ୍କ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଇବାବାଙ୍କ ପାଲିଙ୍କି ଯାତ୍ରା ଅମରେଶ୍ୱର ଠାରେ ଥିବା ଭଇଁଛି ଗୋରଡି ଠାରୁ ଆରମ୍ଭ ହୋଇ ଗଡ଼ଅମରପ୍ରସାଦ ସାଇ ମନ୍ଦିର ଠାରେ ଶେଷ ହୋଇଥିଲା। ଉକ୍ତ ପାଲିଙ୍କି ଯାତ୍ରାରେ ବିଜେପି ନାରୀନେତ୍ରୀ ପ୍ରଭାତୀ ପରିଡ଼ା ଓ ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ ଯୋଗଦେଇ ଥିଲେ। ଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ।

### ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ତ୍ରୁଟି

# ନାମ ଲେଖାଇବାରେ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ

କଣାସ, ୨୧।୪(ସମିସ):

କଣାସ ବ୍ଲକ ଅର୍ନ୍ତଗତ ଚୁପୁରିଙ୍ଗି ପଞ୍ଚାୟତର ଚୁପୁରିଙ୍ଗି ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକନ୍ଦ ଶ୍ରୀଚନ୍ଦନ ୫ମ ଶ୍ରେଣୀ ପାସ୍ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିତ୍ୟାଗ କରିବା ସାର୍ଟିଫିକେଟ୍‌ରେ ଭୂଲ ଲେଖିଥିବାରୁ ଛାତ୍ରଛାତ୍ରୀମାନେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ସେମାନଙ୍କ ଅଭିଭାବକମାନେ ଜିଲ୍ଲା ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇବାପରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଏବଂ ଅତିରିକ୍ତ ଶିକ୍ଷାଅଧିକାରୀ ବିନୋଦ ବିହାରୀ ସେଠୀ ଦୁଇଦିନ ତଳେ ସକାଳ ୯ଟା ସମୟରେ ଚୁପୁରିଙ୍ଗି ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବା ଦେଖିବାକୁ ପାଇ ଫୋନ ଯୋଗେ ପ୍ରଧାନଶିକ୍ଷକଙ୍କୁ ଡାକିବାରୁ କିଛି ସମୟପରେ ବିଦ୍ୟାଳୟରେ ପହଞ୍ଚିଥିଲେ। ୫ମ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଥିବା ସାର୍ଟିଫିକେଟ୍‌ରେ ବିଦ୍ୟାଳୟର କୋଡ ନଂ ଲେଖିନଥିବା ମାର୍ଚ୍ଚ ୩୧ତାରିଖ ଶେଷ ଦିବସ ହୋଇଥିବାରୁ ମାର୍ଚ୍ଚ ପରିବର୍ତ୍ତେ ଏପ୍ରିଲ୍ ମାସ ପଡ଼ିଥିବା ଦେଖିବାକୁ ପାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଦୀର୍ଘ ୨ବର୍ଷ ହେଲା ଗଢା ଯାଇନଥିବା ଜଣାପଡ଼ିଥିଲା। ଏସମ୍ପର୍କରେ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଆମେ ଦୁଇ ଅତିରିକ୍ତ ଶିକ୍ଷାଧିକାରୀ ଦୁଇ ଦିନ ତଳେ ବିଦ୍ୟାଳୟରେ ସକଳା ୯ଟାରେ ପହଞ୍ଚି ବିଦ୍ୟାଳୟରେ ତାଲାପଡ଼ିଛି। ପ୍ରଧାନଶିକ୍ଷକ ନାହାନ୍ତି। ଖାତାପତ୍ର ଯାଞ୍ଚ କରି ତ୍ରୁଟି ରହିଥିବା ଦେଖିବାକୁ ପାଇଥିଲି।ଏସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ପଠାଦେଇଛୁ। ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ଛାତ୍ର ଅଭିଭାବକ ମାର୍କଣ୍ଡ ଜୟସିଂହ, ସସ୍ମିତା ବଳିୟାରସିଂହ, ନିରୁପମା ପ୍ରଧାନ, ଭବାନୀ ନାୟକ, ପୁଷ୍ପଲତା ସେଠୀ, ବବିତା ମାନସିଂହ, ପ୍ରତାପ ଦାସ, କରିଥିବା ଜଣାପଡ଼ିଛି।

## ଲିଟିଲଷ୍ଟାର୍ ଗ୍ରୁପ୍ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା




ନିମାପଡ଼ା, ୨୧।୪(ସମିସ) ନିମାପଡ଼ାସ୍ଥିତ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ଆଜି ନିମାପଡ଼ା ଏନଏସି ଅନ୍ତର୍ଗତ ଅଣ୍ଡିଆସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୨ ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୁରୀଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅଧ୍ୟାପକ ଡଃ ରବୀନ୍ଦ୍ର ନାଥ ପାଢ଼ୀ, ଶିକ୍ଷକ ନିର୍ମଳ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତା ଦ୍ୱାରା ପିଲାମାନଙ୍କ ଭିତରେ ଲୁଚି ରହିଥିବା ଲୁକାୟିତ ପ୍ରତିଭା ପରିପ୍ରକାଶ ହୋଇଥାଏ। ଏଥି ସହିତ ପିଲାମାନଙ୍କୁ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଖରାଛୁଟିରେ ବିଭିନ୍ନ ଶିକ୍ଷଣୀୟ ଜ୍ଞାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଗଳ୍ପ ପଠନ, କବିତା ଆବୃତି ଆଦି ବିଷୟ ବସ୍ତୁ ଉପରେ ପ୍ରତିଯୋଗୀତା କରାଯାଇଥିଲା। ପରେ ଅତିଥିମାନେ କୃତୀ ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିବା ବେଳେ ଗ୍ରୁପ ପକ୍ଷରୁ ଶିକ୍ଷୟତ୍ରୀ ଗୌରୀ ପ୍ରିୟା ନନ୍ଦ, ଅମିୟ ମିଶ୍ର, ଉର୍ମିଳା ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଉତ୍ସର୍ଗ ପରିବାର ପକ୍ଷରୁ ଜଳ ସେବା ଶିବିର




ଗୋପ, ୨୧।୪(ସମିସ): ଉତ୍ସର୍ଗ ପରିବାର ତରଫରୁ ପିପିଲି କୋଣାର୍କ ଜାତୀୟ ରାଜପଥ ପାର୍ଶ୍ୱ ବାୟାକୁଦା ଠାରେ ଜଳ ସେବା ଶିବିର ଉଦ୍‌ଘାଟନ ହୋଇଛି। ଗୋପ ଅଗ୍ନିଶମ ବିଭାଗର ମୁଖ୍ୟ ଅଧିକାରୀ ବସନ୍ତ କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସର୍ଗ ପରିବାର ଜଳସେବା ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉତ୍ସର୍ଗ ପରିବାର ଉପଦେଷ୍ଟା ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ଉତ୍ସର୍ଗ ପରିବାର ସଭାପତି ଶିକ୍ଷାବିଦ ଲକ୍ଷ୍ମୀଧର ବେହେରା, ବିଶିଷ୍ଟ ସମାଜସେବୀ ପଦ୍ମଲାଭ ସାହୁ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଇଓ କବିବର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଶତ୍ରୁଶଲ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଉତ୍ସର୍ଗ ପରିବାର ସମ୍ପାଦକ ବିଷ୍ଣୁ ମୋହନ ପ୍ରଧାନ ଉତ୍ସର୍ଗ ପରିବାର ତରଫରୁ ସମସ୍ତ ପ୍ରକାର ଆୟୋଜନ କରିଥିଲେ ସହଯୋଗ କରିଥିଲେ। ଉତ୍ସର୍ଗ ପରିବାର ସଦସ୍ୟ ତପୁ, ସାଗର, ପୂର୍ଣ୍ଣଚନ୍ଦ୍ର, ବୀରଭଦ୍ର ରାୟ ପ୍ରମୁଖ ସଦଶ୍ୟ ଜଳସେବା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରଙ୍କୁ ତାଲିମ



ସାକ୍ଷୀଗୋପାଳ, ୨୧।୪ (ସମିସ): ସତ୍ୟବାଦୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରଙ୍କୁ ଇଭିଏମ ମେସିନ ପରିଚାଳନା ଓ ବିଭିନ୍ନ ନିର୍ବାଚନ ସଂକ୍ରାନ୍ତୀୟ ତାଲିମ ଶିବିର ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରକୁ ସତ୍ୟବାଦୀ ତହସିଲଦାର ଆଲୋକ କୁମାର ଦେହୁରୀ, ବିଡିଓ ଲିପିସା ରାୟ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ରାଜେଶ, ଜିପିଓ ସୌଭାଗ୍ୟ ରଞ୍ଜନ କର ଓ ବ୍ଲକ ସିଇଓ କମଳ କୁମାର ଆଚାର୍ଯ୍ୟ, ସେକ୍ଟର ଅଫିସର ମାନେ ତାଲିମ ପ୍ରଦାନ କରିଥିଲେ। ବିଶେଷ କରି ଭୋଟର ମାନେ ସଠିକ ଇଭିଏମ ମେସିନର ବଟମ ଚିପୁଛନ୍ତି କି ନାହିଁ ତାହାକୁ ନଜର ଦେବାକୁ ପରାମର୍ଶ ଦିଆଯାଇଛି। ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରମାନଙ୍କର ନିର୍ବାଚନ ସମୟରେ ନିଜ ନିଜର କାର୍ଯ୍ୟ କରିବା ସହିତ ଅନ୍ୟ ନିର୍ବାଚନ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## 'ମୋ ଭୋଟ୍, ମୋ ଅଧିକାର' ସଚେତନତା ଶୋଭାଯାତ୍ରା




ସାକ୍ଷୀଗୋପାଳ, ୨୧।୪(ସମିସ): ସତ୍ୟବାଦୀ ବ୍ଲକ ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଠାରୁ ସଚେତନାତା ଶୋଭାଯାତ୍ରା ବାହାରି ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ଏହି ଶୋଭାଯାତ୍ରାରେ ମେ ୨୫ ତାରିଖକୁ ନଯିବା ଭୁଲି, ମୋ ଭୋଟ, ମୋ ଅଧିକାରକୁ ନ ଯିବା ଭୁଲି ଆଦି ସ୍ଲୋଗାନ ଦିଆଯାଇଥିଲା।ଶୋଭାଯାତ୍ରାରେ ମୁଖ୍ୟ ଆର୍କଷଣ ଥିଲା ଭୋଟରଙ୍କୁ ସଚେତନତା କରିବା ସହିତ ସେଲଫି ପଏଣ୍ଟ ସହିତ ରଙ୍ଗେଲି ଝୋଟି। ଶୋଭାଯାତ୍ରାରେ ସତ୍ୟବାଦୀ ତହସିଲଦାର ଆଲୋକ କୁମାର ଦେହୁରୀ, ବିଡିଓ ଲିପିସା ରାୟ, ଅତିରିକ୍ତ ତହସିଲଦାର ପିୟଦର୍ଶୀ ରାଜେଶ, ମହାବିଦ୍ୟାଳୟର ଅଧକ୍ଷ ସତ୍ୟଶିବ ସୁନ୍ଦର ମିଶ୍ରଙ୍କ ସହିତ ଅନ୍ୟ ପ୍ରଫେସର ଓ ବ୍ଲକର ଯୋଗାଣ ବିଭାଗର ଅଧିକାରିଣୀ ଜୟନ୍ତୀ ହରିଚନ୍ଦନ, ସିଡଓ କମଳ କୁମାର ଆଚାର୍ଯ୍ୟ ଓ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିବାହୀ ଅଧିକାରୀ ଓ ବ୍ଲକର ବିଭିନ୍ନ କର୍ମଚାରୀଙ୍କ ସହିତ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘର କର୍ମମକର୍ତ୍ତା ଓ ସେବାୟତ, ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିବାର ଦେଖାଯାଇଥିଲା।

### ● ମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

## କଳସଯାତ୍ରାରେ ୩ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସାମିଲ



କଣାସ, ୨୧।୪(ସମିସ): କଣାସ ବ୍ଲକ ଅର୍ନ୍ତଗତ କଣାସ ପଞ୍ଚାୟତର ଜଳିଆପଡ଼ା ଗ୍ରାମରେ ପ୍ରତିଷ୍ଠିତ ମା'ମଙ୍ଗଳାଙ୍କ ପୀଠରେ ଶନିବାର ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ରବିବାର କଳଯାତ୍ରାରେ ୩ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ମା'ମଙ୍ଗଳାଙ୍କ ପ୍ରତିମା ସୁସଜ୍ଜିତ ପାଲିଙ୍କିରେ ବସାଇ ମନ୍ଦିରରୁ ବାହାରି କଣାସ ଗ୍ରାମ ଦେଇ ଦୟାନଦୀର ଦୋକନ୍ଦା ଘାଟରେ ପହଞ୍ଚି ବା ପରେ ଭକ୍ତମାନେ ନଦୀଘାଟରେ ପୂଜାଅର୍ଚ୍ଚନା କରି କଳସ ବୁଡାଇ ମା'ମଙ୍ଗଳାଙ୍କ ଯଜ୍ଞସ୍ଥଳରେ ପହଁଞ୍ôଚ କଳସସ୍ଥାପନ କରିଥିଲେ। ଶାନ୍ତା ଶୃଙ୍ଖଳା ରକ୍ଷାକରିବା ପାଇଁ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ ସମସ୍ତ କର୍ମଚାରୀ ପୁଲିସ ଫୋର୍ସ ବିଭିନ୍ନ ଛକରେ ମୁତୟନ ହୋଇଥିଲେ।

## ପର୍ଯ୍ୟଟକଙ୍କ ମୋବାଇଲ୍, ଟଙ୍କା ଚୋରି କରି ଯୁବକ ଗିରଫ

ପୁରୀ, ୨୧।୪(ସମିସ): ପର୍ଯ୍ୟଟକଙ୍କ ମୋବାଇଲ, ଟଙ୍କା ଲୁଟ୍ ଅଭିଯୋଗରେ ସମୁଦ୍ର କୂଳ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ମାନପୁରର ମାନସ କୁମାର ସେଠୀ (୩୫)। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ କଟକ କାଜି ବଜାରର ଆପଲ ରାଜୁ ତାଙ୍କର ୩ ଜଣ ବନ୍ଧୁଙ୍କ ସହ ପୁରୀ ବେଳାଭୂମିରେ ବୁଲୁଥିଲେ। ଏହି ସମୟରେ ସେମାନେ ହୋଟେଲ ବିଦେଶୀ ଘର ସମ୍ମୁଖ ବେଳାଭୂମିରେ ତାଙ୍କ ବ୍ୟାଗ୍ ରଖିଥିଲେ। ଏହି ସମୟରେ ଅଭିଯୁକ୍ତ ମାନସ ସେହି ବ୍ୟାଗ୍‌କୁ ଚୋରି ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ତା'ଠାରୁ ୨୩ ହଜାର ୭୩୫ ଟଙ୍କା, ୩ଟି ମୋବାଇଲ ଫୋନ, ୨ଟି ମନିପର୍ସ ଏବଂ ଗୋଟିଏ ବ୍ୟାଗ୍ ଜବତ କରିବା ସହ ତା' ନାଁରେ ଏକ ମାମଲା (ନଂ. ୯୧/୨୪) ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି।

## 'ଆଟା'ର ନିର୍ବାଚନ ସଚେତନତା

ପୁରୀ, ୨୧।୪(ସମିସ): ଆସୁଛି ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ଏହାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଦିଗରେ ଶନିବାର ଆସୋସିଏଶନ ଟ୍ୱିଟର ଆକ୍ଟିଭିଷ୍ଟ (ଆଟା) ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ସଦସ୍ୟା ଜନସାଧାରଣଙ୍କୁ ସଚେତନ କରାଇବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସମ୍ପର୍କିତ ତଥ୍ୟ କୁ ସି-ଭିଜିଲ ଆପ୍ ମାଧ୍ୟମରେ କିପରି ଅଭିଯୋଗ କରାଯାଇ ପାରିବ ଅବଗତ କରାଇଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ମାନସ ରଥ, ଦୀପକ ପ୍ରଧାନ, ଜଗନ୍ନାଥ ସେଠୀ, ଲକ୍ଷ୍ମୀପ୍ରିୟା ନାୟକ, ନିରାକାର ମହାରଣା, ହରିଶ୍ଚନ୍ଦ୍ର ନାୟକ, ଆନନ୍ଦ ସ୍ୱାଇଁ ଓ ଛବି ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଟଣୀରେ ଶଙ୍ଖଧ୍ୱନି; ବାପାଙ୍କ ପାଇଁ ପ୍ରଚାରରେ ପୁଅ





ଜଟଣୀ, ୨୧।୪(ସମିସ):

ନିର୍ବାଚନ ଯେତେ ପାଖେଇଆସୁଛି ଜଟଣୀ ନିର୍ବାଚନ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ଜଟଣୀରେ ବିଜେଡିର ଶଙ୍ଖଧ୍ୱନୀରେ ପୌରାଞ୍ଚଳ ହୁଲସ୍ଥୁଲ ହେଉଥିବା ଦେଖିବାକୁ ମିଳିଛି। ଜଟଣୀ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ବଳବନ୍ତରାୟଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆସ୍ଥା ପ୍ରକଟ କରିବା ପରେ ଜଟଣୀରେ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅନ୍ୟପଟେ ବିଧାୟକ ପ୍ରାର୍ଥୀ ବିଭୁତିଙ୍କ ଲାଗି ତାଙ୍କ ପୁତ୍ର ବିଗ୍ନେଷ ବଳବନ୍ତରାୟ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି।ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ ୪ ଓ ୧୨ର ଘରଘର ବୁଲି ଲୋକମାନଙ୍କ ସହିତ ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ରାଜ୍ୟର ସବୁବର୍ଗର ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରି ଲୋକଙ୍କ ସହ ଓଡ଼ିଶାର ବିକାଶକୁ ଅଗେଇ ନେଉଛନ୍ତି। ପୁଣିଥରେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ସମସ୍ତେ ଆଗେଇ ଆସିବାକୁ ଲୋକମାନଙ୍କୁ ନିବେଦନ କରୁଛନ୍ତି। ପ୍ରଚାର କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଜଟଣୀ ପୌରାଞ୍ଚଳ ୱାର୍ଡ ନଂ ୪ କାଉନସିଲର ଓ ୱାର୍ଡ ନଂ ୧୨ର ନିଳିମା ସ୍ୱାଇଁ, ବାବୁଲି ସ୍ୱାଇଁ, ମନମୋହନ ରାଉତରାୟ, ବିଜେଡି ନଗରସଭାପତି ଆଶୁତୋଷ ପ୍ରତାପସିଂହ, ଜିଲ୍ଲା ସମ୍ପାଦକ ଅନନ୍ତ ଶତପଥୀ, ସମାଜସେବୀ ଚିତନ ଦଳେଇ, ରାଜ୍ୟ ବିଜେଡି ସମ୍ପାଦିକା ନମିତା ପାଲ, ବିଜୁ ଛାତ୍ର ଜନତାଦଳର ସାଗର ସାମନ୍ତରାୟ, ଶିବ ପ୍ରସାଦ ମହାପାତ୍ର, ଦୀପକ ମହାକୁଡ, ମାନସ ସୁବୁଦ୍ଧି, ଉପାଧ୍ୟକ୍ଷା ଆରତୀ ରାଉତ, ପ୍ରଭାତ ମହାନ୍ତି, ବିଜୁ ଜେନା, ବିଜୟ କୁମାର ଛୋଟରାୟ, ଶସାଙ୍କ ଶେଖର ରାୟ, ଚିନ୍ମୟ ରଣା ପ୍ରମୁଖ ଯୋଗ ଦେଇଥିଲେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୧୭/୧୦/୧୯୫୩
ତିରୋଧାନ : ୧୨/୦୪/୨୦୨୪

ଁ ଆରତୀ ମଲ୍ଲିକ
ପିଠାପୁର, ଅନ୍ନପୂର୍ଣ୍ଣା ଲେନ୍, କଟକ

ସେ ଜଣେ ନିର୍ଭିକ ଆତ୍ମା, ଯିଏ ନିଜ ସର୍ତ୍ତରେ ଜୀବନକୁ ବିତାଇଥିଲେ। ନିଜମନକଥା କହିବା ସହ ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲେ। ତାଙ୍କ ଶକ୍ତି ଓ ଧର୍ଯ୍ୟର କୌଣସି ସୀମା ନ ଥିଲା ଏବଂ ସେ ଦୃଢ଼ତାର ସହିତ କର୍କଟ ରୋଗକୁ ସାମ୍ନା କରିବା ସହିତ ନିଃସ୍ୱାର୍ଥପର ଭାବରେ ଆବଶ୍ୟକଥିବା ଲୋକଙ୍କୁ ସାହାଯ୍ୟ କରୁଥିଲେ। ଯଦିଓ ସେ ଆଉ ଆମ ଗହଣରେ ନାହାନ୍ତି, ହେଲେ ତାଙ୍କ ଆତ୍ମା ଲୋକଙ୍କ ହୃଦୟରେ ସବୁଦିନ ପାଇଁ ଉଜ୍ଜ୍ୱଳ ହୋଇ ରହିବ। ପ୍ରିୟ ମା' ଆରତୀ ମଲ୍ଲିକ, ତୁମର ନିଃସ୍ୱାର୍ଥ ଭଲପାଇବା ଏବଂ ସାହାସର ଏହି ଉଦାହରଣ ଚିରକାଳ ପର୍ଯ୍ୟନ୍ତ ଅମର ରହୁ। ଭଗବାନ ତୁମ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।

ଯୋଗାଯୋଗ : ୯୮୬୧୦୪୦୧୨୪
ଶୋକସନ୍ତପ୍ତ : ମଲ୍ଲିକ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ

୨୧/୪/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୧,୯୧୩/- ସୁନା: ୦୪.୭୨୦ ଗ୍ରାମ୍ ରୁପା: ୨୧.୮୦୦ ଗ୍ରାମ୍



ପ୍ରଚାରରେ ଆରୋପ ପ୍ରତ୍ୟାରୋପ

# ଜୟନ୍ତଙ୍କ କଟାକ୍ଷର ଶାଣିତ ଜବାବ ଦେଲେ ସୁନୀଲ

**ପୁରୀ,୨୧।୪(ସମିସ):** ସାଧାରଣ ନିର୍ବାଚନକୁ ନେଇ ଏବେ ସରଗରମ୍ ରାଜନୀତି। ଚାଲିଛି ଘମାଘୋଟ ପ୍ରଚାର। ନିର୍ବାଚନରେ ଜିତିବା ପାଇଁ ପ୍ରାର୍ଥୀମାନେ ଭୋଟରଙ୍କୁ ଦେଉଛନ୍ତି ପୁଳା ପୁଳା ପ୍ରତିଶ୍ରୁତି। ପ୍ରଚାର ବେଳେ ଆରୋପ ପ୍ରତ୍ୟାରୋପ ଚାଲିଛି। କେହି କେହି ବି ବାହାସ୍ଫୋଟ ମାରୁଛନ୍ତି। ତେବେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଏବଂ ବିଜେପି ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି କଡ଼ା ଟକ୍କର। ବିଜେପିର ଅଭିଜ୍ଞ ଜୟନ୍ତ ଷଡ଼ଙ୍ଗୀ ଏବଂ ବିଜେଡିର ନବାଗତ ସୁନୀଲ ମହାନ୍ତି ନିଜ ନିଜର ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଏହି ପ୍ରଚାର ସମୟରେ ଜୟନ୍ତ କଟାକ୍ଷ କରିଛନ୍ତି ସୁନୀଲଙ୍କୁ। ଜଣେ ବିଧାୟକ ପାର୍ଥୀ ହେବା ପାଇଁ ତୃଣମୂଳସ୍ତରରୁ ରାଜନୈତିକ ପଦ ପଦବୀରେ ରହିଥିବା ଆବଶ୍ୟକ ବୋଲି ପରୋକ୍ଷରେ ସୁନୀଲଙ୍କୁ ଇଙ୍ଗିତ କରି ମତ ରଖିଛନ୍ତି ଜୟନ୍ତ। ହେଲେ ଜୟନ୍ତଙ୍କ ଏଭଳି କଟାକ୍ଷର ଶାଣିତ ଜବାବ ଦେଇଛନ୍ତି ସୁନୀଲ। ଲୋକମାନଙ୍କ ବିକାଶ ଏବଂ ଭଲରେ ମନ୍ଦରେ ସେମାନଙ୍କ ପାଖରେ ଠିଆ ହେଉଥିବା ପ୍ରାର୍ଥୀଙ୍କୁ ଲୋକେ ବିଧାୟକ କରିବେ। ଜଣେ ଶିକ୍ଷିତ ପାର୍ଥୀଙ୍କୁ ଜିତାଇବା ପାଇଁ ପୁରୀବାସୀ ଏଥର ମନସ୍ଥ କରିଥିବା ଜବାବ ଦେଇଛନ୍ତି ସୁନୀଲ।

୨୦୧୯ ନିର୍ବାଚନ ଅବ୍ୟବହିତ ପୂର୍ବରୁ ବିଜେଡି ଛାଡି ପଦ୍ମ ପୋଖରୀକୁ ଡେଇଁଥିଲେ ଜୟନ୍ତ। ଭାଗ୍ୟ ସାଥ୍ ଦେଲା, ପ୍ରଥମ ପଦାର୍ପଣରେ ବିଧାୟକ ହେଲେ। ହେଲେ ବିଧାୟକ ପୂର୍ବରୁ ଜୟନ୍ତ ପୁରୀ ପୌର ପରିଷଦର କାଉନସିଲର ସହ ନଗରପାଳ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ରାଜନୈତିକ ଗୁରୁ ମହେଶ୍ୱର ମହାନ୍ତି ବୋଲି ପୁରୀବାସୀ ଜାଣନ୍ତି। ୫ ବର୍ଷ ବିଧାୟକ ପରେ ଏବେ ତାଙ୍କ ସହିତ ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ଯୁବ ଚେହେରା ତଥା ମହେଶ୍ୱରଙ୍କ ପୁଅ ସୁନୀଲଙ୍କୁ କଟାକ୍ଷ କରିଛନ୍ତି ଜୟନ୍ତ। ସେ କହିଛନ୍ତି, ତେବେ ପାର୍ଥୀ ହେବା ପାଇଁ ମାପଦଣ୍ଡର ଆବଶ୍ୟକତା ରହିଛି। ଯୁବକମାନେ ରାଜନୀତିକୁ ଆସିବା ଉଚିତ୍। କିନ୍ତୁ ଯୁବକମାନେ ଆଗେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ଦରକାର। ପରେ ହାଇସ୍କୁଲ ଏବଂ ତା’ ପରେ କଲେଜ। ଆଗ ନିଜ ଅଞ୍ଚଳର ନେତୃତ୍ୱ ନିଅନ୍ତୁ। କାଉନ୍‌ସିଲର ହୋଇ ମ୍ୟୁନିସିପାଲିଟିକୁ ଯାଆନ୍ତୁ। ଏହାପରେ ବିଧାନସଭା ମାଡିବା ପାଇଁ ଇଚ୍ଛା ଓ ସାହସ କରନ୍ତୁ। ହେଲେ ଏମାନେ କେମିତି ସାହସ କରୁଛନ୍ତି। ଜନସେବା କ’ଣ ଜାଣିନାହାନ୍ତି। ଘରେ ଏସି ଭିତରେ ରହିବା ଲୋକ ବୋଲି କହି ସୁନୀଲଙ୍କୁ ପରୋକ୍ଷରେ କଟାକ୍ଷ କରିଛନ୍ତି। ଅର୍ଥାତ୍ ଜୟନ୍ତଙ୍କ ମତରେ ତୃଣମୂଳ ସ୍ତରରୁ ରାଜନୈତିକ ପଦ ପଦବୀରେ ରହିଥିବା ବ୍ୟକ୍ତି ହିଁ ବିଧାୟକ ପ୍ରାର୍ଥୀ ହେବା ଆବଶ୍ୟକ।

ହେଲେ ଜୟନ୍ତଙ୍କୁ ଶାଣିତ ଢଙ୍ଗରେ ଜବାବ ଦେଇଛନ୍ତି ସୁନୀଲ। ବିଧାୟକ ହେବା ପାଇଁ ସେମିତି କୌଣସି ମାପଦଣ୍ଡ ନ ଥାଏ। ଲୋକମାନଙ୍କ ବିଶ୍ୱାସ ଏବଂ ଭଲପାଇବାର ଆବଶ୍ୟକତା ରହିଛି। ଜନସାଧାରଣ କାହା ଉପରେ ବିଶ୍ୱାସ ଏବଂ ଭରସା କରିପାରୁଛନ୍ତି ତାହା ହେଉଛି ବଡ଼ କଥା। ଭୋଟର ବିକାଶକୁ ଦେଖନ୍ତି। ସୁଖଦୁଃଖରେ ଛିଡା ହେଉଥିବା ଲୋକଙ୍କୁ ପସନ୍ଦ କରନ୍ତି। ବର୍ତ୍ତମାନ ଶିକ୍ଷିତ ପ୍ରାର୍ଥୀଙ୍କ ଆବଶ୍ୟକତା ରହିଛି। ଗତ ୫ ବର୍ଷରେ ପୁରୀ ବିକାଶରେ ନବୀନ ପଟ୍ଟନାୟକଙ୍କ ଅବଦାନକୁ ନିଜେ ବିକାଶ କରୁଥିବା ବାହାସ୍ଫୋଟଙ୍କ ମିଛ ପୁରୀବାସୀ ବୁଝି ସାରିଛନ୍ତି। ତେଣୁ କାହାକୁ ସେମାନେ ନେତା ନିର୍ବାଚିତ କରିବେ ମନସ୍ଥ କରିସାରିଛନ୍ତି ବୋଲି ଜବାବ ଦେଇଛନ୍ତି ସୁନୀଲ। ତେବେ ଏଭଳି ଆରୋପ ପ୍ରତ୍ୟାରୋପ ଭିତରେ ଭୋଟର କାହାର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

■ ଦୟଣା ଚୋରି କଲେ ମହାପ୍ରଭୁ

# ଆଜି ଦୟଣା ଲାଗି ନୀତି



**ପୁରୀ,୨୧।୪(ସମିସ):** ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ ରବିବାର ଦମନକ ଚୋରି ତଥା ଦୟଣା ଚୋରି ନୀତି ଅନୁଷ୍ଠିତ ହୋଇଛି। ଦୟଣା ଚୋରି କରିଛନ୍ତି ମହାପ୍ରଭୁ। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସରିବା ପରେ ରାମ, କୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଦୁଇଠାକୁରଙ୍କୁ ପ୍ରଦାନ କରିଥିଲେ। ଅଧିବାସ କନ୍ଦର୍ପ ପଟି ବଟମୂଳେ ରହିଥିବା ପାଲିଙ୍କି ନିକଟକୁ ମହାଜନ ସେବକ ବିଜେ କରାଇଥିଲେ। ଏହାପରେ ରାମ, କୃଷ୍ଣ ପାଲିଙ୍କୁ ବିଜେ ହୋଇଥିଲେ। କନ୍ଦର୍ପ ପଟି ଧରି ମହାଜନ ସେବକ ଆଗେ ଆଗେ ଚାଲିଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ଜଗନ୍ନାଥ ବଲ୍ଲଭ ଝୁଲଣ ଘର ଖଟଶେଜ ଉପରକୁ ପ୍ରଥମେ ରାମ କୃଷ୍ଣଙ୍କୁ ଓ ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସଂକଳ୍ପ ହୋମ ହୋଇ ଭୋଗ ବଢିଥିଲା। ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷରୋପଣ କରାଯାଇଥିଲା। ଭିତରଛୁ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ବାକି ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମକୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।
ଠାକୁର ବାହୁଡ଼ା ବିଜେ ପରେ ଭୋଗମଣ୍ଡପ ଘରେ ଧୋ ପଖାଳ ହୋଇ ଚାନ୍ଦୁଆ ଟଣା ହୋଇଥିଲା। ଚାନ୍ଦୁଆ ତଳେ ବାଲି ବନ୍ଧ ଉପରେ ଦୟଣା, ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପାଲିଙ୍କିରୁ ମହାଜନ ଦୁଇଠାକୁରଙ୍କୁ ଗରୁଡ଼ ଦ୍ୱାରକୁ ଆଣିଥିଲେ। ସେଠାରେ ମଇଲମ ହୋଇଥିଲା। ବଡ଼ସିଂହାର ଭୋଗ ଶେଷ ହେବା ପରେ ମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଭୋଗମଣ୍ଡପ ଘର ଖଟଶେଜ ଉପରେ ବିଜେ ହୋଇଥିଲେ। ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଶ୍ରୀଜଗନ୍ନାଥବଲ୍ଲଭରୁ ଆସିଥିବା ୩ଟି ଗଛ ଦୟଣା ଲାଗି କରାଇଥିଲେ। ସୋମବାର ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ଅନୁଷ୍ଠିତ ହେବ।

● ୨୪ରେ ଛତିଶା ନିଯୋଗ ବୈଠକ

# ଚୂଡ଼ାନ୍ତ ହେବ ଚନ୍ଦନ ଯାତ୍ରା ରୂପରେଖ

**ପୁରୀ,୨୧।୪(ସମିସ):** ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ଅପରାହ୍ନ ସାଢେ ୫ଟାରେ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ନୀତି ନିର୍ଘଣ୍ଟ କରାଯିବ। ଆସନ୍ତା ମେ ୧୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହିଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ପଞ୍ଚମହାଦେବଙ୍କ ସହ ମିଶି ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ତେଣୁ କିପରି ଠାକୁରଙ୍କ ଚନ୍ଦନ ଯାତ୍ରା ନୀତି ଶୃଙ୍ଖଳିତ ହେବ ତାହା ଉପରେ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଏହାବ୍ୟତୀତ ସଭପତିଙ୍କ ଅନୁମୋଦନକ୍ରମେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଆଲୋଚନା ହେବା ସମ୍ଭାବନା ରହିଛି।

# ସି-ଭିଜିଲ୍ ଆପ୍ ବ୍ୟବହାର ପାଇଁ ସଚେତନତା

**ପୁରୀ,୨୧।୪(ସମିସ):** ଆସୁଛି ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ଏହାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଦିଗରେ ରବିବାର ପୁରୀ ଷ୍ଟେଶନ ଅଟୋଚାଳକ ସଂଘ, ନୀଳକଣ୍ଠେଶ୍ୱର ଅଟୋ ଚାଳକ ସଂଘ ଏବଂ ଆସୋସିଏଶନ ଅଫ ଟ୍ୱିଟର ଆକ୍ଟିଭିଷ୍ଟସ୍‌ର ମିଳିତ ଆନୁକଲ୍ୟରେ ପୁରୀ ରେଳ ଷ୍ଟେଶନ ସମ୍ମୁଖରେ ନିର୍ବାଚନ କମିଶନଙ୍କ “ସି-ଭିଜିଲ” ଆପ୍ ବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଦସ୍ୟ ବୃନ୍ଦ ଯାତାୟାତ କରୁଥିବା ଯାତ୍ରୀ, ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣମାନଙ୍କୁ ସଚେତନ କରାଇବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସମ୍ପର୍କିତ ତଥ୍ୟକୁ ସି-ଭିଜିଲ ଆପ୍ ମାଧ୍ୟମରେ କିପରି ଅଭିଯୋଗ କରାଯାଇ ପାରିବ ଏବଂ ତାହା କିପରି ୧୦୦ ମିନିଟ ଭିତରେ ସମାଧାନ ହୋଇପାରୁଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ସି-ଭିଜିଲ ଆପ୍ ବ୍ୟବହାର ସମ୍ପର୍କିତ ଲିଫ୍‌ଲେଟ୍ ମଧ୍ୟ ଉକ୍ତ ଅଞ୍ଚଳରେ ବଣ୍ଟନ କରାଯାଇଥିଲା। ଉକ୍ତ ସମୟରେ ୫୦ରୁ ଉର୍ଦ୍ଧ୍ୱ ଆଣ୍ଡ୍ରଏଡ଼ ମୋବାଇଲରେ ଅଟୋଚାଳକ ସି-ଭିଜିଲ ଆପ୍ ଖୋଲିଥିଲେ। ସଂଘର ସମ୍ପାଦକ ଅକ୍ଷୟ କୁମାର ପ୍ରଧାନ, ସହ ସମ୍ପାଦକ ଡି ମୋହନ ରେଡ୍ଡୀ, ଉପସଭାପତି ସୁରେଶ ମଲ୍ଲିକ, ଉପ ସଭାପତି ଆର ପୁରୁଷୋତ୍ତମ ରେଡ୍ଡୀ, କୋଷାଧ୍ୟକ୍ଷ ଟୁନା ବାରିକଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବେହେରଣ ଦ୍ୱାରରେ ରକ୍ତ ଛିଟା

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୨୧।୪(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଚାଙ୍ଗଡ଼ା ଦ୍ୱାରରୁ ବେହେରଣ ଦ୍ୱାର ପର୍ଯ୍ୟନ୍ତ ରକ୍ତ ଛିଟା ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି। ରବିବାର ଭୋର ୫ଟା ୪୦ରେ ଦ୍ୱାର ଫିଟିଥିଲା। ସକାଳ ୬ଟା ୨୫ରେ ମଙ୍ଗଳ ଆଳତି ବଢି ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୧ଟା ୫ରେ ସକାଳଧୂପ ବଢିଥିଲା। ଏହାପରେ ଶ୍ରଦ୍ଧାଳୁମାନେ ଭିତର କାଠକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଚାଙ୍ଗଡ଼ା ଦ୍ୱାରରୁ ବେହେରଣ ଦ୍ୱାର ପର୍ଯ୍ୟନ୍ତ ରକ୍ତ ଛିଟା ପଡିଥିବା ଦେଖିବାକୁ ମିଳିଥିଲା। ରକ୍ତ ପଡ଼ିଥିବା ଜଣାପଡିବା ପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡିଥିଲା। ପୂଜାପଣ୍ଡା ସେବକମାନେ ମଧ୍ୟାହ୍ନ ୧୨ଟା ୪୦ରେ ମହାସ୍ନାନ ପୂଜା କରିଥିଲେ। ୧୨ଟା ୪୫ରେ ମହାସ୍ନାନ ପୂଜା ବଢିବା ପରେ ଯେଉଁଠାରୁ ନୀତି ଅଟକି ଥିଲା ସେହିଠାରୁ ପୁଣି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ତେବେ ରକ୍ତ କିପରି ପଡିଥିଲା ତାହା ଜଣାପଡି ନାହିଁ।

# ଚାରଣ ଗୋଷ୍ଠୀର ଶ୍ରୀମଦ୍ ଭାଗବତ ପାରାୟଣ

**ପୁରୀ,୨୧।୪(ସମିସ):** ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଓ ପୁରୀ ଚାରଣ ଶାଖା ମାଟିତୋଟା ଚକ୍ରତୀର୍ଥ ସହଯୋଗରେ ମାଟିତୋଟାସ୍ଥ ଚାରଣ ଆଶ୍ରମରେ ସପ୍ତଦିବସୀୟ ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଘାଟିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ପ୍ରଫୁଲ୍ଲ କୁମାର ମିଶ୍ର, ବ୍ୟାସ ନିରଞ୍ଜନ ନାୟକ, ପୁରୋହିତ ରାମଚନ୍ଦ୍ର ରଥ କହିଥିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଭାଗବତ ମହାତ୍ମ୍ୟ ପ୍ରଚାର ପ୍ରସାରରେ ଚାରଣ ଗୋଷ୍ଠୀର ଅବଦାନକୁ ଓଡ଼ିଶାବାସୀ ସ୍ମରଣ ରଖିବେ। ମୁଖ୍ୟବକ୍ତା ଘରେ ଘରେ ଭାଗବତ କାର୍ଯ୍ୟକ୍ରମର ପ୍ରବକ୍ତା ଗୀତିକାର ବଦ୍ରି ମିଶ୍ର କହିଥିଲେ ଯେ, ଏକ ଶୃଙ୍ଖଳିତ ସମାଜ ଗଠନରେ ଶ୍ରୀମଦ୍ ଭାଗବତର ଯୋଗଦାନ ଉଲ୍ଲେଖନୀୟ। ଝଙ୍କାରହଉ ଗୋଷ୍ଠୀ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଗବତ ମାହାତ୍ମ୍ୟ, ନୈମିଷାରଣ୍ୟ ଉପାଖ୍ୟାନ, ଭାଗବତର ଦଶଲକ୍ଷଣ ଓ କୁନ୍ତିସ୍ତବ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ମୁରଲୀଧର ଦାସ, ବିପିନ୍ ତ୍ରିପାଠୀ, ଦିଗମ୍ବର ସାହୁ, ନିରଞ୍ଜନ ଆଚାର୍ଯ୍ୟ, ପ୍ରଭାତ ମିଶ୍ର, ସତ୍ୟ ନାରାୟଣ ପଣ୍ଡା ଓ ଲକ୍ଷ୍ମୀଧର ପ୍ରଧାନ। ଏହି ପାରାୟଣ ଆସନ୍ତା ୨୫ ତାରିଖରେ ଉଦ୍‌ଯାପିତ ହେବ।

# ଆଦର୍ଶ ଛାତ୍ର ସୃଷ୍ଟି ପାଇଁ ପରାମର୍ଶ



**ପୁରୀ,୨୧।୪(ସମିସ):** ଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିରର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ନାୟକ ଓ ମୁଖ୍ୟବକ୍ତା ଭାବେ ସୁଦର୍ଶନ ମିଶ୍ର ସହ ଜିଲ୍ଲା ପ୍ରମୁଖ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସରପଞ୍ଚ ନିରୁପମା ମଲ୍ଲିକ, ସମିତି ସଭ୍ୟା ବୀଣାପାଣି ସେଠୀ, ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ସାମନ୍ତରା ଓ କୋଷାଧ୍ୟକ୍ଷ ସନାତନ ସ୍ୱାଇଁ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଦର୍ଶ ଛାତ୍ର ସୃଷ୍ଟି ପାଇଁ ଆଦର୍ଶ ଗୁରୁ ଓ ଆଦର୍ଶ ଅଭିଭାବକ ଲୋଡା ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାମନ୍ଦିରର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଅଭିଲିପ୍‌ସା ଜେନାଙ୍କୁ ରାଧାମଣୀ ବେୱା ମେମୋରିଆଲ ସିଲ୍, ଆଶୁତୋଷ ମିଶ୍ରଙ୍କୁ ପ୍ରଭାତ କୁମାର ପରିଡ଼ା ମେମୋରିଆଲ ସିଲ୍, ଆରାଧ୍ୟା ଅନିନ୍ଦିତା ପ୍ରଧାନଙ୍କୁ ଅର୍ଜୁନ ବରାଳ ମେମୋରିଆଲ ସିଲ୍, ଅଙ୍କେଶ ମହାରଣାଙ୍କୁ ବାସୁଦେବ ସ୍ୱାଇଁ ମେମୋରିଆଲ ସିଲ୍, ପ୍ରତୀକ୍ଷା ପ୍ରିୟଦର୍ଶିନୀ ରାଉତଙ୍କୁ ନିରଞ୍ଜନ ସାମନ୍ତରା ମେମୋରିଆଲ ସିଲ୍, ବିଭୂପଦ ସ୍ୱାଇଁଙ୍କୁ ଅଭିରାମ ସ୍ୱାଇଁ ମେମୋରିଆଲ ସିଲ୍, ଟୁଇଙ୍କିଲ୍ ପ୍ରିୟଦର୍ଶିନୀ ସାହୁଙ୍କୁ ରାଧାକାନ୍ତ ଜୁଏଲର୍ସ ମେମୋରିଆଲ ସିଲ୍ ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିରର ଶୁଭେଚ୍ଛୁ ଭାବେ ଲକ୍ଷ୍ମୀ ନାରାୟଣ ସେନାପତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବିଶ୍ୱଜିତ୍ ଜେନା, ଗୀତାଞ୍ଜଳି ସେନାପତିଙ୍କୁ ବାଣୀପ୍ରିୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ‘ଚନ୍ଦନ ଚର୍ଚ୍ଚିତ ଚନ୍ଦନପୁର’ ସମସ୍ତଙ୍କୁ ବିମୋହିତ କରିଥିଲା। ସମସ୍ତ ଶିଶୁ ଭାଇଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିର ଗୁରୁଜୀ ଗୁରୁମା ଓ ସେବକ ସେବିକାମାନେ ପରିଚାଳନା କରିଥିଲେ।

■ ଚଳନ୍ତା ଟ୍ରେନରୁ ଠେଲି ଯୁବକଙ୍କୁ ହତ୍ୟା ଘଟଣା

# ଫେରାର୍ ଅଭିଯୁକ୍ତକୁ ବାନ୍ଧିଲା ପୁଲିସ

**ପୁରୀ,୨୧।୪(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚଳନ୍ତା ଟ୍ରେନରୁ ଯୁବକଙ୍କୁ ଠେଲି ଦେବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୁରୀ ଜିଆର୍‌ପି ଥାନା ପୁଲିସ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଡେଲାଙ୍ଗ ଥାନା ଗୋଡ଼ା ମୋଟରୀର ଦୁର୍ଗାପ୍ରସାଦ ବେହେରା (୨୦)। ଅଭିଯୋଗ ଅନୁଯାୟୀ, ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନରେ ଅଭିଯୋଗକାରୀ ଡେଲାଙ୍ଗ ଥାନା ବାଲିହୁଙ୍କାର ଧର୍ମେନ୍ଦ୍ର ଜେନା (୧୭) ଖୋର୍ଦ୍ଧା-ପୁରୀ ପାସେଞ୍ଜର ଟ୍ରେନରେ ଯାତ୍ରା କରୁଥିଲେ। ମାତ୍ର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହରିପୁର ଜଙ୍କସନ ନିକଟରେ ଅଭିଯୁକ୍ତ ଦୁର୍ଗାପ୍ରସାଦ ତାଙ୍କ ସାଙ୍ଗଙ୍କ ସହ ମିଶି ଧର୍ମେନ୍ଦ୍ରଙ୍କୁ ଠେଲି ଦେଇଥିଲ। ଗୁରୁତର ଅବସ୍ଥାରେ ଧର୍ମେନ୍ଦ୍ରଙ୍କୁ ଜଟଣୀ ସରକାରୀ ହସ୍ପିଟାଲକୁ ନେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଏମ୍ସ ଏବଂ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ନଭେମ୍ବର ୪ ତାରିଖରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ହତ୍ୟା ମାମଲା (ନଂ.୭୯/୨୩) ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ରବିବାର ଦୁର୍ଗାପ୍ରସାଦକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ବାଣୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ପିପିଲି,୨୧।୪(ସମିସ):** ପିପିଲି ବ୍ଲକ ଜଇସପାଟଣାଠାରେ ଥିବା ବାଣୀ ବିଦ୍ୟା ମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ପ୍ରତିଭା ମହାରଥୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବୃନ୍ଦାବନ ଜେନା, ସମ୍ମାନିତ ଅତିଥି ଭାବେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, ଉତ୍କଳ ଶିକ୍ଷା ବିକାଶ ପରିଷଦ ଭୁବନେଶ୍ୱରର ଅଧ୍ୟକ୍ଷ ମଗୁଲି ଚରଣ ମହାନ୍ତି, ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ଓ ଗୋବିନ୍ଦପୁର ପଞ୍ଚାୟତ ସମିତି ସଭ୍ୟା କବିତା ଖଟେଇ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ବିଦ୍ୟାଳୟର ଉତ୍ତମ ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିବା ସହିତ ଅଭିଭାବକଙ୍କର ଛାତ୍ରଛାତ୍ରୀଙ୍କ ପ୍ରତି ଥିବା କର୍ତ୍ତବ୍ୟ ଉପରେ ଆଲୋକପାତ କରିଥଲେ। ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରୀଶ ସ୍ୱାଇଁ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍କୁଲ ସମ୍ପାଦକ ସୁଧୀର କୁମାର ପ୍ରଧାନ ସଭାରେ ସଭାପତିତ୍ୱ କରିଥିବା ବେଳେ ସଭାପତି ଅର୍ଜୁନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।




କାକଟପୁର ବିଜେପି ପ୍ରାର୍ଥୀଙ୍କୁ ବିରୋଧ

# ପ୍ରାର୍ଥୀଙ୍କ ଉପସ୍ଥିତିରେ କର୍ମୀଙ୍କ ମଧ୍ୟରେ ଠେଲାପେଲା



**ପୁରୀ/ନୟାହାଟ/ନୂଆପଲମହାଟ, ୨୧।୪(ସମିସ):** ବିଜେପିର ଟିକେଟ ବଣ୍ଟନ କନ୍ଦଳ ଏ ପର୍ଯ୍ୟନ୍ତ ଥମିନି। ଗୋଟିଏ ପରେ ଗୋଟିଏ ନିର୍ବାଚନମଣ୍ଡଳୀରେ ଚୟନ ପ୍ରାର୍ଥୀଙ୍କୁ ନିଜ ଦଳ ଭିତରୁ ବିରୋଧ କରାଯାଉଛି। ମୁଖିଆଙ୍କ ପସନ୍ଦକୁ ମାନିବାକୁ ନାରାଜ କର୍ମୀ। ଫଳରେ ଦଳ ଭିତରେ ବିଦ୍ରୋହ ଉଗ୍ରରୂପ ନେଉଛି। ରବିବାର ପୁରୀ ଜିଲ୍ଲାରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। କାକଟପୁର ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଛନ୍ତି ଦଳୀୟ କର୍ମୀ। ଖୋଦ୍ ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକଙ୍କ ଉପସ୍ଥିତିରେ କର୍ମୀଙ୍କ ମଧ୍ୟରେ କଥା କଟାକଟି ଏବଂ ଠେଲାପେଲା ହୋଇଛି। କାକଟପୁରରୁ ବାଇଧର ମଲ୍ଲିକଙ୍କ ନାମ ଘୋଷଣା ହେବା ପରଠାରୁ କର୍ମୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ କାର୍ଯ୍ୟାଳୟ ଆଗରେ ହଙ୍ଗାମାଠାରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀରେ ବି ବିଦ୍ରୋହ ଲାଗି ରହିଛି। ବାଇଧର ମଲ୍ଲିକଙ୍କୁ ପରିବର୍ତ୍ତନ କରି କାକଟପୁର ଅଞ୍ଚଳରୁ ଜଣଙ୍କୁ ପ୍ରାର୍ଥୀ କରିବାକୁ ଅସନ୍ତୁଷ୍ଟ କର୍ମୀମାନେ ଦାବି କରି ଆସୁଛନ୍ତି। ଏହି କ୍ରମରେ ରବିବାର ଯୋଗେଶ୍ୱରପୁର ମହାବୀର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା ବୁଥ୍‌ସ୍ତରୀୟ ବୈଠକ। ଏଥିରେ ୮ଟି ମଣ୍ଡଳର କର୍ମକର୍ତ୍ତାଙ୍କ ସମେତ ଦଳୀୟ କର୍ମୀ ବି ଯୋଗଦେଇଥିଲେ। ଖୋଦ୍ ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଏବଂ ଦଳର ଅନ୍ୟ ବ୍ଲକସ୍ତରୀ ନେତୃବୃନ୍ଦ ଯୋଗଦେଇଥିଲେ। ହଠାତ୍ ବିଜେପିର କିଛି ଅସନ୍ତୁଷ୍ଟ କର୍ମୀ ପହଞ୍ଚି ବାଇଧରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ନାରାବାଜି ଦେଇଥିଲେ। ବାଇଧରଙ୍କ ଟିକେଟ ପରିବର୍ତ୍ତନ କରିବାକୁ କହିଥିଲେ। ଫଳରେ ବାଇଧରଙ୍କ ସମର୍ଥକ ଏବଂ ଅସନ୍ତୁଷ୍ଟ ବିଜେପି କର୍ମୀଙ୍କ ମଧ୍ୟରେ କଥା କଟାକଟି ଏବଂ ଠେଲାପେଲା ହୋଇଥିଲା। ବାଇଧରଙ୍କ ସମର୍ଥକମାନେ ଅସନ୍ତୁଷ୍ଟ କର୍ମୀମାନଙ୍କୁ ଠେଲି ବୈଠକସ୍ଥଳରୁ ବାହାରକୁ ବାହାର କରିଦେଇଥିଲେ। କିଛି ସମୟ ସେଠାରେ ହଟ୍ଟଗୋଳ ସହ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା।
ବିଜେପି କର୍ମୀ ତପନ କାଣ୍ଡି କହିଛନ୍ତି, କାକଟପୁର ନିର୍ବାଚନମଣ୍ଡଳୀରେ ବାଇଧରଙ୍କ ପ୍ରାର୍ଥିତ୍ୱକୁ କେହି ଗ୍ରହଣ କରୁନାହାନ୍ତି। ଏଠାରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବା ପାଇଁ ଭୋଟର ଚାହୁଁଛନ୍ତି। ବାଇଧର ହଟାଅ, କାକଟପୁର ବଞ୍ଚାଅ ହେଉଛି



ଯୁବଶକ୍ତି ଓ ନାରୀର ସୌନ୍ଦର୍ଯ୍ୟ ହିଁ ବିଶ୍ୱକୁ ସବୁବେଳେ ପରିଚାଳିତ କରି ଆସିଛି।
-ଚାଣକ୍ୟ


ସକାଳ
THE SAKALA


## ବଢୁଛି ବନାଗ୍ନି ବିପତ୍ତି

# ଅଧିକ ପ୍ରଭାବଶାଳୀ ପଦକ୍ଷେପ ଲୋଡ଼ା

ବନ୍ୟା, ବାତ୍ୟା ଆଦି ହେଉ କିମ୍ବା ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କରୁଣ ପରିଣତି - ସତେଯେମିତି ପ୍ରାକୃତିକ ଦୁର୍ବିପାକ ଦାଉ ସାଧିବା ପାଇଁ ଓଡ଼ିଶାକୁ ହିଁ ବାଛି ନେଇଛି। ବନ୍ୟା, ବାତ୍ୟା, ମରୁଡ଼ି ଆଦିର ଚିରସହଚର ଓଡ଼ିଶା ଗତ କିଛି ବର୍ଷ ଧରି ପ୍ରଚଣ୍ଡ ରୌଦ୍ରତାପ, ଅଂଶୁଘାତ, ବନାଗ୍ନିର ସମ୍ମୁଖୀନ ହୋଇ ଆସୁଛି। ଚଳିତ ବର୍ଷ ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ତାଲିକାରେ ନବମ ସ୍ଥାନରେ ଓଡ଼ିଶାର ଦୁଇଟି ସହର ବୌଦ୍ଧ ଓ ବାରିପଦା ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରତିଦିନ ସର୍ବକାଳୀନ ରେକର୍ଡ ତାପମାତ୍ରା ତାଲିକାରେ ଓଡ଼ିଶାର ନୂଆ ନୂଆ ସହର ସାମିଲ୍ ହେଉଛନ୍ତି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ଜଳାଶୟ ଶୁଖିଗଲାଣି। ଏଭଳି ପରିସ୍ଥିତିରେ ଆମ ରାଜ୍ୟ ବନାଗ୍ନି ବା ଜଙ୍ଗଲ ପୋଡ଼ି ଘଟଣାରେ ୨୦୨୩ରେ ଦେଶରେ ଏକନମ୍ବର ରାଜ୍ୟ ଭାବେ କୁଖ୍ୟାତି ଅର୍ଜନର ପୁନରାବୃତ୍ତି ଆଶଙ୍କା ସୃଷ୍ଟି ହୋଇଛି।

ଗତ ସପ୍ତାହକ ମଧ୍ୟରେ ଦେଶର ସର୍ବାଧିକ ବନାଗ୍ନି ଘଟଣା ତାଲିକାରେ ଓଡ଼ିଶା ପୁଣି ଥରେ ଏକନମ୍ବର ସ୍ଥାନ ହାସଲ କରିଛି। 'ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା'ର ତଥ୍ୟାନୁଯାୟୀ, ଗତ ସପ୍ତାହରେ ଓଡ଼ିଶାର ଜଙ୍ଗଲାଞ୍ଚଳରେ ୩, ୯୯୨ଟି ସ୍ଥାନରେ ବନାଗ୍ନିର ସୂଚନା ମିଳିଛି। ଓଡ଼ିଶା ପଛକୁ ଛତିଶଗଡ଼(୨, ୪୧୩), ଆନ୍ଧ୍ରପ୍ରଦେଶ(୨, ୦୪୮) ଓ ଝାଡ଼ଖଣ୍ଡ(୧, ୩୩୩) ରହିଛନ୍ତି। ଗତ ସପ୍ତାହରେ ଦେଶରେ ଯେତୋଟି ବନାଗ୍ନି ଠାବ କରାଯାଇଥିଲା ସେଥିମଧ୍ୟରୁ ୩୨% ହେଉଛି ଓଡ଼ିଶାର। ସେହିପରି ଏ ପର୍ଯ୍ୟନ୍ତ ଦେଶର ମୋଟ ବିଶାଳ ବନାଗ୍ନି ମଧ୍ୟରୁ ୩୪% ଓଡ଼ିଶାରେ ରହିଛି। ରାଜ୍ୟ ବନ ବିଭାଗର ସୂଚନା ଅନୁସାରେ ଗତ ଏକ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧୧, ୮୩୩ଟି ବନାଗ୍ନି ଠାବ ହୋଇଛି। ସବୁଠାରୁ ଉଦ୍‌ବେଗଜନକ ହେଉଛି ଶିମିଳିପାଳ ବନାଗ୍ନି। ଏ ପର୍ଯ୍ୟନ୍ତ ସେଠାରେ ପ୍ରାୟ ୧୩୦ରୁ ଅଧିକ ସ୍ଥାନରେ ନିଆଁ ଲାଗିଥିବା ବେଳେ ପ୍ରାୟ ଅଧାଅଧି ନିୟନ୍ତ୍ରଣ ବାହାରେ ରହିଛି। ଏହି କାରଣରୁ ଅନେକ ମୂଲ୍ୟବାନ ଓ ବିରଳ ବୃକ୍ଷଲତା ନିଶ୍ଚିହ୍ନ ହୋଇଯାଇଛି ଏବଂ ବନ୍ୟଜନ୍ତୁମାନଙ୍କ ବଂଶ ନିପାତ ହେବାରେ ଲାଗିଛି। ସାରା ଶିମିଳିପାଳ ଯେପରି ଏକ ଅଗ୍ନିବଳୟ ମଧ୍ୟରେ ରହିଛି। ଏହାକୁ ଆହୁରି ତେଜୀୟାନ କରୁଛି କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା। ଯଥାଶୀଘ୍ର ଏହାକୁ ନିୟନ୍ତ୍ରଣ କରାନ ଗଲେ ରାଜ୍ୟକୁ ଅନେକ ପ୍ରାକୃତିକ ସମ୍ବଳ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ।

ଡିସେମ୍ବରଠାରୁ ଜାନୁଆରୀ ପର୍ଯ୍ୟନ୍ତ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯେପରି ଭୟାନକ ଓ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଛି, ଓଡ଼ିଶାରେ ମାର୍ଚ୍ଚଠାରୁ ମେ' ମାସ ବନାଗ୍ନି ସେହିପରି ରାଜ୍ୟର ପ୍ରାକୃତିକ ସମ୍ପଦ, ଜୈବବିବିଧତା ଓ ପଶୁପକ୍ଷୀଙ୍କ ପାଇଁ ଶୋଚନୀୟ କ୍ଷୟକ୍ଷତି ଆଣୁଛି। ବର୍ଷ ପରେ ବର୍ଷ ବନାଗ୍ନି ଅଘଟଣ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ଦିଗରେ ଯେ ସରକାରୀ କଳ ଉଦାସୀନ ତା' ନୁହେଁ। ତେବେ ବନାଗ୍ନି ଘଟଣାର ଅହେତୁକି ବୃଦ୍ଧି ଆଗରେ ଅଧିକ ପ୍ରଭାବଶାଳୀ ଓ ସମୟୋପଯୋଗୀ ପଦକ୍ଷେପ ଆବଶ୍ୟକ। ବନାଗ୍ନି ବା ଜଙ୍ଗଲ ନିଆଁ ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଓଡ଼ିଶାରେ ବନାଗ୍ନି ଅସମୟରେ ଆତ୍ମପ୍ରକାଶ କରୁଥିବାରୁ ଚିନ୍ତା ବଢୁଛି। ଖରାଦିନ ଆସିବା ପୂର୍ବରୁ ଝଡ଼ା ପତ୍ରରେ ନିଆଁ ଲାଗେ। ଏହାଛଡ଼ା ପୋଡୁଚାଷ, କୋଇଲା ମାଫିଆ, ବଜ୍ରପାତ, ପ୍ରବଳ ଝାଞ୍ଜି ପବନ ଯୋଗୁଁ ଗଛର ଶୁଖିଲା ଡାଳ ଘଷି ହେବା ଓ ବଣଭୋଜି କରୁଥିବା ଲୋକଙ୍କ ଉଦାସୀନତା ଯୋଗୁଁ ମଧ୍ୟ ଅନେକ ସମୟରେ ସାମାନ୍ୟ ନିଆଁ ଝୁଲ ପରବର୍ତ୍ତୀ ସମୟରେ ବିଶାଳ ବନାଗ୍ନି ସୃଷ୍ଟି କରୁଛି। ଏଥିମଧ୍ୟରୁ ପୋଡୁଚାଷର ଯୋଗଦାନ ସର୍ବାଧିକ। ରାଜ୍ୟ ବନ ବିଭାଗର ସୂଚନା ଅନୁଯାୟୀ, ବନାଗ୍ନିରେ କେବଳ ଦକ୍ଷିଣ ଓଡ଼ିଶାର ପୋଡୁଚାଷର ଯୋଗଦାନ ୬୨ ପ୍ରତିଶତ। ସେଥିମଧ୍ୟରୁ କୋରାପୁଟ୍ ମଣ୍ଡଳରେ ୩୪୫ଟି ଓ ବ୍ରହ୍ମପୁର ମଣ୍ଡଳରେ ୩୮୮ଟି ବନାଗ୍ନି ମହାବିଷୁବ ସଂକ୍ରାନ୍ତି ପରବର୍ତ୍ତୀ ସମୟର ପୋଡୁଚାଷ ଯୋଗୁଁ ସଂଘଟିତ ହୋଇଛି। କେବଳ ଓଡ଼ିଶା ନୁହେଁ, ବିଭିନ୍ନ କାରଣରୁ ଭାରତର ମୋଟ ଜଙ୍ଗଲ ମଧ୍ୟରୁ ପ୍ରାୟ ୧୧ ପ୍ରତିଶତ ଅଗ୍ନିପ୍ରବଣ। ଖରାଟିଆ ବର୍ଷା ଯୋଗୁଁ ଏହା ନିୟନ୍ତ୍ରଣରେ ରହିଥାଏ। ଏବେ କିନ୍ତୁ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଅକ୍ଟୋବର ମାସ ଶେଷରୁ ବର୍ଷା ଛାଡ଼ିଯାଉଛି ଏବଂ ଜୁଲାଇ ସୁଦ୍ଧା ଦେଖାଯାଉନାହିଁ। ତେଣୁ ବନାଗ୍ନି ପରି ଘଟଣା ଅଧିକ ଦେଖାଯାଉଛି।

ମୂଳ କଥା ହେଲା ବନାଗ୍ନି ଆରମ୍ଭ ହେବା ପରେ ପରିବେଶବିତ୍ ଓ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ସର୍ବୋଚ୍ଚ ପଦାଧିକାରୀମାନେ ଜଳବାୟୁ ପରିବର୍ତ୍ତନ ଓ ଲୋକଙ୍କ ଉଦାସୀନତାକୁ ଦୋଷ ଦେଇ ବସିଯାଆନ୍ତି। କିନ୍ତୁ ପରିବର୍ତ୍ତୀ ସମୟରେ ଏହାର ପୁନରାବୃତ୍ତି କିପରି ନ ହେବ ସେଥିପ୍ରତି ଦୀର୍ଘମିଆଦୀ ଯୋଜନା ହୁଏ ନାହିଁ କି ଅଭିଜ୍ଞତାରୁ କିଛି ଶିଖି ପ୍ରୟୋଗ କରିବାରେ ନିଷ୍ଠା ରହେ ନାହିଁ। ଏହି କାରଣରୁ ଓଡ଼ିଶାରେ ବନାଗ୍ନି ପ୍ରତିବର୍ଷ ନୂଆ ନୂଆ ଅଲୋଡ଼ା ରେକର୍ଡମାନ ପ୍ରତିଷ୍ଠା କରି ଚାଲିଛି। ଏହା ଅବଶ୍ୟ ଅସ୍ୱୀକାର କରିବାର ନାହିଁ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜଙ୍ଗଲ ଓ ଏହାର ସ୍ୱାସ୍ଥ୍ୟ ଉପରେ ପଡ଼ିଛି। ବର୍ଷାଭାବ, ତାପପ୍ରବାହ ଏବଂ ଶୁଷ୍କ ପରିବେଶ ଜଙ୍ଗଲ ନିଆଁକୁ ଅଧିକ ସୁହାଉଛି। ଏଭଳି ସମୟରେ ବନାଗ୍ନିକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅଧିକ ପାଣ୍ଠି ଏବଂ ବୈଷୟିକ ସହଯୋଗ ଯୋଗାଇବାର ଆବଶ୍ୟକତା ରହିଛି। ଆମ ଜଙ୍ଗଲବିଭାଗ ଏବେ ଉଭୟ ଲୋକବଳ ଏବଂ ସାଧନ ଦୃଷ୍ଟିରୁ ଏ କ୍ଷେତ୍ରରେ ଦୁର୍ବଳ। ଏହାସତ୍ତ୍ୱେ ରାଜ୍ୟ ବନ ବିଭାଗ ଏ ପର୍ଯ୍ୟନ୍ତ ୩୭୦ଟି ବନାଗ୍ନି ପ୍ରଶମନ ଟିମ୍ ଗଠନ କରିଥିବା ବେଳେ ୩୩୦ଟି ଦମକଳ ଗାଡ଼ି ନିୟୋଜିତ କରିଛି। ୪୮୦୦ ବ୍ଲୋୟର ମେସିନ୍‌ଯୋଗାଇ ଦିଆଯାଇଛି। ବନାଗ୍ନି ସୂଚନା ଓ ପ୍ରଶମନ କାର୍ଯ୍ୟ ପ୍ରାୟ ଶତପ୍ରତିଶତ କାର୍ଯ୍ୟକ୍ଷମ ରହିଛି। ଫୁଟ୍ ପାଟ୍ରୋଲିଂ ଟିମ୍‌କୁ ଅଧିକ ସକ୍ରିୟ ଓ ସତର୍କ କରାଯାଇଛି ଏବଂ ପର୍ଯ୍ୟାପ୍ତ ପରିମାଣରେ ଜଙ୍ଗଲ ଜନ୍ତୁଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଉଛି। ତଥାପି କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ଓ ବନାଗ୍ନିକୁ ଦେଖିଲେ ଏହା ଯଥେଷ୍ଟ ନୁହେଁ ବୋଲି ମନେ ହୁଏ।

ବନାଗ୍ନିକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ଲୋକ, ଜଙ୍ଗଲ ପାଖ ଗ୍ରାମବାସୀ ଏବଂ ବନବାସୀଙ୍କ ସହାୟତା ଓ ସହଯୋଗ ଅଧିକରୁ ଅଧିକ ଉପଯୋଗ କରାଯିବା ଆବଶ୍ୟକ। ଏହାବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବନମିତ୍ର ଗୋଷ୍ଠୀର ସଦସ୍ୟ ଓ ଗ୍ରାମ କମିଟିକୁ ଏହି କାମରେ ନିୟୋଜିତ କରାଯିବା ଗୁରୁତ୍ୱପୂର୍ଣ୍ଣ। ନିକଟରେ ଓଡ଼ିଶା ସରକାର ଜଙ୍ଗଲ ନିକଟସ୍ଥ ଗ୍ରାମପୁଞ୍ଜର ଅଧିବାସୀଙ୍କୁ ଅସଂରକ୍ଷିତ ଜଙ୍ଗଲ ଅଞ୍ଚଳର ସ୍ୱତ୍ତ୍ୱାଧିକାର ପ୍ରଦାନ କରିବା ଆରମ୍ଭ କରିଛନ୍ତି। ଏହାଦ୍ୱାରା ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନେ ଜଙ୍ଗଲର ସାମୂହିକ ମାଲିକାନା ପାଇବା ଯୋଗୁଁ ଜଙ୍ଗଲର ଅଧିକ ସୁରକ୍ଷା କରିପାରିବେ ଏବଂ ଜଙ୍ଗଲଜାତ କ୍ଷୁଦ୍ର ଉତ୍ପାଦରୁ ସାମୂହିକ ଆୟ ମଧ୍ୟ ପାଇବେ। ତେଣୁ ବନାଗ୍ନି ପରିସ୍ଥିତିରେ ଗ୍ରାମବାସୀମାନେ ଅଧିକ ଉତ୍ତରଦାୟୀ ଓ କର୍ତ୍ତବ୍ୟନିଷ୍ଠ ହୋଇ ବନାଗ୍ନି ଆରମ୍ଭ ହେବା ମାତ୍ରେ ଗ୍ରାମ ସମ୍ପତ୍ତି ମନେ କରି ଆଶୁ ପଦକ୍ଷେପ ନେଇପାରିବେ।

ସର୍ବୋପରି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବନାଗ୍ନିକୁ ରୋକିବା ସହିତ ଜଙ୍ଗଲ କ୍ଷୟର ମୁକାବିଲା ପାଇଁ କେନ୍ଦ୍ରୀୟ ସ୍ତରରେ ନୂଆ ନୀତି ଓ ଯୋଜନାର ଆବଶ୍ୟକତା ରହିଛି। ଯେଉଁ ପରିଶ୍ରମ ଓ ଅର୍ଥ ଖର୍ଚ୍ଚ କରି ସରକାର ଜଙ୍ଗଲାଞ୍ଚଳ ବୃଦ୍ଧି କରୁଛନ୍ତି, ତାହାକୁ ବନାଗ୍ନିରେ ନଷ୍ଟ କରି ଦିଆଯାଇ ନ'ପାରେ। ଜଙ୍ଗଲ ନିଆଁକୁ ଅଗ୍ରାଧିକାର ଭିତ୍ତିରେ ନିୟନ୍ତ୍ରଣ ପାଇଁ ଜଙ୍ଗଲ କର୍ମଚାରୀଙ୍କୁ ବିଶେଷ ପ୍ରଶିକ୍ଷଣ, ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ଜଙ୍ଗଲ କଟା ଓ ବନ୍ୟପଶୁ ଶିକାର ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା'ଏବଂ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗରେ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ପ୍ରଣୟନ ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲେ ବନାଗ୍ନିକୁ ଅନେକାଂଶରେ ନିୟନ୍ତ୍ରଣ କରିହେବ।

### ଘୋଷଣା


ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com


# କୌଟିଲ୍ୟଙ୍କ ରାଷ୍ଟ୍ରନୀତି




**ପ୍ରଫେସର ଅରୁଣ ରଞ୍ଜନ ମିଶ୍ର**
ଶାନ୍ତିନିକେତନ, ମୋ: ୯୪୩୪୮୩୮୩୦୯


ଆଧୁନିକ ଯୁଗରେ ପ୍ଲାଟୋଙ୍କ 'ଦି ରିପବ୍ଲିକ' ଗ୍ରନ୍ଥ ପରି କୌଟିଲ୍ୟଙ୍କର 'ଅର୍ଥଶାସ୍ତ୍ର' ଅତ୍ୟନ୍ତ ପ୍ରାସଙ୍ଗିକ। କୌଟିଲ୍ୟଙ୍କ ପୂର୍ବରୁ ଭାରତରେ ରାଜନୀତିଶାସ୍ତ୍ରର ପରମ୍ପରା ମଧ୍ୟ ଅତି ପ୍ରାଚୀନ। ବୃହସ୍ପତି, ବାହୁଦନ୍ତୀପୁତ୍ର(ଇନ୍ଦ୍ର), ପିଶୁନ(ନାରଦ), ପରାଶର, ଭରଦ୍ୱାଜ (ଦ୍ରୋଣ), ବିଶାଳାକ୍ଷ, କୌଣପଦନ୍ତ(ଭୀଷ୍ମ), ବାତବ୍ୟାଧି(ଶ୍ରୀକୃଷ୍ଣଙ୍କ ମନ୍ତ୍ରୀ ଉଦ୍ଧବ) ଓ ବ୍ୟାସ ଇତ୍ୟାଦିଙ୍କ ଶତାଧିକ ରାଜନୀତି ଶାସ୍ତ୍ରର ଗ୍ରନ୍ଥ ଏବେ ପ୍ରାୟ ବିଲୁପ୍ତ କିମ୍ବା ପୋଥି ଆକାରରେ କୋଉଠି ଶଢୁଛନ୍ତି। ତେଣୁ ଗ୍ରୀସର ଦୁଃଖାନ୍ତ ନାଟକ ପରମ୍ପରାଠୁ ଆମ ନାଟକ ପରମ୍ପରା ଯେପରି ସହସ୍ରବର୍ଷ ପ୍ରାଚୀନ, ସେହିପରି ପାଶ୍ଚାତ୍ୟ ରାଷ୍ଟ୍ର ଶାସ୍ତ୍ର ପରମ୍ପରାଠୁ ଆମର ଅର୍ଥଶାସ୍ତ୍ର ପରମ୍ପରା ମଧ୍ୟ ସହସ୍ର ବର୍ଷ ପ୍ରାଚୀନ। କୌଟିଲ୍ୟଙ୍କ ମତରେ 'ଅର୍ଥ' ଶବ୍ଦର ଅର୍ଥ ହେଉଛି 'ମନୁଷ୍ୟବତୀ ଭୂମି'। ଅର୍ଥାତ ମଣିଷମାନେ ବସବାସ କରୁଥିବା ଏକ ନିର୍ଦ୍ଦିଷ୍ଟ ସୀମାରେଖା ଥିବା ଭୂମି। କୌଟିଲ୍ୟ ଏହି ଚିନ୍ତନକୁ ପ୍ରାଚୀନ ଭାରତୀୟ ରାଜନୀତି ବିଶାରଦମାନଙ୍କଠୁ ଗ୍ରହଣ କରିଛନ୍ତି। ତେଣୁ 'ଅର୍ଥଶାସ୍ତ୍ର'ର ସହଜ ଅର୍ଥ ହେଉଛି 'ରାଷ୍ଟ୍ରଶାସ୍ତ୍ର' ବା ରାଜ୍ୟଶାସ୍ତ୍ର ଅଥବା 'ରାଜନୀତିଶାସ୍ତ୍ର'।

ଏକ ଉଚ୍ଚଶିକ୍ଷିତ ବର୍ଗରେ ଏବେ ବି ଏକ ଧାରଣା ଅଛି ଯେ ପ୍ରାଚୀନ ଭାରତରେ ରାଷ୍ଟ୍ରର କଳ୍ପନା ନଥିଲା। ଋଗବେଦରେ ରାଷ୍ଟ୍ରକଳ୍ପନାକୁ ନେଇ ଲେଖକର ଏକ ଦୀର୍ଘ ପ୍ରବନ୍ଧ ପଞ୍ଜାବର 'ବିଶ୍ୱେଶ୍ୱରାନନ୍ଦ' ପତ୍ରିକାରେ ଗତବର୍ଷ ପ୍ରକାଶିତ। 'ଅର୍ଥଶାସ୍ତ୍ର'ରେ କୌଟିଲ୍ୟ 'ରାଷ୍ଟ୍ର' ଶବ୍ଦକୁ ବାରମ୍ବାର ବ୍ୟବହାର କରିଛନ୍ତି। ପ୍ରଥମ ଅଧିକରଣର ଇନ୍ଦ୍ରିୟଜୟ ପ୍ରକରଣରେ ଅନୈତିକ ଓ ଇନ୍ଦ୍ରିଭୋଗରେ ଲିପ୍ତ ରାଜନେତାମାନେ ବନ୍ଧୁବର୍ଗ ଓ ରାଷ୍ଟ୍ର ସହିତ ନଷ୍ଟ ହୋଇଯା'ନ୍ତି ବୋଲି ସେ କହୁଛନ୍ତି - 'ସବନ୍ଧୁରାଷ୍ଟ୍ରା ରାଜାନୋ ବିନେଶୁରଜିତେନ୍ଦ୍ରିୟାଃ'।

କୌଟିଲ୍ୟଙ୍କ ମତରେ ଉଭୟ ବିପଦ ଓ ସମ୍ପଦ ସମୟରେ ବୁଦ୍ଧିକୁ ସମସ୍ତଙ୍କ ଉପକାର ପାଇଁ ଅବିକୃତ ରଖିବା ଶାସକ ଓ ନେତାମାନଙ୍କ ପାଇଁ ଖୁବ ଆବଶ୍ୟକ। କେବଳ ସ୍ୱାର୍ଥଦୃଷ୍ଟି ରଖିଲେ ନେତା ଓ ଜନତା ଅବନତିର ସମ୍ମୁଖୀନ ହୁଅନ୍ତି। ଏଇ କାରଣରୁ ସେମାନେ ସବୁବେଳେ ଆନ୍ୱିକ୍ଷୀ ବା ପରିଷ୍କାର ବିଚାରର ଅଭ୍ୟାସ କରୁଥିବା ଦରକାର। ଏହା ଦ୍ୱାରା ସେମାନଙ୍କର ପ୍ରଜ୍ଞା, ବାକ୍ୟ ଓ କାର୍ଯ୍ୟରେ ବିଚକ୍ଷଣତା ସୃଷ୍ଟି ହୁଏ ଏବଂ ସେମାନେ ରାଜ୍ୟ ପାଇଁ ବହୁ ଉପକାରୀ ପଦକ୍ଷେପ ନେବାକୁ ସମର୍ଥ ହୋଇଥାନ୍ତି। ଆନ୍‌ୱିକ୍ଷିକୀ ସ୍ଥାପନା ପ୍ରକରଣ ରେ କୌଟିଲ୍ୟ ନେତା ଓ ଶାସକମାନଙ୍କୁ ସରଳ ଭାବେ ବୁଝାଉଛନ୍ତି - 'ଆନ୍ୱିକ୍ଷିକୀ ଲୋକସ୍ୟ ଉପକରୋତି, ବ୍ୟସନେ ଅଭ୍ୟୁଦୟେ ଚ ବୁଦ୍ଧିଂ ଅବସ୍ଥାପୟତି। ପ୍ରଜ୍ଞା -ବାକ୍ୟ -କ୍ରିୟା- ବୈଶାରଦ୍ୟଂ ଚ କରୋତି।'

ପାଶ୍ଚାତ୍ୟର ବିଖ୍ୟାତ ରାଜନୀତି ଦାର୍ଶନିକ ମାକିଆଭେଲି କୌଟିଲ୍ୟଙ୍କ ପରି କୁଟିଳ ଥିଲେ ବୋଲି କହି ସେଠାକାର ଚିନ୍ତକମାନେ ବସ୍ତୁତଃ କୌଟିଲ୍ୟଙ୍କର ଏକ ଭୁଲ ପ୍ରଚାର କରିଛନ୍ତି। କାରଣ କୌଟିଲ୍ୟ ରାଜନୀତିରେ ପରିଷ୍କାର ଓ ସ୍ୱାର୍ଥ ଦୃଷ୍ଟିହୀନ ବିଚାରକୁ ମହତ୍ତ୍ୱ ଦେଇଛନ୍ତି। ଉପରୋକ୍ତ ପ୍ରକରଣର ଶେଷରେ ଏହାକୁ ସେ ସବୁ ବିଦ୍ୟାର ଦୀପ, ସବୁକାମର ଉପାୟ ଓ ସବୁଧର୍ମର ଆଶ୍ରୟ ବୋଲି ଘୋଷଣା କରୁଛନ୍ତି। ତେଣୁ ନେତାଟିଏ ଯେ ଯାଏଁ ରାଜ୍ୟ କଥା ଓ ଲୋକଙ୍କର ବାସ୍ତବ ଉନ୍ନତି କଥା ନ ଭାବି ଖାଲି ନିଜ ପେଟ, ନିଜ ପରିବାର ଓ ନିଜ ଦଳ କଥା ଭାବି ରାଜନୀତି କରୁଥିବ, ସେଯାଏଁ ସେ କୌଟିଲ୍ୟଙ୍କ ଆନ୍ୱିକ୍ଷିକୀ ନୀତିକୁ ଲଂଘନ କରି ନିଜର ଓ ରାଜ୍ୟର ଅପୂରଣୀୟ କ୍ଷତି ଘଟାଇ ଚାଲୁଥିବ।

ଶାସକ, ନେତା ଓ ମନ୍ତ୍ରୀମାନେ ଏପରି କିଛି କାମ କରିବେନି, ଯାହାଦ୍ୱାରା ପ୍ରଜାମାନେ ନିଜ ନିଜ ବିଭାଗର କାମ ପ୍ରତି ଉଦାସୀନ ହୋଇଯିବେ। ଆଧୁନିକ ଯୁଗରେ ଜାତିର କିଛି ମହତ୍ତ୍ୱ ରହିବା ଉଚିତ ନୁହେଁ। ଲୋକମାନେ ସମାଜର ବିଭିନ୍ନ ବିଭାଗରେ କାମ କରନ୍ତି। ସେଇସବୁ ବିଭାଗକୁ କୌଟିଲ୍ୟ 'ଧର୍ମ' ବୋଲି କହୁଛନ୍ତି। ତା'କୁ ହିଁ ଆମେ ଆଧୁନିକ ଜାତି ବୋଲି ବୁଝିପାରୁ। ଶାସକ ନେତା ଏପରି କିଛି ଭ୍ରାନ୍ତ ସିଦ୍ଧାନ୍ତର ପ୍ରଚାର କରିବେନି କିମ୍ବା ଏପରି କିଛି ନିଜ ସ୍ୱାର୍ଥ ପ୍ରଣୋଦିତ କାର୍ଯ୍ୟକ୍ରମ ହାତକୁ ନେବେନି, ଯାହା ଲୋକମାନଙ୍କୁ ନିଜ ନିଜ ବିଭାଗର କାମରୁ ନିବୃତ୍ତ କରାଇଦେବ। କୌଟିଲ୍ୟଙ୍କର ଏହି ଧର୍ମ ବା ବିଭାଗ ତତ୍ତ୍ୱ ପ୍ଲାଟୋନୀୟ ନ୍ୟାୟତତ୍ତ୍ୱ ସହ ବେଶ ସାମଞ୍ଜସ୍ୟ ରଖେ। ପ୍ଲାଟୋଙ୍କ 'ଆଦର୍ଶ ରାଜ୍ୟ'ରେ ଦାର୍ଶନିକ ଶାସକଗଣ, ଯୋଦ୍ଧୃବର୍ଗ ଓ କୃଷକ -ଏଇ ତିନିଟି ବିଭାଗ ପରିକଳ୍ପିତ। କିଏ କାହାର ବିଭାଗ ଲଂଘନ କଲେ ତାକୁ ପ୍ଲାଟୋନୀୟ ନ୍ୟାୟର ଅବମାନନା ବୋଲି ଧରାଯିବ। କୌଟିଲ୍ୟ କିନ୍ତୁ ଖାଲି ଲଂଘନ ନୁହେଁ, ନିଜ କାମ ପ୍ରତି ଉଦାସୀନତାକୁ ମଧ୍ୟ ଏକ ବଡ଼ ଅଧର୍ମ ବୋଲି କହୁଛନ୍ତି। କାରଣ ଏହା ଫଳରେ ରାଜ୍ୟ ନଷ୍ଟ ହୋଇଯାଏ। କିନ୍ତୁ ତାଙ୍କର ଚିନ୍ତନ ଆହୁରି ସୂକ୍ଷ୍ମ। ସେ କହୁଛନ୍ତି, ଯଦି ଏପରି ଉଦାସୀନତା ସାମୂହିକ ଧରଣର, ତେବେ ଏହା ପଛରେ ଶାସକ ଓ ନେତାମାନଙ୍କର କିଛି ସ୍ୱାର୍ଥ ପ୍ରଣୋଦିତ କାର୍ଯ୍ୟକ୍ରମ ଅଛି, ଯାହା ଫଳରେ ଲୋକେ ନିଜ ନିଜ କାମ ପ୍ରତି ବିତୃଷ୍ଣ। 'ତ୍ରୟୀସ୍ଥାପନା' ପ୍ରକରଣରେ କୌଟିଲ୍ୟ ଏସବୁ କାର୍ଯ୍ୟକ୍ରମକୁ ନିବାରଣ କରୁଛନ୍ତି - 'ତସ୍ମାତ ସ୍ୱଧର୍ମଂ ଭୂତାନାଂ ରାଜା ନ ବ୍ୟଭିଚାରୟେତ'।

ଅର୍ଥଶାସ୍ତ୍ରର 'ଇନ୍ଦ୍ରିୟଜୟ' ପ୍ରକରଣରେ କୌଟିଲ୍ୟ କାମାକ୍ରୋଧାଦି ଛ'ଟି ଶତ୍ରୁଙ୍କୁ ଦମନ କରିବାର କଠୋର ଉପଦେଶ ରାଜା ଓ ରାଜନ୍ୟବର୍ଗଙ୍କୁ ଦେଉଛନ୍ତି। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଭାରତରେ ସେମାନଙ୍କୁ ରାଜର୍ଷି ପଦରେ ପ୍ରତିଷ୍ଠିତ ରଖିବା ଓ ନାଗରିକମାନଙ୍କ ପ୍ରତି ଅତ୍ୟାଚାରୀ କରାଇ ନଦେବା ଲକ୍ଷ୍ୟରେ ସେ ଏପରି ଉପଦେଶ ଦେଇଥିବା ସମ୍ଭବ। ଐତିହାସିକ ଓ ଆଧୁନିକ ଯୁଗରେ ବଳାତ୍କାର, ଧନଶୋଷଣ, ଦର୍ପ, ଜିଦ ଓ ଅହଂକାର ଇତ୍ୟାଦି କାରଣରୁ ଶାସକବର୍ଗ, ରାଜନୈତିକ ଦଳ ଏପରିକି ଦେଶର ପତନ ହୋଇଥିବାର ଯଥେଷ୍ଟ ଉଦାହରଣ ରହିଛି। ସବୁଠୁ ବଡ଼ କଥା ହେଲା ସଂଯମୀ ନେତାମାନେ ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ନଷ୍ଟ କରିବାକୁ ଦେଇ ନଥା'ନ୍ତି। ତେଣୁ ଏ ଦିଗରେ ଯତ୍ନଶୀଳ ହେବା ରାଜ୍ୟକୁ ବହୁ ସୁଖ, ଶାନ୍ତି ଓ ଉତ୍କର୍ଷ ଦେଇଥାଏ। ଶାସକ ଓ ନେତାମାନଙ୍କୁ ସତର୍କ କରାଇବାକୁ କୌଟିଲ୍ୟ କିଛି ପ୍ରାଚୀନ ଉଦାହରଣ ମଧ୍ୟ ଦେଉଛନ୍ତି। ଭୋଜ ବଂଶର କାମୀ ରାଜା ଦାଣ୍ଡକ୍ୟ ବଳାତ୍କାରୀ ହୋଇ ନିଜ ରାଜନ୍ୟ ବର୍ଗ ଓ ରାଷ୍ଟ୍ରକୁ ନଷ୍ଟ କରିଦେଲେ। ରାଜା ତାଳଜଙ୍ଘ ପ୍ରଜାଙ୍କ ଉପରେ କ୍ରୋଧୀ ହୋଇ ରାଜ୍ୟର ସର୍ବନାଶ କଲେ। ରାଜା ଦମ୍ଭୋଦଭବ ପ୍ରଜାମତର ବିରୋଧୀ ହୋଇ ନରନାରାୟଣଙ୍କ ଦ୍ୱାରା ନିହତ ହେଲେ। ପକ୍ଷାନ୍ତରେ ଜନକ, ନାଭାଗ ଓ ଅମ୍ବରୀଶଙ୍କ ପରି ସଂଯମୀ ରାଜର୍ଷିମାନେ ପ୍ରଜାମଙ୍ଗଳ ସାଧନ କରି ଦେଶର ପ୍ରଭୂତ ଉନ୍ନତି ଘଟାଇଥିଲେ। ତେଣୁ 'ରାଜର୍ଷି ବୃତ୍ତ'ପ୍ରକରଣରେ କୌଟିଲ୍ୟ କହୁଛନ୍ତି ଯେ ରାଜ୍ୟର ଜ୍ଞାନୀବୃଦ୍ଧଙ୍କ ସାହଚର୍ଯ୍ୟରେ ନେତାମାନେ ନିଜର ପ୍ରଜ୍ଞା ଉଦ୍ରେକ କରାଇବେ ଏବଂ ଶିକ୍ଷିତ ହୋଇ ବିନୟୀ ହେବେ। ନିଜ କାମରେ ଶୃଙ୍ଖଳା ରକ୍ଷା କରି ନାଗରିକମାନଙ୍କୁ ନିଜ ନିଜ କାମରେ ପ୍ରବର୍ତ୍ତାଇବେ। କାରଣ ସେମାନେ ଅଳସୁଆ ହେଲେ ରାଜ୍ୟ ନଷ୍ଟ ହୋଇଯାଏ। ନାଗରିକମାନଙ୍କୁ ନିଜନିଜ ପୁରୁଷାର୍ଥ ବା ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ପାଇବା ପାଇଁ ଶାସକ ଓ ନେତାମାନେ ସୁଯୋଗ ଓ ପରିସର ଦେଇ ଲୋକପ୍ରିୟ ହେବେ। ରାଜନୈତିକ ଶକ୍ତି ପ୍ରୟୋଗ କରି ଅନ୍ୟର ଦ୍ରବ୍ୟ ଅପହରଣ କରିବେ ନାହିଁ। ଅକାଳ ଶୟନ, ମିଥ୍ୟା ବ୍ୟବହାର, ଉଦ୍ଧତ ବେଶଭୂଷା ଧାରଣ ତଥା ଅଧର୍ମ ଓ ଅନର୍ଥକାରୀ କାମରେ ମନୋନିବେଶ କରିବେ ନାହିଁ। ପ୍ରାୟ ପାଞ୍ଚ ହଜାର ବର୍ଷ ଆଗରୁ କୌଟିଲ୍ୟ ଦେଇଥିବା ଏସବୁ ଉପଦେଶ ଏବେ ମଧ୍ୟ ଉପକାରୀ ମନେ ହୁଏ।



କୌଟିଲ୍ୟଙ୍କର 'ରାଜର୍ଷି' ତତ୍ତ୍ୱଟି ତାଙ୍କଠୁ ପୁରୁଣା ବହୁ ରାଜନୈତିକ ଚିନ୍ତକଙ୍କଠୁ ଗ୍ରହଣ କରିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ପ୍ଲାଟୋଙ୍କର 'ଫିଲୋସଫର କିଙ୍ଗ' ତତ୍ତ୍ୱଟି ତା'ର ଏକ ପ୍ରତିଛବି। ରାଜର୍ଷିମାନେ ସଂଯମୀ ହେବା କଥାଟିକୁ ପ୍ଲାଟୋ ବଡ଼ ଉପଭୋଗ୍ୟ ଢଙ୍ଗରେ ଗ୍ରହଣ କରିଛନ୍ତି। ସେକଥା ପରେ। ତେବେ ଶାସକମାନଙ୍କ ପାଖରେ ଋଷିମାନଙ୍କୁ ରଖିବାର ବ୍ୟବସ୍ଥାର ଜଣେ ବଡ଼ ପ୍ରଖ୍ୟାପକ ଥିଲେ କୌଟିଲ୍ୟ। 'ବୃଦ୍ଧସଂଯୋଗ' ପ୍ରକରଣରେ ସେଥିପାଇଁ ସେ କହୁଛନ୍ତି - 'ବିଦ୍ୟାବିନୀତୋ ରାଜା ହି, ପ୍ରଜାନାଂ ବିନୟେ ରତଃ/ ଅନନ୍ୟାଂ ପଦବୀଂ ଭୁଙ୍କ୍ତେ ସର୍ବଭୂତ ହିତେ ରତଃ।' ମନ୍ତ୍ରାଧିକାର ପ୍ରକରଣରେ ମଧ୍ୟ ସେ ପ୍ରାଚୀନ ବୈଦିକ ପ୍ରଶାସନ ତନ୍ତ୍ରକୁ ଅନୁସରଣ କରି ଇନ୍ଦ୍ର ମଧ୍ୟ ନିଜ ମନ୍ତ୍ରୀ ପରିଷଦରେ ସହସ୍ର ଋଷିଙ୍କୁ ଆସନ ଦେଉଥିବା କଥାକୁ ପ୍ରଶଂସା କରିଛନ୍ତି। ବସ୍ତୁତଃ ପ୍ରଜ୍ଞା ଓ ପ୍ରଶାସନ ର ଏକ ସମନ୍ୱୟକୁ କୌଟିଲ୍ୟ ଜନମଙ୍ଗଳର ଆଦର୍ଶ ମାର୍ଗ ବୋଲି ସ୍ୱୀକାର କରିଛନ୍ତି।

# ପୃଥିବୀ ଓ ପ୍ଲାଷ୍ଟିକ୍




**ଡ. ବିଜୟ କେତନ ପଟ୍ଟନାୟକ**
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪


ଜୈବ ବିଘଟନ ଅକ୍ଷମ, ବିଶେଷକରି ଏକକ ବ୍ୟବହୃତ ପ୍ଲାଷ୍ଟିକର ବହୁଳ ବ୍ୟବହାର ଆଜି ପୃଥିବୀ ପାଇଁ ପ୍ରମୁଖ ଆତଙ୍କର କାରଣ ପାଲଟିଛି। ବର୍ଷକୁ ପ୍ରାୟ ୪୦୦ ନିୟୁତ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ସାରା ବିଶ୍ୱରେ ଉତ୍ପାଦିତ ହୋଇଥାଏ। ତନ୍ମଧ୍ୟରୁ ପଚାଶ ଶତାଂଶରୁ ଅଧିକ ପ୍ଲାଷ୍ଟିକ ଦ୍ରବ୍ୟ କେବଳ ଥରେ ମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ। ପ୍ଲାଷ୍ଟିକ ପରିବେଶରେ ବିଘଟିତ ହେବା ପାଇଁ ୫୦୦ ରୁ ୧୦୦୦ ବର୍ଷ ଲାଗିଯାଏ। ତେଣୁ କ୍ରମାଗତ ଭାବେ ଭୂପୃଷ୍ଠ ଓ ସମୁଦ୍ର ଗର୍ଭ ପ୍ଲାଷ୍ଟିକ ଆବର୍ଜନାରେ ଭରି ଯାଉଛି ଏବଂ ପରିବେଶ ଶୋଚନୀୟ ଭାବରେ ପ୍ରଦୂଷିତ ହେବାରେ ଲାଗିଛି। ପ୍ଲାଷ୍ଟିକ ପାହାଡ଼ର ଆବର୍ଜନା ସ୍ତୂପ ତଳୁ କିପରି ପୃଥିବୀକୁ ରକ୍ଷା କରାଯାଇପାରିବ, ସେ ବିଷୟରେ ବିଶ୍ୱର ମାନବ ସମାଜକୁ ସଚେତନ କରିବା ହିଁ ଚଳିତ ବର୍ଷ 'ଧରିତ୍ରୀ ଦିବସ' ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ୨୦୨୪ ବର୍ଷରେ 'ଧରିତ୍ରୀ ଦିବସ'ର ପ୍ରସଙ୍ଗ ରହିଛି - 'ପ୍ଲାନେଟ୍ ଓ ପ୍ଲାଷ୍ଟିକ୍', ଅର୍ଥାତ୍ 'ପୃଥିବୀ ଓ ପ୍ଲାଷ୍ଟିକ'। ଏ ବର୍ଷ ବିଶ୍ୱର ୧୯୩ଟି ରାଷ୍ଟ୍ର ଏବଂ ସେଠି ବସବାସ କରୁଥିବା ୧୦୦ କୋଟି ଜନତା 'ଧରିତ୍ରୀ ଦିବସ' ସମାରୋହରେ ଅଂଶ ଗ୍ରହଣ କରିବେ ବୋଲି ଆଶା ରଖାଯାଇଛି।

ପ୍ରତିବର୍ଷ ଏପ୍ରିଲ ମାସ ୨୨ ତାରିଖ ଦିନଟିକୁ ଧରିତ୍ରୀ ଦିବସ ବା 'ଆର୍ଥ ଡେ' ଭାବେ ସାରା ବିଶ୍ୱରେ ପାଳନ କରାଯାଏ। ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ପ୍ରଥମଥର ପାଇଁ 'ବିଶ୍ୱ ଧରିତ୍ରୀ ଦିବସ' ପାଳନର ଅୟମାରମ୍ଭ ହୋଇଥିଲା। ୧୯୬୯ ମସିହାରେ ସାନଫ୍ରାନ୍‌ସିସ୍‌କୋଠାରେ ଅନୁଷ୍ଠିତ ହୋଇଥିବା 'ୟୁନେସ୍କୋ'ର ଏକ ସମ୍ମିଳନୀରେ ଜନ୍ ମିକୋନେଲ ପ୍ରଥମେ ଧରିତ୍ରୀକୁ ସମ୍ମାନିତ କରିବା ଓ ଶାନ୍ତି ଭାବଧାରା ପ୍ରତିଷ୍ଠା ଦିବସରେ ୧୯୭୦ ମସିହା ମାର୍ଚ୍ଚ ମାସ ୨୧ ତାରିଖ ଦିନଟିକୁ ବିଶ୍ୱବାସୀ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। କାରଣ ଏହି ଦିନ ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଋତୁ ପ୍ରବେଶ କରିଥାଏ ଏବଂ ସୂର୍ଯ୍ୟ ବିଷୁବ ରେଖା ଅତିକ୍ରମ କରିଥା'ନ୍ତି। ଏହି ଦିନଟିକୁ 'ସମକାଳ ଦିବାରାତ୍ର' ମଧ୍ୟ କୁହାଯାଏ। ଅର୍ଥାତ ମାର୍ଚ୍ଚ ୨୧ ତାରିଖ ଦିନ ଭୂପୃଷ୍ଠରେ ଦିନ ଓ ରାତିର ଉପସ୍ଥିତି ସମାନ ରୁହେ। କିନ୍ତୁ ପରେ ଯୁକ୍ତରାଷ୍ଟ୍ର ଆମେରିକାର ସିନେଟ୍‌ର 'ଗେ ଲର୍ଡ ନେଲସନ୍' ପରିବେଶ ପ୍ରଶିକ୍ଷଣ ଓ ସୁଧାର ନିମନ୍ତେ ଏପ୍ରିଲ ୨୨ ତାରିଖ ଦିନଟିକୁ ବିଶ୍ୱବ୍ୟାପୀ 'ଧରିତ୍ରୀ ଦିବସ' ରୂପେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ଏହା ସ୍ୱୀକୃତ ହୋଇଥିଲା। ସେବେଠାରୁ ପରିବେଶକୁ ସୁରକ୍ଷା ଦେବା ନିମନ୍ତେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ, ଏପ୍ରିଲ ୨୨ ତାରିଖ ଦିନ ସାରା ବିଶ୍ୱରେ ପାଳନ କରାଯାଉଛି। ପ୍ରଥମବର୍ଷ ଅର୍ଥାତ୍ ୧୯୭୦ ମସିହାର ଏହି କାର୍ଯ୍ୟକ୍ରମରେ ଯୁକ୍ତରାଷ୍ଟ୍ର ଆମେରିକାର ହଜାର ହଜାର ସ୍ଥାନରେ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଗେ ଲର୍ଡ ନେଲସନ୍‌ଙ୍କୁ 'ଧରିତ୍ରୀ ଦିବସ'ର ଜନକ ବୋଲି ଅଭିହିତ କରାଯାଏ। 'ଆର୍ଥ ଡେ ନେଟ୍‌ୱାର୍କ' ନାମକ ଏକ ସଂସ୍ଥା ସାରା ବିଶ୍ୱରେ 'ଧରିତ୍ରୀ ଦିବସ' ପାଳନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥାଏ।



ଚାରିବର୍ଷ ତଳକୁ ଫେରିଗଲେ ୨୦୨୦ ମସିହାରେ ପ୍ରଥମ 'ବିଶ୍ୱ ଧରିତ୍ରୀ ଦିବସ' ୩୦ ବର୍ଷ ପୂର୍ତ୍ତି ପାଳନ କରାଯାଇଥିଲା। ସେ ବର୍ଷର ପ୍ରସଙ୍ଗ ଥିଲା 'ବିଶ୍ୱ ତାପନ ଓ ସ୍ୱଚ୍ଛ ଏବଂ ସବୁଜ ଇନ୍ଧନର ପ୍ରୟୋଜନୀୟତା। ଆମେ ସମସ୍ତେ ଉଣାଅଧିକେ ଅବଗତ ଯେ ଯାନ ବାହନ ଚଳାଚଳ, ତାପଜ କେନ୍ଦ୍ରରୁ ବିଦ୍ୟୁତ ଉତ୍ପାଦନ ଏବଂ ଅନ୍ୟାନ୍ୟ ଶିଳ୍ପ, କଳକାରଖାନାରେ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ଫଳରେ ବାୟୁମଣ୍ଡଳକୁ ଯେଉଁ ସବୁଜ ଗୃହ ବାଷ୍ପ ଅଙ୍ଗାରକାମ୍ଳ ନିର୍ଗତ ହେଉଛି, ତାହା ହିଁ ପୃଥିବୀର ତାପମାତ୍ରା ବୃଦ୍ଧି ପାଇବାର ପ୍ରମୁଖ କାରଣ। ତେଣୁ କିପରି ଭାବେ ଆମେ ଜୀବାଶ୍ମ ଇନ୍ଧନ ଯଥା ପେଟ୍ରୋଲ, ଡିଜେଲ ଓ କୋଇଲା ବ୍ୟବହାର ହ୍ରାସ କରି ଅଧିକରୁ ଅଧିକ ସବୁଜ ଇନ୍ଧନ ବା ନବୀକରଣୀୟ ଇନ୍ଧନ ଉତ୍ପାଦନ ତଥା ବ୍ୟବହାର କରିପାରିବା, ସେ ଦିଗରେ ପ୍ରଚେଷ୍ଟା ଜାରି ରଖିବାକୁ ୨୦୨୦ ମସିହା 'ଧରିତ୍ରୀ ଦିବସ'ରେ ଆହ୍ୱାନ ଦିଆଯାଇଥିଲା। ୨୦୨୧ ମସିହା ଧରିତ୍ରୀ ଦିବସର ପ୍ରସଙ୍ଗ ଥିଲା - 'ପୃଥିବୀ'କୁ ତା'ର ପୂର୍ବାବସ୍ଥାକୁ ଫେରାଇ ଆଣ'। ପ୍ରାକୃତିକ ପ୍ରକ୍ରିୟାରେ ସବୁଜ, ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଓ ନୂତନ ଚିନ୍ତାଧାରା ପ୍ରୟୋଗ ଫଳରେ ଧରିତ୍ରୀର ଅବକ୍ଷୟିତ ପରିସଂସ୍ଥାର ପୁନରୁଦ୍ଧାର ସମ୍ଭବ ହୋଇପାରିବ। ତା'ପରବର୍ଷ ଅର୍ଥାତ ୨୦୨୨ ମସିହାରେ 'ଧରିତ୍ରୀ ଦିବସ'ର ପ୍ରସଙ୍ଗ ଥିଲା - 'ପ୍ରକୃତି ସହ ସୁସମନ୍ୱୟରେ ଜୀବନଯାପନ'। ଏହି ଆହ୍ୱାନର ଅର୍ଥ ହେଉଛି ଆମେ ଆମର ଜୀବନଶୈଳୀକୁ ଏପରି ନିୟନ୍ତ୍ରଣ କରିବା, ଯେପରି ଆମର ବାର୍ଷିକ ପରିବେଶ ପଦଚିହ୍ନ, ପୃଥିବୀର ବାର୍ଷିକ ଦୈନିକ ଉତ୍ପାଦନ କ୍ଷମତାଠାରୁ ଅଧିକ ହେବ ନାହିଁ। ଗତ ୨୦୨୩ ମସିହା 'ଧରିତ୍ରୀ ଦିବସ'ର ପ୍ରସଙ୍ଗ ଥିଲା 'ଆମ ଗ୍ରହରେ ଅର୍ଥ ବିନିଯୋଗ କର। ଏହି କ୍ରମରେ ବ୍ୟବସାୟିକ ସଂସ୍ଥାମାନଙ୍କୁ ସହନୀୟ ପ୍ରକ୍ରିୟାରେ ବିକାଶ ହାସଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

ଏଠି କେବଳ ବିଗତ ପାଞ୍ଚ ବର୍ଷର 'ଧରିତ୍ରୀ ଦିବସ' ସମାରୋହର ପ୍ରାସଙ୍ଗିକତା ଉପରେ ସୂଚନା ଦିଆଯାଇଛି। ବିଭିନ୍ନ ବର୍ଷର ପ୍ରସଙ୍ଗକୁ ବିଚାରକୁ ନେଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ମାନବ ସମାଜ ପ୍ରକୃତି ସହିତ ସମନ୍ୱୟ ରକ୍ଷାକରି ସହନୀୟ ବିକାଶ ପଛରେ ଆପଣେଇଥିବା ଜୀବନଶୈଳୀକୁ ନିୟନ୍ତ୍ରିତ କଲେ ପୃଥିବୀ ପାରିପାର୍ଶ୍ୱିକ ଅବକ୍ଷୟ ଓ ବିପନ୍ନ ଜୈବ ବିବିଧତା ଆଦି ସଙ୍କଟକୁ ପ୍ରତିହତ କରି ପୁନର୍ବାର ପୂର୍ବାବସ୍ଥାକୁ ଫେରି ଆସିପାରିବ। ଶସ୍ୟ, ଶ୍ୟାମଳା, ସବୁଜିମାରେ ଭରିଯିବ ଆମର ପ୍ରିୟ ପୃଥିବୀ। ଏଠି ସୂଚାଇଦେବା ଆଦୌ ଅପ୍ରାସଙ୍ଗିକ ହେବ ନାହିଁ ଯେ ପୃଥିବୀ ବାହାରେ ଅନ୍ୟ ଏକ ଜୀବନ୍ତ ଗ୍ରହର ଆବିଷ୍କାର ନିମନ୍ତେ ଶତାବ୍ଦୀ ଶତାବ୍ଦୀ ଧରି ଚାଲିଥିବା ବୈଜ୍ଞାନିକ ଓ ଖଗୋଳ ଶାସ୍ତ୍ରୀମାନଙ୍କର ଗବେଷଣା ଓ ଅବିରତ ଅନ୍ୱେଷଣ ସତ୍ତ୍ୱେ ଏ ଯାବତ୍ କୌଣସି ସୁଫଳ ପ୍ରାପ୍ତ ହୋଇନାହିଁ। ହୁଏତ ଭବିଷ୍ୟତରେ ସଫଳତା ମିଳିପାରେ - ଏକଥା ଅସ୍ୱୀକାର କରାଯାଇ ନପାରେ। କିନ୍ତୁ ଏ କଥା ସତ୍ୟ ଯେ ଏ ପର୍ଯ୍ୟନ୍ତ ଆମ ପାଖରେ ଏକମାତ୍ର ପୃଥିବୀ ଅଛି। ଆମର ପ୍ରିୟ ବାସସ୍ଥଳୀ, ଯାହାର ସୁରକ୍ଷା ଏକାନ୍ତ ଜରୁରୀ। ଏ ଦାୟିତ୍ୱ ସମଗ୍ର ମାନବ ସମାଜର।

ସୁଭାଷିତ ରତ୍ନମାଳା-୫୮ ଶ୍ଳୋକରେ କୁହାଯାଇଛି-

**'ଯୋ ଧ୍ରୁବାଣି ପରିତ୍ୟଜ୍ୟ, ଅଧ୍ରୁବାଣି ନିସବତେ / ଧ୍ରୁବାଣି ତସ୍ୟ ନଶ୍ୟନ୍ତି, ଅଧ୍ରୁବଂ ନଷ୍ଟମେବ ହି।'**

ଅର୍ଥାତ ଯେଉଁ ମନୁଷ୍ୟ ନିଶ୍ଚିତ ତଥା ସ୍ଥାୟୀପ୍ରାପ୍ତିକୁ ଛାଡ଼ି ଅନିଶ୍ଚିତ ପ୍ରାପ୍ତି ଆଶାରେ ଧାଏଁ, ସେ ପ୍ରାପ୍ତ ପଦାର୍ଥକୁ ତ ହରାଇବସେ, ଅପ୍ରାପ୍ତ ପଦାର୍ଥ ମଧ୍ୟ ତା'କୁ ମିଳେ ନାହିଁ। ଏବେ ଆମ ପାଇଁ ନିଶ୍ଚିତ ପ୍ରାପ୍ତି ଆମର ଏକ ମାତ୍ର ପୃଥିବୀ, ମା' ଧରିତ୍ରୀ। ଅଚଳା ସେ, ସର୍ବଂସହା ସେ। ଯୁଗ ଯୁଗ ଧରି ମାନବ ସମାଜର ଅଳି, ଅର୍ଦ୍ଦଳି ସହି ଆସିଛି। ଜନନୀ ପରି ନିଜର ପାରିପାର୍ଶ୍ୱିକ ମୂଲ୍ୟବୋଧକୁ ବଳି ଦେଇ ସନ୍ତାନ ସନ୍ତତିମାନଙ୍କର ଉଚ୍ଚାଭିଳାଷ ଓ ପରିବର୍ତ୍ତିତ ଜୀବନଶୈଳୀର ଅଭୀପ୍ସା ସେ ପୂରଣ କରି ଚାଲିଛି। ତା'ର ସେଇ ନିରବତା ଓ ମୌନତାର ସୁଯୋଗ ନେଇ ସମସ୍ତେ ତା'କୁ ସାଧମତେ ଲୁଣ୍ଠନ କରି ଚାଲିଛନ୍ତି। ବିଶେଷକରି ଏଇ ମାଟିର ମଣିଷ ଦିନେ ପୁଣି ସେଇ ମାଟିର କୋଳରେ ଅନ୍ତିମ ଆଶ୍ରୟ ନେବ - ଏ କଥା ଜାଣି ମଧ୍ୟ ଯାନ୍ତ୍ରିକ ମଣିଷ ସାଜି କୃଷି ପାଇଁ, ଶିଳ୍ପ ପାଇଁ ପୃଥିବୀର ଶରୀରକୁ କ୍ଷତବିକ୍ଷତ କରି ପକାଉଛି। ବିଭିନ୍ନ ରସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ଜରିଆରେ ମାଟିକୁ ବିଷାକ୍ତ କରି ଦେଉଛି। ଉଭୟ କଠିନ ଓ ତରଳ ବର୍ଜ୍ୟ ନିଷ୍କାସନ କରି ତା'କୁ ପ୍ରଦୂଷିତ କରିବା ସହିତ କୁଢ଼ କୁଢ଼ ପ୍ଲାଷ୍ଟିକ ଆବର୍ଜନା ଗଦେଇ ଶ୍ୱାସରୁଦ୍ଧ କରିଦେଉଛି। ଏ ସବୁର କୁପରିଣାମ ସୁଦୂରପ୍ରସାରୀ। ପୃଥିବୀ ବଞ୍ଚି ରହିଲେ, ଜୈବ ବିବିଧତା ରହିଲେ ହିଁ ମାନବଜାତି ତିଷ୍ଠି ରହିବ। ଏଥିରେ ଦ୍ୱିମତ ନାହିଁ।

# ଜଳୁଛି ଶିମିଳିପାଳ

■ ରବିବାର ୪୫ ଗୋଟି ଫାୟାର ପଏଣ୍ଟ ଚିହ୍ନଟ
■ ନିୟନ୍ତ୍ରଣ ପାଇଁ ଓଡ୍ରାଫ ଟିମ ସାମିଲ



**ବାରିପଦା,୨୧।୪(ସମିସ):** ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ନିଆଁ ଲାଗିଛି। ଗୋଟିଏପଟେ ଜିଲ୍ଲାରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଅଭୟାରଣ୍ୟର ଏହି ନିଆଁ ସ୍ଥିତିକୁ ଆହୁରି ଜଟିଳ କରିଛି।

ଶନିବାର ଅଭୟାରଣ୍ୟର ୧୪ଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହେବା ପରେ ତାହାକୁ ଆୟତ୍ତ କରାଯାଇଥିଲା। ତେବେ ରବିବାର ଆଉ ୪୫ଟି ସ୍ଥାନରେ ନିଆଁ ଲାଗିଛି। ଫଳରେ ପରିସ୍ଥିତି ଅଣାୟତ୍ତ ହୋଇଛି। ଚଳିତ ବର୍ଷ ଗୋଟିଏ ଦିନରେ ଏହା ସର୍ବାଧିକ ଫାୟାର ପଏଣ୍ଟ ହୋଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ତଥ୍ୟ ଅନୁସାରେ, ୪୫ଟି ଫାୟାର ପଏଣ୍ଟ ମଧ୍ୟରୁ ଅଭୟାରଣ୍ୟର ଉତ୍ତର ବନଖଣ୍ଡରେ ୨୫ଟି ଏବଂ ଦକ୍ଷିଣ ବନଖଣ୍ଡରେ ୧୮ଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ଏଥିସହ କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡରେ ଗୋଟିଏ ଲେଖାଏଁ ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ବନ କର୍ମଚାରୀ ସମେତ ୨୬ଜଣିଆ ଓଡ୍ରାଫ ଟିମ, ଅଗ୍ନିଶମ ବାହିନୀ ଫାୟାର ପଏଣ୍ଟରେ ପହଞ୍ଚି ବନାଗ୍ନି ସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଅସହ୍ୟ ଗ୍ରୀଷ୍ମପ୍ରବାହ ପାଇଁ ତାତି ବୃଦ୍ଧିରୁ ବନାଗ୍ନି ଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଜଙ୍ଗଲ ତଳେ ଶୁଖିଲା ପତ୍ର ପଡ଼ିଥିବାରୁ ଅଗ୍ନି ସଂଯୋଗ ଯୋଗୁଁ ନିଆଁ ଲାଗିବା ସହ ଖୁବ୍‌ଶୀଘ୍ର ବ୍ୟାପିଥାଏ। ବନ କର୍ମଚାରୀ ଦିନରାତି ଏକ କରି ବ୍ଲୋୟର ମେସିନ ଜରିଆରେ ଫାୟାର ଲାଇନ ସୃଷ୍ଟି ସହ କିପରି ବନାଗ୍ନି ରୋକାଯିବ, ସେ ନେଇ ଉଦ୍ୟମ ଚଳାଇଛନ୍ତି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୨୦ରେ ଅଭୟାରଣ୍ୟରେ ୮୨୪ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଥିବା ବେଳେ ଗତ ୨୦୨୧ରେ ବୃଦ୍ଧି ପାଇ ୪୪୩୯ଟି ଫାୟାର ପଏଣ୍ଟ ଏବଂ ୨୦୨୨ରେ ୪୮୯ଟି ଫାୟାର ପଏଣ୍ଟ ଏବଂ ୨୦୨୩ରେ ମଧ୍ୟ ଅନେକ ଫାୟାର ପଏଣ୍ଟ ଦେଖିବାକୁ ମିଳିଥିଲା। ତେବେ ଚଳିତ ଋତୁ ଆରମ୍ଭ ପୂର୍ବରୁ ବନାଗ୍ନିକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହାୟତାରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ୫ଟି ବନଖଣ୍ଡରେ ବନାଗ୍ନି ନିୟନ୍ତ୍ରଣ ପାଇଁ ୫୦୫ଜଣ ଫାୟାର୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ପୁଲିସ୍ ଏନ୍‌କାଉଣ୍ଟର୍‌ରେ ମାଓବାଦୀ ମୃତ

■ ଯବାନଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ୧୦ରୁ ଅଧିକ ଆହତ
■ ୬ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୧।୪(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଜଣେ ମାଓବାଦୀର ମୃତ୍ୟୁ ହୋଇଛି। ବିଜାପୁର ଜିଲ୍ଲା ଭୀମଗଡ଼ ଥାନା ଅନ୍ତର୍ଗତ କେଶକୁଟୁଲ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଥିବା ସୂଚନା ପାଇ ପୁଲିସ ସେଠାରେ ଅପରେସନ୍ କରିଥିଲା। ପୁଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। କିନ୍ତୁ ପୁଲିସର ପାଲଟା ଜବାବରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ଅଭିଯାନ ସମୟରେ ଜଣେ ମାଓବାଦୀର ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି।

ଅପରପକ୍ଷେ, ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲଙ୍ଗାନାର ଭଦ୍ରାଚଲମ ଅତିରିକ୍ତ ଏସପିଙ୍କ ନିକଟରେ ଆଜି ୬ଜଣ ମାଓ ମିଲିସିଆ ଓ କମିଟି ସଭ୍ୟ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ସିପିଆଇ ଦଳରେ ମିଲିସିଆ ଓ ଡେପୁଟି କମାଣ୍ଡର, କମିଟି ସଭ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ଆତ୍ମସମର୍ପଣ ନୀତି ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଅନ୍ୟ ଏକ ଘଟଣାକ୍ରମେ ଛତିଶଗଡ଼ ଜଗଦଲପୁରଠାରେ ସିଆରପିଏଫ୍ ଯବାନଙ୍କୁ ନେଇ ଆସୁଥିବା ଏକ ଗାଡ଼ିର ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ରୁ ଅଧିକ ଯବାନ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନାନୁଯାୟୀ, ଗତ ୧୯ ତାରିଖରେ ହୋଇଥିବା ବସ୍ତର ଲୋକସଭା ପାଇଁ ମତଦାନ ପାଇଁ ଏହି ଯବାନମାନେ ନିୟୋଜିତ ହୋଇଥିଲେ। ସେମାନେ ଆଜି ଜଗଦଲପୁର ଜିଲ୍ଲା ମୁଖ୍ୟାଳୟକୁ ଫେରୁଥିବା ବେଳେ ଜଗଦଲପୁର ଜାତୀୟ ରାଜପଥ ନିକଟରେ ସେମାନଙ୍କ ଗାଡ଼ିଟି ଓଲଟି ପଡ଼ିଥିଲା।

## ସ୍ତ୍ରୀକୁ ପେଟ୍ରୋଲ ଢାଳି ପୋଡ଼ିଦେଲା ସ୍ୱାମୀ

**ଝାରସୁଗୁଡ଼ା, ୨୧।୪(ସମିସ):** ପାରିବାରିକ କଳହର କରୁଣ ପରିଣତି। ସ୍ତ୍ରୀ ଦେହରେ ପେଟ୍ରୋଲ ଢାଳି ପୋଡ଼ିଦେଲା ସ୍ୱାମୀ। ଏପରି ଏକ ଆପରାଧିକ ଘଟଣା ଘଟିଛି ଝାରସୁଗୁଡ଼ା ଥାନା ଅନ୍ତର୍ଗତ ମହୁଲପଡ଼ା-ଚିଠୁଆପଡ଼ାରେ। ମୃତ ମହିଳା ହେଲେ, ସସ୍ମିତା ଓରାମ(୧୯)। ପୁଲିସ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୁଲିସ୍ ସସ୍ମିତାଙ୍କ ସ୍ୱାମୀ ରାଜେଶ ଓରାମ(୨୨)କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବର୍ଷକ ତଳେ ରାଜେଶ ଓ ସସ୍ମିତାଙ୍କର ବିବାହ ହୋଇଥିଲା। ବିବାହ ପରଠାରୁ ପ୍ରତିଦିନ ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ଶନିବାର ବିଳମ୍ବିତ ରାତିରେ ରାଜେଶ କାମରୁ ଫେରିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ରାଜେଶ ଉତ୍ତ୍ୟକ୍ତ ହୋଇ ସସ୍ମିତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। ସସ୍ମିତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସ୍ଥିତି ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସସ୍ମିତାଙ୍କର ମୃତ୍ୟୁ ଘଟିଛି।

## ନାଁ ନ ନେଇ ପ୍ରଦୀପ ପାଣିଗ୍ରାହୀଙ୍କୁ ଭୃଗୁଙ୍କ କଟାକ୍ଷ

# ଗରିବ ପିଲାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିଛନ୍ତି



■ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀଙ୍କୁ ବଳ ଦେଇଛନ୍ତି
■ ଠକକୁ ନୁହେଁ, ବ୍ରହ୍ମପୁରବାସୀ ବିକାଶ ଚାହାଁନ୍ତି
■ ଠକ ବ୍ୟକ୍ତିଙ୍କୁ ବିଜେପି କୋଳେଇ ନେଉଛି
■ ଚାକିରି ନାଁରେ ଲକ୍ଷଲକ୍ଷ ଟଙ୍କା ଠକିଥିବା ବ୍ୟକ୍ତିଙ୍କୁ ବ୍ରହ୍ମପୁରବାସୀ ତିରସ୍କାର କରୁଛନ୍ତି

**ଭୁବନେଶ୍ୱର,୨୧।୪(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିଛନ୍ତି। ଛାତ୍ରଛାତ୍ରୀମାନେ ଆଧୁନିକ ପରିବେଶ ମଧ୍ୟରେ ପାଠ ପଢୁଛନ୍ତି, ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଗରିବ ପରିବାରର ଯୁବକଯୁବତୀଙ୍କୁ ଚାକିରି କରାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ବ୍ୟକ୍ତିଙ୍କୁ ଓଡ଼ିଶା ବିଜେପି କୋଳେଇ ନେଉଛି। ଏପରି ପ୍ରବଞ୍ଚକଙ୍କ ବିରୋଧରେ ବ୍ରହ୍ମପୁରବାସୀ ବିକ୍ଷୋଦ୍‌ଗାର କରୁଛନ୍ତି ଆଉ ନିର୍ବାଚନରେ ଜନତା ଏପରି ବ୍ୟକ୍ତିଙ୍କୁ ଉଚିତ ଜବାବ୍ ଦେବେ। ଆଜି କାହା ନାଁ ନ ନେଇ ବ୍ରହ୍ମପୁର ବିଜେଡି ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବ୍ରହ୍ମପୁରବାସୀ ଠକକୁ ନୁହେଁ, ବିକାଶକୁ ଭୋଟ ଦେବେ ବୋଲି ଶ୍ରୀ ବକ୍ସିପାତ୍ର କଟାକ୍ଷ କରିଛନ୍ତି।

ଟ୍ୱିଟ୍ କରି ଶ୍ରୀ ବକ୍ସିପାତ୍ର ଏହା କହିବା ସହିତ ସ୍କୁଲ ରୂପାନ୍ତରଣର ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ମୋଟ ୩୫୬ଟି ଉଚ୍ଚ ବିଦ୍ୟାଳୟରେ '୫-ଟି' ରୂପାନ୍ତରଣ ହୋଇଛି। ସେଠାରେ ପଢୁଥିବା ପିଲାମାନଙ୍କ ପରିବାରଲୋକେ ଏଥିପାଇଁ ବେଶ୍ ଖୁସି। କାରଣ ବେସରକାରୀ ବିଦ୍ୟାଳୟ ତୁଳନାରେ ସରକାରୀ ବିଦ୍ୟାଳୟରେ ସେମାନଙ୍କ ପିଲାମାନଙ୍କୁ ଉନ୍ନତ ଶିକ୍ଷା ମିଳୁଛି। ଉତ୍ତମ ପରିବେଶ ମଧ୍ୟରେ ପିଲାମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ସେଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ। କିନ୍ତୁ ଏପରି କିଛି ଲୋକ ଅଛନ୍ତି, ଯେଉଁମାନେ ଟଙ୍କା ପାଇଁ ଗରିବ ଯୁବକଯୁବତୀଙ୍କୁ ପ୍ରତାରଣା କରିବାକୁ ପଛାଉନାହାନ୍ତି। ଚାକିରି କରାଇ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଗରିବ ଲୋକଙ୍କୁ ସେ ସର୍ବସ୍ୱାନ୍ତ କରି ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ଦେଇଛନ୍ତି। ଏବେ ମୁଁ ନିର୍ବାଚନ ପ୍ରଚାର ପାଇଁ ବ୍ରହ୍ମପୁରର ଗଳିକନ୍ଦିରେ ବୁଲିବା ସମୟରେ ଲୋକଙ୍କ କ୍ଷୋଭ ସ୍ପଷ୍ଟ ବାରି ହୋଇପଡୁଛି। ଗରିବ ଲୋକଙ୍କ ବିଶ୍ୱାସ ସହ ଖେଳିଥିବା ଏହି ବ୍ୟକ୍ତିଙ୍କ ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷକୁ ମୁଁ ଭଲ ଭାବେ ହୃଦବୋଧ କରିପାରୁଛି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

## ମରାକୁଟା ଏମ୍‌ଏସ୍‌ପି କାରଖାନାରେ କର୍ମଚାରୀ ମୃତ

**ଝାରସୁଗୁଡ଼ା,୨୧।୪(ସମିସ):** ଝାରସୁଗୁଡ଼ା ସଦର ଥାନା ଅଧୀନ ଏମ୍‌ଏସ୍‌ପି କାରଖାନାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲାର ଅଜିତ ପରିଡ଼ା ବୋଲି ଜଣାପଡ଼ିଛି। ଏମ୍‌ଏସ୍‌ପି କାରଖାନାରେ ଅଜିତ ଓ ଆଉ କେତେକ କର୍ମଚାରୀ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଜିତଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଆହତ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଗୁରୁତର ରହିଛି। ଏନେଇ ସଦର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୫ ଗଣିତ...

ମାତ୍ର ଉପରୋକ୍ତ ଏକାଧିକ କାରଣ ପାଇଁ ଦଳର ବଳକା ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା ଜଣାପଡ଼ିଛି।

ଦଳ ଏଯାବତ୍ ତେଲକୋଇ, ଘସିପୁରା, ଭୋଗରାଇ, ବସ୍ତା, ନୀଳଗିରି, ଭଣ୍ଡାରିପୋଖରୀ, ବାସୁଦେବପୁର, ବରୀ, ହିନ୍ଦୋଳ, ବାରବାଟୀ-କଟକ, ସାଲେପୁର, କେନ୍ଦ୍ରାପଡ଼ା, ବେଗୁନିଆ, ଖୋର୍ଦ୍ଧା ଆସନରେ ପ୍ରାର୍ଥୀ ଘୋଷଣା କରିନାହିଁ। କେତେକ ଆସନରେ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ବିଜେପି ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ଆଉ କିଛି ଆସନରେ ଦଳ ଅନ୍ୟ ଦଳର ନେତାଙ୍କ ଉପରେ ଆଖି ରଖିଛି। ସେହିପରି ଅନ୍ୟ ଦଳରୁ ଟିକଟ ନ ପାଇ ବିଜେପିରେ ଯୋଗ ଦେଇଥିବା ପ୍ରଶାନ୍ତ ଜଗଦେବ, ଅନୁଭବ ମହାନ୍ତି, ଅରିନ୍ଦମ ରାୟ, ଦେବାଶିଷ ନାୟକ ପରି ନେତାଙ୍କୁ ଦଳ ଶେଷ ପର୍ଯ୍ୟାୟରେ ଥଇଥାନ କରିବାକୁ ନିଷ୍ପତ୍ତି ନେଇଛି। ଯାହାକୁ ନେଇ ଦଳର ତୃଣମୂଳସ୍ତରର କର୍ମୀ ଅସନ୍ତୁଷ୍ଟ ଅଛନ୍ତି ଓ ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଛନ୍ତି। ଯଦି ଦଳ ତିଆଁଙ୍କୁ ବଳକା ଆସନରେ ପ୍ରାର୍ଥୀ କରାଯାଏ ତେବେ ବଡ଼ ଧରଣର ବିଦ୍ରୋହ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଖୋର୍ଦ୍ଧାରୁ କାଳୁଚରଣ ଖଣ୍ଡାୟତରାୟ ପୂର୍ବରୁ ନିଜର ଟିକଟ କଟିବା ଆଶଙ୍କାରେ ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ବ୍ୟାପକ ହଙ୍ଗାମା ସୃଷ୍ଟି କରି ସାରିଛନ୍ତି। ଖୋର୍ଦ୍ଧାରେ କାଳୁ-ପ୍ରଶାନ୍ତ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ଏହା ବିଜେପି ନେତୃତ୍ୱଙ୍କ ପାଇଁ ସବୁଠାରୁ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ଅପରପକ୍ଷେ ଦଳ ଅନୁଭବ, ଅରିନ୍ଦମଙ୍କୁ କେଉଁ ଆସନରେ ଥଇଥାନ କରିବ ତାହାକୁ ନେଇ ଏବେବି ନେତୃତ୍ୱ ସଂଶୟ ମଧ୍ୟରେ ରହିଛନ୍ତି ବୋଲି ଶୁଣିବାକୁ ମିଳିଛି। ଅପରପକ୍ଷେ ତେଲକୋଇ, ଘସିପୁରା, ବେଗୁନିଆ, ଭଣ୍ଡାରିପୋଖରୀ ପରି ଆସନରେ ଦଳ ଏବେବି ନିଜ ଦଳର ନେତାଙ୍କ ଅପେକ୍ଷା ଅନ୍ୟ ଦଳରୁ ନେତାଙ୍କୁ ଆଣି ପ୍ରାର୍ଥୀ କରିବାକୁ ଚିନ୍ତା କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ୧୩୨ ଜଣିଆ ପ୍ରାର୍ଥୀ ତାଲିକାକୁ ନେଇ ବିଜେପିର ଅସନ୍ତୋଷ, ପ୍ରତିବାଦ, ଭଙ୍ଗାରୁଜା ଏବଂ ବିଭିନ୍ନ ଜିଲ୍ଲାରେ ଧାରଣା ବିଜେପିର ସାଂଗଠନିକ ଦୁର୍ବଳତା ଏବଂ ନେତୃତ୍ୱଙ୍କ ପାରିବା ପଣିଆକୁ ପଦାରେ ପକାଇ ଦେଇଛି। ଏପରିସ୍ଥଳେ ବଳକା ୧୫ ଆସନରେ ଦଳ କାହାକୁ ପ୍ରାର୍ଥୀ କରୁଛି, ତାହା ଉପରେ ସମସ୍ତଙ୍କର ନଜର ରହିଛି।

## ହିଞ୍ଜିଳିରୁ ପ୍ରଚାର...

ଦର୍ଶନ କରିବେ ଓ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟକ୍ରମ ପରେ ଚିକିଟିରେ ଏକ ସମାବେଶକୁ ସମ୍ବୋଧନ କରିବେ। ସେହିପରି ୧ ତାରିଖରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ଖଲ୍ଲିକୋଟ, ଦିଗପହଣ୍ଡି, ଛତ୍ରପୁର ଓ ଆସ୍କା ଲୋକସଭା ଆସନ ଅନ୍ତର୍ଗତ କବିସୂର୍ଯ୍ୟନଗରରେ ନିର୍ବାଚନ ପ୍ରଚାର କରିବେ। ସେହିପରି ୩ ତାରିଖରେ କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ ଭଞ୍ଜନଗର, ଆସ୍କା ଲୋକସଭା ଆସନ ଅନ୍ତର୍ଗତ ପୋଲସରା, ସାନଖେମୁଣ୍ଡି ଓ ସୋରଡ଼ା, ୬ ତାରିଖରେ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ଗୋପାଳ ଓ ଆସ୍କା ଲୋକସଭା ଆସନ ଅନ୍ତର୍ଗତ ଆସ୍କାରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖରେ ମୁଖ୍ୟମନ୍ତ୍ରୀ ଶେରଗଡ଼, ହିଞ୍ଜିଳି, ବ୍ରହ୍ମପୁରରେ ୩ଟି ରୋଡ୍ ଶୋ'ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୯ ତାରିଖରେ ଗୋପାଳପୁରରେ ମଧ୍ୟ ଏକ ରୋଡ୍ ଶୋରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ ବୋଲି ସୂଚନା ମିଳିଛି। ଏହି ସବୁ କାର୍ଯ୍ୟକ୍ରମଗୁଡ଼ିକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ 'ନବୀନ ଓଡ଼ିଶା' ଓ '୫-ଟି' ଅଧ୍ୟକ୍ଷ ତଥା ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଯୋଗ ଦେବେ।

ରାଜ୍ୟ ସରକାରଙ୍କ ବ୍ୟାପକ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା ବିଶେଷକରି ୫-ଟି ଅଧିନରେ ଚାଲିଥିବା ରୂପାନ୍ତରଣ ବିଜେଡିକୁ ଈର୍ଷଣୀୟ ଲୋକପ୍ରିୟତା ଆଣି ଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଯୁଗଳବନ୍ଦୀ ରାଜ୍ୟ ବିକାଶ କ୍ଷେତ୍ରରେ ନୂଆ ଇତିହାସ ଲେଖିଛି। ଏହାକୁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସ୍ୱୀକୃତି ମିଳିଛି। ଏକ ନୂତନ, ସଶକ୍ତ ଏବଂ ନବୀନ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଅହରହ ଉଦ୍ୟମ ଚଳାଇଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନରେ ଲୋକଙ୍କ ସମର୍ଥନ ହାସଲ କରିବାକୁ ପ୍ରଚାର ମୈଦାନକୁ ଓହ୍ଲାଇବେ। ପୂର୍ବରୁ ସାଂଗଠନିକ ସ୍ତରରେ ବେଶ୍ ଶକ୍ତିଶାଳୀ ଥିବା ବିଜେଡି ନିର୍ବାଚନୀ ପ୍ରସ୍ତୁତିଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ବିରୋଧୀଙ୍କ ଠାରୁ ଚାରିପାଦ ଆଗରେ ରହିଛି। ଏପରିସ୍ଥଳେ ମୁଖ୍ୟମନ୍ତ୍ରୀ ପ୍ରଚାର ମୈଦାନକୁ ଓହ୍ଲାଇବା ବିଜେଡି ଏବଂ ଦଳୀୟ ପ୍ରାର୍ଥୀଙ୍କ ପାଇଁ ବେଶ୍ ଉତ୍ସାହବର୍ଦ୍ଧକ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଏବେବି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ରାଜ୍ୟବାସୀଙ୍କ ସେବା ପାଇଁ ପ୍ରତିବଦ୍ଧତା ସାଧାରଣ ଭୋଟରଙ୍କୁ ବିମୋହିତ କରି ଆସିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଏବଂ ଚମକ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହା ନିଶ୍ଚୟ ଭାବେ ଭୋଟବାକ୍ସରେ ପ୍ରତିଫଳିତ ହେବ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ, ୫-ଟି ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଆଗାମୀ ନିର୍ବାଚନରେ ଐତିହାସିକ ବିଜୟ ମିଳିବ ବୋଲି ଦଳୀୟ ନେତାଏ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଦେଶର ଦ୍ୱିତୀୟ...

ତାପମାତ୍ରା ଉପରେ ଝାରସୁଗୁଡ଼ା, କେନ୍ଦୁଝର, ଅନୁଗୁଳ, ବଲାଙ୍ଗିର ଓ ବୌଦ୍ଧ ସହର ବେଳେ ଢେଙ୍କାନାଳ, ଟିଟିଲାଗଡ଼, ରାଉରକେଲାରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ନୟାଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ କରାଯାଇଛି। ଚାନ୍ଦବାଲି, ହୀରାକୁଦ, ଭଦ୍ରକ, ସମ୍ବଲପୁର, ମାଲକାନଗିରି, କଟକ ଓ ଭୁବନେଶ୍ୱରର ତାପମାତ୍ରା ୪୧ ଡିଗ୍ରୀ ଉପରେ ରହିଛି। ପାରଳାଖେମୁଣ୍ଡି ଓ ଯାଜପୁରର ତାପମାତ୍ରା ୪୧ ଡିଗ୍ରୀ ରହିଛି। ଫୁଲବାଣୀ, ସୋନପୁର, ବରଗଡ଼, କେନ୍ଦ୍ରାପଡ଼ା, ବାଲେଶ୍ୱର, ଓ ଖୋର୍ଦ୍ଧାରେ ତାତି ୪୦ଡିଗ୍ରୀ ଟପିଛି।

ରବିବାରଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷାର ପ୍ରଭାବ ଆରମ୍ଭ ହୋଇଛି। ସୋମବାର ଏହାର ପ୍ରଭାବ ଅଧିକ ରହିବ ଓ ତାପମାତ୍ରା କିଛି ପରିମାଣ ହ୍ରାସ ପାଇବ ବୋଲି କୁହାଯାଉଛି। ପାଣିପାଗ କେନ୍ଦ୍ର କହିଛି ଯେ ରବିବାର ରାୟଗଡ଼ା, ନବରଙ୍ଗପୁର, ଟିଟିଲାଗଡ଼, କୋରାପୁଟ ଓ ନୂଆପଡ଼ା ଆଦିରେ କାଳବୈଶାଖୀଜନିତ ବର୍ଷା ହୋଇଛି। ସୋମବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଆଦିରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ବୃଦ୍ଧି ହୋଇ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର କହିଛି ଯେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବାର ସମ୍ଭାବନା ରହିଛି। ଏଭଳି ସ୍ଥିତି ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଓ ଏହାପରେ ପୁଣି ଗୋଟିଏ ପର୍ଯ୍ୟାୟରେ ଗ୍ରୀଷ୍ମ ଲହରୀ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବଢ଼ି ଚଳିତ ମାସ ଶେଷ ସୁଦ୍ଧା ତାପମାତ୍ରା ୪୬ ଡିଗ୍ରୀ ଡେଇଁବ ବୋଲି ଆକଳନ କରାଯାଉଛି।

## ୨୫ରୁ ଖରାଛୁଟି...

ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

**ଅଙ୍ଗନବାଡ଼ି ସମୟ ପରିବର୍ତ୍ତନ ଦାବି**

ବଢୁଥିବା ଗ୍ରୀଷ୍ମ ଲହରକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକୁ ଆଗୁଆ ଛୁଟି ଘୋଷଣା ହୋଇଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ରହିଛି। ସକାଳ ୭ ରୁ ସାଢ଼େ ୧୦ ଯାଏଁ ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ରହୁଛନ୍ତି। ବିଭିନ୍ନ ସ୍ଥାନରେ ଖରାକୁ ଦେଖି ଅଭିଭାବକମାନେ ପିଲାଙ୍କୁ କେନ୍ଦ୍ରକୁ ଛାଡ଼ିବାକୁ ଅରାଜି ହେଉଛନ୍ତି। ଏପରି କ୍ଷେତ୍ରରେ ଅଙ୍ଗନବାଡ଼ି କେନ୍ଦ୍ର ସମୟରେ ପରିବର୍ତ୍ତନ କରିବା ପାଇଁ ଦାବି ହେଉଛି। ସକାଳ ୬ରୁ ୮.୩୦ ମଧ୍ୟରେ ସମସ୍ତ କାର୍ଯ୍ୟ ସାରି ପିଲାଙ୍କୁ ଘରେ ପହଞ୍ଚାଇବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ନାଁ ନ ନେଇ...

କରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଶ୍ରମିକ, ଚାଷୀ ଓ ଗରିବଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ପ୍ରଣୟନ କରିଛନ୍ତି। ବଡ ବଡ ହସପିଟାଲରେ ଚିକିତ୍ସା କରାଇବା ପାଇଁ ବିଏସକେୱାଇଁ ସ୍ମାର୍ଟ କାର୍ଡ ମାଧ୍ୟମରେ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସାହସ ଦେଇଛନ୍ତି। ଏହି ଯୋଜନାରେ ପ୍ରତି ମାସରେ ୨୬୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାସିକ ହାରାହାରି ଦେଢ଼ ଲକ୍ଷ ଲୋକ ଏହାଦ୍ୱାରା ଉପକୃତ ହେଉଛନ୍ତି।ରାଜ୍ୟର ପାଖାପାଖି ୯୦ ପ୍ରତିଶତ ଲୋକ ଏହି ଯୋଜନାର ସୁଫଳ ପାଉଛନ୍ତି। ଏହି ଯୋଜନାକୁ ନେଇ ସମସ୍ତେ ଖୁସୀ ଅଛନ୍ତି; କିନ୍ତୁ ଲୋକଙ୍କ ଖୁସୀ ଦେଖିପାରୁନାହାନ୍ତି କେନ୍ଦ୍ରମନ୍ତ୍ରୀ। ସେ କ୍ଷମତାକୁ ଆସିଲାମାତ୍ରେ ପ୍ରଥମେ ବିଏସକେୱାଇ ଯୋଜନାକୁ ବନ୍ଦ କରିବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଗରିବ, ଶ୍ରମିକ, ଚାଷୀ ପରିବାରର କଲେଜ ପିଲାଙ୍କୁ ବୃତ୍ତି ଦେବାରେ ଓଡ଼ିଶା ଏକମାତ୍ର ରାଜ୍ୟ। ସମ୍ପ୍ରତି ୯୮ ପ୍ରତିଶତ କଲେଜ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ନୂଆ-ଓ ସ୍କଲାରସିପ ପ୍ରଦାନ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ଶ୍ରମିକ ପରିବାରର ପିଲାମାନେ ଉପକୃତ ହେଉଛନ୍ତି। ମାତ୍ର କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର କେତେ ପିଲାଙ୍କୁ ବୃତ୍ତି ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପାଣ୍ଡିଆନ। ନବୀନ ସରକାର ହେଉଛି ଲୋକଙ୍କର, ସବୁବେଳେ ଲୋକଙ୍କ ପାଇଁ ହିଁ ଚିନ୍ତା କରିବ। ମୁଖ୍ୟମନ୍ତ୍ରୀ ଶ୍ରମିକ ଭାଇ ଭଉଣୀମାନଙ୍କୁ ବିକାଶର ସାରଥି ଭାବେ ଗ୍ରହଣ କରି ସେମାନଙ୍କର ଉନ୍ନତି ପାଇଁ ଚିନ୍ତା କରୁଛନ୍ତି। ସେଥିପାଇଁ ନିକଟରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୧୦୦ଟଙ୍କା ବୃଦ୍ଧି କରିଛନ୍ତି। ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ। ବିଜୁ ବାବୁ ଏକଦା ଶ୍ରମିକଙ୍କ ସର୍ବନିମ୍ନ ପାରିଶ୍ରମିକ ଦୁଇଗୁଣା କରି ରେକର୍ଡ କରିଥିଲେ। ବିକାଶର ସାରଥୀ ଶ୍ରମିକମାନେ ଖୁସିରେ ରହିଲେ ବିକାଶ ଆହୁରି ସହଜ ହେବ ବୋଲି ପାଣ୍ଡିଆନ କହିଛନ୍ତି।

ଏହି ଅବସରରେ ସେ ଏକକାଳୀନ ୧୦୦ ଟଙ୍କା ମଜୁରୀ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସମ୍ପର୍କରେ ମଧ୍ୟ ଅବତାରଣା କରିଛନ୍ତି। ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧିପାଇଁ ଯେଉଁ ପ୍ରସ୍ତାବ ଆସିଥିଲା ସେଥିରେ ମୁଖ୍ୟମନ୍ତ୍ରୀ ସନ୍ତୁଷ୍ଟ ହୋଇ ନଥିଲେ। ନିଜେ ହସ୍ତକ୍ଷେପ କରି ଏକକାଳୀନ ୧୦୦ଟଙ୍କା ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକମାନଙ୍କ ସହଯୋଗ ଓ ସମ୍ପୃକ୍ତି ରହିଲେ ଯାଇ ଏହି ପୁଞ୍ଜି ବିନିଯୋଗର ସୁଫଳ ରାଜ୍ୟକୁ ମିଳିବ। ସେଥିପାଇଁ ନୂଆ ଓଡ଼ିଶା ଗଠନ କ୍ଷେତ୍ରରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପାଣ୍ଡିଆନ କହିଛନ୍ତି।

ଏହି ଅବସରରେ ଶ୍ରୀ ପାଣ୍ଡିଆନ ମିଛ କହି ରାଜନୀତି କରୁଥିବା ବ୍ୟକ୍ତିମାନଙ୍କୁ କଟୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ କିଛି ଲୋକ ରାଜନୀତି ପାଇଁ ମିଛ କହି ମିଛ ପ୍ରଚାରରେ ବିଶ୍ୱାସ କରନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ କାମରେ ବିଶ୍ୱାସ କରନ୍ତି। ଆଗାମୀ ଦିନରେ ଶ୍ରମିକଙ୍କ ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯିବ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଏଥିପାଇଁ ଯଦି ପାଣ୍ଠିର ଅଭାବ ରହିଥିବ, ତାହେଲେ ରାଜ୍ୟ ବଜେଟରୁ ପାଣ୍ଠି ଯୋଗାଇଦିଆଯିବ ବୋଲି ଶ୍ରୀ ପାଣ୍ଡିଆନ୍ ମଞ୍ଚରେ ଘୋଷଣା କରିଛନ୍ତି।

## ନିର୍ବାଚନ କମିସନଙ୍କ...

ପୁଣି ଥରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲା। ଏହା ସହିତ ପ୍ରମାଣ ସ୍ୱରୂପ ଦୁଇ ସ୍ଥାନରେ ଅନୁଷ୍ଠିତ ବୈଠକର ଫଟୋ ଓ ଭିଡ଼ିଓ ପ୍ରଦାନ କରାଯାଇଥିଲା। ଅନୁରୂପ ଭାବରେ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଭୁବନେଶ୍ୱର ଏକାମ୍ର ବିଧାୟକ ପ୍ରାର୍ଥୀ ବାବୁ ସିଂ ଏକ ଶିଶୁ ବେକରେ ବିଜେପି ଉତ୍ତରୀୟ ପକାଇ ପ୍ରଚାରକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ନିର୍ବାଚନ ଅଧିକାରୀ। ଗତ ୧୯ ତାରିଖରେ ଏ ସଂକ୍ରାନ୍ତରେ ବିଜେଡ଼ି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପିଲାମାନେ ଅତ୍ୟନ୍ତ ସମ୍ବେଦନଶୀଳ ବର୍ଗ ଓ ରାଜନୈତିକ ଫାଇଦା ପାଇଁ ସେମାନଙ୍କ ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ବିଜେଡି ଅଭିଯୋଗ କରିଥିଲା। ନିର୍ବାଚନ ରାଲି ଓ ବୈଠକରେ ପିଲାମାନଙ୍କୁ ସାମିଲ କରିବା ଦ୍ୱାରା ସେମାନଙ୍କ ପ୍ରତି ବିପଦ ରହିଥିବା ବେଳେ ସେମାନଙ୍କୁ ଶୋଷଣ କରାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏହା କେବଳ ବେଆଇନ୍ କାର୍ଯ୍ୟ ନୁହେଁ ବରଂ ପିଲାମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅତ୍ୟନ୍ତ ବେପରୁଆ ଭାବେ ବାରମ୍ବାର ପିଲାମାନଙ୍କୁ ନିର୍ବାଚନ ପ୍ରଚାର ପାଇଁ ବ୍ୟବହାର କରି ଚାଲିଛନ୍ତି। ତେଣୁ ଶ୍ରୀମତୀ ଷଡ଼ଙ୍ଗୀ ଏବଂ ବାବୁ ସିଂଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ବିଜେଡି କରିବା ସହ ଏହା ଆଚରଣ ବିଧି ଉଲ୍ଲଙ୍ଘନ କରୁଥିବା ନେତାମାନଙ୍କ ପାଇଁ ଶିକ୍ଷଣୀୟ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା।

## ୨୫ ତାରିଖରେ ଓଡ଼ିଶା ଆସିବେ ଶାହା

ଭୁବନେଶ୍ୱର, ୨୧।୪(ସମିସ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆସନ୍ତା ୨୫ ତାରିଖରେ ଓଡ଼ିଶା ଆସିବେ। ସେହିଦିନ ଅପରାହ୍ନରେ ସେ ସୋନପୁର ଜନସଭାକୁ ସମ୍ବୋଧନ କରିବା ପରେ ସନ୍ଧ୍ୟାରେ ଭୁବନେଶ୍ୱର ରାତ୍ରିଯାପନ କରିବେ। ଏହି ଅବସରରେ ଶ୍ରୀ ଶାହା ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବା ସହ ନିର୍ବାଚନ ପରିଚାଳନା ପ୍ରସଙ୍ଗରେ ଦଳୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି।

## ୪ ବିଜେଡି ନେତାଙ୍କୁ ସଂସଦୀୟ କ୍ଷେତ୍ର ସଂଯୋଜକ ଦାୟିତ୍ୱ

**ଭୁବନେଶ୍ୱର, ୨୧।୪ (ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଚାରି ନେତାଙ୍କୁ ସଂସଦୀୟ କ୍ଷେତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦେଇଥିବା ସୂଚନା ଅନୁସାରେ ମାନସ ଦାସ ପଟ୍ଟନାୟକଙ୍କୁ ବାଲେଶ୍ୱର ସଂସଦୀୟ କ୍ଷେତ୍ର ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଚିରଞ୍ଜୀବ ବିଶ୍ୱାଳଙ୍କୁ ଜଗତସିଂହପୁର, ରମେଶ ଚନ୍ଦ୍ର ମାଝୀ ନବରଙ୍ଗପୁର ଏବଂ ବିପ୍ଳବ ଜେନାଙ୍କୁ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି।

## ଗୌତମ ସାମନ୍ତରାୟ ଜୟପୁରରୁ ବିଜେପି ପ୍ରାର୍ଥୀ

**ଭୁବନେଶ୍ୱର, ୨୧।୪(ସମିସ):** ଜୟପୁର ବିଧାନସଭା ଆସନ ପାଇଁ ବିଜେପି ଆଜି ପ୍ରାର୍ଥୀ ଘୋଷଣା କରିଛି। ଗୌତମ ସାମନ୍ତରାୟଙ୍କୁ ଦଳ ଏଠାରୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ଗୌତମଙ୍କୁ ମିଶାଇ ଦଳ ପକ୍ଷରୁ ଏଯାବତ୍ ୧୩୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି।

## ଚାକିରିରୁ ବିଦା ହେଲେ କନିଷ୍ଠ ଆସିଷ୍ଟାଣ୍ଟ

**ଭୁବନେଶ୍ୱର, ୨୧।୪ (ସମିସ):** ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବାଇସିଆନ୍, ଆଞ୍ଚଳିକ ସରକାରୀ ସ୍କୁଲର କନିଷ୍ଠ ଆସିଷ୍ଟାଣ୍ଟ ଗଗନ ବିହାରୀ ସାହୁଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଦଣ୍ଡାଦେଶ ହେବା ପରେ ତାଙ୍କୁ ଚାକିରିରୁ ବିଦା ପାଇଁ କମ୍ପିଟାଣ୍ଟ ଅଥରିଟିଙ୍କ ନିକଟକୁ ଚିଠି କରାଯାଇଥିଲା।


**AFFIDAVIT**

By virtue of an affidavit sworn before the Notary Public, Cuttack on Dt.02.07.2020, **I, Rashmi Ranjan Pasayat,** R/O Nuapada, Po-Nayabazar, PS-Madhupatna, Dist-Cuttack do hereby declare that now onwards my daughter Ritiva Rudranshi will be known as **RITIVA RUDRANSHI PASAYAT** for all future purposes.

Sd/- Rashmi Ranjan Pasayat

**AFFIDAVIT**

ମୁଁ ଶ୍ରୀ ଗଣନାଥ ମହାନ୍ତି, ପିତା- ବିଦ୍ୟାଧର ମହାନ୍ତି, ଗ୍ରାମ- ନୂଆଗାଁ, ପୋଷ୍ଟ- କଟିକଟା, ଥାନା- ନିଶ୍ଚିନ୍ତକୋଇଲି, ଜିଲ୍ଲା- କଟକ, ପିନ୍- ନଂ. ୭୫୪୨୦୯, ଏହି କି ମୋର ଆଧାର କାର୍ଡରେ ମୋର ନାମ ଗଣନାଥ ମହାନ୍ତି ଉଲ୍ଲେଖ ଥାଇ LIC Policy Bond No.-588700720 ରେ ମୋର ନାମ ଗଣନାଥ ମହାନ୍ତି ପରିବର୍ତ୍ତେ ମନୋଜ ମହାନ୍ତି ବୋଲି ଉଲ୍ଲେଖ ଅଛି । Executive Magistrate, Kendraparaଙ୍କ ନିକଟରେ Affidavit No.-1700, ତା. ୧୫.୦୪.୨୦୨୪ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ **ଶ୍ରୀ ଗଣନାଥ ମହାନ୍ତି** ନାମରେ ପରିଚିତ ହେବି, ପିତା- ବିଦ୍ୟାଧର ମହାନ୍ତି।

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
**ମଙ୍ଗଳପୁର ଶାଖା, ଜିଲ୍ଲା: ଯାଜପୁର, ଓଡ଼ିଶା**

**ନୋଟିସ୍**

ଏତଦ୍ୱାରା **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ମଙ୍ଗଳପୁର ଶାଖା** ପକ୍ଷରୁ ଗ୍ରାହକମାନଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି ଯେ, **ଶ୍ରୀଯୁକ୍ତ ପ୍ରମୋଦ କୁମାର ସାହୁ,** ପିତା: ପାଣୁ ସାହୁ, ସାଂ/ପୋ: ଧନୀପୁର, ଜିଲ୍ଲା: ଯାଜପୁର, ଗତ ୮ ବର୍ଷ ଧରି ଆମ ଶାଖାର ଦୈନିକ ଅର୍ଥ ସଞ୍ଚୟକାରୀ ଅସ୍ଥାୟୀ ସଦସ୍ୟ ଭାବେ ନିଯୁକ୍ତ ରହିଥିଲେ। ମାତ୍ର ଗତ ଅକ୍ଟୋବର ମାସ ୨୦୨୩ ଠାରୁ ସେ ଆମ ଶାଖା ଠାରୁ ଏହି କାର୍ଯ୍ୟରୁ ନିବୃତ୍ତ ରହିଛନ୍ତି। ଏଣୁ ଆମ ଶାଖାର ସମସ୍ତ ଦୈନିକ ସଞ୍ଚୟକାରୀ ଗ୍ରାହକମାନଙ୍କୁ ଅବଗତ କରାଯାଉଅଛି କି' ଏହାଙ୍କ ଠାରେ ସଞ୍ଚୟ ବା ଉଠାଣ ପାଇଁ କେହି କାରବାର କରିବେ ନାହିଁ। ଆଉ ମଧ୍ୟ ଯଦି ଅର୍ଥନୈତିକ କାରବାରରେ ଏହାଙ୍କ ପାଇଁ କେହି ଗ୍ରାହକ ଅସୁବିଧାର ଶିକାର ହୋଇଥିବେ ତେବେ ପ୍ରକାଶନର **୧୫** ଦିନ ମଧ୍ୟରେ ଶାଖା ପରିଚାଳକଙ୍କ ଠାରେ ଲିଖିତ ଦୃଷ୍ଟି ଆକର୍ଷଣ କରିପାରିବେ। ନିର୍ଦ୍ଧାରିତ ସମୟ ପରେ ଅଭିଯୋଗ ବ୍ୟାଙ୍କ ଦ୍ୱାରା ଅଗ୍ରାହ୍ୟ ହେବ।

ଶାଖା ପରିଚାଳକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ମଙ୍ଗଳପୁର ଶାଖା, ଯାଜପୁର, ଓଡ଼ିଶା

## ଶକ୍ତିଶାଳୀ ହେଉଛି ବିଜେଡି; ପଞ୍ଚମ ବିଜୟ ଲକ୍ଷ୍ୟରେ ଅରୁଣ

# ଗାଁରେ ପହଞ୍ଚୁଛି ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ନୟାଗଡ଼, ୨୧।୪(ସମିସ): ନୟାଗଡ଼ରେ ବିଜୁ ଜନତା ଦଳ ବୃହତ ବିଜୟ ଲକ୍ଷ୍ୟରେ ରହିଛି। ଶହ ଶହ ବିରୋଧୀ କର୍ମୀ ଦଳରେ ସାମିଲ ହେଉଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପଞ୍ଚମ ବିଜୟ ଲକ୍ଷ୍ୟରେ ରହିଛନ୍ତି। ଚଳିତ ନିର୍ବାଚନରେ ବିଜୁ ଜନତା ଦଳ କିଭଳି ଭଲ ପ୍ରଦର୍ଶନ କରିବ, ସେଥିପାଇଁ ଜୋରଦାର ପ୍ରୟାସ କରାଯାଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ରହିଥିବା ୨ ଲକ୍ଷ ୧୪ ହଜାର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ କରାଯାଉଛି। ନୟାଗଡ଼ ବ୍ଲକର ୨୯ଟି ପଞ୍ଚାୟତ, ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତ, ଓଡ଼ଗାଁ ଏନଏସି, ନୟାଗଡ଼ ପୌର ପରିଷଦକୁ ନେଇ ଗଠିତ ନୟାଗଡ଼ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରଚାର ଆରମ୍ଭ ହୋଇଛି। ନୟାଗଡ଼ ସହରର ବିଭିନ୍ନ ଗଳି କନ୍ଦିରେ କାଉନସିଲର, ନେତା, କର୍ମୀ ଓ କାଉନସିଲରମାନେ ପ୍ରଚାର କାର୍ଯ୍ୟ ଚଳାଇଥିବା ବେଳେ ବିଧାୟକ ଡ. ସାହୁ ବିଭିନ୍ନ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ଆଜି ନୟାଗଡ଼ ବିଧାୟକ ଡ. ସାହୁ ଉଦୟପୁର, ଗବନଳ, ଅସୁରଢିପା, ସଠିଆପଲ୍ଲୀ, ଗୋଡ଼ିଆଳି, ଗୁପ୍ତପଲ୍ଲୀ, ବାରବାଟୀ, ଡିହଗାଁ ପ୍ରଭୃତି ଗାଁକୁ ଯାଇ ପ୍ରଚାର କରିଛନ୍ତି। ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ଏବଂ ଚିନ୍ତାଧାରାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରୁଛନ୍ତି। ପ୍ରତ୍ୟେକ ଗାଁର ବରିଷ୍ଠ ନାଗରିକ, ଯୁବକ ଓ ମହିଳାଙ୍କୁ ଏକାଠି କରି ବିକାଶ ଓ ଉନ୍ନତି ପାଇଁ ବିଜୁ ଜନତା ଦଳକୁ ଭୋଟ ଦେବାକୁ ଆହ୍ୱାନ ଦେଇଛନ୍ତି। ଡବଲ ଶଙ୍ଖକୁ ବିଜୟୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଉପସ୍ଥାପନ କରିଛନ୍ତି। ବିଧାୟକଙ୍କ ସହ କିଶୋର ଚନ୍ଦ୍ର ସାହୁ ଏବଂ ଅନେକ ନେତା ଓ କର୍ମୀ ସାମିଲ ରହିଥିଲେ। ଗୁପ୍ତପଲ୍ଲୀ ଗ୍ରାମଠାରେ ପ୍ରଚାର ସମୟରେ ଚମ୍ପତିପୁର ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଯୁବକ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି।



## ରଣପୁରରେ ଅରୂପ ଓ ସତ୍ୟନାରାୟଣଙ୍କ ଜୋରଦାର୍ ପ୍ରଚାର

# ନବୀନଙ୍କ ହାତମୁଠା ଟାଣ କରିବାକୁ ଆହ୍ୱାନ

ରଣପୁର, ୨୧।୪(ସମିସ): ସାଧାରଣ ନିର୍ବାଚନ ନିକଟବର୍ତ୍ତୀ ହେଉଥିବା ବେଳେ ରଣପୁରରେ ବିଜେଡି ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ନିର୍ବାଚନ ପ୍ରଚାର କରିଛନ୍ତି। ରଣପୁର ବ୍ଲକ ଡମସାହି ଗ୍ରାମ ପଞ୍ଚାୟତରୁ ବିଜୁ ଜନତା ଦଳ ତାର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତଠାରେ ଏହା ଶେଷ ହୋଇଛି। ରଣପୁର ନିର୍ବାଚନୀମଣ୍ଡଳୀର ଡମସାହି, ରଙ୍କଦେଉଳି ୧୩ଟି ପଞ୍ଚାୟତରେ ମାରାଥନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରିବା ପାଇଁ ଜନସାଧାରଣ, ଭୋଟର ଓ କର୍ମୀଙ୍କୁ ଉଭୟ ପ୍ରାର୍ଥୀ ଆହ୍ୱାନ ଦେଇଥିଲେ। ଲୋକସଭା ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ଯେଉଁ ସବୁ ବିକାଶ ହେଇଛି ଏବଂ ଯେଉଁ ରୂପାନ୍ତରଣ ପ୍ରକ୍ରିୟା ଚାଲିଛି, ତାହା କେବଳ ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଶାସନ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଆଗାମୀ ଦିନରେ ଓଡ଼ିଶାର ବିକାଶଧାରାକୁ ବିଜୁ ଜନତା ଦଳ ତ୍ୱରାନ୍ୱିତ କରିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାଥ ମୁଠାକୁ ଆହୁରି ଟାଣ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଆଗକୁ ଚାଲୁ ରଖିବାକୁ ହେଲେ ବିଜୁ ଜନତା ଦଳ ଏକମାତ୍ର ଭରସାଯୋଗ୍ୟ ଦଳ ବୋଲି ପ୍ରକାଶ କରିଥିଲେ। ଏହି ଶୋଭାଯାତ୍ରାରେ ବିଜେଡି ବ୍ଲକ ସଭାପତି ସଚିକାନ୍ତ ଷଡ଼ଙ୍ଗୀ, ବ୍ଲକ ଉପାଧ୍ୟକ୍ଷ ପ୍ରଭାତ ଦଳ ବେହେରା, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବିଜେଡି ଯୁବ ସଭାପତି ଆକାଶ କୁମାର ପାଣି, ରଣପୁର ଏନ୍ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ନଗର ସଭାପତି ଲିଙ୍ଗରାଜ ନାୟକ ଏବଂ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ଏବଂ ବିଜୁପ୍ରେମୀ ସାମିଲ ଥିଲେ।




## ସୀତା ବିବାହ ଓ ପର୍ଶୁରାମ ଭେଟ ନୀତି ସମ୍ପନ୍ନ



ଖଣ୍ଡପଡ଼ା, ୨୧।୪(ସମିସ): ଖଣ୍ଡପଡ଼ା ସହାରାଞ୍ଚଳସ୍ଥିତ ଶ୍ରୀ ରଘୁନାଥଙ୍କ ମନ୍ଦିରରେ ରାମ ନବମୀ ଖୁବ ଧୁମଧାମରେ ପାଳିତ ହେବା ପରେ ପାରମ୍ପରିକ ରାମଲୀଳା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା ଦେଖିବାକୁ ମିଳିଥିଲା। ଏ ଅବସରରେ ଖଣ୍ଡପଡ଼ାର ସର୍ବପୁରାତନ ଟାଉନ ରାମଲୀଳା କଳାକାରଙ୍କ ଦ୍ୱାରା ଚଳିତ ବର୍ଷ ରାମଲୀଳା ନାଟକ ଆରମ୍ଭ ହୋଇଥିବା ଜଣାପଡ଼ିଛି। ରଥଗଡ଼ା ଛକରେ ଅନୁଷ୍ଠାନ ପକ୍ଷରୁ ଶନିବାରଠାରୁ ରାମାୟଣ କଥାବସ୍ତୁ ଅନୁଯାୟୀ ସୀତା ବିବାହ ସହିତ ପର୍ଶୁରାମ ଭେଟ ହୋଇଛି। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଏବଂ ମାତା ଜାନକୀଙ୍କୁ ଭକ୍ତ ହନୁମାନ ବନ୍ଦନା କରିଥିଲେ। ଏ ଅବସରରେ ଏହି ପାରମ୍ପରିକ ରାମଲୀଳା ଦେଖିବା ପାଇଁ ସହରାଞ୍ଚଳର ଶତାଧିକ ଦର୍ଶକ ଉପସ୍ଥିତ ଥିଲେ।

## ଶ୍ରୀରଘୁନାଥ ଜୀଉଙ୍କ ଗଙ୍ଗାପାର୍ ବେଶ

ଓଡ଼ଗାଁ, ୨୧।୪(ସମିସ): ପ୍ରସିଦ୍ଧ ସ୍ୱର୍ଣ୍ଣ କଳସକ୍ଷେତ୍ର ଭାବେ ପରିଚିତ ଓଡ଼ଗାଁ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ଶ୍ରୀରାମ ନବମୀ ନବଦିନ ସନ୍ଧ୍ୟା ଯାତ୍ରାର ଚତୁର୍ଥ ସନ୍ଧ୍ୟାରେ କୈବର୍ତ୍ତ ଦ୍ୱାରା ପ୍ରଭୁ ଶ୍ରୀରାମଙ୍କ ପଦ ପ୍ରକ୍ଷାଳନ ସହିତ ଗଙ୍ଗାପାର ବେଶର ଦୃଶ୍ୟ ଥିଲା ଅତ୍ୟନ୍ତ ଆକର୍ଷଣୀୟ। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ କେବଳ ଦୁଷ୍ଟ ସଂହାର ନୁହେଁ, ସନ୍ଥ ପାଳନ ନିମନ୍ତେ ଭିନ୍ନ ଭିନ୍ନ ଅବତାର ଗ୍ରହଣ କରିଥାନ୍ତି। ଅପେକ୍ଷାରତ ଭକ୍ତମାନଙ୍କ ଇଚ୍ଛାକୁ ଚରିତାର୍ଥ କରିବା ପାଇଁ ଧରାପୃଷ୍ଠରେ ଅବତରଣ କରିଥାନ୍ତି। ସତ୍ୟଯୁଗରେ ବ୍ୟାଧିଗ୍ରସ୍ତ ଶବରଅନାବିଳପ୍ରେମଭକ୍ତିରେପ୍ରଭୁଙ୍କ ଦର୍ଶନ ଲାଭ କରିବା ପାଇଁ ଆକୁଳ ନିବେଦନ, ପାଦ ପ୍ରକ୍ଷାଳନଦୃଶ୍ୟକୁଭକ୍ତମାନେଅନୁଭବକରିଥିଲେ।ସୋମବାରଧନୁଭଗ୍ନତଥାସୀତାବିବାହ ବେଶ ସହିତ ବିବାହ ପାଇଁ ବରଯାତ୍ରୀ ପଟୁଆରର ଦର୍ଶନ ସୁଯୋଗଲାଭ କରିବେ ଶ୍ରଦ୍ଧାଳୁ।



## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଓଡ଼ଗାଁ, ୨୧।୪(ସମିସ) : ଓଡ଼ଗାଁ ଥାନା ଅର୍ନ୍ତଗତ ଓଡ଼ଗାଁ-ଦରପଦା ରାସ୍ତାର ମାନପୁର ତାରେଣୀ ମନ୍ଦିର ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ଅଳଶୁ ଗ୍ରାମର ରାଜେଶ ପାତ୍ର(୨୦) ବୋଲି ଜଣାପଡ଼ିଛି। ସ୍ଥାନୀୟ ବାଉଁଶ ଗାଡିଆ ନିକଟରେ ଥିବା ରଗଡ଼ିମଡା ଗାଁକୁ ଏକ ଭୋଜି କାର୍ଯ୍ୟକ୍ରମକୁ ରାଜେଶ ଆସିଥିଲେ। ସେଠାରୁ ଏକ ବାଇକ୍‌ରେ ଆଜି ସନ୍ଧ୍ୟାରେ ଓଡ଼ଗାଁ ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଓଡ଼ଗାଁ ପୁଲିସ ଡାକ୍ତରଖାନାରେ ପହଞ୍ଚି ଥିବା ବେଳେ ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସୂଚନା ରହିଛି।

● ମନୋଜ ପ୍ରଧାନ ହେଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ

## ଆଶାୟୀ ଘେରିଲେ କଂଗ୍ରେସ ଅଫିସ

ଖଣ୍ଡପଡ଼ା, ୨୧।୪(ସମିସ): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ। ଦଳ ପକ୍ଷରୁ ଖଣ୍ଡପଡ଼ା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ସୂଚନା ମିଳିଛି। ଅନ୍ୟପକ୍ଷରେ ଶ୍ରୀ ପ୍ରଧାନଙ୍କୁ ଟିକଟ ପ୍ରଦାନ ପରେ ଦୀର୍ଘଦିନ ଧରି ସଂଗଠନ ସମ୍ଭାଳିଥିବା ଯୁବନେତା ତଥା ଖଣ୍ଡପଡ଼ା ବ୍ଲକ କଂଗ୍ରେସ ସଭାପତି ଇଂ ଦେବବ୍ରତ ବେହେରାଙ୍କୁ ନିରାଶ ହେବାକୁ ପଡ଼ିଥିବା ସୂଚନା ମିଳିଛି। ଗତ ପ୍ରାୟ ୫ ବର୍ଷ ଧରି ଶ୍ରୀ ବେହେରା ସଂଗଠନ କରି ଆସୁଥିବା ବେଳେ ଏବେ କିନ୍ତୁ ଦଳ ତାଙ୍କୁ ଅଣଦେଖା କରିଛି। ଫଳରେ ଶ୍ରୀ ବେହେରା ଟିକଟ ବିକ୍ରି ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏପରିକି କଂଗ୍ରେସ ସଦସ୍ୟ ନ ଥାଇ ମଧ୍ୟ ତାଙ୍କୁ ଟିକଟ ଦିଆଯାଇଥିବା ଭଳି ଅଭିଯୋଗ କରିଛନ୍ତି ବ୍ଲକ କଂଗ୍ରେସ ସଭାପତି। ଏଥିସହିତ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତି ବାବଦରେ ପୁନର୍ବିଚାର କରିବାକୁ ଦାବି କରିଛନ୍ତି ଶ୍ରୀ ବେହେରାଙ୍କ ସମର୍ଥକ। ସେହିପରି ଗତ ଦୁଇବର୍ଷ ହେବ ସକ୍ରିୟ ରାଜନୀତିରେ ନଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ କେଉଁ ପରିସ୍ଥିତିରେ ଦଳ ପ୍ରାର୍ଥୀ କରିଛି ତାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଠିକ ସମୟରେ ଦଳ ଉପଯୁକ୍ତ ପ୍ରାର୍ଥୀ ଦେଇଥିବା ନିଜର ପ୍ରତିକ୍ରିୟାରେ କହିଛନ୍ତି ମନୋଜ କୁମାର ପ୍ରଧାନ।



## ଲଙ୍କାପୋଡ଼ି ଯାତ୍ରା ୪ର୍ଥ ସନ୍ଧ୍ୟାରେ ଗଣ୍ଡା ବଧ

# ମୁକ୍ତାକାଶ ରଙ୍ଗମଞ୍ଚ ପାଲଟିଲା ଶବରପଲ୍ଲୀ

ଦଶପଲ୍ଲା, ୨୧।୪(ସମିସ): ଶ୍ରୀ ରଘୁନାଥ ଜୀଉଙ୍କ ପାରମ୍ପରିକ ଲଙ୍କପୋଡ଼ି ଯାତ୍ରା ୪ର୍ଥ ସନ୍ଧ୍ୟା ରାମଲୀଳାଭିନୟକୁ ଆଜି ୫ମ ମୁକ୍ତାକାଶ ରଙ୍ଗମଞ୍ଚରେ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ମନ୍ଦିର ସଂଲଗ୍ନ ମୁଖ୍ୟ ନାଟ୍ୟମଣ୍ଡପରେ ପାରମ୍ପରିକ ବନ୍ଦନା ପରେ ଅଭିନୀତ ହୋଇଥିଲା ପିତା ଅଜଙ୍କ ଶ୍ରାଦ୍ଧ ନିମନ୍ତେ ରାଜା ଦଶରଥଙ୍କ ପ୍ରସ୍ତୁତି। ରଘୁକୁଳ ପରମ୍ପରା ଅନୁଯାୟୀ ସୂର୍ଯ୍ୟବଂଶୀ ରାଜକୁମାର ମାନେ ପିତୃଶ୍ରାଦ୍ଧ ଦିବସରେ ସଠିକ୍ ସମୟରେ ଗଣ୍ଡା ଶିକାର କରି ପାରିଲେ ରାଜାଭିଷେକ ନିମନ୍ତେ ଯୋଗ୍ୟ ବିବେଚିତ ହୋଇ ଥାଆନ୍ତି। ଏହି କ୍ରମରେ ରାଜା ଦଶରଥଙ୍କ ନିର୍ଦ୍ଦେଶରେ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ୪ ରାଜକୁମାର ସୈନ୍ୟ ସାମନ୍ତ ସହିତ ଗଣ୍ଡାବଧ ନିମନ୍ତେ ବନ ଗମନ କରନ୍ତି। ଏହାର ପ୍ରତୀକାତ୍ମକ ଅଭିନୟ ନିମନ୍ତେ ମୁଖ୍ୟ ନାଟ୍ୟ ମଣ୍ଡପଠାରୁ ଏକ ବର୍ଣ୍ଣାଢ଼୍ୟ ରାଜକୀୟ ପଟୁଆର ସହର ପରିକ୍ରମା କରିଥିଲା। ପ୍ରଭୁ ଶ୍ରୀ ରଘୁନାଥଙ୍କ ଚଳନ୍ତି ବିଗ୍ରହକୁ ହାନ୍ଦୋଳରେ ବହନ କରି ବାଜା, ବାଣ, ସୁସଜ୍ଜିତ ଆଲୋକ ପଟୁଆରରେ ନିଆ ଯାଇଥିଲା। ଆଜି ପ୍ରଥମ ମୁକ୍ତାକାଶ ରଙ୍ଗମଞ୍ଚ ନେତାଜୀ ମଇଦାନରେ ଗଣ୍ଡା ବଧ ଅନୁଷ୍ଠିତ ହୋଇଥିଲା। ଆଜିର ପଟୁଆରରେ ଯାତ୍ରା କମିଟି ସମ୍ପାଦକ ସୂର୍ଯ୍ୟମଣି ଦାସ, ଭବାନୀ ମିଶ୍ରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।



# ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ଭାପୁର, ୨୧।୪(ସମିସ): ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଫତେଗଡ଼ ପୁଲିସ ଭାପୁର ବ୍ଲକରେ ବିଭିନ୍ନ ବଜାରରେ ରବିବାର ଅପରାହ୍ଣରେ ଫ୍ଲାଗ୍‌ମାର୍ଚ୍ଚ କରିଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ରକ୍ଷା କରିବା ଓ ସାଧାରଣ ଲୋକଙ୍କ ପୁଲିସ ଉପରେ ଆସ୍ଥା ପ୍ରକଟ କରିବା ପାଇଁ ଏହି ଫ୍ଲାଗ୍‌ମାର୍ଚ୍ଚ ଆୟୋଜିତ ହୋଇଛି। ରବିବାର ଅପରାହ୍ଣରେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକଙ୍କ ନେତୃତ୍ୱରେ ଫତେଗଡ଼ ଆଇଆଇସି ସୁଜିତ କୁମାର ଦାସ, ଭାପୁର ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ପରିଡ଼ା, ଫତେଗଡ଼ ଥାନା ଏଏସ୍‌ଆଇ ପ୍ରତାପ କୁମାର ପାହାଡ଼ସିଂହ, ଏଏସ୍‌ଆଇ ଅଶୋକ କୁମାର ଜେନା ଓ ଅଶୋକ କୁମାର ଗୁମାନସିଂହଙ୍କ ସହ ଦୁଇ ଶହ ଫୋର୍ସ ସାମିଲ ହୋଇଥିଲେ। ପ୍ରଥମେ ସେମାନେ ଫତେଗଡ଼ରୁ ବାହାରି ବିଜିପୁର ସୁନାଖଳା ବଜାର ବୁଲିବା ପରେ ଭାପୁର ତହସିଲଦାରଙ୍କ କାର୍ଯ୍ୟାଳୟଠାରୁ ବାହାରି ଭାପୁର ବଜାର ବୁଲି ଦମକଳକେନ୍ଦ୍ର ଯାଏ ଆସିଥିଲେ। ଏହାପରେ ବାହାଡ଼ା ବଜାରରେ ବୁଲି ଏହି ଫ୍ଲାଗ୍‌ମାର୍ଚ୍ଚ ସମାପ୍ତ ହୋଇଥିଲା।



## ‘ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ’ ପ୍ରତିଯୋଗିତା



ନୟାଗଡ଼, ୨୧।୪(ସମିସ): ନୟାଗଡ଼ ଜିଲ୍ଲା ରଣପୁର ମା’ ମଣିନାଗ କଲ୍ୟାଣୀ ମଣ୍ଡପଠାରେ ‘ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ’ ରଣପୁର ଅଡିସନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଦର୍ଶ ବିଦ୍ୟା ମନ୍ଦିର ପ୍ରତିଷ୍ଠାତା ଓ ପରିଚାଳକ ରାଜକିଶୋର ପଟ୍ଟନାୟକ, ସମାଜସେବୀ ଦାମୋଦର ସାହୁ ଯୋଗ ଦେଇଥିଲେ। ଅତିଥିମାନେ ରଣପୁରର ଗୁଣ ଗାରିମା ଉପରେ ବକ୍ତବ୍ୟ ରଖିଥିଲେ। ମୋଟ ୪୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସାଇଦର୍ଶିନୀ ସେନାପତି, ପାୟଲ ପ୍ରିୟଦର୍ଶିନୀ, ଅନ୍ୱେଷା ଦାଶ, ଅଞ୍ଜଳି ରାଣୀ ସିଂ ଦେଓ, ସୌମ୍ୟ ରଞ୍ଜନ ଜେନା ଓ ଅଭିଶ୍ରୀ ପ୍ରିୟଦର୍ଶିନୀ ପ୍ରତିଯୋଗୀ ସେମିଫାଇନାଲକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଚାରକ ଭାବେ ଅରବିନ୍ଦ ବାରିକ, ଶାବରୀ ପରମଗୁରୁ ଓ ଗୋପୀନାଥ ସେଠୀ ଯୋଗ ଦେଇଥିଲେ। ପରିଷଦ ସଭାପତି ପ୍ରଧାନି ବୃନ୍ଦାବନ ମହାପାତ୍ର ଓ ଉପ ସଭାପତି ଅଧ୍ୟାପିକା ନୀଳିମା ନନ୍ଦ ଟ୍ରଷ୍ଟି ଦେବେନ୍ଦ୍ର ପ୍ରସାଦ ପରମଗୁରୁ ସୃଜନିକାର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ସୃଜନିକାର ସଚିବ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେପି ରାଲିରେ ଅଙ୍ଗନବାଡ଼ି ସହାୟିକା

ନୟାଗଡ଼, ୨୧।୪(ସମିସ): ନିର୍ବାଚନ କମିଶନର ଆଶା, ଅଙ୍ଗନବାଡ଼ି ଓ ମିଶନ ଶକ୍ତି କର୍ମଚାରୀଙ୍କୁ ନିର୍ବାଚନ ପ୍ରଚାରଠାରୁ ଦୂରରେ ରହିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଓଡ଼ଗାଁରେ ଜଣେ ଅଙ୍ଗନବାଡ଼ି ସହାୟିକା ବିଜେପିର ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣାପଡ଼ିଛି। ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଗ୍ରାମ ପଞ୍ଚାୟତ ଭଗବତୀପ୍ରସାଦ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ସହାୟିକା ଖୁଲମ୍‌ଖୁଲା ବିଜେପି ପାଇଁ ଦଳୀୟ ପତାକା ଧରି ନିର୍ବାଚନ ପ୍ରଚାର କରୁଛନ୍ତି। ଏହାର ଫଟୋ ଉତ୍ତୋଳନ କରାଯାଇଛି। ଅଙ୍ଗନବାଡ଼ି ସହାୟିକା ଜଣକ ହେଲେ ସୁମତୀ ଆଲଟିଆ। ଓଡ଼ଗାଁ ଆଦର୍ଶ ଥାନା ସମ୍ମୁଖରେ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବା ବେଳେ ସୁମତୀଙ୍କୁ ଦେଖିବାକୁ ମିଳିଥିଲା। ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।



## ବଡ଼ପଣ୍ଡୁସର ପୋଲ ନିର୍ମାଣରେ ଅନିଶ୍ଚିତତା

# ଅଧାରେ କାମ ଛାଡ଼ି ଚାଲିଗଲା ଠିକା ସଂସ୍ଥା

ନୟାଗଡ଼, ୨୧।୪(ସମିସ): ନୟାଗଡ଼ ଜିଲ୍ଲା ଦେଇ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ବଡ଼ପଣ୍ଡୁସରଠାରେ ରହିଥିବା ପୋଲ ଦୁର୍ବଳ ଅବସ୍ଥାରେ ରହିଛି। ଭାରୀଯାନ ଚଳାଚଳ ସମୟରେ ପୋଲ ଅତ୍ୟଧିକ ଭାଇବ୍ରେଟ୍ ହେଉଥିବା ବେଳେ କେଉଁ ସମୟରେ ବି ଅଘଟଣ ଘଟିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପୁରୁଣା ପୋଲଠାରୁ ଅଳ୍ପ ଦୂରରେ ନୂତନ ପୋଲ ନିର୍ମାଣ କାମ ଦୀର୍ଘ ଦିନ ତଳୁ ଆରମ୍ଭ ହୋଇଥିବା ବେଳେ ସରିବାର ନାଁ ଧରୁ ନାହିଁ। ପୋଲ ନିର୍ମାଣ ଶେଷ ହୋଇ ଆପ୍ରୋଚ୍ ରୋଡ୍ କାମ ଗତ ବର୍ଷାଋତୁ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ଏହା ଶେଷ ହୋଇନାହିଁ। ଠିକାସଂସ୍ଥା ଅଧାରେ କାମ ଛାଡ଼ି ଚାଲି ଯାଇଥିବା ବେଳେ ବ୍ରିଜ କାମ କେବେ ସରିବ ତାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ ହେଉଥିବା ଜାତୀୟ ରାଜପଥ ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ ଏହାର ନିର୍ମାଣ ଅବଧି ଶେଷ ହୋଇଛି। ଦୈନନ୍ଦିନ ଏହି ରାସ୍ତା ଦେଇ ହଜାର ହଜାର ଗାଡ଼ି ଯାତାୟାତ କରୁଥିବା ବେଳେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ନପାଇବା ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି।

୨୦୨୨ ମସିହା ଜୁନ ମାସରେ ନୟାଗଡ଼ ଜିଲ୍ଲା ବଡ଼ପଣ୍ଡୁସରଠାରେ ତେଲ ଟ୍ୟାଙ୍କର ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ରାତି ୧ଟା ୪୫ରେ ଉକ୍ତ ଟ୍ୟାଙ୍କର ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ବଡ଼ପଣ୍ଡୁସର ବ୍ରିଜ ବୁଲାଣି ବୁଲିବା ବେଳକୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଡ୍ରାଇଭରଙ୍କ ଆଖିରେ ନିଦ୍ରା କିମ୍ବା ବୁଲାଣୀ ପାଇଁ ବ୍ରିଜ ବାଡ଼ରେ ମାଡ଼ ହୋଇ ୪୦ ଫୁଟର ତଳ ନଦୀକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ମୋଟ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ ସାନପଣ୍ଡୁସର ଗ୍ରାମର ସମୀର ନାୟକ, ଦୀପକ ଖଟୁଆ, ଚନ୍ଦନ କୁମାର ଖଟୁଆ, ପଙ୍କଜ ନାୟକ। ଏହି ଦୁର୍ଘଟଣା ପରେ ପୁରୁଣା ପୋଲର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ଓ ଭୟାନକ ହୋଇଥିବା ବେଳେ ନୂତନ ପୋଲ ନିର୍ମାଣ କାମ କେବେ ଶେଷ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୧ ମସିହାରୁ ନୂତନ ପୋଲ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଆପ୍ରୋଚ୍ ରୋଡ୍ ପାଇଁ ବର୍ଷେ ହେଲା ପୋଲ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ ନ କଲେ ନୟାଗଡ଼ବାସୀ ଏକ ବଡ଼ଧରଣର ଆନ୍ଦୋଳନକୁ ଓହ୍ଲାଇବାକୁ ଆଲୋଚନା ହେଉଛି।





## ● ବିପୁଳ ମଦ ସହ ପିକ୍‌ଅପ୍ ଜବତ
# ଅଭିଯୁକ୍ତ କୋର୍ଟ ଚାଲାଣ



**ବେଗୁନିଆ, ୨୧।୪(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ଦେଶୀ ମଦ ଓ ପିକଅପ ଗାଡି ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖୋର୍ଦ୍ଧା ସଦର ରେଞ୍ଜ ଅବକାରୀ ବିଭାଗ ନୀରିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସୂଚନା ଅନୁଯାୟୀ କଟକ ଜିଲ୍ଲା ଆଠଗଡ଼ ଥାନା ଅଧିନସ୍ଥ ନୂଆ ତିଗିରିଆ ଗ୍ରାମର ଜଗଦୀଶ ମହାନ୍ତି ପିକଅପ ଗାଡି ଯୋଗେ ୭୭୦ ଲିଟର ଦେଶୀ ମଦ ୨୨ ଟି ଜାରକିନରେ ଭର୍ତ୍ତି କରି ବେଗୁନିଆ ଅଞ୍ଚଳରେ ବ୍ୟବସାୟ କରିବା ପାଇଁ ଆସୁଥିବାର ଖବର ପୁଲିସ ସୂଚନା ପାଇଥିଲା। ଏଥିରେ ବେଗୁନିଆ ଅବକାରୀଥାନା ଉପନୀରିକ୍ଷକ ଏନ ଜାଗିନ ରାଓ, ସଦରରେଞ୍ଜ ଉପନିରୀକ୍ଷକ ସୁଦର୍ଶନ ବିଷୋୟୀ, ସିପାହୀ ବିକାଶ ଚନ୍ଦ୍ର ରାଉତ ଓ ଚିନ୍ମୟୀ ସେଠୀ ପ୍ରମୁଖ ଏକ ଟିମରେ ବିଭକ୍ତ ହୋଇ ଚଢାଉ କରିବା ପାଇଁ ଯୋଜନା କରିଥିଲେ। ତେବେ ଅଭିଯୁକ୍ତକୁ ବେଗୁନିଆ ସଦର ମହକୁମା ସ୍ଥିତ ପୋଷ୍ଟ ଅଫିସ ଛକ ନିକଟରେ ପିକଅପ ଗାଡ଼ିକୁ ଅଟକାଇ ତନଖି କରି ବିପୁଳ ପରିମାଣରଦେଶୀ ମଦ ସହ ଗାଡ଼ିକୁ ଜବତ କରିଥିଲେ।

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ; ଗାଡ଼ି ସହିତ ଦୁଇ ଅଟକ





**ନିରାକାରପୁର, ୨୧।୪(ସମିସ):** ଆଜି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଗଞ୍ଜେଇ ଚୋରା ଚାଲାଣ ବେଳେ ଚଢ଼ଉ କରି ଗାଡ଼ି ସହିତ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରି ଥିବା ବେଳେ ଗାଡ଼ିକୁ ପାଇଲଟିଂ କରି ପାସ୍ କରୁଥିବା ଦୁଇଜଣବ୍ୟକ୍ତିଙ୍କୁ ଗାଡି ସହ ଅଟକ ରଖିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।ସୂଚନାଯୋଗ୍ୟ କି ରବିବାର ରାତି ୯ ଟା ରେ ଏକ ଡଷ୍ଟର ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନିରାକାରପୁର ପୁଲିସ ଖବର ପାଇ ଆଇଆଇସି ବିଶ୍ୱଜିତ୍ ରାଉତରାୟ ଙ୍କ ନିର୍ଦ୍ଦେଶରେ ଏସଆଇ ଦିପାଲୀସା ନାୟକ ଓ ସଦଳବଳେ ଲେଣ୍ଡୁଛକ ନିକଟରେ ଅଟକାଇ ଗାଡ଼ିକୁ ଜବତ୍ କରିବା ସହିତ ପୁରୀ ଜିଲ୍ଲା କଣାସ ବ୍ଲକ ଅଞ୍ଚଳର ଦୁଇଜଣ ଗାଡି ପାସ କରୁଥିବା ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଗାଡିରୁ ୩ଟି ବଡବଡ ବ୍ୟାଗ ଭର୍ତ୍ତି ଗଞ୍ଜେଇ ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ଦୁଇ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି।ଗଞ୍ଜେଇ ବ୍ରହ୍ମପୁର ଆଡୁ ପୁରୀକୁ ଯାଉଥିବା ଜଣାପଡ଼ିଥିବା ବେଳେ ପ୍ରକୃତରେ କେଉଁ ଠାରୁ ଆସି କେଉଁ ଆଡେ ଯାଉଥିଲା। ଏହାର ପଛରେ କେଉଁମାନେ ଅଛନ୍ତି ପୁଲିସ ତଦନ୍ତ ଜାରି ରଖିଛି।

# ଜାନକୀବଲ୍ଲଭଙ୍କ ଶ୍ରାଦ୍ଧ ବାର୍ଷିକୀ



**ଖୋର୍ଦ୍ଧା, ୨୧।୪(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ରବିବାର ଜାନକୀ ବଲ୍ଲଭ ସ୍ମୃତି କମିଟି ତରଫରୁ ଖୋର୍ଦ୍ଧାସ୍ଥିତ ଜାନକୀବଲ୍ଲଭ ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ଟ୍ରଷ୍ଟର ସମ୍ପାଦକ ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବେଗୁନିଆ ପ୍ରାର୍ଥୀ ତଥା ଜାନକୀଙ୍କ ସୁପୁତ୍ର ପୃଥ୍ୱୀ ବଲ୍ଲଭ ଏବଂ ଲୋକସଭା ପ୍ରାର୍ଥୀ ୟାସିର ନୱାଜ ମଧ୍ୟ ଯୋଗଦେଇଥିଲେ। ଏହି ଅବସରରେ ଜାନକୀ ପଟ୍ଟନାୟକ କେବଳ ରାଜନିତିଜ୍ଞ ନଥିଲେ ବରଂ ସାହିତ୍ୟ ଓ ସାମ୍ବାଦିକାର ତ୍ରିବେଣୀ ସଙ୍ଗମ ଥିଲେ। ସେ ଏକାଧାରରେ ଜଣେ ସଫଳ ରାଜନୀତିଜ୍ଞ, ସୁସାହିତ୍ୟିକ ଓ ସନାତନ ଧର୍ମର ପ୍ରଚାରକ ଭଳି ପ୍ରତିଭାର ଅଧିକାରୀ ହୋଇଥିବା ବେଳେ ଏଭଳି ସଫଳ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆଶିବାର ସୁଯୋଗ ଖୁବ କମ୍ ଲୋକଙ୍କୁ ମିଳିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର କୋଷାଧକ୍ଷ ତଥା ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଅମିତ ମହାନ୍ତି, ଶିଳାଦିତ୍ୟ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ଶିକ୍ଷାବିତ, ଆଇନଜୀବୀ ପ୍ରମୁଖ ଉପସ୍ଥିତଥିଲେ।

# ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବାଟବଣା

## ● ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା
## ● ପାଣି ପାଇଁ ଡହଳବିକଳ ପଞ୍ଚାୟତବାସୀ

**ବାଲୁଗାଁ, ୨୧।୪(ସମିସ)**





କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରାମରେ ଘରକୁ ଘର ପାଇପ୍ ବିଛାଇ ପାନୀୟ ଜଳ ଯୋଗାଇ ଦେବାକୁ ସ୍ୱତନ୍ତ୍ର ଭାବେ ବସୁଧା ଯୋଜନା କରାଯାଇଛି। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକ ସୋରଣ ପଞ୍ଚାୟତ ଅନ୍ତର୍ଗତ ଓସ୍ତଟାଙ୍ଗୀ ଓ କ୍ଲବ ସାହିଲୋକ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ଗ୍ରାମର ପ୍ରାୟ ୫୦ ଜଣରୁ ଊର୍ଦ୍ଧ୍ୱ ମହିଳା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପାଇ ଚିଲିକା ବିଡିଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ଉକ୍ତ ଗ୍ରାମରେ ପହଁଞ୍ଚôଚ ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥାର ତଦାରଖ କରିଛନ୍ତି।

ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ସୋରଣ ପଞ୍ଚାୟତ ଅନ୍ତର୍ଗତ ଓସ୍ତଟାଙ୍ଗୀ ଓ କ୍ଲବ ସାହି ଅଦି ଗ୍ରାମରେ ପ୍ରାୟ ହଜାର ଜନସାଧାରଣ ବାସ କରନ୍ତି। ସରକାରଙ୍କ ତରଫରୁ ସୋରଣ ପଞ୍ଚାୟତର ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି।କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ କେବଳ ପାଇପ ବିଛାରେ ପାନୀୟ ଜଳ ଯୋଗାଣ ଅଟକି ରହିଛି। ପଞ୍ଚାୟତର ବହୁ ଗ୍ରାମ ଗୁଡ଼ିକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ପାଇପ୍ ବିଛା ଅଧପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ଆଉ କିଛି ଗ୍ରାମର କେତେକଙ୍କ ଘର ସମ୍ମୁଖରେ ଟ୍ୟାପ୍ ଅଧପନ୍ତରିଆ ଭାବେ ଲାଗିଛି। ଯାହା ଫଳରେ ପଞ୍ଚାୟତବାସୀ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଅନ୍ୟପକ୍ଷରେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ସହ ବିଭାଗିୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ପ୍ରକଳ୍ପର ସଫଳ ରୂପାୟନ ହେବା ପରିବର୍ତ୍ତେ ଅର୍ଥ ବାଟବଣା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବିଡିଓ ଶ୍ରୀ ଶବରଙ୍କୁ ପଚାରିବାରୁ ସାହିବାସିନ୍ଦାଙ୍କ ଅଭିଯୋଗ ପାଇଛନ୍ତି। ଗ୍ରାମ ପରିଦର୍ଶନ କରି ଅସୁବିଧାର ଅନୁଧ୍ୟାନ କରି ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ଶେଷଦେବ ବେହେରାଙ୍କୁ ପଚାରିବାରୁ ଉକ୍ତ ଗ୍ରାମରେ ଏକ ପାଣି ଟାଙ୍କି ଥିବା ବେଳେ ପ୍ରଚଣ୍ଡ ଖରା ଯୋଗୁଁ ଜଳସ୍ତର ହ୍ରାସ ପାଇବାରେ ପାନୀୟ ଜଳ ସଂକଟ ଦେଖାଦେଇଛି।

ବିଡିଓଙ୍କ ସହ ଆଲୋଚନା କରି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କହିଥିଲେ। ଅଭିଯୋଗ ପାଇବା ପରେ ଚିଲିକା ବିଡିଓ ଶ୍ରୀ ଶବର ବିଭାଗୀୟ ଯନ୍ତ୍ରୀଙ୍କୁ ସହ ଉକ୍ତ ଗ୍ରାମରେ ପହଁଞ୍ଚôଚ ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥାର ତଦାରଖ କରିଥିବା ଦେଖିବାକୁ ମିଳିଛି।

# ଭୁବନେଶ୍ୱର ମଧ୍ୟ, ଉତ୍ତର ବୁଥ ବୁଲିଲେ ଜିଲ୍ଲାପାଳ






**ଖୋର୍ଦ୍ଧା, ୨୧।୪(ସମିସ):** ଚଳିତ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ନିରପେକ୍ଷ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି। ମତଦାନ କେନ୍ଦ୍ରରେ ସମସ୍ତ ସୁବିଧା ଉପଲବ୍ଧ ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ରବିବାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ(ଡିଇଓ) ଚଞ୍ଚଳ ରାଣା ୧୧୨- ଭୁବନେଶ୍ୱର(ମଧ୍ୟ) ଏବଂ ୧୧୩- ଭୁବନେଶ୍ୱର(ଉତ୍ତର) ନିର୍ବାଚନ ମଣ୍ଡଳୀ(ଏସି) ଅନ୍ତର୍ଗତ ସମସ୍ତ ବୁଥ କେନ୍ଦ୍ର ପରିଦର୍ଶନ କରିଥିଲେ। ମତଦାନ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ଉପଲବ୍ଧ ପାଇଁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଗ୍ରସ୍ତ ବେଳେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ଭୁବନେଶ୍ୱର ଚିନ୍ମୟ ଆଚାର୍ଯ୍ୟ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର ଲୋକସଭା ଏବଂ ପୁରୀ ଲୋକସଭା ଆସନ ଅନ୍ତର୍ଗତ ଚିଲିକା ବିଧାନସଭା ପାଇଁ ୬ଷ୍ଠ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ପାଇଁ ଆସନ୍ତା ଏପ୍ରିଲ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ମଇ ୬ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ମଇ ୭ ତାରିଖ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ମଇ ୨୫ ତାରିଖରେ ମତଦାନ ଏବଂ ଜୁନ ୪ତାରିଖରେ ଭୋଟ ଗଣତି କରାଯିବ। ଜିଲ୍ଲାରେ ୧୯୦୭ ବୁଥ ଥିବା ବେଳେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଏକାମ୍ର, ଉତ୍ତର, ଜଟଣୀ ନିର୍ବାଚନ ମଣ୍ଡଳୀ ପାଇଁ ୧୧୬୬ ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୬୫୮ ଓ ଗ୍ରାମାଞ୍ଚଳରେ ୫୦୮ ବୁଥ ରହଛି। ଇଭିଏମ ଓ ଭିଭିପ୍ୟାଟ୍ କଡା ସୁରକ୍ଷା ବଳୟ ଭିତରେ ରଖାଯାଇଛି। ୫ଟି ଫ୍ଲୋରରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ୨ଟି ଲେଖାଏ ଷ୍ଟ୍ରଙ୍ଗରୁମ ବ୍ୟବସ୍ଥା କରାଯାଇଛି।

# ଦୁଇପୁଅଙ୍କ ପାଇଁ କରିବି ପ୍ରଚାର- ବିଧାୟକ ସୁରେଶ

**ଖୋର୍ଦ୍ଧା, ୨୧।୪(ସମିସ):** ମୁଁ ଏବେ ସ୍ୱାଧିନ। ମୋର ଦୁଇପୁଅ ପ୍ରାର୍ଥୀ ହୋଇଥିବା ବେଳେ ଦୁଇଜଣଙ୍କ ପାଇଁ ମୁଁ ପ୍ରଚାର କରିବି। ବଡପୁଅ ସିଦ୍ଧାର୍ଥ ନିମାପଡ଼ାରୁ କଂଗ୍ରେସ



ବିଧାୟକ ପ୍ରାର୍ଥୀ ଓ ସାନପୁଅ ମନ୍ମଥ ବିଜେଡିରୁ ଭୁବନେଶ୍ୱର ସାଂସଦ ପ୍ରାର୍ଥୀଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏନେଇ ରବିବାର ସ୍ୱର୍ଗତ ଜାନକୀ ବଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସିଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ମତେ ବିତାଡିତ କରିଛି। ମାତ୍ର ମୁଁ କଂଗ୍ରେସ ଦଳର ପ୍ରଚାର କମିଟି, ନିର୍ବାଚନ କମିଟି, ଷ୍ଟାଣ୍ଡିଂ କମିଟିରୁ ପୂର୍ବରୁ ଇସ୍ତଫା ଦେଇସାରିଛି। ବର୍ତ୍ତମାନ ମୁଁ ସ୍ୱାଧୀନ। ମୋ ଇଛା ମୁଁ ଯାହା ପାଇଁ ପ୍ରଚାର କରିବି। ମୋର ଦୁଇପୁଅଙ୍କ ଲାଗି ମୁଁ ଲୋକଙ୍କ ନିକଟକୁ ଯାଇ ଭୋଟ ଦେବାକୁ ଅନୁରୋଧ କରିବି।

# ରେଳବାଇ ପୁଲିସର ଜନସଚେତନ କାର୍ଯ୍ୟକ୍ରମ



**କୁହୁଡ଼ି, ୨୧।୪(ସମିସ):** ରେଳବାଇ ପୁଲିସ ବାଲୁଗାଁ ଶାଖା ତରଫରୁ କୁହୁଡି ରେଳ ଫାଟକ ଓ କୁହୁଡି ବଜାରରେ ଜନସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ରେଳବାଇ ପୁଲିସ ଏସଆଇ ଜେ.ମୋର୍ଯ୍ୟା ଓ ଏଏସ୍‌ଆଇ ଏସଏ. ପାତ୍ରଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାହାର ଅଳିଆ ଆବର୍ଜନାକୁ ରେଳଧାରଣ ଉପରେ ନପକାଇବା, ରେଳ ଫାଟକ ପଡ଼ିଥିବା ଅବସ୍ଥାରେ ରେଳଧାରଣ ଅତିକ୍ରମ ନକରିବା, ରେଳଧାରଣ ଉପରେ ମଳତ୍ୟାଗ ନକରିବା, କର୍ମରତ ଥିବା ରେଳ କର୍ମଚାରୀଙ୍କ ଦୁର୍ବ୍ୟବହାର ନକରିବା, ଗାଈଗୋରୁମାନଙ୍କୁ ରେଳଧାରଣାର ଦୁଇପାର୍ଶ୍ୱରେ ନଛାଡିବା ତଥା ରେଳଧାରଣର ଦୁଇପାର୍ଶ୍ୱକୁ ଦେଖି ସତର୍କତାର ସହିତ ରେଳଧାରଣ ଅତିକ୍ରମ କରିବା ବିଷୟରେ ଆଲୋକପାତ କରାଯାଇଥିଲା।

# ସାନ୍ତରାପୁର ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ

**ବାଲୁଗାଁ, ୨୧।୪(ସମିସ):** ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ସାନ୍ତରାପୁର ଗ୍ରାମରେ ତିନି ଦିନ ବ୍ୟାପି ଚାଲିଥିବା ପାରମ୍ପରିକ ଶ୍ରୀରାମ ନବମୀ ମହୋତ୍ସବର ଅନ୍ତିମ ଦିବସ ଶନିବାର ରାତ୍ର ତମାମ ରାମଲୀଳା ନାଟକ ପରିବେଷଣ ପରେ ରବିବାର ସକାଳେ ଉଦ୍‌ଯାପିତ ହୋଇଯାଇଛି। ଏହି ପାରମ୍ପାରିକ ଉତ୍ସବ ଉକ୍ତ ଗ୍ରାମରେ କେଉଁ ଆବାହନ କାଳରୁ ପାଳିତ ହୋଇ ଆସୁଛି। ଗ୍ରାମର ଆବାଳବୃଦ୍ଧବନୀତା ଉପବାସ ରହି ହବିଷ କରିବା ସହ ସହ ଗ୍ରାମମଧ୍ୟକୁ ଆମିଷ ଓ ମଦକୁ ସମ୍ପୂର୍ଣ୍ଣ ବାରଣ ହୋଇଥିଲା। ଚଳିତ ବର୍ଷ ପବିତ୍ର ଶ୍ରୀରାମ ନବମୀ ବୁଧବାର କୁମ୍ଭାଭୀଷେକ ହୋଇ ମହୋତ୍ସବ ଅରମ୍ଭ ହୋଇଥିବା ବେଳେ ଗୁରୁବାର ଠାରୁ ରାମଲୀଳା ନାଟକ ଆରମ୍ଭ ହୋଇଥିଲା। ଏହି ଅବସରରେ ଗ୍ରାମର ଦଧିବାମନ ଦେବ ମନ୍ଦିର ପରିସରରେ ଗୁରୁବାର, ଶୁକ୍ରବାର ଓ ଶନିବାର ତିନି ଦିନ ଧରି ଅନୁଷ୍ଠିତ ସୀତା ବିବାହ, ଇନ୍ଦ୍ରଜିତ ବଧ, କୁମ୍ଭକର୍ଣ୍ଣ ବଧ ଓ ତରଣୀସେନ ବଧ ଆଦି ରାମଲୀଳା ନାଟକ ଗ୍ରାମ କଳାକାରଙ୍କ ଦ୍ୱାରା ପରିବେଷଣ ଦର୍ଶକଙ୍କୁ ବେଶ ଅକୃଷ୍ଟ କରିଥିଲା।



ଉତ୍ସବ ପାଳନରେ ସାରା ଗ୍ରାମ ଆଲୋକ ମାଳାରେ ଝଲସି ଉଠିବା ସହ ଉତ୍ସବ ମୁଖର ହୋଇପଡ଼ିଥିଲା। ଉଦ୍‌ଯାପନୀ ଅବସରରେ ଗ୍ରାମବାସୀ ପରସ୍ପରକୁ ଫଗୁ ଲଗାଇ ସଂକିର୍ତ୍ତନ କରି ଗ୍ରାମ ସାରା ପରିକ୍ରମା କରିବା ପରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ମୃଣ୍ମୟ ମୂର୍ତ୍ତିକୁ ଚିଲିକାରେ ବିସର୍ଜନ ପରେ ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି।

# ମଳିପଡ଼ାରେ ରାମଲୀଳା

**ନିରାକାରପୁର, ୨୧।୪(ସମିସ):** ରାମ ନବମୀ ଦିନଠାରୁ ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ସ୍ଥିତ ଉପରସାହି ରଘୁନାଥ ରାମ ମାନସ ସଂସଦ ତରଫରୁ ରାମଲୀଳା ପରିବେଷଣ ଆରମ୍ଭ ହୋଇଛି। ଏଥିରେ ସହଯୋଗୀ ଭାବରେ, ଜଗନ୍ନାଥ ଭୁଜବଳ, ଗୁଲୁରୀ କଳସ, ଶୁଭ୍ରଜିତ୍ ଖଣ୍ଡେଇତରାୟ, ସାଗର କଳସ, ଦିଲ୍ଲୀପ ଖଣ୍ଡେଇତରାୟ ଓ ସମୀର ଜେନା ପ୍ରମୁଖ



କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। କଳାକାର ଭାବେ ଗୁଲୁ ପରିଡ଼ା, ଟିଂକୁ ନିଃସଙ୍କ, ପ୍ରଦ୍ୟୁମ୍ନ ଖଣ୍ଡେଇତରାୟ, ଲିପୁନ ମହାରଣା, ରଶ୍ମିରଞ୍ଜନ ମହାରଣା, ବିଜୟ ରାୟଗୁରୁ, ବାଇନ ଦଳେଇ ଏବଂ ଅଜୟ କଳସ, ଜିତେନ୍ଦ୍ର କଳସ, ଅର୍ଜୁନ ନିସଙ୍କ, ସୀତାରାମ ମହାପାତ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରୁଛନ୍ତି।

# ରୌଦ୍ରତାପ ବଢୁଛି, ଖୋଲୁନି ଜଳଛତ୍ର

**ବେଗୁନିଆ, ୨୧।୪(ସମିସ)**

ରାଜ୍ୟରେ ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଇବା ଯୋଗୁଁ ସକାଳ ୮ଟାରୁ ଲୋକମାନେ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଏପରିକି ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଅସହ୍ୟ ଗୁଳଗୁଳି ଅନୁଭୂତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିବା ଫଳରେ ଲୋକମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି। ସକାଳୁ ରାସ୍ତାଘାଟ ଜନଶୂନ୍ୟ ପାଲଟିଯାଉଥିବା ବେଳେ ସରକାର ଜଳଯୋଗାଣ ପାଇଁ ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରି ବ୍ଲକ ପ୍ରଶାସନ ଓ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର ଖୋଲିବା ପାଇଁ ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ସୁଦ୍ଧା କା ଭା କୌଣସି ସ୍ଥାନରେ ଜଳଛତ୍ର ନଖୋଲିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାରୁ ଅଂଶୁଘାତ ହେବାର ଯଥେଷ୍ଟ ଆଶଙ୍କା ଦେଖାଦେଇଛି।ପୂର୍ବବର୍ଷମାନଙ୍କରେ ରୌଦ୍ରତାପକୁ ଆଖି ଆଗରେ ରଖି ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଜଳଛତ୍ର ଖୋଲିବା ଦିଗରେ ପ୍ରଶାସନ ତରଫରୁ ଆଗୁଆ ପଦକ୍ଷେପ ନିଆ ଯାଉଥିଲା।ସେଥିପାଇଁ ବିଭିନ୍ନ ସ୍ଥାନରେ ସଭା ସମିତି କରି ଲୋକମାନଙ୍କୁ ସଚେତନ କରାଯାଉଥିଲା। ଏବେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ କେହି ସେ ଦିଗରେ ସଚେତନ ନଥିବା ପରି ମନେ ହୁଏ।ଏବେ କେବଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ତରଫରୁ ସତର୍କ ରୁହନ୍ତୁ ଅଂଶୁଘାତକୁ ପ୍ରତିରୋଧ କରନ୍ତୁ ବିଜ୍ଞାପନ ଖବରକାଗଜରେ ଦେଇ ସରକାର ନୀରବରେ ବସି ଯାଉଛନ୍ତି। ପ୍ରତି ଛକରେ ଜଳଛତ୍ର ଖୋଲିବା, ଗାଁ ଗହଳିରେ ପାନୀୟ ଜଳ ଯୋଗାଣ ସମୟ ବୃଦ୍ଧି କରିବା, ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ଅଧିକାରୀମାନେ ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ଦହିପଣା ବଣ୍ଟନ ଓ ସଡ଼କ ସୁରକ୍ଷା ସଚେତନତା

**ବେଗୁନିଆ, ୨୧।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ପଥଚାରୀଙ୍କ ତୃଷ୍ଣାନିବାରଣ ପାଇଁ ଦହିପଣା ଓ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସଡକ ସୁରକ୍ଷା ସଚେତନତା ଖୋର୍ଦ୍ଧା-ବାଘମାରି ୫୭ ନମ୍ବର ଜାତୀୟ ରାଜପଥସ୍ଥିତ ବାମଡିହ ଛକ ଠାରେ ରାଷ୍ଟ୍ର ଶକ୍ତି ମିଶନ ଓ ବେଗୁନିଆ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ମିଳିତ ସହଯୋଗରେ ମଧ୍ୟାହ୍ନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସିଟ ବେଲଟ ଓ ହେଲମେଟ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ଗୋଲାପ ଫୁଲ ଉପହାର ଦେଇଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ, ମାନସ କୁମାର ବେହେରା, ମନ୍ମଥ ପ୍ରକାଶ ବାହୁବଳେନ୍ଦ୍ର, ଶିକ୍ଷାବିତ ପତିତପାବନ ବଳବନ୍ତରାୟ, କୃଷକ ନେତା କାହ୍ନୁ ଚରଣ ବେହେରା, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, ସମାଜସେବୀ ଯୋଗେଶ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ କୁମାର ସାହୁ ଓ ଗାଡି ଚାଳକ ମନୁ ଭାଇ ପ୍ରମୁଖ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମକୁ ସମାଜସେବୀ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୩୮ ● ପାଉଣ୍ଡ ୧୦୩.୧୭
- ୟୁରୋ ୮୮.୭୯ ● ୟେନ୍ ୦.୫୩

## ସୁନା ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୮,୦୫୦ (ନୂଆଦିଲ୍ଲୀ)
- ରୁପା :୯୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୦୮୮.୦୦
- ନିଫ୍ଟି ୨୨,୧୪୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



---

ଜିଓ'ର ସ୍ୱତନ୍ତ୍ର ଆଇପିଏଲ 'ଧନ୍ ଧନା ଧନ୍' ପ୍ରମୋସନାଲ୍ ଅଫର

# ଜିଓ ଭାରତ ୪ଜି ଫୋନ୍ ସହିତ ୨୩୪ ଟଙ୍କାର ରିଚାର୍ଜ ପ୍ଲାନ

**ମୁମ୍ବାଇ,୨୧।୪(ଏଜେନ୍ସି):** ଜିଓ ପକ୍ଷରୁ ସୁଲଭ ୯୯୯ ଟଙ୍କିଆ ଜିଓ ଭାରତ ୪-ଜି ଫୋନ ସହିତ ସ୍ୱତନ୍ତ୍ର ରିଚାର୍ଜ ଅଫର ପ୍ରଚଳନ କରାଯାଇଛି । ଏହି ସ୍ୱତନ୍ତ୍ର ଅଫର ଅଧୀନରେ ନୂଆ ଜିଓ ଭାରତ ଫୋନରେ ୨୩୪ ଟଙ୍କାର ଦୁଇ ମାସ ରିଚାର୍ଜ ପ୍ଲାନ ସହିତ ଅତିରିକ୍ତ ଦୁଇ ମାସର ମାଗଣା ଅସୀମିତ ସେବା ଉପଲବ୍ଧ ହେଉଛି ।ତେବେ ଏହି ସୀମିତ ସମୟ ଅଫର ଏପ୍ରିଲ ୧, ୨୦୨୪ ପରେ




କିଣାଯାଇଥିବା ଜିଓ ଭାରତ ୪ଜି ଫୋନ ସହିତ ଥରେ ମାତ୍ର ଉପଲବ୍ଧ ହେବ। ଏହି ପ୍ଲାନରେ ପ୍ରତିଦିନ ୦.୫ ଜିବି ହାଇସ୍ପିଡ୍ ଡାଟା ସହିତ ଅସୀମିତ ଭଏସ କଲ, ଜିଓ ଆପ୍ସ ସବସ୍କ୍ରିପସନ ଭଳି ଅନେକ ସୁବିଧା ଉପଲବ୍ଧ ହେଉଛି । ୫୬ ଦିନ ବୈଧତା ରହିଥିବା ୨୩୪ ଟଙ୍କା ପ୍ଲାନ ରିଚାର୍ଜ କରିବାର ୧୫ ଦିନ ପରେ ଆଇପିଏଲ ଧନ ଧନା ଧନ ପ୍ରମୋସନାଲ ସ୍ୱତନ୍ତ୍ର ଅଫର ବଳରେ ଅତିରିକ୍ତ ୫୬ ଦିନର ସେବା ମୋବାଇଲରେ ଉପଲବ୍ଧ ହେବ ଯାହା ପ୍ରଥମ ୫୬ ଦିନ ଶେଷ ହେବା ପରେ ଆପେ ଆପେ ଆକ୍ଟିଭେଟ ହେବ ।ସୂଚନା ଯୋଗ୍ୟ ଯେ ରିଲାଏନ୍ସ ଜିଓ ପକ୍ଷରୁ ଗତ ବର୍ଷ ନୂଆ ୪ଜି ଫିଚର ଫୋନ୍ ଜିଓ ଭାରତ ଭି୨କୁ ମାତ୍ର ୯୯୯ ଟଙ୍କାରେ ଉନ୍ମୋଚନ କରାଯାଇଥିଲା ।୨ଜି ମୁକ୍ତ ଭାରତ ସ୍ୱପ୍ନକୁ ସାକାର କରିବା ଏବଂ ସାରା ଦେଶର ନିୟୁତାଧିକ ୨ଜି ବ୍ୟବହାରକାରୀଙ୍କୁ ଡିଜିଟାଲ୍ ସକ୍ଷମ କରି ଡିଜିଟାଲ୍ ସେବା ସହ ପ୍ରତିଟି ଭାରତୀୟଙ୍କୁ ସଶକ୍ତ କରିବା ତଥା ସ୍ମାର୍ଟଫୋନ୍ ହାସଲ କରିପାରୁନଥିବା ଲୋକମାନଙ୍କ ପାଖରେ ତାହାକୁ ପହଂଚାଇବା ଲକ୍ଷ୍ୟ ନେଇ ଏହାର ଶୁଭାରମ୍ଭ କରାଯାଇଥିଲା । ଗ୍ରାହକମାନଙ୍କଠାରୁ ଏହାକୁ ବିପୁଳ ସମର୍ଥନ ମିଳିଛି । ଜିଓ ଭାରତ ଭି୨ ଗ୍ରାହକମାନେ ଜିଓ-ସାବନରୁ ୮ କୋଟିରୁ ଅଧିକ ଗୀତ ଶୁଣିପାରିବା ସହ ଜିଓ ଟିଭି ଜରିଆରେ ନିଜ ପସନ୍ଦର ଟିଭି କାର୍ଯ୍ୟକ୍ରମ ଏବଂ ଜିଓସିନେମା ସବ୍‌ସ୍କ୍ରିପ୍‌ସନ୍ ଜରିଆରେ ସିନେମା, ଟିଭି ସୋ' ଓ କ୍ରୀଡ଼ା କାର୍ଯ୍ୟକ୍ରମ ଅନାୟାସରେ ଦେଖିବାର ଲାଭ ଉଠାଉଛନ୍ତି । ଏହି ଫୋନରେ ଜିଓ-ପେ ମାଧ୍ୟମରେ ଗ୍ରାହକମାନେ ୟୁପିଆଇ କାରବାର କରିବା ସୁବିଧା ରହିଛି ।ଏଥିରେ ଏଚ୍‌ଡି ଭଏସ୍ କଲିଂ, ଏଫ୍‌ଏମ୍ ରେଡିଓ, ୧୨୮ ଜିବିର ଏସ୍‌ଡି ମେମୋରି କାର୍ଡ ସପୋର୍ଟ ଭଳି ସୁବିଧା ରହିଛି । ମୋବାଇଲ୍‌ରେ ୪.୫ ସେମିର ଟିଏଫ୍‌ଟି ସ୍କ୍ରିନ୍, ୦.୩ ମେଗାପିକ୍‌ସେଲ୍ କ୍ୟାମେରା, ୧୦୦୦ ଏମ୍‌ଏଏଚ୍ ବ୍ୟାଟେରି, ୩.୫ ଏମ୍‌ଏମ୍‌ର ହେଡ୍‌ଫୋନ୍ ଜ୍ୟାକ୍, ଶକ୍ତିଶାଳୀ ଲାଉଡ୍‌ସ୍ପିକର ଓ ଟର୍ଚ୍ଚ ଭଳି ସୁବିଧା ରହିଛି । ଜିଓ ଭାରତ ଭି୨ର ମାସିକ ପ୍ଲାନ୍ ମୂଲ୍ୟ ମଧ୍ୟ ସବୁଠୁ କମ୍ ରହିଛି । ମାସିକ ୧୨୩ ଟଙ୍କିଆ ପ୍ଲାନ୍‌ରେ ଗ୍ରାହକମାନେ ୨୮ ଦିନ ବୈଧତା ସହିତ ମାଗଣା ଭଏସ୍ କଲ୍ ଏବଂ ୧୪ ଜିବି ଡାଟା ଅର୍ଥାତ ଦୈନିକ ଅଧ ଜିବି ଡାଟା ସୁବିଧା ପାଇପାରୁଛନ୍ତି ।

# ମସ୍କଙ୍କ ଭାରତ ଗସ୍ତ ବାତିଲକୁ ନେଇ କଂଗ୍ରେସର କଟାକ୍ଷ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ଦକ୍ଷିଣ ଏସୀୟ ବଜାର ପାଇଁ ଭାରତରେ ଟେସ୍‌ଲା କମ୍ପାନୀ ପର୍ଯ୍ୟାପ୍ତ ପୁଞ୍ଜି ନିବେଶ କରିବା ସହିତ ପ୍ଲାଣ୍ଟ ପ୍ରତିଷ୍ଠା କରିବ ବୋଲି ବିଗତ କିଛି ଦିନ ହେଲା ଚାଲିଥିବା ଚର୍ଚ୍ଚା ଏବେ ଫିକା ପଡ଼ିଛି। କାରଣ ଟେସ୍‌ଲା କମ୍ପାନୀ ମୁଖ୍ୟ ତଥା ସିଇଓ ଏଲନ୍ ମସ୍କଙ୍କ ଭାରତ ଗସ୍ତ କାର୍ଯ୍ୟକ୍ରମ ଶେଷ ମୁହୂର୍ତ୍ତରେ ବାତିଲ ହୋଇଯାଇଛି। ଏପ୍ରିଲ ୨୧ ଓ ୨୨ ଦୁଇ ଦିନ ଧରି ତାଙ୍କର ଭାରତ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ବେଳେ ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ସହିତ ମହାକାଶ ପ୍ରଯୁକ୍ତି କ୍ଷେତ୍ରର ଭାରତୀୟ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କ



ସହିତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହି ଗସ୍ତକୁ ମସ୍କ ଘୁଞ୍ଚାଇ ଦେଇଛନ୍ତି। ମସ୍କ ଭାରତରେ ଟେସ୍‌ଲା ପ୍ଲାଣ୍ଟ ପ୍ରତିଷ୍ଠା କରିବା ନେଇ ୨୦୦ରୁ ୩୦୦ କୋଟି ଡଲାର ନିବେଶ କରିବେ ବୋଲି ଆଶା କରାଯାଉଥିଲା। ଏଥିସହିତ ସାଟେଲାଇଟ୍ ନେଟ୍‌ୱର୍କ ଜରିଆରେ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ପ୍ରଦାନ ଆରମ୍ଭ ପାଇଁ ମସ୍କ କିଛି ଘୋଷଣା କରିବେ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଏହି ଆଶା ମଉଳି ଯାଇଥିବାରୁ ବିରୋଧୀ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଛି। ଜଣେ ବିଦାୟୀ ପ୍ରଧାନମନ୍ତ୍ରୀଙ୍କୁ ନ ଭେଟିବା ପାଇଁ ମସ୍କ ଠିକ୍ ନିଷ୍ପତ୍ତି ନେଇ ଶେଷ ମୁହୂର୍ତ୍ତରେ ତାଙ୍କ ଗସ୍ତ ବାତିଲ କରିଦେଇଛନ୍ତି ବୋଲି କଂଗ୍ରେସ ସାଧାରଣ ସଂପାଦକ ଜୟରାମ ରମେଶ କହିଛନ୍ତି। ନିର୍ବାଚନ ପରେ ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିବା ପରେ ନବ ନିର୍ବାଚିତ ନେତା ମସ୍କଙ୍କୁ ସ୍ୱାଗତ କରିବେ। ଏହାସହିତ ଭାରତରେ ଏବେ ବିଦ୍ୟୁତ ଯାନର ବର୍ଦ୍ଧିତ ଚାହିଦାକୁ ନେଇ ତାଙ୍କ ସରକାର ଦେଶରେ ଏହି ଯାନ ସହ ଜଡ଼ିତ ବହୁ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅଧିକ ଗୁରୁତ୍ୱ ଦେବ ବୋଲି ରମେଶ କହିଛନ୍ତି।

---

ଲକ୍ଷ୍ୟଧାର୍ଯ୍ୟ ଟପିଲା ପ୍ରତ୍ୟକ୍ଷ ଟିକସ ଆଦାୟ ପରିମାଣ

# ୧୮% ଅଭିବୃଦ୍ଧିରେ ୧୯.୫୮ ଲକ୍ଷ କୋଟି ସଂଗ୍ରହ

ନୂଆଦିଲ୍ଲୀ,୨୧।୪(ଏଜେନ୍ସି)




୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ଆଦାୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ଟିକସ ସଂଗ୍ରହରେ ୧୭.୭ ପ୍ରତିଶତ ଅଭିବୃଦ୍ଧି ଘଟିବା ସହିତ ମୋଟ ୧୯.୫୮ ଲକ୍ଷ କୋଟି ଟଙ୍କା ଆଦାୟ କରାଯାଇଛି ବୋଲି କେନ୍ଦ୍ରୀୟ ଟିକସ ବିଭାଗ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ସବୁଠାରୁ ବଡ଼ କଥା ହେଲା ଏହି ଆର୍ଥିକ ବର୍ଷ ପାଇଁ ଯେତିକି ପରିମାଣର ପ୍ରତ୍ୟକ୍ଷ ଟିକସ ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିଲା ତା' ଠାରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି। ପ୍ରତ୍ୟକ୍ଷ ଟିକସ ମଧ୍ୟରେ ସର୍ବାଧିକ ଭାଗ ଆୟକର ଏବଂ କମ୍ପାନୀ ଟିକସ ଅନ୍ତର୍ଭୁକ୍ତ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷ ବଜେଟ୍‌ରେ ଏହି ଦୁଇଟି କ୍ଷେତ୍ରରୁ ଯେତିକି ପରିମାଣର ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଥିଲା ତାହା ଠାରୁ ୧.୩୫ ଲକ୍ଷ କୋଟି(୭.୪୦ %) ଟଙ୍କା ଅଧିକ ଆଦାୟ ହୋଇଥିବା କୁହାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସଂଶୋଧିତ ଆକଳନରେ ୧୩ ହଜାର କୋଟି ଟଙ୍କାର ଅଧିକ ଟିକସ ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିଲା ବେଳେ ତା' ଠାରୁ ମଧ୍ୟ ଅଧିକ ପରିମାଣର ଟିକସ ଆଦାୟ ହୋଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ପରିମାଣ ୧୬.୬୪ ଲକ୍ଷ କୋଟି ଟଙ୍କା ରହିଥିଲା। କିନ୍ତୁ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାଥମିକ ସ୍ତରରେ ଟିକସ ଆଦାୟ ଲକ୍ଷ୍ୟ ୧୮.୨୩ ଲକ୍ଷ କୋଟି ଟଙ୍କା ରଖାଯାଇଥିଲା। ପରବର୍ତ୍ତୀ ସମୟରେ ସଂଶୋଧିତ ବଜେଟ୍‌ରେ ଟିକସ ଆଦାୟ ଲକ୍ଷ୍ୟ ୧୯.୪୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ରିଫଣ୍ଡ ଦେୟ ପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୨୩.୩୭ ଲକ୍ଷ କୋଟି ଟଙ୍କା ଆଦାୟ କରାଯାଇଥିଲା ବେଳେ ରିଫଣ୍ଡ ବାବଦରେ ୩. ୭୯ ଲକ୍ଷ କୋଟି ଟଙ୍କା ଦିଆଯାଇଛି ବୋଲି କୁହାଯାଇଛି। ଏହି ବର୍ଷରେ କମ୍ପାନୀ ଟିକସ ଆଦାୟ କ୍ଷେତ୍ରରେ ୧୩.୦୬ ପ୍ରତିଶତ ଅଭିବୃଦ୍ଧିରେ ମୋଟ ୧୧.୩୨ ଲକ୍ଷ କୋଟି ଟଙ୍କା ଆଦାୟ କରାଯାଇଛି। ଯାହାକି ଗତ ଆର୍ଥିକ ବର୍ଷରେ ୧୦ ଲକ୍ଷ କୋଟି ଟଙ୍କା ମଧ୍ୟରେ ସୀମିତ ରହିଥିଲା। ସେହିପରି କଥିତ ଆର୍ଥିକ ବର୍ଷରେ ବ୍ୟକ୍ତିଗତ ଆୟକର (ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟିକସ ସହିତ) ଆଦାୟ ପରିମାଣ ୨୪.୨୬ ପ୍ରତିଶତ ଅଭିବୃଦ୍ଧିରେ ୧୨.୦୧ ଲକ୍ଷ କୋଟି ଟଙ୍କା ରହିଥିବା କୁହାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପରିମାଣ ୯.୬୭ ଲକ୍ଷ କୋଟି ଟଙ୍କା ରହିଥିଲା।

---

ସୁପ୍ରିମକୋର୍ଟରୁ ବାବା ରାମଦେବଙ୍କୁ ପୁଣି ଝଟ୍‌କା

# ଯୋଗ ଶିବିର ପାଇଁ ପତଞ୍ଜଳିକୁ ଦେବାକୁ ହେବ ସେବାକର



**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ବାବା ରାମଦେବଙ୍କ ଆୟୁର୍ବେଦ କମ୍ପାନୀ ପତଞ୍ଜଳି ବିଜ୍ଞାପନକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଥିବା ବେଳେ ବାବା ରାମଦେବଙ୍କୁ ଗୋଟିଏ ପରେ ଗୋଟିଏ ଝଟ୍‌କା ଲାଗି ଚାଲିଛି। ପତଞ୍ଜଳି କମ୍ପାନୀର ବିଭ୍ରାନ୍ତକାରୀ ବିଜ୍ଞାପନକୁ ନେଇ ବାବା ରାମଦେବ ଏବଂ ଆଚାର୍ଯ୍ୟ ବାଳକ୍ରିଷ୍ଣ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କ୍ଷମା ପ୍ରର୍ଥେନା କରିଥିଲେ। ଏହି ପ୍ରସଙ୍ଗରେ ଶୁଣାଣି ଶେଷ ହୋଇ ନଥିବା ବେଳେ ସୁପ୍ରିମକୋର୍ଟରୁ ରାମଦେବଙ୍କୁ ଆଉ ଏକ ବଡ଼ ଝଟକା ଲାଗିଛି। ରାମଦେବଙ୍କ ଦ୍ୱାରା ଆୟୋଜନ କରାଯାଉଥିବା ଯୋଗ ଶିବିର ପାଇଁ ଏବେ ତାଙ୍କ ଟ୍ରଷ୍ଟ ସେବାକର ଦେବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଯୋଗ ଶିବିର ଆୟୋଜନ ପରିପ୍ରେକ୍ଷୀରେ ଟିକସ ଦେୟକୁ ନେଇ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟର ସେବାକର ଖର୍ଡପୀଠ ଯେଉଁ ରାୟ ଦେଇଥିଲେ ତାହାକୁ ସୁପ୍ରିମକୋର୍ଟ କାଏମ ରଖି ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଏ ସମ୍ପର୍କିତ ମାମଲାର ଶୁଣାଣି କରି ଜଷ୍ଟିସ ଅଭୟ ଏସ୍ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଆହ୍ଲାବାଦ ସେବାକର ଅପିଲ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ରାମଦେବଙ୍କ ଯୋଗ ଶିବିର ଆୟୋଜନ କରୁଥିବା ସଂଗଠନ ପତଞ୍ଜଳି ଯୋଗପୀଠ ଟ୍ରଷ୍ଟ ଏଣିକି ଉଭୟ ଆବାସିକ ଏବଂ ଅଣ-ଆବାସିକ ଯୋଗ ଶିବିର ପାଇଁ ସେବାକର ପୈଠ କରିବାକୁ ହେବ। ଉଲ୍ଲେଖଯୋଗ୍ୟ ଯେ, ଏହି ଟ୍ରଷ୍ଟ ରାମଦେବଙ୍କ ଯୋଗ ଶିବିର ପାଇଁ ପ୍ରବେଶ ଶୁଳ୍କ ଆଦାୟ କରିଥାନ୍ତି। ତେଣୁ ଟ୍ରଷ୍ଟକୁ ସେବାକର ଦେବାକୁ ପଡ଼ିବ ବୋଲି ଉକ୍ତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଅଭୟ ଏବଂ ଜଷ୍ଟିସ ଭୂୟାଁଙ୍କ ଖର୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ , ସେବାକର ଆପିଲ ଟ୍ରିବ୍ୟୁନାଲ ଠିକ ନିଷ୍ପତ୍ତି ନେଇଛନ୍ତି। ଟ୍ରିବ୍ୟୁନାଲ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପତଞ୍ଜଳି ଟ୍ରଷ୍ଟ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ଫଳ ମିଳିନାହିଁ। ବରଂ ଟ୍ରିବ୍ୟୁନାଲର ଏହି ଆଦେଶ ଉପରେ ହସ୍ତକ୍ଷେପ କରିବାର କୌଣସି କାରଣ ଆମେ ଦେଖୁନାହୁଁ ବୋଲି ଖଣ୍ଡପୀଠ କହିବା ସହିତ ପତଞ୍ଜଳି ଯୋଗପୀଠ ଟ୍ରଷ୍ଟର ଆବେଦନକୁ ଖାରଜ କରିଦେଇଛନ୍ତି। 'କଷ୍ଟମ୍ସ, ଏକସାଇଜ୍ ଏବଂ ସର୍ଭିସ ଟ୍ୟାକ୍ସ ଆପିଲେଟ ଟ୍ରିବ୍ୟୁନାଲ (ସିଇଏସଟିଏଟି) ଆହ୍ଲାବାଦ ବେଞ୍ଚ ପୂର୍ବରୁ କହିଥିଲେ ଯେ, ପତଞ୍ଜଳି ଯୋଗପୀଠ ଟ୍ରଷ୍ଟ ଯୋଗ ଶିବିର ପାଇଁ ଅଂଶଗ୍ରହଣକାରୀଙ୍କ ପ୍ରବେଶ ଶୁଳ୍କ ଗ୍ରହଣ କରେ। ତେଣୁ ଟ୍ରଷ୍ଟର ଯୋଗ ଶିବିରଗୁଡ଼ିକ ସେବାକର ପରିସରଭୁକ୍ତ। ଉଭୟ ଆବାସିକ ଏବଂ ଅଣ-ଆବାସିକ ଶିବିରରେ ଯୋଗ ତାଲିମ ଦିଆଯାଉଥିବା ବେଳେ ଦାନ ଆକାରରେ ଯେଉଁ ଅର୍ଥ ସଂଗୃହୀତ ହୋଇଥାଏ ତାହାକୁ ପ୍ରବେଶ ଶୁଳ୍କ ବୋଲି କୁହାଯାଇଥାଏ। ତେଣୁ ଏହା ଉପରେ ସେବାକର ଲାଗୁ ହେବ। ରୋଗ ଚିକିତ୍ସା ଏବଂ ସ୍ୱାସ୍ଥ୍ୟରକ୍ଷାକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ପକ୍ଷରୁ ଏଭଳି ଯୋଗ ଶିବିର ଆୟୋଜନ କରାଯାଇଥାଏ ଏବଂ ତାହା ଟିକସ ପରିସରଭୁକ୍ତ ହେବା ଉଚିତ ନୁହେଁ ବୋଲି ପତଞ୍ଜଳି ଟ୍ରଷ୍ଟ ପକ୍ଷରୁ ଯୁକ୍ତି ରଖାଯାଇଥିଲା। କିନ୍ତୁ ଖଣ୍ଡପୀଠ ଏହାକୁ ଅସ୍ୱୀକାର କରିବା ସହିତ ଗତ ୨୦୦୬ ରୁ ୨୦୧୧ ମଧ୍ୟରେ ଯେତିକି ଯୋଗ ଶିବିରରୁ ଅର୍ଥ ଆଦାୟ କରାଯାଇଛି ତାହା ଉପରେ ଜୋରିମାନା ଦେବାକୁ କୁହାଯାଇଛି। ଏଥିପାଇଁ ଟ୍ରଷ୍ଟ ପ୍ରାୟ ୪.୫ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଛି।

# ସଦ୍‌ଗୁରୁ ହସ୍ପିଟାଲରେ 'ନ୍ୟୁରୋ ଅଙ୍କୋ ମିଟ୍'



**କଟକ, ୨୧।୪(ସମିସ):** ରୋଗ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ କରି ସଦଗୁରୁ ହସ୍ପିଟାଲ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପୂର୍ବରୁ ବହୁ ସଚେତନତା କାର୍ଯ୍ୟକ୍ରମ କରି ଲୋକଙ୍କ ସହ ଯୋଡ଼ି ହୋଇଥିବା ଏହି ହସ୍ପିଟାଲ ଏବେ ବ୍ରେନ ଟ୍ୟୁମର କର୍କଟ ରୋଗ ବିଶେଷଜ୍ଞମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରିଥିଲା। ଏଥିରେ କର୍କଟ ରୋଗ ନିରୂପଣ ଓ ଚିକିତ୍ସା କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ଟାଟା ମେମୋରିଆଲ ହସ୍ପିଟାଲ, ଏମ୍ସ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ ଏବଂ ଏସ୍‌ସିବିର ବିଶେଷଜ୍ଞ ସାମିଲ ହୋଇଥିଲେ। ଏହାବ୍ୟତୀତ ଏମ୍ସ, ଏସସିବି ଓ ବହୁ ବେସରକାରୀ ମେଡ଼ିକାଲ କଲେଜର ବିଦ୍ୟାର୍ଥୀମାନେ ମଧ୍ୟ ଯୋଗ ଦେଇଥିଲେ। ଜଣେ ବ୍ୟକ୍ତିର ବ୍ରେନ ଟ୍ୟୁମର ଡାଇଗ୍ନୋସିସ ହେଲେ ଚିକିତ୍ସା ନିମନ୍ତେ ଡାକ୍ତର ମାନଙ୍କ ଅଭିପ୍ରାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏପରି ଦୁରାରୋଗ୍ୟର ଚିକିତ୍ସା ନିମନ୍ତେ ଏକ ମଲ୍ଟି ଡିସିପ୍ଲିନାରୀ ଟ୍ୟୁମର ବୋର୍ଡର ଉପସ୍ଥିତି ବାଧ୍ୟତାମୂଳକ। ଯେଉଁଥିରେ ଭିନ୍ନଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ ଏବଂ ଅଗ୍ରଗତି ହୋଇଥାଏ। ଯାହାଦ୍ୱାରା ସର୍ଜରୀର ପରବର୍ତ୍ତୀ ଚିକିତ୍ସା ପ୍ରକ୍ରିୟାର ଜଟିଳତା ହ୍ରାସ ପାଇବା ସହ ରୋଗୀ ଜୀବନର ମାନକୁ ଉତ୍ତମ କରାଯାଇପାରିବ। ସଦଗୁରୁ ହସ୍ପିଟାଲର ଅଧ୍ୟକ୍ଷ ତଥା ମୁଖ୍ୟ ପୃଷ୍ଠ ପୋଷକ ଡାକ୍ତର ପ୍ରଦୀପ କୁମାର ମହାନ୍ତି ଓ ସହ ପୃଷ୍ଠପୋଷକ ତଥା ସ୍ତ୍ରୀ ପ୍ରସୂତୀ ବିଭାଗ ମୁଖ୍ୟ ଡାକ୍ତର ସମିତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି 'ଆଡ଼ଲ୍ଟ ଡିଫ୍ୟୁଜ୍ ଗ୍ଲିଓମା ' ସମ୍ମିଳନୀରେ ଟାଟା ମେମୋରିଆଲ ହସ୍ପିଟାଲର ନିଦାନ ବିଭାଗ ବିଶେଷଜ୍ଞ ପ୍ରଫେସର ଇପାରୀ ଶ୍ରୀଧର, ରେଡିଏସନ ଅଙ୍କୋଲଜି ବିଭାଗର ପ୍ରଫେସର୍ ଡାକ୍ତର ତେଜପାଲ୍ ଗୁପ୍ତା, ରେଡ଼ିଓଲୋଜି ବିଭାଗର ଆସୋସିଏଟ ପ୍ରଫେସର୍ ଡାକ୍ତର ଅର୍ପିତା ସାହୁ, ରେଡିଏସନ ଅଙ୍କୋଲୋଜି ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର୍ ଡାକ୍ତର ଆର୍ଚ୍ୟ ଦାସଗୁପ୍ତା, ଏମ୍ସର ନ୍ୟୁରୋସର୍ଜରୀ ମୁଖ୍ୟ ପ୍ରଫେସର ଡାକ୍ତର ଆର୍ ଏନ ସାହୁ, ରେଡିଓଲୋଜି ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ମନୋଜ ନାୟକ, ନିୟୁକ୍ଲିୟର ମେଡ଼ିସିନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଗିରିଶ ପରିଡ଼ା, ଏସସିବି ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ଡାକ୍ତର ସଞ୍ଜୀବ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇ ନିଜ ନିଜ ବିଭାଗୀୟ ଅତ୍ୟାଧୁନିକ ଜ୍ଞାନ କୌଶଳ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏହାବ୍ୟତୀତ ଏହି ଅଧିବେଶନରେ ଏସ୍‌ସିବି ମେଡ଼ିକାଲର ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ବ୍ରିଗେଡ଼ିୟର ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ, ଡାକ୍ତର ନିହାରିକା ପଣ୍ଡା ପ୍ରମୁଖ ଯୋଗ ଦେଇ ଆବଶ୍ୟକ ତଥ୍ୟ ରଖିଥିଲେ।

---

ଇରାନ-ଇସ୍ରାଏଲ ବିବାଦ

# ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ଇରାନର ମସୁଧା

ନୂଆଦିଲ୍ଲୀ,୨୧।୪(ଏଜେନ୍ସି)

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଥିଲା ବେଳେ ମଧ୍ୟପ୍ରାଚ୍ୟ ଭୂ-ରାଜନୀତିକୁ ସରଗରମ କରିଛି। ଉଭୟ ରାଷ୍ଟ୍ର ମଧ୍ୟରେ ଚାଲିଥିବା ବିବାଦକୁ ନେଇ ଇରାନ ଏବଂ ଇସ୍ରାଏଲ ଆକ୍ରାମକ ହୋଇଥିବାରୁ

- ଜଟିଳ ହୋଇପାରେ ଆନ୍ତର୍ଜାତିକ ଅର୍ଥନୀତି
- ସର୍ବାଧିକ କ୍ଷତିଗ୍ରସ୍ତ ହେବ ଭାରତୀୟ ଅର୍ଥ ବ୍ୟବସ୍ଥା
- ଉଚ୍ଚ ମୁଦ୍ରାସ୍ଫୀତି ଆଣିପାରେ ଜଟିଳ ପରିସ୍ଥିତି

ଆଗାମୀ ଦିନରେ ମଧ୍ୟପ୍ରାଚ୍ୟରେ ଜଟିଳ ପରିସ୍ଥିତି ଉପୁଜିପାରେ ବୋଲି ଆଶଙ୍କା ବଢ଼ିଛି। କିନ୍ତୁ ଏହାମଧ୍ୟରେ ଇରାନ ଏଭଳି କିଛି ନିଷ୍ପତ୍ତି ନେବାକୁ ଯାଉଛି ଯଦ୍ୱାରା ବୈଶ୍ୱିକ ଅର୍ଥନୀତି ଯଥେଷ୍ଟ ଭାବେ




ପ୍ରଭାବିତ ହେବ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିଦେବ ବୋଲି କୁହାଯାଉଥିବା ବେଳେ ଏହା କଲେ ଆନ୍ତର୍ଜାତିକ ବଜାରରେ ପେଟ୍ରୋଲିୟମ ଏବଂ ଗ୍ୟାସ୍ ମୂଲ୍ୟ ଯଥେଷ୍ଟ ଭାବେ ବୃଦ୍ଧି ପାଇବ। କାରଣ ପାରସ୍ୟ ଉପସାଗରର ଏହି ପ୍ରଣାଳୀ ଦେଇ ସର୍ବାଧିକ ପେଟ୍ରୋଲିୟମ ସାଉଦି ଆରବ,ଇରାକ୍,ୟୁଏଇ, କାତାରଇ କୁଏତ୍ ଏବଂ ବାହାରେନ ଆଦି ରାଷ୍ଟ୍ରରୁ ବିଭିନ୍ନ ଦେଶକୁ ଯାଇଥାଏ। ଓମାନ ଏବଂ ଇରାନ ମଧ୍ୟରେ ରହିଥିବା ହର୍ମୁଜ୍ ପ୍ରଣାଳୀର ଦୈର୍ଘ୍ୟ ୪୦ କିମି ରହିଥିଲେ ହେଁ କେବଳ ୨ କିମି ପ୍ରବେଶ ପଥ ଦେଇ ପରିବହନକାରୀ ଜାହାଜ ଯାତାୟାତ କରିଥାଆନ୍ତି। ଏହି ସାମୁଦ୍ରିକ ପଥ ଦେଇ ସାଉଦି ଆରବରୁ ଦୈନିକ ୬.୩ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପରିବହନ ହୋଇଥିଲା ବେଳେ ୟୁଏଇ, କୁଏତ୍,କାତାର ଏବଂ ଇରାକ୍‌ରୁ ଦୈନିକ ୩.୩ ନିୟୁତ ବ୍ୟାରେଲ ଏବଂ ଇରାନରୁ ଦୈନିକ ୧.୩ ନିୟୁତ ତୈଳ ପରିବହନ କରାଯାଇଥାଏ। ୨୦୨୨ ବର୍ଷରେ ଏହି ପ୍ରଣାଳୀ ଦେଇ ଦୈନିକ ୨୧ ନିୟୁତ ବ୍ୟାରେଲ ତୈଳ ପରିବହନ କରାଯାଇଛି ଯାହାକି ବିଶ୍ୱସ୍ତରରେ ଉପଯୋଗ ହେଉଥିବା ମୋଟ ପେଟ୍ରୋଲିୟମର ୨୧ ପ୍ରତିଶତ। କିନ୍ତୁ ଇରାନ ଯଦି ଏହି ପ୍ରଣାଳୀ ବନ୍ଦ କରିଦିଏ ତେବେ ଆନ୍ତର୍ଜାତିକ ତୈଳ ପରିବହନ କ୍ଷେତ୍ର ଭାରୀମାତ୍ରାରେ ପ୍ରଭାବିତ ହେବ ବୋଲି କୁହାଯାଇଛି। ବିଶେଷକରି ଭାରତ ପାଇଁ ସବୁଠୁ ଅଡୁଆ ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଭାରତର ମୋଟ ପେଟ୍ରୋଲିୟମ ଆବଶ୍ୟକତା ମଧ୍ୟରୁ ବିଦେଶରୁ ୮୫ ପ୍ରତିଶତ ତୈଳ ଆମଦାନୀ କରାଯାଇଥାଏ। କିନ୍ତୁ ଏହାର ସର୍ବାଧିକ ଭାଗ ହର୍ମୁଜ ପ୍ରଣାଳୀ ଦେଇ ସାଉଦି ଆରବ,ଇରାକ ଏବଂ ୟୁଏଇରୁ ଆସିଥାଏ। ଏହାବ୍ୟତୀତ କାତାରରୁ ଭାରତ ସର୍ବାଧିକ ପରିମାଣର ଏଲଏନଜି ଏହି ବାଟ ଦେଇ ଆମଦାନୀ କରିଥାଏ। କିନ୍ତୁ ଇରାନ ଏହି ବାଟ ବନ୍ଦ କରିଦେଲେ ଭାରତରେ ପେଟ୍ରୋଲିୟମ ଏବଂ ଗ୍ୟାସ ମୂଲ୍ୟ ଅଚାନକ ଭାବେ ବୃଦ୍ଧି ପାଇବା ସହିତ ଦୀର୍ଘସୂତ୍ରରେ ମୁଦ୍ରାସ୍ଫୀତି ହାର ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ବଢାଇଛି।

# ଓଡ଼ିଶା ଟ୍ରାନ୍ସଫର୍ମର ନିର୍ମାତା ସଂଘର ଦ୍ୱିତୀୟ ବାର୍ଷିକ ବୈଠକ



**ଭୁବନେଶ୍ୱର,୨୧।୪(ସମିସ):** ଓଡ଼ିଶା ଟ୍ରାନ୍ସଫର୍ମର ମାନୁଫାକଚର୍ସ ଆସୋସିଏସନ(ଓଟିଏମଏ)ର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଓଏଏସ୍‌ଏମଇର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ ଯୋଗ ଦେଇଥିଲା ବେଳେ ଏହି ସଂଗଠନର ମହାସଚିବ ସାତ୍ତ୍ୱିକ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାବ୍ୟତୀତ ଓଟିଏମଏ'ର କାର୍ଯ୍ୟକାରୀ ସଭାପତି ସାରଦାପ୍ରସନ୍ନ ଦାସ, କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ଏବଂ ଯୁଗ୍ମ ସମ୍ପାଦକ ବିଜୟ କିଶୋର ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଶାରେ ଟ୍ରାନ୍ସଫର୍ମର ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଏବଂ ଏହି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଆଣିବା ଲାଗି ସଂଘର ସାମୂହିକ ଉଦ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସଭାପତି ଶ୍ରୀ ଦାସ କହିଥିଲେ। ଏହି ଅବସରରେ ଓଟିଏମଏ'ର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସମ୍ପର୍କରେ ଘୋଷଣା କରାଯାଇଥିଲା। ସଂଘ ସଭାପତି ଭାବେ ଶ୍ରୀ ଦାସ ପୁନଃ ନିର୍ବାଚିତ ହୋଇଥିଲା ବେଳେ ତାଙ୍କ ଉପରେ ସଂଘ ସଦସ୍ୟମାନଙ୍କ ରହିଥିବା ବିଶ୍ୱାସ ଓ ଆସ୍ଥାକୁ ନେଇ ସେ କୃତଜ୍ଞତା ଜଣାଇଥିଲେ।

# ଭବିଷ୍ୟତ ଜୀବନଶୈଳୀ ହେଉ ପ୍ଲାଷ୍ଟିକ୍ ବିହୀନ ଧରିତ୍ରୀ

ଡ଼.ପୀୟୂଷ ରଞ୍ଜନ ରାଉତ
ସହରାଞ୍ଚଳ ଯୋଜନା ବିଶେଷଜ୍ଞ
ଫୋନ:+୯୧ ୯୪୩୭୧୭ ୬୭୧୭

ବିଶ୍ୱସ୍ତରରେ ଅତୀତରେ ବହୁ ସହର ଏବଂ ଦେଶ ପ୍ଲାଷ୍ଟିକ୍‌ରୁ ଜନ୍ମିତ ବର୍ଜ୍ୟ ବସ୍ତୁ ବ୍ୟବହାର ନିଷେଧନାମା ଜାରିକରିଛନ୍ତି। ତଥାପି ପ୍ଲାଷ୍ଟିକ୍ ବ୍ୟବହାର ଏବଂ ପରବର୍ତ୍ତୀ ସମୟରେ ଏହା ବର୍ଜ୍ୟ ବସ୍ତୁ ଆକାରରେ ଆବିର୍ଭାବ ହବାରେ ଆଚମ୍ବିତ ହେବାର ମଧ ଆବଶ୍ୟକତା ନାହିଁ। ଏହାର ଅର୍ଥ ହେଉଛି ସରକାର କେବଳ ନିଷେଧନାମା ଜାରି କରି ବସିଗଲେ ହେବ ନାହିଁ, ବରଂ ପ୍ଲାଷ୍ଟିକ୍ କିପରି ପରିବେଶକୁ ଦୂଷିତ ନକରି ବ୍ୟବହାର ହୋଇପାରିବ ତାହା ପାଇଁ ସୁଯୋଗ ସୃଷ୍ଟି କରିବାଦରକାର। ଯେପରି ଯେଉଁମାନେ ପ୍ଲାଷ୍ଟିକ୍ ସାମଗ୍ରୀ ଉତ୍ପାଦନ କରୁଛନ୍ତି ସେମାନଙ୍କୁ ଉତ୍ସାହିତ କରାଯାଉ ଏହି ପଦାର୍ଥମାନଙ୍କୁ କିପରି ଫେରାଇ ନେଇ ପୁନଃ ବ୍ୟବହାର ଯୋଗ୍ୟ କରାଯାଇ ପାରିବ, ସେଥିପାଇଁ ପଦକ୍ଷେପ ନେବାପାଇଁ।

ଆମେମାନେ ବର୍ତ୍ତମାନ ଏପରି ଏକ ସମାଜରେ ଅଛୁ, ଯେଉଠାରେ ଦିନକୁ ଦିନ ଅଧିକରୁ ଅଧିକ ପ୍ଲାଷ୍ଟିକ୍ ବ୍ୟବହାର କରିବା ପାଇଁ ବାଧ ହେଉଛୁ, ଯାହା ପରିବେଶ ପାଇଁ ଦୁଃସମ୍ବାଦ। ଯଥା ପ୍ରତି ମିଣ୍ଟରେ ସମଗ୍ର ବିଶ୍ୱରେ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ରେ ନିର୍ମିତ ଗୋଟେ ମିଲିଅନ ପିଇବା ପାଣି ବୋତଲ ବିକ୍ରୟ ହେଉଛି ଏବଂ ପ୍ରତି ବର୍ଷ ୫ ଟ୍ରିଲିଅନ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ରେ ନିର୍ମିତ ବ୍ୟାଗ ବ୍ୟବହାର ହେଉଛି। ଏବଂ ବିଶ୍ୱସ୍ତରରେ ଯେତିକି ପ୍ଲାଷ୍ଟିକ୍‌ରେ ନିର୍ମିତ ପଦାର୍ଥ ବାହାରୁଛି ତାହା କେବଳ ଥରେ ବ୍ୟବହାର ଯୋଗ୍ୟ। ଏହାକୁ ଦେଖି ଗବେଷକ ଆକଳନ କରିଛନ୍ତି ୧୯୫୦ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮.୩ ବିଲିଅନ ପ୍ଲାଷ୍ଟିକ୍ ପଦାର୍ଥ ଉତ୍ପାଦନ ହୋଇସାରିଲାଣି। ଏହା ମଧ୍ୟରୁ ସମ୍ଭବତଃ ୬୦% ମାଟିରେ ପୋତା ହୋଇଛି ଅବା ପ୍ରାକୃତିକ ପରିବେଶ ମଧ୍ୟରେ ଅଛନ୍ତି। ଜଦି ଏହିଭଳି ଭାବେ ଉତ୍ପାଦନ, ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ବାହାରେ ତେବେ ୨୦୫୦ ମସିହା ବେଳକୁ ପ୍ଲାଷ୍ଟିକ୍ ଶିଳ୍ପ ସମଗ୍ର ବିଶ୍ୱରେ ୨୦% ତେଲ ବ୍ୟବହାର କରୁଥିବ, ଯାହା ପ୍ରଦୂଷଣର ମୁଖ୍ୟ କାରଣ ପାଲଟି ସାରିଥିବ।

ଏହାର ଅର୍ଥ ଯାହା ଚାଲିଛି ତାହା ଉପରେ ନଜର ରଖିବା ସହିତ ଏହାର ଉତ୍ପାଦନ ଏବଂ ବ୍ୟବହାର ଉପରେ କଟକଣା ଲାଗିବା ଦରକାର, ଏବଂ ସରକାର ଉପଯୁକ୍ତ ଆଇନ ପ୍ରଣୟନ କରିବା ସହିତ ଏହାର ପରିଚାଳନା ଉପରେ ପଦକ୍ଷେପ ନେବାକୁ ପଡିବ। ଆଶ୍ଚର୍ଯ୍ୟ ଲାଗିପାରେ ଆଜି ପର୍ଯ୍ୟନ୍ତ ଯେତିକି ପ୍ଲାଷ୍ଟିକ୍ ଉତ୍ପାଦନ ହୋଇଛି ତନ୍ମଧ୍ୟରୁ ୯% ପୁନଃ ବ୍ୟବହାର ଯୋଗ୍ୟ ହୋଇପାରିଛି, ୧୨% ବୈଜ୍ଞାନିକ ପଦ୍ଧତିରେ ପୋଡି ପାଉଁଶ କରାଯାଇଛି, ଏବଂ ବାକି ୭୯% ମାଟି ଉପରେ ଅବା ମଧ୍ୟରେ, ପ୍ରାକୃତିକ ପରିବେଶରେ ଅବା ଅଳିଆ ଗଦାରେ ଏବେ ମଧ ଅପେକ୍ଷାରତ କେବେ ବୈଜ୍ଞାନିକ ପଦ୍ଧତିରେ ଏହାର ପୁନଃ ବ୍ୟବହାର ଯୋଗ୍ୟ ହୋଇପାରିବ। ସେହିଭଳି ୮ ମିଲିଅନ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପ୍ରତିବର୍ଷ ବିଶ୍ୱର ମହାସାଗର ମଧ୍ୟରେ ନିଜର ଅନ୍ତିମ ଯାତ୍ରା କରୁଛନ୍ତି। ଏଥିରେ ବହୁ ମାତ୍ରାରେ ପ୍ଲାଷ୍ଟିକ୍ ନଦୀ ମାନଙ୍କ ମଧ୍ୟରେ ଆସିଥାନ୍ତି।

ଜଟିଳ ସମସ୍ୟା ହେଉଛି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଏତେ ସହଜ ନୁହେଁ ଏବଂ ନଦୀରେ, ସମୁଦ୍ରରେ, ହ୍ରଦରେ ଅବା ଭୂପୃଷ୍ଠରେ ଶହେ ବର୍ଷରୁ ଅଧିକା ସମୟ ରହିପାରନ୍ତି। ଏହା ସମୟ ସହିତ ଗୁଣ୍ଡ ହୋଇଯାଏ କିନ୍ତୁ ପ୍ଲାଷ୍ଟିକ୍ ହୋଇ ଥାଏ। ଯାହାଫଳରେ ଏହାକୁ ପଶୁ ପକ୍ଷୀ ଏବଂ ମାଛମାନେ ଭୁଲରେ ନିଜର ଖାଦ୍ୟ ଭାବି ଖାଇନିଅନ୍ତି, ଏବଂ ପରବର୍ତ୍ତୀ ସମୟରେ ଏହି ପ୍ଲାଷ୍ଟିକ୍ ମଣିଷର ଭୋଜନ ଥାଳିରେ ଆସି ପହଞ୍ଚେ। ଏହାର ଅର୍ଥ ଜଦି ଏହିଭଳି ପରିସଂଖ୍ୟାନ ଚାଲୁ ରହେ, ତବେ ୨୦୫୦ ବେଳକୁ ମହାସାଗରରେ ମାଛ ଠାରୁ ଅଧିକ ପ୍ଲାଷ୍ଟିକ୍ ମିଳିବ।

ଯଦିଓ ଆମେରିକା, ଜାପନ, ଏଉରୋପିଅନ ଦେଶ ଅଧିକ ପ୍ଲାଷ୍ଟିକ୍ ବ୍ୟବହାର କରନ୍ତି, ତଥାପି ଏମାନେ ପ୍ଲାଷ୍ଟିକ୍ ପରିଚାଳନାରେ ମୁଖ୍ୟ ଭୂମିକା ମଧ ନେଇଛନ୍ତି। ସେହିଭଳି ଅଧାରୁ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଯାହା ମହାସାଗର ମଧ୍ୟରେ ପଡୁଛନ୍ତି ଚୀନ, ଇଣ୍ଡୋନେସିଆ, ଫିଲିପାଇନ୍ସ, ଥାଇଲାଣ୍ଡ ଏବଂ ଭିଏତନାମ ଦେଶରୁ ଆସେ। ଏହି ଦେଶ ବର୍ତ୍ତମାନ ବିଶ୍ୱର ଅର୍ଥନୈତିକ କ୍ଷେତ୍ରରେ ପ୍ରଗତି କରୁଛନ୍ତି, ବହୁ ଗରିବ ଲୋକଙ୍କୁ ଗରିବ ରେଖା ଉପରେ ଆଣି ପାରିଛନ୍ତି, ତେଣୁ ଏଠାରେ ପ୍ଲାଷ୍ଟିକ୍ ବ୍ୟବହାର ମଧ ବହୁମାତ୍ରାରେ ବଢିଛି।

ବର୍ତ୍ତମାନ ବିଶ୍ୱରେ ବହୁଦେଶ ଏବଂ ସହର ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ଉପରେ କଟକଣା ଆଣିଛନ୍ତି, ଏବଂ ଦେଶ ସହର କଟକଣା ନାଆଣି ମଧ ସମସ୍ୟାର ବାଟ ଖୋଜୁଛି। କାରଣ ପୃଥିବୀ ପୃଷ୍ଠରେ ସମସ୍ତ ମଣିଷ ଧରିତ୍ରୀ ପାଇଁ କିଛିନା କିଛି ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟେକ ମଣିଷର ନିଷ୍ପତ୍ତି ସମଗ୍ର ସମାଜଉପରେ ପ୍ରଭାବ ପକାଏ। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା କେବେଳ ସରକାରଙ୍କ କଟକଣା ନୁହେଁ ବରଂ ଏହାର ଉତ୍ପାଦକ, ବ୍ୟବହାର କରୁଥିବା ବ୍ୟକ୍ତିବିଶେଷ, ବ୍ୟବସାୟର ବେପାରୀମାନଙ୍କ ସାମୁହିକ ନିଷ୍ପତ୍ତି ଉପରେ ନିର୍ଭରଶୀଳ।

ଶେଷରେ ଆମର ଧରିତ୍ରୀ ଆମ ଉପରେ ନିର୍ଭରଶୀଳ, ଏହା ଉତ୍ତପ୍ତ ହେବକି ଶୀତଳ ହେବ ନିର୍ଭରକରେ ଆମ ଜୀବନଶୈଳୀ ଉପରେ। ଯଥା ମଣିଷ ଜଦି ନିଷ୍ପତ୍ତି ନନେବ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍‌କୁ ବ୍ୟବହାର ନକରିବ, ଏବଂ ଏହାର ଉତ୍ପାଦକ ପରିବେଶ ସହିତ ତାଳ ଦେଇ କିଛି ଅନ୍ୟ ମାଧ୍ୟମ ବାହାରନକରିବେ, ତେବେ ଏବେ ଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ ଭବିଷ୍ୟତରେ ମାଛ ଜାଗାରେ ଅଧିକ ପ୍ଲାଷ୍ଟିକ୍ ଖାଇବା ପାଇଁ। ସମାଧାନର ବାଟ ଅଛି, ହେଲେ ଇଚ୍ଛାଶକ୍ତିର ଅଭାବ ଆଜି ସମଗ୍ର ଧରିତ୍ରୀକୁପ୍ଲାଷ୍ଟିକ୍ ପ୍ରଦୂଷଣରେ ଭରିଦେଇଛି। ଆଶା ମଣିଷ ଜୀବନଶୈଳୀରେ ସୁଧାର ଆଣିବ ଏବଂ ଧରିତ୍ରୀକୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ସହାୟକ ହେବ। ■





# ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍

ଡ.ସୁନ୍ଦର ନାରାୟଣ ପାତ୍ର
ଭୁବନେଶ୍ୱର

୧୯୭୦ରେ ଆରମ୍ଭ ହେବା ଦିନଠାରୁ "ଧରିତ୍ରୀ ଦିବସ" ଏକ ବିଶ୍ୱସ୍ତରୀୟ ଗଣ ଆନ୍ଦୋଳନରେ ପରିଣତ ହୋଇ ପରିବେଶ ସମ୍ବନ୍ଧୀୟ ସମସ୍ୟାଗୁଡିକ ଉପରେ ସଚେତନତା ସୃଷ୍ଟି କରିଆସୁଛି। ଜଳବାୟୁ ପରିବର୍ତ୍ତନ ଠାରୁ ଆରମ୍ଭ କରି ଜୈବ ବିବିଧତା ହ୍ରାସ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ। ଭବିଷ୍ୟତ ପିଢ଼ିଙ୍କ ପାଇଁ ଧରିତ୍ରୀ ଗ୍ରହକୁ ସୁରକ୍ଷିତ ରଖିବା ଆମର ସାମୂହିକ ଦାୟିତ୍ୱ ଅଟେ।

ଧରିତ୍ରୀ ଗ୍ରହର ଉତ୍ତାପ, ଜଳବାୟୁ ପରିବର୍ତ୍ତନ, ପାଣିପାଗରେ ଅନିୟମିତତା ଏବଂ ଅନ୍ୟାନ୍ୟ ଦୁଃଖର କାରଣ ହେଉଛି ଅପରିଣାମଦର୍ଶୀ ମାନବକୃତ କାର୍ଯ୍ୟକଳାପ। ବର୍ତ୍ତମାନ 'ବିପଜ୍ଜନକ ଉତ୍ତାପ ତରଙ୍ଗ ସୂଚକାଙ୍କ' ଅଧିକ ଗତିରେ ବୃଦ୍ଧି ପାଇଛି। ଭାରତରେ ଉତ୍ତାପ ତରଙ୍ଗ ଜଳବାୟୁ ପରିବର୍ତ୍ତନ ହେତୁ ୩୦ ଗୁଣ ଅଧିକ ବଢ଼ିଛି। ବିଶ୍ୱରେ ବନାଗ୍ନି ଅନୁପାତରେ ବହୁତ ବୃଦ୍ଧି ପାଇଛି। ଓଡ଼ିଶାର ଘନ ଜଙ୍ଗଲ ସିମିଳିପାଳରେ ନିଆଁ ଲାଗି ଜଙ୍ଗଲ ଭସ୍ମୀଭୂତ ହୋଇଛି, ଭାରତର ୧୫୦ଟି ପ୍ରମୁଖ ଜଳଭଣ୍ଡାରରେ ଜଳ ସଂରକ୍ଷଣ କ୍ଷମତା ୩୧ ପ୍ରତିଶତ ହ୍ରାସ ପାଇଛି।

ଆମେରିକୀୟ ସିନେଟର ଗେଲର୍ଡ ନେଲ୍‌ସନ୍‌ଙ୍କ ଦ୍ୱାରା ପରିବେଶ ଶିକ୍ଷାର ପ୍ରସାର ପାଇଁ ପ୍ରତିଷ୍ଠିତ ଏହି ଦିନଟି ପ୍ରଥମେ ଏପ୍ରିଲ ୨୨, ୧୯୭୦ ରେ ପାଳନ କରାଯାଇଥିଲା।

ଏହି ବର୍ଷ ଧରିତ୍ରୀ ଦିବସର ବିଷୟ ବସ୍ତୁ ହେଲା 'ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍'। ପ୍ଲାଷ୍ଟିକ୍ ହେଉଛି ଏକ ନୂତନ ପିଢିର ଉତ୍ପାଦ। ପ୍ଲାଷ୍ଟିକ୍ ଏକ ଅଣ-ଜୈବ ବିଭାଜନକ୍ଷମ ଉପାଦାନ ଅଟେ। ପରିବେଶ ପ୍ରଦୂଷଣର ସବୁଠାରୁ ବଡ ଉତ୍ସ ହେଉଛି ପ୍ଲାଷ୍ଟିକ୍। ମାଇକ୍ରୋ-ପ୍ଲାଷ୍ଟିକ୍ ବର୍ତ୍ତମାନ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ। ଏହି ବିଷୟବସ୍ତୁ ମାନବ ଏବଂ ଗ୍ରହର ସ୍ୱାସ୍ଥ୍ୟ ପାଇଁ ପ୍ଲାଷ୍ଟିକ୍ ପ୍ରଦୂଷଣ କିଭଳି କ୍ଷତିକାରକ ସେ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।

ମାଇକ୍ରୋ-ପ୍ଲାଷ୍ଟିକ୍ ଆମ ରକ୍ତ ସ୍ରୋତ ଦେଇ ପ୍ରବାହିତ ହୁଏ, ଆମର ଆଭ୍ୟନ୍ତରୀଣ ଅଙ୍ଗ ଦେହରେ ଲାଖି ରହେ, ଏବଂ ଏହା ସହିତ ଭାରି ଧାତୁ ବହନ କରେ ଯାହା କର୍କଟ ଏବଂ ରୋଗର କାରଣ ହୋଇଥାଏ।

ପ୍ଲାଷ୍ଟିକ୍ ଏକ ଆଶ୍ଚର୍ଯ୍ୟଜନକ ଉପଯୋଗୀ ଦ୍ରବ୍ୟ ବୋଲି ଆମେ ଭାବୁଥିଲେ ଯେତେବେଳେ ଏହାର ଉଦ୍ଭାବନ ହେଲା, କିନ୍ତୁ ଆମର ସ୍ୱାସ୍ଥ୍ୟ ଏବଂ ଅନ୍ୟ ସମସ୍ତ ଜୀବଜନ୍ତୁଙ୍କ ଜୀବନ ପାଇଁ ଏହା ଏକ ବଡ଼ ଆହ୍ୱାନ ଭାବରେ ଉଭା ହୋଇଛି ବର୍ତ୍ତମାନ।

ପ୍ଲାଷ୍ଟିକ୍ ଉତ୍ପାଦନ ବର୍ତ୍ତମାନ ବର୍ଷକୁ ୩୮୦ ନିୟୁତ ଟନକୁ ବୃଦ୍ଧି ପାଇଛି।

ପ୍ଲାଷ୍ଟିକ୍ ଏକ ପେଟ୍ରୋକେମିକାଲ୍ ଦ୍ରବ୍ୟ ଏବଂ ଏହି ଶିଳ୍ପ ଦ୍ୱାରା ବିଷାକ୍ତ ବର୍ଜ୍ୟ ପଦାର୍ଥ ନିର୍ଗମନ ହୁଏ।

"ପ୍ଲାଷ୍ଟିକ୍‌କୁ ନା କୁହ।
ପ୍ରଦୂଷଣ ବନ୍ଦ କର। ସମାଧାନର ଅଂଶ ହୁଅ।" ■








ପୃଥିବୀ ଦିବସ

# ଧରିତ୍ରୀ ମା' ପାଇଁ ଦିନଟିଏ

ଆମ ସୌରଜଗତରେ ପୃଥିବୀ ହିଁ ଏକମାତ୍ର ସ୍ଥାନ, ଯେଉଁଠି ଜୀବନ ସମ୍ଭବ ହୋଇଛି । ପଶୁପକ୍ଷୀଙ୍କ ସହ ବୋଧହୁଏ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷକୁ ନେଇ ଆମ ଧରା ଚଳଚଞ୍ଚଳ । ଆମ ସଭିଙ୍କ ପାଇଁ ପୃଥିବୀ ହିଁ ଏକମାତ୍ର ବାସସ୍ଥାନ । ତେଣୁ କୁହାଯାଏ "ସ୍ୱର୍ଗାଦପୀ ଗରୀୟସୀ ଜନନୀ ମା' ଧରିତ୍ରୀ" । ମଣିଷ ନିଜର ବୁଦ୍ଧି ଦ୍ୱାରା ଆରାମରେ ବଞ୍ଚିବା ପାଇଁ ବିଜ୍ଞାନ ଓ ବୁଦ୍ଧି ଦ୍ୱାରା ଧରିତ୍ରୀ ମାତାର ସୌନ୍ଦର୍ଯ୍ୟ ଓ କଳେବରକୁ ନଷ୍ଟ କରିଚାଲିଛି । ପ୍ରତିଟି ମୁହୂର୍ତ୍ତରେ ପ୍ରକୃତି ଉପରେ ପରୀକ୍ଷାନିରୀକ୍ଷା ଚଳାଇଛି । ପ୍ଲାଷ୍ଟିକ୍ ଠାରୁ ଆରମ୍ଭ କରି ବିଷାକ୍ତ ଧୂଆଁରେ ଧରିତ୍ରୀ ମାତାକୁ ଆକ୍ରାମାକ୍ରା କରିପକାଇଲାଣି ମଣିଷ । ସହରୀକରଣ ନିଶାରେ ଜଙ୍ଗଲ ଏବେ ପାଲଟିଛି କଂକ୍ରିଟ୍ ଆସ୍ତରଣ । ତା'ର ପରିଣାମ ବି ଭୋଗୁଛି । ତଥାପି ହେଜିବାକୁ ନାରାଜ । ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱରେ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି । ଆଉ ଠିକ୍ ସମୟରେ ଋତୁ ଆସୁନି । ଠିକ୍ ସମୟରେ ବର୍ଷା ହେଉନି, ଆଉ ଯେତେବେଳେ ବି ହେଉଛି, କରାଳ ରୂପ ନେଇ ଆସୁଛି । ଫଳରେ କେତେବେଳେ ମରୁଡ଼ି ତ କେତେବେଳେ ବନ୍ୟା ଭିତରେ ଛଟପଟ ହେଉଛି ଆମ ବସୁନ୍ଧରା । ବୈଶାଖ ମାସ ଆରମ୍ଭ ନ ହେଉଣୁ ପ୍ରଚଣ୍ଡ ଖରାରେ ସନ୍ତୁଳି ହୋଇଯାଉଛନ୍ତି ଜୀବମଣ୍ଡଳ । ପ୍ରକୃତି ଯେମିତି ନିଜର ଅସ୍ତିତ୍ୱ ହରାଉଛି । ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ଜଳବାୟୁ ସଙ୍କଟ । ଏବାବଦରେ ବିଶ୍ୱବାସୀଙ୍କୁ ସଚେତନ କରିବା ତଥା ଧରଣୀ ମାତାକୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ୍ ୨୨ ତାରିଖଟିକୁ ବିଶ୍ୱ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ଆମେରିକା କାଲିଫର୍ଣ୍ଣିଆର ସାନ୍ତାବାରବରାରେ ୧୯୬୯ ମସିହା ଜାନୁୟାରୀ ୨୮ ତାରିଖ ଦିନ ଏକ ଦୁର୍ଘଟଣା ଘଟି ୩୦ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ସମୁଦ୍ରରେ ମିଶିଥିଲା । ଫଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ସାମୁଦ୍ରିକ ପକ୍ଷୀଙ୍କ ସମେତ ଡଲଫିନ୍, ସିଲ୍ ଆଦି ଅନ୍ୟ ସାମୁଦ୍ରିକ ପ୍ରାଣୀଙ୍କର ମୃତ୍ୟୁ ହୋଇଥିଲା । ପରିବେଶବିତ୍ ତଥା ତତ୍‌କାଳୀନ ଆମେରିକା ସିନେଟର ଗେଲର୍ଡ ନେଲସନଙ୍କୁ ଏହି ଘଟଣା ବ୍ୟଥିତ କରିଥିଲା । ନେଲସନ୍‌ଙ୍କ ଆହ୍ୱାନରେ ତା' ପରବର୍ଷ ୧୯୭୦ ମସିହା ଏପ୍ରିଲ୍ ୨୨ରେ ଦେଶରେ 'ପୃଥିବୀ ଦିବସ' ପାଳନ କରାଯାଇଥିବାବେଳେ ଏଥିରେ ୨ କୋଟିରୁ ଅଧିକ ଆମେରିକୀୟ ଯୋଗ ଦେଇଥିଲେ । ପରିବେଶ ସୁରକ୍ଷା ଦିଗରେ ଏହା ଥିଲା ବିଶ୍ୱର ପ୍ରଥମ ପଦକ୍ଷେପ । ପରେ ୧୯୯୦ ମସିହାରେ ପୃଥିବୀର ୧୪୧ଟି ଦେଶରେ ଏହି ଦିବସ ପାଳନ ହୋଇଥିଲା । ବର୍ତ୍ତମାନ ବିଶ୍ୱର ୧୯୨ରୁ ଅଧିକ ଦେଶରେ 'ପୃଥିବୀ ଦିବସ' ପାଳିତ ହେଉଛି । ସଂପ୍ରତି ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ଓ ମଣିଷର ଅବିଚାରିତ କାର୍ଯ୍ୟକଳାପ ଯୋଗୁଁ ଜୈବ ବିବିଧତା ବିପର୍ଯ୍ୟସ୍ତ । ଏହାର ପ୍ରତିକାର ପାଇଁ ଏହି ଦିନରେ ପ୍ରକୃତିର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରିବା ନେଇ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ । ନିଜ କର୍ତ୍ତବ୍ୟକୁ ମନେ ପକାଇବା ପାଇଁ ଏହି ଦିନଟି । ନିଜେ ବଞ୍ଚିବା ସହ ପୃଥିବୀରେ ବାସ କରୁଥିବା ଅନ୍ୟ ଜୀବମାନଙ୍କୁ ମଧ୍ୟ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ । ପଲିଥିନର ବ୍ୟବହାର ବନ୍ଦ କରିବା ସହ ପ୍ରଦୂଷଣ କମ୍ କରିବା ଓ ଗଛ ଲଗାଇବାକୁ ଲୋକଙ୍କୁ ଏହି ଦିବସ ମାଧ୍ୟମରେ ବାର୍ତ୍ତା ଦିଆଯାଏ ।

## ଆଜିର ଇତିହାସ

- ୧୮୭୦-ରୁଷ ବିପ୍ଳବର ଜନକ ଲେନିନ୍‌ଙ୍କ ଜନ୍ମ ।
- ୧୯୨୧- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ପ୍ରଶାସନିକ ସେବାରୁ ଇସ୍ତଫା ଦେଲେ ।
- ୧୯୫୪- ସୋଭିଏତ୍ ରୁଷ୍ ୟୁନେସ୍କୋରେ ସାମିଲ ହେଲା ।
- ୧୯୬୯ - ପ୍ରଥମ ମାନବ ଚକ୍ଷୁ ପ୍ରତ୍ୟାରୋପଣ କରାଗଲା ।
- ୧୯୮୩-ମହାକାଶଯାନ ସୋୟୁଜ୍ ଟି-୮ ପୃଥିବୀ ପୃଷ୍ଠକୁ ଫେରିଲା ।
- ୨୦୧୬- ୧୭୦ରୁ ଊର୍ଦ୍ଧ୍ୱ ଦେଶ ଜଳବାୟୁ ପରିବର୍ତ୍ତନକୁ ନେଇ 'ପ୍ୟାରିସ୍ ସନ୍ଧି'ରେ ସ୍ୱାକ୍ଷର କଲେ ।



# ଏକାଠି ଆସିବେ ଜାହ୍ନବୀ-ଇବ୍ରାହିମ୍

ସୈଫ୍ ଅଲ୍ଲୀ ଖାନ୍‌ଙ୍କ ପୁଅ ଇବ୍ରାହିମ୍ ଅଲ୍ଲୀ ଖାନ୍‌ଙ୍କ ବଲିଉଡ୍ ଡେବ୍ୟୁକୁ ନେଇ ଚର୍ଚ୍ଚା ଲାଗି ରହିଛି । ଇତିମଧ୍ୟରେ ଇବ୍ରାହିମ୍‌ଙ୍କୁ ନେଇ ଏକ ଖବର ଆସିଛି । ଇବ୍ରାହିମ୍ ତାଙ୍କର ଦ୍ୱିତୀୟ ଫିଲ୍ମରେ ଜାହ୍ନବୀ କପୁରଙ୍କ ସହ ନଜର ଆସିବେ । ନିକଟରେ ଇବ୍ରାହିମ୍ ଓ ଜାହ୍ନବୀ ଏହି ରୋମାଣ୍ଟିକ୍ କମେଡି ଫିଲ୍ମ ସାଇନ୍ କରିଛନ୍ତି । ତେବେ ଏଥିରେ ଇବ୍ରାହମ୍‌ଙ୍କ ସହ ଦୁଇ ଜଣ ଅଭିନେତ୍ରୀ ରହିବେ । ମହିମା ମକୱାନା ମଧ୍ୟ ଏଥିରେ ଲିଡ୍ ରୋଲରେ ଦେଖାଯିବେ । ବହୁତ ଜଲ୍‌ଦି ଫିଲ୍ମର ପ୍ରିପ୍ରଡକ୍ସନ କାମ ଆରମ୍ଭ ହେବ । ଆସନ୍ତା ବର୍ଷ ଏହାର ସୁଟିଂ ଆରମ୍ଭ ହେବ । ଫିଲ୍ମର ଟାଇଟଲ୍ ଏଯାବତ୍ ଫାଇନାଲ ହୋଇନାହିଁ । ଶଶାଙ୍କ ଖେତାନ ଏହାର ନିର୍ଦ୍ଦେଶନା ଦେବେ । ଫିଲ୍ମଟି ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ ହେବ । ତେବେ ଇବ୍ରାହିମ୍ 'ସରଜମିନ୍' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ଦେବେ । ଏହା ମଲାୟାଲମ୍ ଫିଲ୍ମ 'ହୃଦୟମ୍'ର ରିମେକ୍ । ଏଥିରେ ସେ କାଜଲ୍‌ଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ । ଧର୍ମା ପ୍ରଡକ୍ସନ୍ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି । ଇବ୍ରାହିମ୍ ସହ ନିର୍ଦ୍ଦେଶକ ଭାବେ କାମ ମଧ୍ୟ କରିଛନ୍ତି । 'ରକି ଔର୍ ରାନୀ କି ପ୍ରେମ୍ କହାନୀ'ରେ ସେ ସହ ନିର୍ଦ୍ଦେଶକ ଭାବେ କାମ କରିଥିଲେ ।



# ବିଶ୍ୱର ପ୍ରଥମ 'ମିସ୍ ଏଆଇ' ପ୍ରତିଯୋଗିତା

ଏଆଇ ଏବେ ସବୁ କ୍ଷେତ୍ରକୁ ପ୍ରବେଶ କରି ସାରିଥିବାବେଳେ ଏହାର ଉପସ୍ଥିତି ଏବେ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ମଧ୍ୟ ଦେଖିବାକୁ ମିଳିବ । ସେଥିପାଇଁ ବିଶ୍ୱର ପ୍ରଥମ ଏଆଇ ବିୟୁଟି ପେଜେଣ୍ଟର ଘୋଷଣା କରାଯାଇଛି । ଏହା ଦ୍ୱାରା ଏବେ ବିଶ୍ୱକୁ ଡିଜିଟାଲ ସୁନ୍ଦରୀ ମିଳିବାକୁ ଯାଉଛି । ଏହି ପ୍ରତିଯୋଗିତାର ନାଁ 'ମିସ୍ ଏଆଇ' ରଖାଯାଇଛି । ଯେଉଁଥିରେ ଏଆଇ ଦ୍ୱାରା ପରିଚାଳିତ ସୁନ୍ଦରୀମାନେ ଭାଗ ନେବେ । ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଫ୍ୟାନ୍‌ଭ୍ୟୁ' ଏହାକୁ ଆରମ୍ଭ କରିଛି । ଏହାର ଆୟୋଜନ ମେ' ମାସରେ ହେବ । ତେବେ ମିସ୍ ଏଆଇର ବିଜୟିନୀ ହେବା ପାଇଁ ପ୍ରତିଯୋଗୀଙ୍କୁ ସେମାନଙ୍କ ସୌନ୍ଦର୍ଯ୍ୟ, ଟେକ୍ନିକ୍ ଏବଂ ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟତା ଆଧାରରେ ସ୍ଥିର କରାଯିବ । କେବଳ ସେତିକି ନୁହେଁ, ଏହି ମଡେଲମାନଙ୍କୁ ତିଆରି କରିଥିବା ନିର୍ମାତାମାନେ ଏଆଇ ଟୁଲ୍‌କୁ କେତେ ବୁଝିଛନ୍ତି, ସେହି ଆଧାରରେ ମଧ୍ୟ ଏଆଇ ସୁନ୍ଦରୀଙ୍କୁ ପରଖାଯିବ । ବିଚାରକ ପ୍ୟାନେଲରେ ଚାରିଜଣ ବିଚାରପତି ରହିବେ । ତନ୍ମଧ୍ୟରେ ଦୁଇଜଣ ଏଆଇ ବିଚାରପତି ରହିବେ । ଏହି ଦୁଇ ବିଚାରପତି ହେଲେ ଏଆଇ ମଡେଲ ଆଇତାନା ଲୋପେଜ୍ ଓ ଏମିଲି ପେଲେଗ୍ରିନି । ମେ ୧୦ରେ ବିଜେତାଙ୍କ ନାମ ଘୋଷଣା କରାଯିବ । ଉକ୍ତ ପ୍ରତିଯୋଗିତାରେ ଏଆଇ ବିଜୟନୀଙ୍କୁ ୧୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଦ୍ୱିତୀୟ ଓ ତୃତୀୟ ସୁନ୍ଦରୀଙ୍କୁ ଯଥାକ୍ରମେ ୪ ଲକ୍ଷ ଓ ୧.୬୦ ଲକ୍ଷ ପ୍ରଦାନ କରାଯିବ ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜରୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

# ଚୈତ୍ର ପୂର୍ଣ୍ଣିମା



**ଚୈତ୍ର ପୂର୍ଣ୍ଣିମା ବା ଚଇତ ପୁନେଇଁ ହିନ୍ଦୁ ନବବର୍ଷର ପ୍ରଥମ ପୂର୍ଣ୍ଣିମା । ଏହି ଅବସରରେ ସ୍ନାନ, ଦାନ ସହ ଭଗବାନ ବିଷ୍ଣୁଙ୍କ ସ୍ୱରୂପ ସତ୍ୟନାରାୟଣ, ମାତା ଲକ୍ଷ୍ମୀ ଓ ପବନସୁତ ହନୁମାନଙ୍କ ଆରାଧନା କରାଯାଏ । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦଣ୍ଡନାଚ ଓ ଚଇତି ଘୋଡ଼ା ନାଚ ଅନୁଷ୍ଠିତ ହୋଇଥାଏ ।**

ଚଇତି ପର୍ବ କୈବର୍ତ୍ତମାନଙ୍କ ଶ୍ରେଷ୍ଠ ପର୍ବ । ସେମାନେ ନିଜର ଇଷ୍ଟଦେବୀ ଅଶ୍ୱମୁଖୀ ଦେବୀ ବାସୁଳୀଙ୍କର ପୂଜା କରନ୍ତି । ଏହିଦିନ କୈବର୍ତ୍ତମାନେ ଘର ଲିପାପୋଛା କରି ଚିତା ଲେଖନ୍ତି । ଡଙ୍ଗାରେ ଫୁଲ, ଚନ୍ଦନ, ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରି ଛେନା ନଡ଼ିଆ ଗୁଡ଼ ଆଦି ଭୋଗ ଲାଗି କରନ୍ତି । ଏହି ଅବସରରେ ଚଇତି ଘୋଡ଼ା ନାଚ ଅନୁଷ୍ଠିତ ହୋଇଥାଏ । ବୈଶାଖ ମାସ ଅଷ୍ଟମୀ ଯାଏ ଚଇତି ଘୋଡ଼ା ନୃତ୍ୟ ୮ ଦିନ ପରିବେଷଣ କରାଯାଏ । ।

କିମ୍ବଦନ୍ତୀ ଅନୁସାରେ, ଶ୍ରୀରାମଚନ୍ଦ୍ର ବନବାସକୁ ଗଲାବେଳେ ବାଟରେ ସରୟୂ ନଦୀ ପଡ଼ିଲା । ଜଣେ ଧୀବର ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ନଦୀ ପାର କରାଇ ଥିଲେ । ଶ୍ରୀରାମଚନ୍ଦ୍ର ସେହି କେଉଟଙ୍କ ଉପରେ ଖୁସି ହୋଇ ଉପହାର ସ୍ୱରୂପ ଘୋଡ଼ା ଦେଇଥିଲେ । ସେବେଠୁ ଖୁସିରେ କୈବର୍ତ୍ତମାନେ ଏହିପର୍ବ ପାଳି ଆସୁଛନ୍ତି ।

**ମହତ୍ତ୍ୱ**

- ଏହିଦିନ ଭଗବାନ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ପୂଜା କରାଯାଏ ।
- ଏହା ଦ୍ୱାରା ଧନ, ଐଶ୍ୱର୍ଯ୍ୟ ଓ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ ।
- ସ୍ନାନ, ଦାନ, ବ୍ରତ ଏବଂ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ଅଜାଣତରେ ହୋଇଥିବା ପାପ କ୍ଷୟ ହୁଏ ।
- ଏହିଦିନ ହନୁମାନଙ୍କ ପୂଜା କରିବା ଶୁଭ ହୋଇଥାଏ ।
- ଚନ୍ଦ୍ରଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ବୈବାହିକ ଜୀବନର ସମସ୍ୟା ଦୂର ହୁଏ ।

## ପ୍ରଶ୍ନୋତ୍ତର

୧. ସମ୍ପର୍କରେ ଯମୁନା ଯମଙ୍କର କ'ଣ ହେବେ?
୨. ବଦ୍ରିନାଥ ମନ୍ଦିରରେ କେଉଁମାନେ ପୂଜା କରନ୍ତି?
୩. ଶ୍ରୀକୃଷ୍ଣଙ୍କ ନବଗୁଞ୍ଜର ରୂପ କେଉଁ ପୁରାଣରେ ବର୍ଣ୍ଣିତ?
୪. ୨୭ ନକ୍ଷତ୍ର ମଧ୍ୟରୁ ପ୍ରଥମ ନକ୍ଷତ୍ରଟିର ନାଁ କ'ଣ?
୫. ହେରାପଞ୍ଚମୀରେ ଗୁଣ୍ଡିଚା ମନ୍ଦିରରେ ମହାଲକ୍ଷ୍ମୀଙ୍କୁ କ'ଣ ଦିଆଯାଏ?



**ଉତ୍ତର**

(୧) ଭଉଣୀ
(୨) କେରଳର ନାମ୍ବୁଦ୍ରି ବ୍ରାହ୍ମଣ
(୩) ସାରଳା ମହାଭାରତ
(୪) ଅଶ୍ୱିନୀ
(୫) ଆଜ୍ଞାମାଳ

# ସ୍ୱସ୍ତି

## ଗୀତାବାଣୀ

ତସ୍ମାଦଜ୍ଞାନସମ୍ଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ ।
ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ।।



ତେଣୁ ହେ ଭରତବଂଶୀ ଅର୍ଜୁନ! ହୃଦୟସ୍ଥ ଏହି ଅଜ୍ଞାନଜନିତ ସଂଶୟକୁ ଜ୍ଞାନ ରୂପକ ଖଡଗ ଦ୍ୱାରା ଛେଦନ କରି ଯୋଗ (ସମତା)ରେ ସ୍ଥିତ ହୁଅ, (ଏବଂ ଯୁଦ୍ଧ ପାଇଁ) ଠିଆ ହୋଇଯାଅ ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୪୨)

# ଶିବଙ୍କ କେଉଁ ସ୍ୱରୂପରୁ କ'ଣ ଫଳପ୍ରାପ୍ତି

**ଆଶୁତୋଷ ପ୍ରଭୁ ଶିବଙ୍କ ପୂରା ପରିବାରକୁ ପୂଜା କରିବା ଦ୍ୱାରା ସୁଖ ଏବଂ ସୌଭାଗ୍ୟ ସହିତ ବୈବାହିକ ଓ ସନ୍ତାନ ସୁଖ ପ୍ରାପ୍ତି ହୁଏ । ଆର୍ଥିକ ସମସ୍ୟା ଦୂର ହୋଇଥାଏ । ବାସ୍ତୁ ଅନୁସାରେ, ଯେଉଁ ଘରେ ମହାଦେବଙ୍କ ପରିବାରର ଫଟୋ ବା ଚିତ୍ର ଥାଏ, ସେହି ଘରେ ବାସ୍ତୁ ଦୋଷ ରହି ନ ଥାଏ । ଉତ୍ତର ଦିଗ ଅର୍ଥାତ୍ କୈଳାସ ପର୍ବତ ହେଉଛି, ଭଗବାନ ଶିବଙ୍କ ନିବାସସ୍ଥଳ । ଏ ଦୃଷ୍ଟିରୁ ଭଗବାନଙ୍କ ଫଟୋ ଏହି କୋଣରେ ଲଗାଇବା ଶୁଭ ହୋଇଥାଏ । ତେବେ କେଉଁ କାମନା ପାଇଁ ଶିବଙ୍କ କିଭଳି ଫଟୋ ଲଗାଇବା ଦରକାର, ସେ ସମ୍ପର୍କରେ ଜାଣିବା ।**

**ରୋଗ ନିବାରଣ:** ରୋଗରୁ ମୁକ୍ତି ପାଇବା ପାଇଁ ଘରେ ଭଗବାନ ଶିବଙ୍କ ଏମିତି ଫଟୋ ଲଗାନ୍ତୁ, ଯେଉଁଥିରେ ସେ ଅଷ୍ଟାଙ୍ଗ ମୁଦ୍ରାରେ ଥିବେ । ଶିବଙ୍କ ଏଭଳି ସ୍ୱରୂପର ଫଟୋକୁ ଉତ୍ତର ଦିଗରେ ଲଗାଇବା ଶୁଭ ।

**ଦାମ୍ପତ୍ୟ ସୁଖ ପ୍ରାପ୍ତି:** ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କ ପୂଜା କଲେ ସମସ୍ତ ମନୋକାମନାପୂର୍ଣ୍ଣ ହୋଇଥାଏ । ସେଥିପାଇଁ ଶିବ ପ୍ରସନ୍ନ ମୁଦ୍ରାରେ ବୃଷଭ ଉପରେ ବିରାଜମାନ କରିଥିବା ଫଟୋକୁ ଘରେ ଲଗାନ୍ତୁ । ଏହାସହ ଅର୍ଦ୍ଧନାରୀଶ୍ୱର ରୂପକୁ ପୂଜା କରିବା ଦ୍ୱାରା ବୈବାହିକ ଜୀବନ ସୁଖମୟ ହୋଇଥାଏ ।

**ବିଦ୍ୟା ପ୍ରାପ୍ତି:** ବିଦ୍ୟାର୍ଥୀମାନେ ପଢ଼ା ଘରର ଉତ୍ତର ଦିଗରେ ଭଗବାନ ଶିବ ଉପଦେଶ ଦେଉଥିବା ସମୟର ଫଟୋ ଲଗାଇବା ଭଲ । ଭଗବାନ ଶିବଙ୍କ ଏହି ସ୍ୱରୂପ ପୂଜାରୁ ଜ୍ଞାନ ଏବଂ ବିଦ୍ୟା ସହ ଆଶୀର୍ବାଦ ପ୍ରାପ୍ତି ହୁଏ ।

**ମାନସିକ ଶାନ୍ତି:** ଅତ୍ୟଧିକ ଚିନ୍ତା ତଥା ଅବସାଦ ଦେଇ ଗତି କରୁଥିଲେ ଏଥିରୁ ମୁକ୍ତି ପାଇଁ ଭଗବାନ ଶିବଙ୍କ ଧ୍ୟାନ ମୁଦ୍ରାର ଫଟୋକୁ ଉତ୍ତର ଦିଗରେ ଲଗାନ୍ତୁ ।



# କେଉଁ ଦିଗରେ ରଖିବେ କଇଁଚି



**କଇଁଚି ପ୍ରତି ଘରେ ଦେଖିବାକୁ ମିଳିଥାଏ । ବାସ୍ତୁଶାସ୍ତ୍ର ଅନୁସାରେ, କଇଁଚିକୁ ଭୁଲ ଦିଗରେ ରଖିବା ଦ୍ୱାରା ଜୀବନରେ ସମସ୍ୟା ସୃଷ୍ଟି ହୁଏ । ଅନ୍ୟପକ୍ଷରେ କଇଁଚିକୁ କେତୁର ପ୍ରତୀକ ଭାବେ ବିବେଚନା କରାଯାଏ । ଏଣୁ କୁଣ୍ଡଳିରେ କେତୁ ଖରାପ ଥିଲେ, କୌଣସି ଧାରୁଆ ଜିନିଷକୁ ସଠିକ୍ ଦିଗରେ ରଖିବା ଜରୁରି ।**

- କଇଁଚିକୁ ଦକ୍ଷିଣ-ପଶ୍ଚିମ ଦିଗରେ ନଚେତ୍ ଉତ୍ତର ପଶ୍ଚିମ ଦିଗରେ ରଖନ୍ତୁ ।
- ଏହାକୁ ସବୁବେଳେ ବାକ୍ସ ଭିତରେ ରଖିବା ଭଲ ।
- ଏହାକୁ କଦାପି ଝୁଲାଇ ରଖନ୍ତୁ ନାହିଁ ।
- କଇଁଚିକୁ ଉତ୍ତର ପୂର୍ବ ଦିଗରେ ରଖିଲେ ମାନସିକ ଅଶାନ୍ତି ଦେଖା ଦିଏ ।
- ପଶ୍ଚିମ ଦିଗରେ କଇଁଚି ରଖିଲେ ଆର୍ଥିକ ସମସ୍ୟା ସାମ୍ନା କରିବାକୁ ପଡ଼େ ।





# ମଙ୍ଗଳ ଗୋଚର

## ଚାରି ରାଶି ହେବେ ପ୍ରଭାବିତ

**ଏପ୍ରିଲ୍ ୨୩ ତାରିଖ ମଙ୍ଗଳବାର ଚୈତ୍ର ପୂର୍ଣ୍ଣମୀଠାରୁ ମଙ୍ଗଳ କୁମ୍ଭ ରାଶିରୁ ବାହାରି ମୀନ ରାଶିରେ ପ୍ରବେଶ କରିବେ । ମଙ୍ଗଳଙ୍କ ମୀନ ରାଶିରେ ଗୋଚର ସମସ୍ତ ୧୨ ରାଶିଙ୍କ ଉପରେ ପ୍ରଭାବ ପକାଇବ । ତେବେ କିଛି ରାଶି ପାଇଁ ଏହା ଅଶୁଭ ଫଳ ପ୍ରଦାନ କରିବ । ତେବେ କେଉଁ ରାଶିଙ୍କ ପାଇଁ ମଙ୍ଗଳଙ୍କ ମୀନ ରାଶି ପ୍ରବେଶ ନକାରାତ୍ମକ ଫଳ ଦେବ, ସେ ସମ୍ପର୍କରେ ଜାଣିବା ।**

**ମେଷ:** ଏହି ରାଶି ପାଇଁ ମଙ୍ଗଳ ଗୋଚର ଅଶୁଭ ଫଳ ପ୍ରଦାନ କରିବେ । ମେଷ ରାଶି ବ୍ୟକ୍ତିଙ୍କ ଖର୍ଚ୍ଚ ବୃଦ୍ଧି ପାଇବ । ଏହାସହ ଧନହାନି ହୋଇପାରେ । ମାନସିକ ଚିନ୍ତା ସହିତ ମନ ଅଶାନ୍ତ ରହିବ । ଶତ୍ରୁ ମଧ୍ୟ ହଇରାଣ କରିବେ । ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖା ଦେବ । ବନ୍ଧୁଙ୍କ ସହ ମତାନ୍ତର ହେବ ।

**ବୃଷ:** ଏହି ରାଶିଙ୍କୁ ମଧ୍ୟ ଆଶାଜନକ ପରିଣାମ ମିଳିବ ନାହିଁ । ନିରାଶା ମଧ୍ୟ ଦେଇ ଗତି କରିବେ । ଉନ୍ନତିରେ ବାଧା ଉପୁଜିବ । କ୍ୟାରିୟରରେ ସମସ୍ୟା ସାମ୍ନା କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରକ୍ଷା ନ କଲେ ହଇରାଣ ହେବେ ।

**କର୍କଟ:** କର୍କଟ ରାଶିଙ୍କୁ ମଧ୍ୟ ନକାରାତ୍ମକ ପରିଣାମକୁ ସାମ୍ନା କରିବାକୁ ପଡ଼ିବ । ବାରମ୍ବାର ଦୂର ସ୍ଥାନକୁ ଯାତ୍ରା କରି ଥକ୍କା ଅନୁଭବ କରିବେ । କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ସମ୍ମାନ ହାନି ହେବ ।

**ସିଂହ:** ଅଯଥାରେ ଯାତ୍ରା କରିବେ ଏବଂ ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେବେ । ନିଜ ଉପରୁ ଆତ୍ମବିଶ୍ୱାସ ହରାଇବେ । ଦ୍ୱନ୍ଦ୍ୱରେ ରହିବା ସହ ଚିନ୍ତାଗ୍ରସ୍ତ ରହିବେ ।

**ମୀନ:** ସହକର୍ମୀଙ୍କ ସହ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ସମ୍ପର୍କ ବିଗିଡ଼ିବ । କ୍ରୋଧ ଉପରେ ନିୟନ୍ତ୍ରଣ ରକ୍ଷା କରିବେ । ମହିଳାଙ୍କ ସହ ଝଗଡ଼ା କରିବାରୁ ଦୂରେଇ ରୁହନ୍ତୁ ।

# ଜାତୀୟ ହକି ଶିବିରରେ ଅମିତ୍ ରୋହିଦାସ

ବେଙ୍ଗାଲୁରୁ, ୨୧।୪ (ଏଜେନ୍ସି)



ଚଳିତ ବର୍ଷ ମଧ୍ୟଭାଗରେ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ହକି ଇଣ୍ଡିଆ ପକ୍ଷରୁ ରବିବାରଠାରୁ ଜାତୀୟ ପୁରୁଷ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ସ୍ଥାନୀୟ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିର ମେ ୧୩ରେ ଉଦ୍‌ଯାପିତ ହେବ। ଏହି ଶିବିରରେ ଅଂଶଗ୍ରହଣ କରିଥିବା ୨୮ ଜଣ ସମ୍ଭାବ୍ୟ ଖେଳାଳିଙ୍କ ମଧ୍ୟରେ ଏକମାତ୍ର ଓଡ଼ିଆ ଭାବେ ଅମିତ୍ ରୋହିଦାସ ସ୍ଥାନ ପାଇଛନ୍ତି।

ନିକଟରେ ଭାରତୀୟ ପୁରୁଷ ଦଳ ଅଲିମ୍ପିକ୍ସ ପ୍ରସ୍ତୁତି ଲାଗି ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିଲା। ସେଠାରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି ମ୍ୟାଚ ଖେଳି ୫-୦ରେ ସିରିଜ ହାରିଥିଲା। ଯାହାକି ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଦଳକୁ ଶକ୍ତ ଝଟ୍‌କା ଲାଗିଥିଲା। ଅଷ୍ଟ୍ରେଲିଆ ଗସ୍ତରେ ଖେଳାଳିମାନେ କରିଥିବା ତ୍ରୁଟି ଏହି ଶିବିରରେ ସୁଧାରାଯିବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ କହିଛନ୍ତି। 'ଆମ ପାଇଁ ଏହି ଶିବିର ବେଶ୍ ଗୁରୁତ୍ୱବହନ କରୁଛି। ଅଲିମ୍ପିକ୍ସ ପୂର୍ବରୁ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ' ବୋଲି ଫୁଲଟନ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଏହି ଶିବିର ପରେ ଭାରତୀୟ ଦଳ ବେଲ୍‌ଜିୟମ ଓ ଲଣ୍ଡନ ଗସ୍ତ କରିବ। ସେଠାରେ ଆର୍ଜେଣ୍ଟିନା, ବେଲ୍‌ଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ଶିବିରରେ ଯୋଗଦେଇଥିବା ଖେଳାଳି

**ଗୋଲ୍‌ରକ୍ଷକ:** କ୍ରିଷ୍ଣନ ବାହାଦୂର ପାଠକ, ପିଆର୍ ଶ୍ରୀଜେସ ଓ ସୂରଜ କେର୍କେରା, **ରକ୍ଷଣଭାଗ:** ହର୍‌ମନପ୍ରୀତ୍ ସିଂହ, ଜରମନପ୍ରୀତ୍ ସିଂହ, ଅମିତ୍ ରୋହିଦାସ, ଜୁଗରାଜ ସିଂହ, ସଞ୍ଜୟ, ସୁମିତ୍, ଅମୀର ଅଲି, **ମଧ୍ୟଭାଗ:** ମନପ୍ରୀତ୍ ସିଂହ, ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ, ଶମଶେର୍ ସିଂହ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ବିଷ୍ଣୁକାନ୍ତ ସିଂ, **ଅଗ୍ରଭାଗ:** ଆକାଶଦୀପ୍ ସିଂହ, ମନଦୀପ୍ ସିଂହ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ୍ ସିଂହ, ସୁଖଜିତ୍ ସିଂହ, ଗୁର୍‌ଜାନ୍ତ ସିଂହ, ମହମ୍ମଦ ରାହୀଲ ମୌସୀନ, ବବି ସିଂହ ଧାମି ଓ ଅର୍‌ଜିତ୍ ସିଂହ ହୁଣ୍ଡାଲ।

# ଭର୍ଷ୍ଟାପେନ ଜିତିଲେ ଚାଇନିଜ୍ ଗ୍ରାଁପ୍ରି

ସାଂଘାଇ, ୨୧।୪ (ଏଜେନ୍ସି)

ରେଡ୍ ବୁଲ୍ ଚାଳକ ମାକ୍ସ ଭର୍ଷ୍ଟାପେନ ଏଠାରେ ରବିବାର ଅନୁଷ୍ଠିତ ଫର୍ମୁଲା ୱାନ ରେସ୍ ଚାଇନିଜ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ସାଂଘାଇ ଇଣ୍ଟରନ୍ୟାସନାଲ ସର୍କିଟରେ ଅନୁଷ୍ଠିତ ଏହି ୫୬ ଲ୍ୟାପ୍ ତଥା ୩୦୫ କିମି ରେସ୍‌କୁ ଭର୍ଷ୍ଟାପେନ ଏକ ଘଣ୍ଟା ୪୦ ମିନିଟ୍ ୫୨.୫୫୪ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ମ୍ୟାକ୍‌ଲରେନର ଚାଳକ ଲାଣ୍ଡୋ ନୋରିସ ଓ ଭର୍ଷ୍ଟାପେନଙ୍କ ସାଥୀ ରେଡ୍ ବୁଲ୍ ଚାଳକ ସର୍ଜିଓ ପେରେଜ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ନୋରିସ ଏହି ଦୂରତାକୁ ଏକ ଘଣ୍ଟା ୪୦ ମିନିଟ୍ ୫୩.୭୭୩ ସେକେଣ୍ଡ ସମୟ ଶେଷ କରିଥିଲେ। ସେହିଭଳି ଭର୍ଷ୍ଟାପେନଙ୍କଠାରୁ ୧୯.୧୬୦ ସେକେଣ୍ଡ ଅଧିକ ସମୟ ନେଇ ପେରେଜ ପୋଡିୟମର ୩ୟ ସ୍ଥାନରେ ରହିଥିଲେ।



● ସ୍ପାନିଶ୍ ପାରା ବ୍ୟାଡମିଣ୍ଟନ

# ଦୀପରଞ୍ଜନଙ୍କୁ ଯୁଗଳରେ ରୌପ୍ୟ



**ଭୁବନେଶ୍ୱର,୨୧।୪(ସମିସ):** ସ୍ପେନର ଭିକ୍ଟୋରିଆ ସହରରେ ଅନୁଷ୍ଠିତ ହୋଇଥିବା ସ୍ପାନିଶ୍ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦୀପ ରଞ୍ଜନ ବିଶୋଇ ପୁରୁଷ ଯୁଗଳ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ୧୫ରୁ ୨୧ ତାରିଖ ମଧ୍ୟରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦୀପ ରଞ୍ଜନ ଓ ମନୋଜ ସରକାର ଯୁଗଳ ସେମି ଫାଇନାଲରେ ନିଜ ଦେଶର ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ୨୧-୧୪, ୨୧- ୧୩ ସିଧାସଳଖ ଗେମ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏହା ପରେ ଫାଇନାଲରେ ଦୀପ ରଞ୍ଜନ ଓ ମନୋଜ କୋରିଆର ଜୁ ଡୋଙ୍ଗଜାଏ ଓ ସିନ୍ କ୍ୟୁଙ୍ଗ ହ୍ୱାନଙ୍କଠାରୁ ୨୧-୧୦, ୧୮-୨୧, ୧୬-୨୧ରେ ପରାସ୍ତ ହୋଇ ଉପ- ବିଜେତା ହେବା ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଦୀପ ରଞ୍ଜନଙ୍କୁ ବାଦ୍ ଦେଲେ ଶୁଭ୍ରଜିତ ମହାରଣା ଓ ଦିଲେଶ୍ୱର ରାଓ ଅଂଶଗ୍ରହଣ କରିଥିଲେ।

# ଟାଇଟଲ୍ ଜିତିଲେ ରିବାକିନା

ଷ୍ଟର୍ଟଗାର୍ଟ,୨୧।୪(ଏଜେନ୍ସି)

**ଷ୍ଟର୍ଟଗାର୍ଟ ଡବ୍ଲ୍ୟୁଟିଏ ଓପନ୍**



ଜର୍ମାନୀର ଷ୍ଟର୍ଟଗାର୍ଟରେ ଖେଳାଯାଇଥିବା ଡବ୍ଲ୍ୟୁଟିଏ ଟେନିସ ଟୁର୍ଣ୍ଣାମେଣ୍ଟରେ କାଜାଖସ୍ଥାନର ଏଲିନା ରିବାକିନା ଏକକ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ରିବାକିନା ୬-୨, ୬-୨ ସିଧାସଳଖ ସେଟ୍‌ରେ ୟୁକ୍ରେନର ଅଣସିଡ୍ ଖେଳାଳି ମାର୍ଟା କୋଷ୍ଟିକଙ୍କୁ ହରାଇ ଚଳିତ ସିଜନର ତୃତୀୟ ଟାଇଟଲ ହାସଲ କରିଛନ୍ତି। ଏହାପୂର୍ବରୁ ସେ ବ୍ରିସବେନ ଇଣ୍ଟରନ୍ୟାସନାଲ ଓ ଆବୁଧାବି ଓପନ୍‌ରେ ଚାମ୍ପିଅନହେବାରଗୌରବଅର୍ଜନକରିଥିଲେ। ଅନ୍ୟପଟେ କୋଷ୍ଟିକ ଚଳିତ ବର୍ଷ କୌଣସି ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଫାଇନାଲରେ ପରାସ୍ତ ହୋଇଛନ୍ତି। ଗତ ମାର୍ଚ୍ଚରେ ସେ ସାନ ଡିଏଗୋ ଓପନ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ। ପୂର୍ବରୁ ରିବାକିନା ସେମିଫାଇନାଲରେ ବିଶ୍ୱ ୧ ନଂ ଖେଳାଳି ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ୬-୩, ୪-୬, ୬-୩ ସେଟ୍ ପରାସ୍ତ କରି ବିପର୍ଯ୍ୟୟ ଘଟାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି କୋଷ୍ଟିକ୍ ସେମିରେ ଚେକ ଗଣରାଜ୍ୟର ମାର୍କେଟା ଭୋଣ୍ଡ୍ରୋଉଶୋଭାଙ୍କୁ ୭-୬, ୬-୨ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ।

# ଅଲିମ୍ପିକ୍ସରେ ଭାଗନେବେ ପ୍ରିୟଙ୍କା-ଆକାଶଦୀପ୍

**ନୂଆଦିଲ୍ଲୀ, ୨୧।୪ (ଏଜେନ୍ସି):** ଭାରତୀୟ ଧାବକ ପ୍ରିୟଙ୍କା ଗୋସ୍ୱାମୀ ଓ ଆକାଶଦୀପ୍ ସିଂହ ଯୋଡ଼ି ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବାକୁ କୋଟା ହାସଲ କରିଛନ୍ତି। ତୁର୍କିର ଅଣ୍ଟାଲ୍ୟା ସହରରେ ରବିବାର ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ରେସ୍ ୱାକିଂ ଟିମ୍ ଚାମ୍ପିଅନସିପ୍‌ରେ ପ୍ରିୟଙ୍କା ଓ ଆକାଶଦୀପ୍ ଯୋଡ଼ି ୩ ଘଣ୍ଟା ୦୫:୦୩ ସେକେଣ୍ଡରେ ରେସ୍ ଶେଷ କରି ୧୮ତମ ସ୍ଥାନରେ ରହିଥିଲେ। ଫଳରେ ପ୍ୟାରିସ ଅଲିମ୍ପିକ୍ସର ମାରାଥନ ରେସ୍ ୱାକ୍ ମିକ୍ସଡ ରିଲେ ଲାଗି ଏହି ଭାରତୀୟ ଯୋଡ଼ି କୋଟା ଅର୍ଜନ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ପ୍ରଥମଥର ଲାଗି ରେସ୍ ୱାକ୍ କାଟେଗୋରୀରେ ଏକ ନୂଆ ରେସ୍‌କୁ ସାମିଲ କରାଯାଇଛି। ଏହା ହେଉଛି ମାରାଥନର ମିଶ୍ରିତ ରିଲେ ଇଭେଣ୍ଟ। ଏଥିରେ ସମ୍ପୂର୍ଣ୍ଣ ମାରାଥନ ଦୂରତା ୪୨.୧୯୫ କିମିକୁ ଉଭୟ ପୁରୁଷ ଓ ମହିଳା ଆଥ୍‌ଲେଟ୍ ମିଳିତ ଭାବେ ଦୌଡ଼ିବେ। ମାରାଥନର ପ୍ରଥମ ୧୨.୧୯୫ କିମିକୁ ପୁରୁଷ ଏବଂ ପରବର୍ତ୍ତୀ ୧୦ କିମିକୁ ମହିଳା ଆଥ୍‌ଲେଟ୍ ଦୌଡ଼ିବେ। ଏହାପରେ ପରବର୍ତ୍ତୀ ୧୦ କିମିକୁ ପୁରୁଷ ଏବଂ ଶେଷ ୧୦ କିମିକୁ ମହିଳା ଆଥ୍‌ଲେଟ ଦୌଡ଼ିବାର ନିୟମ ରହିଛି।

**ପ୍ୟାରିସ୍ ଅଲିମ୍ପିକ୍ସ**

# ରୋଇଂରେ ପ୍ରଥମ କୋଟା ହାସଲ କଲେ ବଲ୍‌ରାଜ

ନୂଆଦିଲ୍ଲୀ,୨୧।୪(ଏଜେନ୍ସି)



ବଲରାଜ ପାନୱାର ରୋଇଂରେ ଇତିହାସ ସୃଷ୍ଟି କରିଛନ୍ତି। ସେ ଭାରତ ପାଇଁ ରୋଇଂରେ ପ୍ରଥମ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି। ଅର୍ଥାତ ଆଗାମୀ ଜୁଲାଇ ଓ ଅଗଷ୍ଟରେ ପ୍ୟାରିସ୍‌ରେ ଆୟୋଜନ ହେବାକୁ ଯାଉଥିବା ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ କୋରିଆର ଚୁଙ୍ଗଜୁଠାରେ ଚାଲିଥିବା ଏସିଆନ ଅଲିମ୍ପିକ୍ସ କ୍ୱାଲିଫାୟରରେ ସେ ପୁରୁଷ ଏକକ ସ୍କଲ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି ଏହି ସଫଳତା ପାଇଛନ୍ତି। ଭାରତର ଜଣାଶୁଣା ଏକକ ସ୍କଲର ଭାବେ ଜଣାଶୁଣା ଥିବା ବଲରାଜ ୨୦୦୦ ମିଟର କୋର୍ସରେ ୭ ମିନିଟ ୧:୨୭ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ବିଶ୍ୱ ରୋଇଂରେ ଭାରତ ପାଇଁ ଏହା ବଡ଼ ସଫଳତା ବିବେଚିତ ହେଉଛି। ଏହି ଇଭେଣ୍ଟରେ ଶ୍ରେଷ୍ଠ ୫ଟି ସ୍ଥାନରେ ରହିଥିବା ପ୍ରତିଯୋଗୀମାନେ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି।

### ଲାଇଟ୍‌ୱେଟ୍ ଯୁଗଳ ସ୍କଲରେ ଉଜ୍ଜ୍ୱଳ- ଅରବିନ୍ଦ ବିଫଳ

କିନ୍ତୁ ଲାଇଟ୍‌ୱେଟ୍ ଯୁଗଳ ସ୍କଲ୍‌ରେ ଭାରତୀୟ ପୁରୁଷ ଯୋଡି ଉଜ୍ଜ୍ୱଳ କୁମାର ଓ ଅରବିନ୍ଦ ସିଂ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲା। ଏହି ଯୋଡି ଯୁଗଳ ସ୍କଲରେ ତୃତୀୟ ସ୍ଥାନରେ ରହିଥିଲେ ଓ କୋଟା ହାସଲ କରିବାରେ ବିଫଳ ହୋଇଥିଲେ।

### ପାରା ଅଲିମ୍ପିକ୍ସ ଯୋଗ୍ୟତା ହାସଲ କଲେ ନାରାୟଣ- ଅନୀତା

ପ୍ୟାରିସ ପାରା ଅଲିମ୍ପିକ୍ସ ପାଇଁ ଭାରତୀୟ ମିଶ୍ରିତ ଯୁଗଳ ଯୋଡି ନାରାୟଣ କୋଙ୍ଗନାପଲେ ଓ ଅନୀତା ମିଶ୍ରିତ ଯୁଗଳ ସ୍କଲ ଇଭେଣ୍ଟରେ କୋଟା ପ୍ଲେସ ହାସଲ କରିଛନ୍ତି। ଏହି ଯୋଡି ୭ ମିନିଟ୍ ୫୦.୮୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ଶ୍ୟାମଳୀ ଦେ ସ୍ମାରକୀ ରାଜ୍ୟ ଚେସ୍**

# ରବୀନ୍ଦ୍ର ଓଝା ଚାମ୍ପିଅନ୍

**ଭୁବନେଶ୍ୱର, ୨୧।୪ (ସମିସ):** କଟକର ରବୀନ୍ଦ୍ର ଓଝା ତୃତୀୟ ଶ୍ୟାମଳୀ ଦେ' ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଓ ଏସ୍‌ଡିଏମ୍ ସଫ୍‌ଟୱେୟାର ସଲ୍ୟୁସନ୍ସର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରବୀନ୍ଦ୍ର ଏକାକୀ ସର୍ବାଧିକ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ହୋଇଛନ୍ତି। ଭୁବନେଶ୍ୱରର ଆଦିତ୍ୟଶଙ୍କର ବେହେରା ଦ୍ୱିତୀୟ ଓ ଶ୍ରୁଜନ ପ୍ରଣୟୀ ରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ, ଭୁବନେଶ୍ୱରର ଦେବରାଜ ସେନାପତି, ଜଟଣୀର ଅବିନାଶ ବଳିୟାରସିଂ ଓ ସୁନ୍ଦରଗଡ଼ ଲୁଲକିଡିହିର କମଳେଶ ଗୁପ୍ତା ଯଥାକ୍ରମେ ଚତୁର୍ଥରୁ ୭ମ ସ୍ଥାନ ଅଧିକାର କରିଥିଲେ। ଖେଳଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଓ ପୁଲିସ୍ ଇନ୍‌ସପେକ୍ଟର ଶ୍ରୀମତି ପ୍ରିୟଦର୍ଶିନୀ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



# କୋହଲି, ବାବରଙ୍କୁ ପଛରେ ପକାଇଲେ ରିଜୱାନ

**ରାୱଲପିଣ୍ଡି,୨୧।୪(ଏଜେନ୍ସି):** ପାକିସ୍ତାନ ୱିକେଟରକ୍ଷକ ବ୍ୟାଟର ତଥା ଓପନର ମହମ୍ମଦ ରିଜୱାନ ଟି-୨୦ ଫର୍ମାଟରେ ଏକ ବଡ଼ ରେକର୍ଡ ହାସଲ କରିଛନ୍ତି। ଦ୍ରୁତତମ ୩୦୦୦ ଟି-୨୦ ରନ ପୂରଣ କରି ସେ ଏହି ବିରଳ ରେକର୍ଡ ଅଧିକାରୀ ହୋଇଛନ୍ତି। ଶନିବାର ଏଠାରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ସେ ଅପରାଜିତ ୪୫ ରନକରି ଦଳକୁ ଜିତାଇବା ସହ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୩୧ ବର୍ଷୀୟ ରିଜୱାନ ୭୯ତମ ଟି-୨୦ ପାଳିରେ ୩ ହଜାର ରନ ପୂରଣ କରିବା ସହ ଅଧିନାୟକ ବାବର ଆଜମ ଓ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। କୋହିଲି ଓ ବାବର ଉଭୟ ୮୧ଟି ଲେଖାଏ ପାଳି ଖେଳି ୩ ହଜାର ଟି-୨୦ ରନ ପୂରଣ କରିଥିଲେ। ରିଜୱାନ ବିଶ୍ୱ ୮ମ ବ୍ୟାଟର ଭାବେ ୩ ହଜାର ରନ ପୂରଣ କରିଛନ୍ତି। କୋହଲି ୧୧୭ଟି ମ୍ୟାଚ୍ ଖେଳି ସର୍ବାଧିକ ୪,୦୩୭ ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ପାକିସ୍ତାନ ୧୨.୧ ଓଭରରେ ୯୧ ରନର ବିଜୟ ଲକ୍ଷ୍ୟ ହାସଲ କରି ୭ ୱିକେଟରେ ବିଜୟୀ ହୋଇଥିଲା।

# ହିମାଚଳ ପ୍ରଦେଶକୁ ହରାଇଲା ଓଡ଼ିଶା



ଧନେଶ୍ୱର ବେସ୍ରା



ସୁରେଶ ଖାଡିଆ

**କଟକ,୨୧।୪(ସମିସ):** ସର୍ବଭାରତୀୟ ଫୁଟ୍‌ବଲ ସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଛତିଶଗଡ଼ରେ ଚାଲିଥିବା ୨୦ବର୍ଷରୁ କମ ପୁରୁଷ ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଛତିଶଗଡ଼ର ରାମକୃଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଓଡ଼ିଶା ଖେଳିଥିବା ତାହାର ପ୍ରଥମ ମ୍ୟାଚରେ ୨-୦ ଗୋଲରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଓଡ଼ିଶା ଦୁଇଟି ଗୋଲ୍ ଦେଇ ମ୍ୟାଚକୁ ନିୟନ୍ତ୍ରଣକୁ ଆଣିଥିଲା। ୪୭ତମ ମିନିଟରେ ମିଡଫିଲ୍ଡର ଧନେଶ୍ୱର ବେସ୍ରା ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରି ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ୭୬ତମ ମିନିଟରେ ସୁରେଶ ଖାଡିଆ ଦ୍ୱିତୀୟ ଗୋଲ ଦେବା ସହ ଦଳକୁ ୨-୦ରେ ସହଜ ବିଜୟ ପ୍ରଦାନ କରିଥିଲେ।

# ଅବସର ନେଲେ ଗାର୍ବାଇନ୍ ମୁଗୁରୁଜା

ମାଦ୍ରିଦ୍,୨୧।୪(ଏଜେନ୍ସି)



ସ୍ପେନ୍ ମହିଳା ଟେନିସ ତାରକା ଗାର୍ବାଇନ୍ ମୁଗୁରୁଜା ଟେନିସରୁ ଅବସର ଘୋଷଣା କରିଛନ୍ତି। ଦୀର୍ଘଦିନ ଧରି ଟେନିସରୁ ଦୂରେଇ ରହିବା ଫଳରେ ସେ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୩ ଜାନୁଆରୀ ପରଠାରୁ ସେ ଟେନିସ ଖେଳି ନାହାନ୍ତି। ମାଦ୍ରିଦ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ୩୦ ବର୍ଷୀୟା ମୁଗୁରୁଜା ସୂଚନା ଦେଇଛନ୍ତି। ଏବେ ଅବସର ନେବାର ପ୍ରକୃତ ସମୟ ଆସି ଉପନୀତ ହୋଇଛି ଓ ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ୨୦୧୨ରେ ପେସାଦାର ଟେନିସରେ ପାଦ ଦେଇଥିବା ମୁଗୁରୁଜା ଦୀର୍ଘ ୧୨ ବର୍ଷର କ୍ୟାରିୟରରେ ମୋଟ୍ ୧୦ଟି ଏକକ ଓ ୫ଟି ଯୁଗଳ ଟାଇଟଲ ଜିତିଛନ୍ତି। ଏଥିରେ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ସାମିଲ ରହିଛି। ସେ ୨୦୧୬ରେ ଫ୍ରେଞ୍ଚ୍ ଓପନ୍ ଓ ୨୦୧୭ରେ ୱିମ୍ବଲଡନ ଟାଇଟଲ ଜିତିଥିଲେ।

### ୱିଲିୟମ୍ସ ଭଉଣୀଙ୍କୁ ଗ୍ରାଣ୍ଡସ୍ଲାମ ଫାଇନାଲରେ ହରାଇଥିଲେ

ମୁଗୁରୁଜା ଏକମାତ୍ର ଖେଳାଳି ଭାବେ ଆମେରିକାର ଦୁଇ ଭଉଣୀ ତଥା ମହିଳା ଖେଳାଳି ସେରେନା ଓ ଭେନସ ୱିଲିୟମ୍ସଙ୍କୁ ଗ୍ରାଣ୍ଡସ୍ଲାମ ଫାଇନାଲରେ ପରାସ୍ତ କରିଛନ୍ତି। ୨୦୧୬ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ସେ ସେରେନାଙ୍କୁ ଓ ୨୦୧୭ ୱିମ୍ବଲଡନ ଫାଇନାଲରେ ଭେନସଙ୍କୁ ପରାସ୍ତ କରି ସେ ଟାଇଟଲ ହାସଲ କରିଥିଲେ। ସେ ୨୦୧୫ରେ ୱିମ୍ବଲଡନ ଓ ୨୦୨୦ରେ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ। ୧୯୯୮ପରେ ସେ ସ୍ପେନ୍‌ର ପ୍ରଥମ ଖେଳାଳି ଭାବେ ୨୦୧୬ରେ ଫ୍ରେଞ୍ଚ୍ ଓପନ ଜିତି ଇତିସହାସ ସୃଷ୍ଟି କରିଥିଲେ। ପୂର୍ବରୁ ୧୯୯୮ରେ ସ୍ପେନ୍‌ର ଆରାନ୍‌ସ୍କା ସାଞ୍ଚେଜ ଭିକାରିଓ ଫ୍ରେଞ୍ଚ୍ ଓପନ୍ ଜିତିଥିଲେ ଓ ତାଙ୍କ ପରେ ମୁଗୁରୁଜା ପ୍ରଥମ ସ୍ପାନିଶ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ।

## ରସେଲ ଶ୍ରେଷ୍ଠ ଖେଳାଳି; ରୋମାଞ୍ଚ ଭରିଲେ କର୍ଣ୍ଣ ଶର୍ମା

# ବେଙ୍ଗାଲୁରୁକୁ ୧ ରନ୍‌ରେ ହରାଇଲା କୋଲକାତା

ଇଡେନ ଗାର୍ଡେନ୍ସ, ୨୧।୪(ଏଜେନ୍ସି)

ଏଠାରେ ରବିବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ରୋମାଞ୍ଚ ଓ ନାଟକୀୟ ଆଇପିଏଲ୍ ମୁକାବିଲାରେ କୋଲକାତା ନାଇଟ୍ ରାଇଡର୍ସ ମାତ୍ର ୧ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଉତଥାନ ଓ ପତନ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚରେ ରୋମାଞ୍ଚ ଭରିରହିଥିଲା। ଏଠାରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ସଂଗ୍ରହ କରିଥିଲା ୨୨୨ ରନ୍। ଜବାବରେ ବେଙ୍ଗାଲୁରୁ ସମାନ ସଂଖ୍ୟ ଓଭର ଖେଳି ୨୨୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ୨୦ ବଲ୍‌ରୁ ଅପରାଜିତ ରହି ୨୭ ରନ୍ କରିବା ସାଙ୍ଗକୁ ୨୫ ରନ୍ ବିନିମୟରେ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ ନେଇଥିବା କୋଲକାତାର ଆନ୍ଦ୍ରେ ରସେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍ ପରେ କୋଲକାତା ୭ମ ମୁକାବିଲାରୁ ୫ମ ବିଜୟ ସହ ପଏଣ୍ଟ ଟେବଲର ଦ୍ୱିତୀୟସ୍ଥାନ ବଜାୟ ରଖିଛି। ଅନ୍ୟପକ୍ଷରେ ୮ମ ମ୍ୟାଚ୍‌ରୁ ୭ମ ପରାଜୟ ସହ ବେଙ୍ଗାଲୁରୁ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଆଶଙ୍କାରେ ରହିଛି।

### ନାଇଟ୍ ରାଇଡର୍ସର ଦଳଗତ ବ୍ୟାଟିଂ ସଫଳତା

ଘରୋଇ ମାଟିରେ ପ୍ରଥମେ ବ୍ୟାଟିଂ କରି କୋଲକାତା ପ୍ରଥମ ୬ ଓଭରରୁ ୭୫ ରନ୍ ଉଠାଇ ଭଲ ଆରମ୍ଭ କରିଥିଲା। କିନ୍ତୁ ଏହି ସମୟରେ ଦଳ ମଧ୍ୟ ୩ଟି ୱିକେଟ ହରାଇସାରିଥିଲା। ଫିଲିପ୍ ସଲ୍ଟ ୧୪ ବଲ୍‌ରୁ ୭ ଚୌକା ଓ ୩ ଛକା ସହ ୪୮ ରନ୍ ଉଠାଇ ବେଙ୍ଗାଲୁରୁକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ। ଦଳ ୯୭ ରନ୍‌ରେ ଚତୁର୍ଥ ଓ ୧୩୭ ରନ୍‌ରେ ପଞ୍ଚମ ୱିକେଟ ହରାଇଥିଲା। ଏହି ସମୟରେ ଅଧିନାୟକ ଶ୍ରେୟସ ଆୟର ୩୬ବଲ୍‌ରୁ ୫୦ ରନ୍ କରି ଦଳକୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। କିନ୍ତୁ ଏଠାରେ ବ୍ୟାଟିଂ କରିଥିବା ଶେଷ ୩ ବ୍ୟାଟର ଯଥା ରିଙ୍କୁ ସିଂ ୧୬ ବଲ୍‌ରେ ୨୪, ଆନ୍ଦ୍ରେ ରସେଲ ୨୦ ବଲ୍‌ରେ ୨୭* ଓ ରମଣଦୀପ ସିଂ ମାତ୍ର ୯ ବଲ୍‌ରେ ୨୪* ରନ୍ କରିଥିଲେ। ଏହା ଫଳରେ ଦଳ ୬ୱିକେଟରେ ୨୨୨ ରନ୍‌ର ଏକ ଡିଫେଣ୍ଡେବଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ବେଙ୍ଗାଲୁରୁର ଯଶ ଦୟାଲ ଓ କାମେରନ ଗ୍ରୀନ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।



### ରୋମାଞ୍ଚକର ରନ୍ ଚେଜ୍

ବୋଲରଙ୍କୁ ସହାୟତା ଦେଉ ନ ଥିବା ଇଡେନ ଗାର୍ଡେନରେ ବେଙ୍ଗାଲୁରୁ ବ୍ୟାଟରଙ୍କ ଲାଗି ୨୨୩ ରନ୍‌ର ବିଜୟ ଲକ୍ଷ୍ୟ ଛୁଇଁବା କଷ୍ଟକର ନ ଥିଲା। ବିରାଟ କୋହଲି ଆରମ୍ଭରୁ ଦ୍ରୁତ ରନ୍ କରିଥିଲେ କିନ୍ତୁ ତୃତୀୟ ଓଭରରେ ବିବାଦୀୟ ଆଉଟ ହୋଇଥିଲେ। ଆଉ ୫ଟି ବଲ୍ ପରେ ଫାଫ ଡୁ ପ୍ଲେସିସ୍ ତାଙ୍କ ସହ ପାଭିଲିୟନ ଫେରିଥିଲେ। ୩୫ ରନ୍‌ରେ ଦୁଇ ଓପନର ଆଉଟ ହେବା ପରେ ୱିଲ ଜ୍ୟାକ୍ସ ଓ ରଜତ ପଟିଦାର ମନଇଚ୍ଛା ରନ୍ ସଂଗ୍ରହ କରିଥିଲେ। ଏମାନେ ୪୮ ବଲ୍‌ରୁ ୧୦୨ ରନ ଉଠାଇ ବେଙ୍ଗାଲୁରୁକୁ ବିଜୟ ଆଡ଼କୁ ନେଇଥିଲେ। ଦ୍ୱାଦଶ ଓଭର ବୋଲିଂ କରିବାକୁ ଆସି ଆନ୍ଦ୍ରେ ରସେଲ ଖେଳର ଗତିପଥ ବଦଳାଇ ଦେଇଥିଲେ। ଏହି ଓଭରରେ ସେ ଦୁଇ ସେଟ୍ ବ୍ୟାଟର ଜ୍ୟାକ୍ସ (୩୨ବଲ୍‌ରେ ୫୫) ଓ ପଟିଦାର (୨୩ବଲ୍‌ରେ ୫୨)ଙ୍କୁ ଆଉଟ କରିଦେଇଥିଲେ। ଏହି ସମୟରେ ଦଳ ୧୨ଟି ବଲ୍ ଓ ୧୮ ରନ ବ୍ୟବଧାନରେ ୪ଟି ୱିକେଟ ହରାଇଥିଲା। ଦଳ ପକ୍ଷରୁ ଦୁଇ ଶେଷ ବ୍ୟାଟର ସୁୟଶ ପ୍ରଭୁଦେଶାଇ (୧୮ ବଲ୍‌ରେ ୨୪ରନ୍) ଓ ଦିନେଶ କାର୍ତ୍ତିକ ଭଲ ବ୍ୟାଟିଂ କରୁଥିଲେ। ୧୯ତମ ଓଭରର ଶେଷ ବଲ୍‌ରେ କାର୍ତ୍ତିକ (୧୮ ବଲ୍‌ରେ ୨୫ରନ୍)ଙ୍କୁ ଆଉଟ କରି ରସେଲ ବେଙ୍ଗାଲୁରୁ ଆଶାକୁ ଧୂଳିସାତ କରିଦେଇଥିଲେ। ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୨୧ ରନ୍ ଦରକାର ହେଉଥିଲାବେଳେ କର୍ଣ୍ଣ ଶର୍ମା ବ୍ୟାଟିଂ କରୁଥିଲେ। ମିଚେଲ ମାର୍ଶ ବୋଲିଂ କରିଥିବା ଏହି ଓଭରର ପ୍ରଥମ ୪ଟି ବଲ୍‌ରେ କର୍ଣ୍ଣ ଶର୍ମା ୩ଟି ଛକା ମାରି ମ୍ୟାଚ୍‌ରେ ରୋମାଞ୍ଚ ଭରିଦେଇଥିଲେ। କିନ୍ତୁ ପଞ୍ଚମ ବଲରେ ସେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଶେଷ ବଲ୍‌ରେ ମ୍ୟାଚ୍ ଜିତିବାକୁ ୩ ରନ୍ ଦରକାର ହେଉଥିଲାବେଳେ ଫର୍ଗୁସନ ଓ ମହମ୍ମଦ ସିରାଜ ଗୋଟିଏ ରନ୍ ନେବାକୁ ସମର୍ଥ ହୋଇଥିଲେ। କୋଲକାତା ପକ୍ଷରୁ ରସେଲ ସର୍ବାଧିକ ୩ଟି, ହର୍ଷିତ ରାଣା ଓ ସୁନୀଲ ନାରିନ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ରାଜସ୍ଥାନ- ମୁମ୍ବାଇ**
ସ୍ଥାନ- ଜୟପୁର, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ୧ ରନ୍ ବିଜୟ ବ୍ୟବଧାନ:କୋଲକାତାର ପ୍ରଥମ ବିଜୟ, ବେଙ୍ଗାଲୁରୁର ପ୍ରଥମ ପରାଜୟ

ଏଠାରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ କୋଲକାତା ୧ ରନ୍‌ରେ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହାକୁ ମିଶାଇ ଆଇପିଏଲ୍ ଇତିହାସରେ ଏହା ୧୩ଥର ଦେଖିବାକୁ ମିଳିଛି। ପ୍ରଥମଥର ଲାଗି କୋଲକାତା ୧ ରନ୍‌ରେ ଜିତିଥିଲାବେଳେ ବେଙ୍ଗାଲୁରୁ ପ୍ରଥମଥର ୧ ରନ୍‌ରେ ହାରିଛି। ଏହି ୧୩ଥର ମଧ୍ୟରୁ ମୁମ୍ବାଇ ଇଣ୍ଡିଆନ୍ସ, ବେଙ୍ଗାଲୁରୁ ୩ଥର ଲେଖାଏଁ, ପଞ୍ଜାବ କିଙ୍ଗ୍‌ସ ୨ଥର, ଲକ୍ଷ୍ନୌ, ଗୁଜରାଟ, ଚେନ୍ନାଇ, ଦିଲ୍ଲୀ ଓ କୋଲକାତା ଥରେ ଲେଖାଏଁ ବିଜୟୀ ହୋଇଛନ୍ତି।



## ଅମ୍ପାୟାରଙ୍କ ସହ କୋହଲିଙ୍କ ଯୁକ୍ତିତର୍କ

**ଇଡେନ ଗାର୍ଡେନ୍ସ, ୨୧।୪(ଏଜେନ୍ସି):** ତାରକା ଖେଳାଳି ବିରାଟ କୋହଲି କୋଲକାତା ବିପକ୍ଷ ମ୍ୟାଚ୍‌ରେ ୧୮ ରନ୍ କରି ଆଉଟ ହୋଇଛନ୍ତି। କିନ୍ତୁ ସେ ଯେପରି ଆଉଟ ହେଲେ ତାହାକୁ ନେଇ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ। ଏପରିକି ଆଉଟ ହୋଇ ପାଭିଲିୟନକୁ ଯିବା ବେଳେ ନିଜ ବ୍ୟାଟକୁ ତଳେ ବାଡ଼େଇବା ଓ ପାଭିଲିୟନରେ ପହଞ୍ଚିବା ପରେ ମଧ୍ୟ ରାଗୁଥିବାର ଦେଖାଯାଇଥିଲା। ଏହି ମ୍ୟାଚ୍‌ରେ କୋଲକାତାର ହର୍ଷିତ ରାଠୋଡ ପକାଇଥିବା ଏକ ସ୍ଲୋ ଫୁଲଟସ୍‌କୁ ମାରିବାକୁ ଯାଇ ଡିଫେନ୍ସ ଖେଳିଥିଲେ କୋହଲି। ବଲ୍‌ଟି ବୋଲରଙ୍କ ନିକଟକୁ ଯାଇଥିଲା ଓ ହର୍ଷିତ ଏହାକୁ କ୍ୟାଚ୍ କରିନେଇଥିଲେ। ଯାହା ଫଳରେ ଦୁଇ ଅମ୍ପାୟାର ବଲ୍‌ଟି ଅଣ୍ଟା ଉଚ୍ଚାକୁ ଯାଇଛି କି ନାହିଁ ତାହାର ରିଭ୍ୟୁ ନେଇଥିଲେ। ଏହା ପରେ କୋହଲି ମଧ୍ୟ ରିଭ୍ୟୁ ନେଇଥିଲେ। ରିଭ୍ୟୁରୁ ଜଣାପଡ଼ିଥିଲା କୋହଲି ବଲ୍‌କୁ ଟଚ୍ (ଛୁଇଁବା) ବେଳେ କ୍ରିଜ୍‌ରେ ନ ଥିଲେ। ଏହା ପରେ ବଲଟି ମଧ୍ୟ ଅଣ୍ଟା ଉଚ୍ଚକୁ ଯାଇ ନ ଥିଲା। ଫଳରେ କୋହଲିଙ୍କୁ ଆଉଟ ଘୋଷିତ କରାଯାଇଥିଲା। ଏହାକୁ ନେଇ ସେ ଦୁଇ ଅମ୍ପାୟାର ଅକ୍ଷୟ ତୋତ୍ରେ ଓ ବିନୋଦ ଶେଷାନଙ୍କ ସହ ଯୁକ୍ତିତର୍କ କରିବା ପରେ ପଡ଼ିଆ ଛାଡ଼ିଥିଲେ। **ଗ୍ରୀନ୍ ଜର୍ସିରେ ଫେଲ୍:** ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ଗ୍ରୀନ୍ ଜର୍ସି ପିନ୍ଧି ଖେଳିଥିଲା। ଏହି ଜର୍ସିରେ କୋହଲି ଗତ ୩ ବର୍ଷରେ କ୍ରମାଗତ ବ୍ୟାଟିଂ ଫେଲ ମାରିଛନ୍ତି। ୨୦୨୨ ହାଇଦ୍ରାବାଦ୍ ଓ ୨୦୨୩ ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ସେ ଗୋଟିଏ ଲେଖାଏଁ ବଲ ଖେଳି ଆଉଟ ହୋଇଥିଲେ। ଏବେ କୋଲକାତା ବିପକ୍ଷରେ ୭ ବଲ୍‌ରୁ ୧୮ ରନ୍ କରିଥିଲେ।

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ | +0.୬୭୭ |
| କୋଲକାତା | ୭ | ୫ | ୨ | ୧୦ | +୧.୨୦୬ |
| ହାଇଦ୍ରାବାଦ | ୭ | ୫ | ୨ | ୧୦ | +0.୯୧୪ |
| ଚେନ୍ନାଇ | ୭ | ୪ | ୩ | ୮ | +0.୫୨୯ |
| ଲକ୍ଷ୍ନୌ | ୭ | ୪ | ୩ | ୮ | +0.୧୨୩ |
| ଗୁଜରାଟ | ୮ | ୪ | ୪ | ୮ | -୧.0୫୫ |
| ମୁମ୍ବାଇ | ୭ | ୩ | ୪ | ୬ | -0.୧୩୩ |
| ଦିଲ୍ଲୀ | ୮ | ୩ | ୫ | ୬ | -0.୪୭୭ |
| ପଞ୍ଜାବ | ୮ | ୨ | ୬ | ୪ | -0.୨୯୨ |
| ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.0୪୬ |

### ସୁନୀଲ ନାରିନ୍‌ଙ୍କ ରେକର୍ଡ

## ଗୋଟିଏ ଟିମ୍‌ରୁ ସର୍ବାଧିକ ୧୭୨ ୱିକେଟ



**ଇଡେନ ଗାର୍ଡେନ୍ସ, ୨୧।୪ (ଏଜେନ୍ସି):** ଏହି ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସର ସ୍ପିନର ସୁନୀଲ ନାରିନ୍ ୪ ଓଭରରେ ୩୪ ରନ୍ ଦେଇ ୨ଟି ଜଣ ଖେଳାଳିଙ୍କୁ ଆଉଟ କରିଛନ୍ତି। ଏହା ଫଳରେ ସେ ଗୋଟିଏ ଟିମ୍‌ରୁ ଖେଳି ସର୍ବାଧିକ ୧୭୨ଟି ୱିକେଟ ନେବାର ରେକର୍ଡ କରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ମୁମ୍ବାଇର ଲାସିଥ ମାଲିଙ୍ଗାଙ୍କ ନାମରେ ଥିଲା। ସେ ୧୭୦ଟି ୱିକେଟ ନେଇଛନ୍ତି। ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୧୫୮, ହାଇଦ୍ରାବାଦ୍ ପକ୍ଷରୁ ଭୁବନେଶ୍ୱର କୁମାର ୧୫୦ ଓ ଚେନ୍ନାଇ ପକ୍ଷରୁ ଡ୍ୱେନ୍ ବ୍ରାଭୋ ୧୪୦ଟି ୱିକେଟ ନେଇ ଏହି ତାଲିକାରେ ପଛକୁ ପଛ ରହିଛନ୍ତି। କୋଲକାତା ପକ୍ଷରୁ ୧୬୯ଟି ମ୍ୟାଚ୍ ଖେଳି ନାରିନ୍ ୨୫.୫୯ ହାରରେ ଏହି ସଫଳତ ପାଇଛନ୍ତି। ଏହା ମଧ୍ୟରେ ସେ ଗୋଟିଏ ପାଳିରେ ଥରେ ୫ ୱିକେଟ (୫/୧୯) ଓ ୭ଥର ୪ ୱିକେଟ ନେବାର ସଫଳତା ପାଇଛନ୍ତି। ବ୍ୟାଟିଂରେ ୧୬.୦୫ ହାରରେ ୧୩୩୨ ରନ୍ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି। କିନ୍ତୁ ତାଙ୍କର ଷ୍ଟ୍ରାଇକ୍‌ରେଟ୍ ହେଉଛି ୧୬୩.୦୪।

### ● ଟିମ୍ ଆରସିବିର ନକରାତ୍ମକ ରେକର୍ଡ

## ୨୯ଥର: ୨୦୦ରୁ ଅଧିକ ରନ୍ ବ୍ୟୟ

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ ୬ ୱିକେଟରେ ୨୨୨ ରନ୍ କରିଥିଲା। ଏହା ଫଳରେ ଟି-୨୦ କ୍ରିକେଟ ଇତିହାସରେ ବେଙ୍ଗାଲୁରୁ ଏକ ନକରାତ୍ମକ ରେକର୍ଡର ଅଧିକାରୀ ହୋଇଥିଲା। ଏହି ରେକର୍ଡଟି ହେଉଛି ଟି-୨୦ରେ ସର୍ବାଧିକ ୨୯ ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରିବା। ପୂର୍ବରୁ ଏହି ରେକର୍ଡ ଇଂଲିଶ କ୍ରିକେଟରେ ମିଡଲସେକ୍ସ ନାମରେ ଥିଲା। ମିଡଲସେକ୍ସ ୨୮ ଥର ୨୦୦ କିମ୍ବା ଅଧିକ ରନ୍ ବ୍ୟୟ କରି ଏହି ରେକର୍ଡର ଅଧିକାରୀ ହୋଇଥିଲା। ଯାହାକୁ ବେଙ୍ଗାଲୁରୁ ଆଜି ଭାଙ୍ଗିଦେଇଛି। ଅନ୍ୟ ଟିମ୍ ଗୁଡିକ ମଧ୍ୟରୁ ପଞ୍ଜାବ କିଙ୍ଗ୍‌ସ ୨୭ଥର, କେଣ୍ଟ ୨୬ଥର ଓ ସମରସେଟ୍ ୨୪ଥର ଗୋଟିଏ ପାଳିରେ ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରିଛି। ବେଙ୍ଗାଲୁରୁ ମଧ୍ୟ ପ୍ରଥମ ୬ ଓଭର ବା ପାୱାର ପ୍ଲେ'ରେ ଷଷ୍ଠଥର ଲାଗି ୭୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରି ଆଇପିଏଲ୍‌ରେ ଆଉ ଏକ ନକରାତ୍ମକ ରେକର୍ଡର ଅଧିକାରୀ ହୋଇଥିଲା। ଏଭଳି ରେକର୍ଡ କରିବାକୁ ସାଧାରଣତଃ ଟିମ୍ ଗୁଡିକ ଅନିଚ୍ଛା ପ୍ରକାଶ କରିଥାନ୍ତି।

## ବିରାଟଙ୍କ ବ୍ୟାଟ୍ ଭାଙ୍ଗିଲେ ରିଙ୍କୁ

କୋଲକାତା ନାଇଟ ରାଇଡର୍ସ (କେକେଆର) ବ୍ୟାଟର ରିଙ୍କୁ ସିଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସୁପରଷ୍ଟାର ବିରାଟ କୋହଲିଙ୍କ ବ୍ୟାଟ ଭାଙ୍ଗିଛନ୍ତି। ବ୍ୟାଟ ଭାଙ୍ଗିବା ପରେ ନିଜେ ରିଙ୍କୁ କୋହଲିଙ୍କୁ ଅବଗତ କରାଇଛନ୍ତି। ଏ ନେଇ ରିଙ୍କୁ ଓ କୋହଲିଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ଭିଡିଓ କେକେଆର ନିଜ ଏକ୍ସ ହ୍ୟାଣ୍ଡଲରେ ସେୟାର କରିଛି ଓ ଏହାକୁ ୟୁଜରମାନେ ବେଶ୍ ପସନ୍ଦ କରିଛନ୍ତି। ଚଳିତ ଆଇପିଏଲରେ କୋହଲି ୬ଟି ପାଳି ଖେଳି ସର୍ବାଧିକ ୩୨୪ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ୍ ହାସଲ କରିଛନ୍ତି।

# ସାଇ କିଶୋରଙ୍କ ଚତୁର ବୋଲିଂ, ପଞ୍ଜାବର ୬ଷ୍ଠ ପରାଜୟ

**ଚଣ୍ଡିଗଡ଼, ୨୧।୪(ଏଜେନ୍ସି):** ବାମହାତୀ ସ୍ପିନ ବୋଲର ଆର୍. ସାଇ କିଶୋରଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୩୭ତମ ଲିଗ୍ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୩ ୱିକେଟ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ସାଇ କିଶୋର କ୍ରମାଗତ ୪ ଓଭରରେ ୪ ୱିକେଟ ନେବା ଫଳରେ ପ୍ରଥବେ ବ୍ୟାଟିଂ କରିଥିବା ପଞ୍ଜାବ ୧୪୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ୧୪୩ ରନର ଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ୧୯.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାହୁଲ ତେୱାତିଆ ୧୮ ବଲରେ ସର୍ବାଧିକ ୩୬ ରନ କରି ଅପରାଜିତ ରହିଥିଲେ। ସେହିଭଳି ଅଧିନାୟକ ଶୁବମାନ ଗିଲ୍ ୩୫, ସାଇ ସୁଦର୍ଶନ ୩୧ ରନର ଉପଯୋଗୀ ପାଳି ଖେଳିଥିଲେ। କିନ୍ତୁ ଅନ୍ୟମାନଙ୍କ ମଧ୍ୟରେ ରିଦ୍ଧିମାନ ଶାହ (୧୩ ରନ), ଡେଭିଡ ମିଲର (୪), ଆଜମତୁଲ୍ଲା ଓମାରଜାଇ (୧୩), ଶାହରୁଖ ଖାନ (୮) ଓ ରଶିଦ ଖାନ (୩ ରନ) ନିରାଶ କରିଥିଲେ। ବୋଲିଂରେ ପଞ୍ଜାବ ପକ୍ଷରୁ ହର୍ଷଲ ପଟେଲ ୩ ଓ ଲିଆମ ଲିଭିଂଷ୍ଟୋନ ୨ଟି ୱିକେଟ୍ ସଫଳତା ପାଇଥିଲେ। ଗୁଜରାଟର ଏହା ୮ମ ମ୍ୟାଚରୁ ୪ର୍ଥ ବିଜୟ ଓ ପଞ୍ଜାବ ସମାନ ସଂଖ୍ୟକ ମ୍ୟାଚରୁ ୬ଷ୍ଠ ପରାଜୟବରଣ କରିଛି।

### ସ୍ପିନରଙ୍କ ଚମତ୍କାର ବୋଲିଂ

ପୂର୍ବପରି ଘରୋଇ ମାଟିରେ ଟସ୍ ଜିତିବା ପରେ ପଞ୍ଜାବ ପ୍ରଥମେ ବ୍ୟାଟିଂ କରିଥିଲା। କିନ୍ତୁ ଦଳ ପ୍ରଥମ ୱିକେଟରେ ୫.୩ ଓଭରରେ ୫୨ ରନ୍ ଉଠାଇବା ପରେ ପ୍ରଭସିମରନ ସିଂଙ୍କ ୱିକେଟ ହରାଇଥିଲା। ସେ ୨୧ ବଲ୍‌ରୁ ୩ ଚୌକା ଓ ୩ ଛକା ସହ ସର୍ବାଧିକ ୩୫ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଦଳର ବ୍ୟାଟରମାନେ ପାଭିଲିୟନରୁ ପିଚ୍‌କୁ ଯିବା ଆସିବା କରିଥିଲେ। ଅଧିନାୟକ ସାମ କୁରାନ ୨୦, ରିଲି ରୁଷୋ ୯, ଦୁଇ ଭରସାଯୋଗ୍ୟ ବ୍ୟାଟର ଶଶାଙ୍କ ସିଂ ୮ ଓ ଆଶୁତୋଷ ଶର୍ମା ୩ ରନ୍‌ରେ ଆଉଟ ହୋଇଥିଲେ। ଦଳ ୯୭ ରନ୍‌ରେ ୭ମ ୱିକେଟ ହରାଇବା ପରେ ହରପ୍ରୀତ ସିଂ ଭାଟିଆ ୧୯ ବଲ୍‌ରେ ୧୪ ରନ ଓ ହରପ୍ରୀତ ବ୍ରାର ୧୨ ବଲ୍‌ରୁ ୨୯ ରନ୍ ଉଠାଇ ଦଳର କିଛିଟା ସମ୍ମାନ ରଖିଥିଲେ। ଗୁଜରାଟ ପକ୍ଷରୁ ସ୍ପିନରମାନେ ଚତୁର ବୋଲିଂ କରି ୭ଟି ୱିକେଟ ପାଇଥିଲେ। ଏହା ମଧ୍ୟରୁ ସାଇ କିଶୋର ସର୍ବାଧିକ ୪ଟି, ନୁର ଅହମ୍ମଦ୍‌ଙ୍କୁ ୨ଟି ଓ ରାଶିଦ୍ ଖାନ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା। ପେସ୍ ବୋଲର ମୋହିତ ଶର୍ମା ୨ଜଣଙ୍କୁ ଆଉଟ କରିଥିଲେ।



### କନିଷ୍ଠ ହୁଇଲ୍ ଚେୟାର ଫେନସିଂ ବିଶ୍ୱଚାମ୍ପିଅନସିପ୍

## ରୌପ୍ୟ ଜିତିଲେ ଓଡ଼ିଶାର ପବିତ୍ର



**ଭୁବନେଶ୍ୱର, ୨୧।୪ (ସମିସ):** ଥାଇଲାଣ୍ଡରେ ରବିବାରଠାରୁ ଆରମ୍ଭ ହୋଇଥିବା କନିଷ୍ଠ ହୁଇଲ୍ ଚେୟାର ଫେନସିଂ (ଅସି ଚାଳନା) ବିଶ୍ୱଚାମ୍ପିଅନସିପ୍‌ରେ ଓଡ଼ିଶାର ପବିତ୍ର ସାହୁ ଐତିହାସିକ ରୌପ୍ୟ ପଦକ ସଫଳତା ପାଇଛନ୍ତି। ଫାଇନାଲରେ ପବିତ୍ର କଡ଼ା ସଂଘର୍ଷ କରିଥିଲେ ମଧ୍ୟ ୧୫-୧୪ରେ କ୍ଲେମେନ୍‌ସ କର୍ଜିଫେନଙ୍କ ନିକଟରୁ ହାରିଯାଇ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଫଳରେ ଏହି ପ୍ରତିଯୋଗିତାରେ ରୌପ୍ୟ ପଦକ ସଫଳତା ପାଇବାରେ ସେ ପ୍ରଥମ ଭାରତୀୟ ଅସି ଚାଳକ ହୋଇଛନ୍ତି। ଏହି ସଫଳତା ଲାଗି ପବିତ୍ରଙ୍କୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।

### ● ବାର୍ସିଲୋନା ଓପନ୍ ଟେନିସ୍

## କାସ୍ପେର ରୁଡ୍ ଚାମ୍ପିଅନ



**ବାର୍ସିଲୋନା,୨୧।୪(ଏଜେନ୍ସି):** ବାର୍ସିଲୋନା ଏଟିପି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ନରୱେର କାସ୍ପେର ରୁଡ୍ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଏକକ ଫାଇନାଲ ମୁକାବିଲାରେ ରୁଡ୍ ୭-୫, ୬-୩ ସିଧାସଳଖ ସେଟ୍‌ରେ ୫ମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ରୁଡ୍ ୭-୬, ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ଟୋମାସ ମାର୍ଟିନ ଏଚେଭେରୀଙ୍କୁ ସେମିରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ସେହିପରି ସିତ୍‌ସିପାସ ୫-୭, ୬-୪, ୬-୨ ସେଟ୍‌ରେ ସର୍ବିୟାର ଡୁସାନ ଲାଜୋଭିକ୍‌ଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ। ବିଜୟୀ ହୋଇଥିଲେ ସିତସିପାସ ଚଳିତ ସିଜନର ଦ୍ୱିତୀୟ ଟାଇଟଲ ହାସଲ କରିଥାନ୍ତେ। ଗତ ସପ୍ତାହରେ ସେ ମୋଣ୍ଟେ କାର୍ଲୋ ଟେନିସ ଟୁର୍ଣ୍ଣାମେଣ୍ଟରେ ରୁଡ୍‌ଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଟାଇଟଲ ଜିତିଥିଲେ। ଏବେ ରୁଡ୍ ବାର୍ସିଲୋନରେ ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ରୁଡ୍ ଏଥିସହ କ୍ୟାରିୟରର ଦ୍ୱାଦଶ ଟାଇଟଲ ହାସଲ କରିଛନ୍ତି।

# ନାକାମୁରାଙ୍କୁ ହରାଇଲେ ଚାମ୍ପିଅନ୍ ହେବେ ଗୁକେଶ

ଟରଣ୍ଟୋ, ୨୧।୪(ଏଜେନ୍ସି)

**କ୍ୟାଣ୍ଡିଡେଟ୍ସ ଚେସ୍**

ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚୂଡ଼ାନ୍ତ ପର୍ଯ୍ୟାୟ ବା ୧୪ତମ ରାଉଣ୍ଡ ମୁକାବିଲା ଆଜି ରାତିରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ୧୩ତମ ରାଉଣ୍ଡରେ ଫରାସୀ ଖେଳାଳି ଅଲିରେଜା ଫିରୋଉଜାଙ୍କୁ ହରାଇ ଡି ଗୁକେଶ ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ରାଉଣ୍ଡ ପରେ ଗୁକେଶଙ୍କ ପଏଣ୍ଟ ସଂଖ୍ୟା ୮.୫ରେ ପହଞ୍ଚିଛି। ତାଙ୍କ ପଛକୁ ୩ଜଣ ଖେଳାଳି ଯଥା ଆମେରିକାର ଦୁଇଜଣ ଫାବିଆନୋ କାରୁଆନୋ ଓ ହିକାରୁ ନାକାମୁରାଙ୍କ ସହ ରୁଷିଆର ଇଆନ ନେପୋମନିଆଚଚି ସମାନ ୮.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଜି ରାତିରେ ୧୪ତମ ରାଉଣ୍ଡ ମୁକାବିଲା ହେବ। ଏଥିରେ ନାକାମୁରାଙ୍କ ସହ ଗୁକେଶ ଓ କାରୁଆନୋଙ୍କ ନେପୋମନିଆଚଚିଙ୍କର ମୁକାବିଲା ହେବ। ଉଭୟ ମ୍ୟାଚ୍ ଡ୍ର ରହିଲେ କିମ୍ବା ନାକାମୁରାଙ୍କୁ ହରାଇପାରିଲେ ଗୁକେଶ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହେବେ। ଯଦି ଏହି ଦୁଇଟି ଫଳାଫଳ ବିନା ଅନ୍ୟକିଛି ହୁଏ, ତେବେ ଏକାଧିକ ପ୍ରକାର ମୁକାବିଲା ହୋଇ ଚାମ୍ପିଅନ୍ ଖେଳାଳି ବଛାଯିବେ। ଏଥିରେ ଯିଏ ବିଜେତା ହେଲେ ମଧ୍ୟ ବିଶ୍ୱ ଟାଇଟଲ ଲାଗି ଡିଙ୍ଗ ଲିରେନଙ୍କ ସହ ଆସନ୍ତାବର୍ଷ ମୁକାବିଲା କରିବେ। ଶନିବାର ରାତିରେ ଖେଳାଯାଇଥିବା ୧୩ତମ ରାଉଣ୍ଡରେ ନାକାମୁରାଙ୍କ ସହ ନେପୋମନିଆଚଚି ଓ ନିଜାତ ଆବାସୋଭ୍‌ଙ୍କ ସହ ଭାରତର ସନ୍ତୋଷ ବିଦିତ ଗୁଜରାଟୀ ମ୍ୟାଚ୍ ଡ୍ର ରଖିଥିଲେ। ଅନ୍ୟ ଦୁଇ ରାଉଣ୍ଡରେ ପ୍ରଜ୍ଞାନନ୍ଦାଙ୍କୁ କାରୁଆନୋ ଓ ଫିରୋଉଜାଙ୍କୁ ଗୁକେଶ ହରାଇଥିଲେ।



**ବୈଶାଳୀଙ୍କ ଚତୁର୍ଥ ବିଜୟ:** ମହିଳା ବିଭାଗର ୧୩ତମ ରାଉଣ୍ଡରେ ତୃତୀୟ ସିଡ୍ ଲେଇ ଟିଙ୍ଗଜିଏଙ୍କୁ ହରାଇ ଭାରତର ଆର୍ ବୈଶାଳୀ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛନ୍ତି। ଏହି ବିଜୟ ଫଳରେ ସେ ଅନ୍ୟ ୩ଜଣ ଖେଳାଳିଙ୍କ ସହ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ବୁକୋଲଜ୍‌ରେ କୋନେରୁ ହମ୍ପି, କାଟେରିନା ଲାଗ୍ନୋ, ଆଲେକ୍‌ଜାଣ୍ଡ୍ରା ଗୋର୍‌ୟାଚକିନା ଓ ବୈଶାଳୀ ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନରେ ରହିଛନ୍ତି। ବୈଶାଳୀ-ଟିଙ୍ଗଜିଏଙ୍କ ମୁକାବିଲାକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ୧୩ଶ ରାଉଣ୍ଡ ଶେଷରେ ଟାନ୍ ୮.୫ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିବା ସହ ଟାଇଟଲ ଜିତିବା ସ୍ପଷ୍ଟ କରିଛନ୍ତି। ଲେଇ ୮.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆଜି ଖେଳାଯିବାକୁ ଥିବା ୧୪ଶ ରାଉଣ୍ଡରେ ହମ୍ପିଙ୍କ ସହ ଟିଙ୍ଗଜିଏ ଓ ବୈଶାଳୀଙ୍କ ସହ ଲାଗ୍ନୋଙ୍କର ମୁକାବିଲା ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA